

ବୈଭବଙ୍କ ପ୍ରତି ରନ୍‌ର ମୂଲ୍ୟ ୪୩ ହଜାର

▶ପୃଷ୍ଠା ୧୨ ଦେଖନ୍ତୁ...


• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-323 ◆BHUBANESWAR ◆THURSDAY ◆22 MAY 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୨ ◆ସଂଖ୍ୟା-୩୨୩ ◆ଭୁବନେଶ୍ୱର ◆ଗୁରୁବାର ◆୨୨ ମେ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦



B.J.E.M. SCHOOL ESTD. 1974

# BUXI JAGABANDHU ENGLISH MEDIUM SCHOOL
M-15, BJB NAGAR, BHUBANESWAR-14, ODISHA

17 Students of Std.- XII (Science & Commerce) have made BJEM School proud by securing 90% or above marks in aggregate in SSCE-2025

85 Students of Std.- X have made BJEM School proud by securing 90% or above marks in aggregate in SSE-2025

SCIENCE

PRIYANSHU NANDA 97%

SNEHA DAS 93.8% | AISHA PANDA 93.8% | AYUSH SARANGI 93%

KANCHI BHOOMIKA 92.4% | SHUBHAM SWARUP MISHRA 92.4% | OMM DEBADUTTA MOHAPATRA 92% | BIJAYALAXMI LENKA 91.6%

SIVANGI ADHIKARI 91.6% | SAI SAMBED NAYAK 91.4% | AYUSH SRIRAM MOHANTY 90.2% | ANANYA APARIMITA 90%

COMMERCE

ADITI MOHANTY 95.4%

DEBANSI SAHU 94.6% | PADMAJA DAS 94%

SOM VENKATESH SAHOO 92.2% | SURYAKANT PARIDA 90.2%

TOPPERS

STATE TOPPER

SOMESH PRADHAN 99.6%

SUNYA CHANDA SAMAL 98.6% | ISHAN DAS 98.4%

SOUMYA APARAJITA 97.4% | MITRAJIT OTA 97.0% | OMM DASH 97.0% | SWAYAM RAYCHOUDHURY 97.0% | JAYASHREE SAHOO 96.8% | SAI RUDRAKSHYA CHOWDHURY 96.8% | NIKHIL KUMAR SINGH 96.8% | NAMRATA SABAT 96.6% | DEBASWINI DASH 96.6%

AKANKSHYA PRIYA JENA 96.4% | MONA PATNAIK 96.4% | BINAYANANDA SAHOO 96.4% | SWAPNIL SWAROOP 96.4% | TANUSHREE SAHOO 96.2% | DARSHIL PATEL 96.2% | SHREYA CHOUDHURY 96.2% | SHYAMA PRASAD MUNI 96.2% | NEHA MOHANTY 96.0%

SHIFA PRIZM 96.0% | NIRMAL TRIPATHY 95.8% | SWASTIK MOHAPATRA 95.6% | MAITHILI RATH 95.6% | SAFIUR REHMAN 95.2% | CHINMAYEE KHANDAYATRAY 95.2% | SUPRATIK PATNAIK 95.0% | ANNYA MOHANTY 94.8% | PRATYUSH PRADHAN 94.8%

SWAYAM SWAIN 94.6% | SUBHANKAR SATPATHY 94.6% | NITYASHA PANIGRAHI 94.6% | CH KARTIKESH 94.4% | SHREYA MOHAPATRA 94.0% | SWAYAM STUTEE MISHRA 94.0% | SOUMYAJYOTI BISWAL 94.0% | SRAGVISHREE MOHANTY 94.0% | ARPI AVILIPSA 94.0% | DEVBRAT SAMANTA SINGHAR 93.8% | BHURBI MISHRA 93.8% | HARIOMM MAHAPATRA 93.6% | SWAPNIL JENA 93.6% | SMRUTI PRATYASHA NAYAK 93.4%

RAJASHMI SATAPATHY 93.4% | SOUMYA RANJAN NAYAK 93.4% | ANKEET BISWAL 93.4% | SHASWATI MAHARANA 93.2% | FATIMA PARWEZ 93.2% | ANWESHA ALOKITA MOHANTY 93.2% | BAISALI MOHANTY 93.0% | ACHINTYA NARAYAN MOHANTY 93.0% | SIDDHI SWARUPA 92.6% | SREEJIT SASWAT BEURA 92.6% | SWAYAM SWOROOP DASH 92.6% | SHUBHANGEE SAHOO 92.4% | IPSITA PRIYA 92.4% | SWAYAMJIT SAHOO 92.4%

BISWO PRAKAS SAHOO 92.4% | AYUSHMAN DAS 92.4% | SAI CHINMAY SARANGI 92.4% | SHAKTI PRASAD MOHANTY 92.4% | SAMADARSHI SASTRY 92.0% | AMRIT ANURAG ACHARYA 92.0% | SANYA PAL 92.0% | ANSUMAN MAHAPATRA 91.8% | SAHIL PATTANAIK 91.8% | SANDEEPTA MOHANTY 91.6% | ANWESHA SENAPATI 91.6% | SENANI DUTTA 91.6% | SOHAM KUMAR MUDULI 91.4% | SURYANSHU SAHOO 91.2%

SUVAM SOURAV PRADHAN 91.0% | DEBANSHI SAHU 91.0% | B BEENET KUMAR 90.8% | SWOSTIK TARENIA 90.6% | PRIYASHEE BISWAL 90.6% | VIBEK SAHOO 90.4% | PRATYASA LENKA 90.4% | ARADHANA ROUT 90.4% | TRISHA SAHOO 90.4% | AKARSH KISHORE HARICHANDAN 90.2% | JESSICA PATTNAIK 90.2% | SIMRA ALLAM 90.2% | SAMYAK MAHARANA 90.2%

Few seats available for admission into Std. XI (Science & Commerce) 2025-26.
GIRLS HOSTEL FACILITY ALSO AVAILABLE. Interested students may contact
(0674)-2310457, 2310442
www.bjemschool.org



AIMS GROUP OF INSTITUTIONS

# No.1 SAMBALPUR TOPPER
AIMS HIGHER SECONDARY SCHOOL OF SCIENCE

AIMS GROUP OF INSTITUTIONS

OUR OUTSTANDING ACHIEVERS

15 YRS CENT RESULT

No. 1 IN SAMBALPUR DISTRICT

95.83% 575 Marks

SWAYAM PANDEY
C/O - SUSHANT KU. PANDEY
AT - TANGARPALI, SUNDARGARH

94.33% 566 Marks — TIRUGYANAM SETHI, C/O - TANKADHAR SETHI, AT - RAIRAKHOL

94 % 564 Marks — DEBASHREE NAYAK, C/O - GOLAK BIHARI NAYAK, AT - TILEIBANI, DEOGARH

93.33% 560 Marks — SIRAJ PATEL, C/O - DEBENDRA KU. PATEL, AT - TANGARPALI, SUNDARGARH

93.17% 559 Marks — SHIVA MEHER, C/O - YUDHISTHIR MEHER, AT - BIJEPUR

92.83% 557 Marks — SAMIKSHYA PRADHAN, C/O - SAMBHU NARAYAN PRADHAN, AT - ATTABIRA

91.67% 550 Marks — PRACHI BADHAI, C/O - UDIT KUMAR BADHAI, AT - MANESWAR

91.33% 548 Marks — BHARATI PATEL, C/O - SANJAY PATEL, AT - JHARSUGUDA

91.33% 548 Marks — LITOSH BISWAL, C/O - PANDAVA BISWAL, AT - PANCHAGAON

91.33% 548 Marks — SOMNATH SA, C/O - GOURANGA SA, AT - HEMGIR

90.83% 545 Marks — ASHUTOSH PATTNAIK, C/O - KALICHARAN PATTNAIK, AT - KUCHINDA

90.83 % 545 Marks — NITESH KU. SAHU, C/O - KISHOR CH. SAHU, AT - SOHELA

90.67 % 544 Marks — SEKHAR PADHAN, C/O - GOPAL PADHAN, AT - MANESWAR

90.50% 543 Marks — LIPSA SAHU, C/O - GURUCHARAN SAHU, AT - JUJUMURA

90.17% 541 Marks — TRUSHNA PADHAN, C/O - LOKANATH PADHAN, AT - BHEDEN

AND MANY MORE......

AIMS GROUP OF INSTITUTIONS
PARDHIAPALI , SAMBALPUR
EMAIL ID: aims.sambalpur@gmail.com, WEBSITE: www.aimscollegesambalpur.com

CONTACT:-
+2 WING - 6372100029, 7873006725, 7894417902
+3 WING - 7978326206, 7873006705, 7381026710

■ ରଥଖଳାରୁ...

## କମାରଶାଳରେ ଦଣ୍ଡାବିଡ଼ିଆ କଣ୍ଟା ନିର୍ମାଣ ଆରମ୍ଭ



ପୁରୀ,୨୧।୫(ସମିସ): ରଥଖଳାରେ ତିନିରଥ ନିର୍ମାଣ କାମ ଜୋର୍‌ଦାର ଆଗେଇ ଚାଲିଛି। ତିନିରଥର ମୁଖ୍ୟ ମହାରଣାଙ୍କ ନେତୃତ୍ୱରେ ଚକ, ଅଖ ଏବଂ ଅନ୍ୟାନ୍ୟ କାମ କରାଯାଉଛି। ଭଉଁରୀରେ ଚକଡେରା ନୀତି ସମ୍ପନ୍ନ ପରେ ଏବେ ଚକ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ମହାରଣା ସେବକ ଲାଗିପଡ଼ିଛନ୍ତି। ତିନିରଥର ୪୨ଟି ଚକ (ନନ୍ଦିଘୋଷ ୧୬, ତାଳଧ୍ୱଜ ୧୪ ଓ ଦେବଦଳନ ୧୨) ମଧ୍ୟରୁ ବୁଧବାର ସୁଦ୍ଧା ୩୦ଟି ଚକ ନିର୍ମାଣ ଶେଷ ହୋଇଛି। ଆଉ ୩/୪ ଦିନ ମଧ୍ୟରେ ୪୨ଟି ଯାକ ଚକ ପ୍ରସ୍ତୁତ ହୋଇଯିବ ବୋଲି ସୂଚନା ମିଳିଛି। ଅନ୍ୟପକ୍ଷରେ କୁତୁକା, ଜଳଯନ୍ତ୍ର କାମ ଚାଲିଥିବାବେଳେ ତିନିରଥର ଭୂଇଁ ନିର୍ମାଣ ପାଇଁ (ପ୍ରତ୍ୟେକ ରଥର ତିନିଭୂଇଁ ନିର୍ମାଣରେ ୧୨ଟି ଭୂଇଁ ଚଉତା ଲାଗିଥାଏ) ୫ଟି ଲେଖାଏଁ ଭୂଇଁ ଚଉତା ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ଏତଦ୍‌ବ୍ୟତୀତ ପ୍ରତ୍ୟେକ ରଥର ୪ଟି ଲେଖାଏଁ ନିରାଡ଼ି ମଧ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରୂପକାର ସେବକମାନେ ଖୋଦେଇ କରୁଛନ୍ତି। ତିନିରଥର ୧୧ଟି ଲେଖାଏଁ ସାଲ ଗୁଜରେ ରୂପ ଖୋଦେଇ ଜାରି ରଖିବା ସହ ଖୋଦେଇ ସରିଥିବା ରୂପଗୁଡ଼ିକର ପଲିସ ମଧ୍ୟ କରୁଛନ୍ତି। ଏତଦ୍‌ବ୍ୟତୀତ ତିଖ ଗୁଜଗୁଡ଼ିକରେ ସିଂହ ବିରାଳ ରୂପ ଖୋଦେଇ କରୁଛନ୍ତି। ସେହିପରି ଦୋଳବେଦୀ ପରିସର କମାରଶାଳରେ ଓଝା ସେବକମାନେ ତିନିରଥର ଅରକଣ୍ଟା, ପଦାରି ଚାବି, ବଳା ନିର୍ମାଣ କରୁଛନ୍ତି। ବୁଧବାରଠାରୁ କମାରଶାଳରେ ଦଣ୍ଡାବିଡ଼ିଆ କଣ୍ଟା ନିର୍ମାଣ ଆରମ୍ଭ ହୋଇଛି।

**ଅଖ କାଠର ଅଭାବକୁ ନେଇ ଅସନ୍ତୋଷ**

ଅନ୍ୟପକ୍ଷରେ ରଥଖଳାରେ ଅଖ କାଠର ଅଭାବ ଦେଖିବାକୁ ମିଳିଛି। ଏ ପର୍ଯ୍ୟନ୍ତ ବିଶ୍ୱକର୍ମାଙ୍କ ପାଖରେ ପହଞ୍ଚି ନାହିଁ ଅଖ ନିର୍ମାଣ ପାଇଁ ଆବଶ୍ୟକ କାଠ। ଅଖ ପାଇଁ ତିନିରଥ ନିମନ୍ତେ ୪୦ ଫୁଟିଆ ୨୧ ଖଣ୍ଡ ଧଉରା କାଠ ଆବଶ୍ୟକତା ରହିଛି। ହେଲେ ବିଶ୍ୱକର୍ମାଙ୍କ ପାଖରେ ୬ଟି ଅଖ କାଠ ପହଞ୍ଚା ଯାଇଥିବାବେଳେ ଏବେ ବି ୧୫ଟି କାଠର ଅଭାବ ରହିଛି। ଅଖ କାଠ ପହଞ୍ଚି ନ ଥିବାରୁ ଅସନ୍ତୋଷ ପ୍ରକାଶ କରିଛନ୍ତି ନନ୍ଦିଘୋଷ ରଥର ମୁଖ୍ୟ ବିଶ୍ୱକର୍ମା ବିଜୟକୁମାର ମହାପାତ୍ର। ଯେଉଁ ଅଖ କାଠ ଆସିଛି ତାହା ନିର୍ମାଣ ପାଇଁ ଉପଯୁକ୍ତ ନୁହେଁ ବୋଲି ସେ ମତ ଦେଇଛନ୍ତି।

**ସ୍ନାନଯାତ୍ରା ଓ ରଥଯାତ୍ରା ନୀତି ନିର୍ଘଣ୍ଟ**

# ଅପରାହ୍ଣ ୪ରେ ରଥଟଣା

ପୁରୀ,୨୧।୫(ସମିସ): ଆସନ୍ତା ଜୁନ୍ ୧୧ରେ ଦେବସ୍ନାନ ପୂର୍ଣ୍ଣିମା। ସ୍ନାନମଣ୍ଡପକୁ ବିଜେ କରିବେ ଚତୁର୍ଦ୍ଧାବିଗ୍ରହ। ଏହାପରେ ରଥଯାତ୍ରା, ବାହୁଡ଼ା, ସୁନାବେଶ, ନୀଳାଦ୍ରିବିଜେ ଆଦି ବିଶେଷ ପର୍ବପର୍ବାଣୀ ରହିଛି। ଏହିସବୁ ପର୍ବପର୍ବାଣୀ ସମୟରେ ଠାକୁରଙ୍କ ନୀତିକାନ୍ତି କିପରି ସୁଚାରୂ ରୂପେ ସମ୍ପାଦନ କରାଯିବ ସେ ନେଇ ବୁଧବାର ଅନୁଷ୍ଠିତ ହୋଇଥିଲା ଛତିଶା ନିଯୋଗ ବୈଠକ। ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସ୍ନାନଯାତ୍ରା, ନବଯୌବନ ଦର୍ଶନ, ରଥଯାତ୍ରା, ବାହୁଡ଼ା, ସୁନାବେଶ, ଅଧରପଣା ଓ ନୀଳାଦ୍ରିବିଜେ ଆଦି ନୀତି ନିର୍ଘଣ୍ଟ ହୋଇଛି। ଛତିଶା ନିଯୋଗ ବୈଠକରେ ରାଜେନ୍ଦ୍ରାଭିଷକଠାରୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ନୀତିକାନ୍ତି ସମ୍ପର୍କରେ ଆଲୋଚନା କରାଯାଇ ଏହାକୁ ଅନୁମୋଦନ କରାଯାଇଛି। ଜୁନ୍ ୨୭ରେ ପଡୁଥିବା ରଥଯାତ୍ରା ନୀତିକାନ୍ତି କିପରି ଶୃଙ୍ଖଳିତ ହୋଇପାରିବ ସେ ନେଇ ନୀତି ନିର୍ଘଣ୍ଟ କରାଯାଇଛି। ସେହିଦିନ ସକାଳ ୯ଟାରେ ତିନିରଥକୁ ପ୍ରତିଷ୍ଠା କରାଯିବ। ୯ଟା ୧୫ରେ ମଙ୍ଗଳାର୍ପଣ ପରେ ସାଢ଼େ ୯ଟାରୁ ଆରମ୍ଭ ହେବ ଠାକୁରଙ୍କ ପହଣ୍ଡି। ମଧ୍ୟାହ୍ନ ସାଢ଼େ ୧୨ଟା ସୁଦ୍ଧା ଦାରୁବିଗ୍ରହମାନେ ରଥାରୁଢ଼

■ ସକାଳ ସାଢ଼େ ୯ରୁ ପହଣ୍ଡି
■ ଭୋର୍ ୫ରୁ ସ୍ନାନ ପହଣ୍ଡି, ଅପରାହ୍ଣ ସାଢ଼େ ୪ରୁ ହାତୀବେଶ
■ ଅପରାହ୍ଣ ୪ଟାରେ ବାହୁଡ଼ା ଯାତ୍ରା ରଥଟଣା
■ ଅପରାହ୍ଣ ୫ଟାରୁ ମହାପ୍ରଭୁଙ୍କ ସୁନାବେଶ

ହେବା ପରେ ମଦନମୋହନ ବିଜେ କରିବେ। ଚିତା ଲାଗି ପରେ ବେଶ ଶେଷ ହେବ। ଅପରାହ୍ଣ ସାଢ଼େ ୨ଟାରୁ ୪ଟା ମଧ୍ୟରେ ଛେରାପହଁରା ଶେଷ ହେବା ପରେ ଚାରମାଳ ଫିଟାଯାଇ ଘୋଡ଼ା ଓ ସାରଥି ଲାଗିବେ। ଏହାପରେ ଅପରାହ୍ଣ ୪ଟାରେ ରଥଟଣା ଆରମ୍ଭ ହେବ ବୋଲି ନୀତି ନିର୍ଘଣ୍ଟ କରାଯାଇଛି।

ଏହା ପୂର୍ବରୁ ଜୁନ୍ ୧୧ରେ ଦେବସ୍ନାନ ପୂର୍ଣ୍ଣିମା। ପୂର୍ବ ରାତି ସାଢ଼େ ୪ଟାରେ ମଙ୍ଗଳାର୍ପଣ ସରି ଭୋର୍ ୫ଟାରୁ ପହଣ୍ଡି ଆରମ୍ଭ ହେବ। ପହଣ୍ଡି ପାଇଁ ୨ ଘଣ୍ଟା ସମୟ ରହିଛି। ଅର୍ଥାତ୍ ସକାଳ ୭ଟାରେ ପହଣ୍ଡି ସରି ସକାଳ ୯ଟାରେ ମଙ୍ଗଳ ଆଳତି ହେବ। ମଧ୍ୟାହ୍ନ ସାଢ଼େ ୧୨ଟାରୁ ଅପରାହ୍ଣ ୧ଟା ୪୫ ମଧ୍ୟରେ ଜଳବିଜେ, ପୂଜା ଓ ଠାକୁରଙ୍କ ସ୍ନାନ ସରିବ। ଅପରାହ୍ଣ ସାଢ଼େ ୩ଟାରେ ଛେରାପହଁରା ପରେ ଅପରାହ୍ଣ ସାଢ଼େ ୪ଟାରେ ଠାକୁରଙ୍କ ହାତୀବେଶ କରାଯିବ। ସନ୍ଧ୍ୟା ସାଢ଼େ ୭ଟାରୁ ରାତି ସାଢ଼େ ୧୦ଟା ଅର୍ଥାତ୍ ୩ ଘଣ୍ଟା ସାହାଣ ମେଲା ଦର୍ଶନ ରହିଛି। ଶ୍ରଦ୍ଧାଳୁମାନେ ସ୍ନାନମଣ୍ଡପ ସମ୍ମୁଖରୁ ଦର୍ଶନ କରିବେ କିନ୍ତୁ ସେହି ଠାକୁରଙ୍କୁ ସ୍ୱର୍ଶ କରିପାରିବେ ନାହିଁ। ସ୍ନାନଯାତ୍ରାର ବାହୁଡ଼ା ପହଣ୍ଡି ରାତି ସାଢ଼େ ୧୧ଟାରୁ ଆରମ୍ଭ ହୋଇ ରାତି ୨ଟାରେ ଶେଷ ହେବ। ଏହାପରେ ଠାକୁରଙ୍କ ସୁନାଚିତା ଏବଂ ରାହୁରେଖା ମଇଲମ ହେବ।

ସେହିପରି ବୈଠକରେ ଜୁଲାଇ ୫ ତାରିଖ ବାହୁଡ଼ା ଯାତ୍ରା ନୀତି ନିର୍ଘଣ୍ଟ ହୋଇଛି। ମଧ୍ୟାହ୍ନ ୧୨ଟାରୁ ବାହୁଡ଼ା ପହଣ୍ଡି ଆରମ୍ଭ ହୋଇ ଅପରାହ୍ଣ ସାଢ଼େ ୨ଟାରେ ପହଣ୍ଡି ଶେଷ ହେବ। ସାଢ଼େ ୨ଟାରୁ ସାଢ଼େ ୩ଟା ମଧ୍ୟରେ ଛେରାପହଁରା ଶେଷ ହୋଇ ଅପରାହ୍ଣ ୪ଟାରେ ରଥଟଣା ଯିବ। ଜୁଲାଇ ୬ ତାରିଖ ଅପରାହହ୍ଣ ୫ଟାରୁ ସନ୍ଧ୍ୟା ସାଢ଼େ ୬ଟା ରଥ ଉପରେ ମହାପ୍ରଭୁଙ୍କ ସୁନାବେଶ ଅନୁଷ୍ଠିତ ହେବ। ରାତି ୧୦ରୁ ୧୧ଟା ମଧ୍ୟରେ ବେଶ ମଇଲମ କରାଯିବ। ୭ ତାରିଖ ରାତି ୮ଟାରେ ଅଧରପଣା ନୀତି ସମ୍ପନ୍ନ ହେବ। ୮ ତାରିଖରେ ମହାପ୍ରଭୁ ନୀଳାଦ୍ରିବିଜେ ଅର୍ଥାତ୍ ରତ୍ନସିଂହାସନକୁ ବିଜେ କରିବେ ବୋଲି ନୀତି ଚୂଡ଼ାନ୍ତ ହୋଇଛି। ଶୃଙ୍ଖଳିତ ରଥଯାତ୍ରା ଏବଂ ଭକ୍ତମାନେ କିପରି ସୁବିଧାରେ ଠାକୁରଙ୍କୁ ଦର୍ଶନ କରିବେ ସେଥିରେ ସେବାୟତମାନେ ସମ୍ପୂର୍ଣ୍ଣ ସହଯୋଗ କରିବେ ବୋଲି ସହମତି ପ୍ରକାଶ କରିଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସ୍‌ପି ବିନୀତ୍ ଅଗ୍ରୱାଲ, ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ଉନ୍ନୟନ ପ୍ରଶାସକ ଦେବବ୍ରତ ସାହୁଙ୍କ ସମେତ ଛତିଶା ନିଯୋଗର କର୍ମକର୍ତ୍ତା ଭାଗ ନେଇଥିଲେ।

## ଚାରମାଳ ପାଇଁ ଦାତା ଦେଲେ ତାଳଗଛ

ପୁରୀ,୨୧।୫(ସମିସ): ମହାପ୍ରଭୁଙ୍କ ଆଗାମୀ ରଥଯାତ୍ରାରେ ଚାରମାଳ ପାଇଁ ବ୍ୟବହାର ସକାଶେ ତାଳ ଗଛ ସଂଗ୍ରହ କରାଯାଇଛି। ଢେଙ୍କାନାଳ ଖଡ଼ଗପ୍ରସାଦର ଦାତା ବିଜୟ ସାହୁ ଏହା ପ୍ରଦାନ କରିଛନ୍ତି। ଶ୍ରୀମନ୍ଦିର ପ୍ରଶାସନ ଉନ୍ନୟନ ପ୍ରଶାସକ, ରଥ ତତ୍ତ୍ୱାବଧାରକ ସୁଦର୍ଶନ ମେକାପ, ଭୋଇ ସର୍ଦ୍ଦାର ରବି ଭୋଇ ଏବଂ ମହାରଣା ସେବଙ୍କ ମିଳିତ ଟିମ୍ ସମ୍ପୃକ୍ତ ଗ୍ରାମକୁ ଯାଇ ଗଛ ଚୟନ କରିବା ସହ ଜଙ୍ଗଲ ବିଭାଗ ସହାୟତାରେ ଏହାକୁ କାଟିବା ଏବଂ ପରିବହନ ବ୍ୟବସ୍ଥା କରିଛନ୍ତି। ମହାପ୍ରଭୁଙ୍କ କାର୍ଯ୍ୟ ପାଇଁ କରିଥିବା ଦାନ ସକାଶେ ଶ୍ରୀ ସାହୁ, ଶ୍ରୀମନ୍ଦିର ଟିମ୍, ଜଙ୍ଗଲ ବିଭାଗକୁ ଆନ୍ତରିକ ଧନ୍ୟବାଦ ଜ୍ଞାପନ କରିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ।

# ରାଜ୍ୟରେ ପ୍ରାକ୍ ମୌସୁମୀ ପାଗ

ଭୁବନେଶ୍ୱର,୨୧।୫(ସମିସ): ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ପ୍ରାକ୍ ମୌସୁମୀ ପାଗ ଅନୁଭୂତ ହେବା ଆରମ୍ଭ ହୋଇଯାଇଛି। ବୁଧବାର ଭୁବନେଶ୍ୱର ସମେତ ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଏଭଳି ପାଗ ଦେଖିବାକୁ ମିଳିଛି। ସାଧାରଣତଃ ରଜ ସମୟରେ ଏଭଳି ପାଗ ରାଜ୍ୟରେ ଅନୁଭୂତ ହେଉଥିବା ବେଳେ ହାଲକା ପବନ ସାଙ୍ଗକୁ ମେଘାଚ୍ଛନ ଆକାଶ ମୌସୁମୀର ପ୍ରାକ୍ ସୂଚନା ଦେଉଛି। ଏହାସହିତ ରାଜ୍ୟକୁ ବର୍ତ୍ତମାନ ବଙ୍ଗୋପସାଗର ପଟୁ ବାଦଲ ପ୍ରବେଶ ମଧ୍ୟ ଆରମ୍ଭ ହୋଇଛି ଯାହାକି ମୌସୁମୀର ପୂର୍ବ ଲକ୍ଷଣ ଭାବେ ବିବେଚନା କରାଯାଉଛି। କାଳବୈଶାଖୀ ବା ଅନ୍ୟ ସମୟରେ ବାଦଲ ସମୂହ ସମୁଦ୍ର ପଟକୁ ଗତି କରୁଥିବା ବେଳେ ମୌସୁମୀ ସମୟରେ ବଙ୍ଗୋପସାଗର ପଟୁ ରାଜ୍ୟକୁ ବାଦଲ ପ୍ରବେଶ କରୁଥାଏ। ଗତ ୨ ଦିନ ହେବ ରାଜ୍ୟର ବିଭିନ୍ନ ସ୍ଥାନରେ ଏଭଳି ସ୍ଥିତି ଦେଖିବାକୁ ମିଳୁଛି। ବୁଧବାର ସକାଳୁ ପୁରୀରେ ଦକ୍ଷିଣ ପଶ୍ଚିମ ଦିଗରୁ ଘଣ୍ଟା ପ୍ରତି ୫.୫କିମି ବେଗରେ ପବନ ବହୁଥିବା ବେଳେ ଗୋପାଳପୁରରେ ୩.୭କିମି ପାରାଦୀପରେ ଦକ୍ଷିଣ ଦିଗରୁ ଘଣ୍ଟା ପ୍ରତି ବେଗ ୭.୨ କିମି ଓ ଭୁବନେଶ୍ୱରରେ ପଶ୍ଚିମ ଦକ୍ଷିଣ ପଶ୍ଚିମ ଦିଗରୁ ଘଣ୍ଟା ପ୍ରତି ୩.୭କିମି ବେଗରେ ପବନ ବହୁଥିଲା। ଅନ୍ୟପଟେ ମୌସୁମୀ କେରଳ ଛୁଇଁବା ନେଇ ପାଗ ସମ୍ପୂର୍ଣ୍ଣ ଅନୁକୂଳ ରହିଛି। ଆଗାମୀ ୩ ରୁ ୪ ଦିନ ମଧ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ କେରଳ ଉପକୂଳ ଛୁଇଁବା ନେଇ ପୂର୍ବାନୁମାନ କରାଯାଉଛି। ଫଳରେ ଏଥର ଶୀଘ୍ର ମୌସୁମୀ ଆସିବା ନେଇ ଆଇଏମ୍‌ଡି କରିଥିବା ଆକଳନ ସଠିକ୍ ହେବାକୁ ଯାଉଛି। କେରଳ ଛୁଇଁବା ପରେ ମୌସୁମୀ ସକ୍ରିୟ ରହିଲେ ଓଡ଼ିଶା ଆଗମନ ନେଇ ବାଟ ଫିଟିବ। ସାଧାରଣତଃ ଜୁନ ଦ୍ୱିତୀୟ ସପ୍ତାହରେ ମୌସୁମୀ ଓଡ଼ିଶା ଛୁଇଁଥାଏ। ହେଲେ ଏଥର ମୌସୁମୀ କେରଳ ସଅଳ ଆସୁଥିବାରୁ ଓଡ଼ିଶାରେ ବି ଶୀଘ୍ର ମୌସୁମୀ ବର୍ଷା ଆରମ୍ଭ ହେବାର ସମ୍ଭାବନା ରହିଛି।

ଅନ୍ୟପଟେ ଆସନ୍ତା ୫ ଦିନ ଯାଏଁ ରାଜ୍ୟରେ କାଳବୈଶାଖୀ ଜନିତ ବର୍ଷା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ଏହି ସମୟରେ ଉପକୂଳ ଓଡ଼ିଶାରେ ପୂର୍ବାହ୍ଣ ପର୍ଯ୍ୟନ୍ତ ଗୁଳୁଗୁଳି ଓ ଅପରାହ୍ଣ ପରେ କାଳବୈଶାଖୀ ନେଇ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଗୁରୁବାର ମୟୁରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ ଝାରସୁଗୁଡା, ବରଗଡ଼, ଗଜପତି, ରାୟଗଡା, କୋରାପୁଟ, ମାଲକାନଗିରି ଓ ନବରଙ୍ଗପୁର ଏହି ୧୦ ଜିଲ୍ଲାରେ ବିଜୁଳି ଘଡଘଡି ସହ ୩୦ ରୁ ୪୦ କିମି ଝଡି ପବନ ଆଶଙ୍କା କରି ଏହି ଜିଲ୍ଲାଗୁଡ଼ିକ ପାଇଁ ପାଣିପାଗ କେନ୍ଦ୍ର ୟେଲୋ ବାର୍ଣ୍ଣିଂ ଜାରି କରିଛି। ୨୭ ତାରିଖ ଯାଏ ରାଜ୍ୟରେ କାଳବୈଶାଖୀ ବର୍ଷାର ପ୍ରଭାବ ରହିବା ସହ ବାଲେଶ୍ୱର ଭଦ୍ରକ ଯାଜପୁର, କେନ୍ଦ୍ରାପଡା, ଜଗତସିଂହପୁର, କଟକ, ପୁରୀ, ଖୋର୍ଦ୍ଧା, ନୟାଗଡ ଗଞ୍ଜାମ ଓ ଗଜପତି ଜିଲ୍ଲାକୁ ଉଷ୍ମ ଓ ଆର୍ଦ୍ର ସ୍ଥିତି ପାଇଁ ୨ ଦିନ ଯାଏଁ ୟେଲୋ ବାର୍ଣ୍ଣିଂ ଜାରି କରାଯାଇଛି।

**ଅଳଙ୍କାର ବ୍ୟବସାୟୀଙ୍କୁ ଗୁଳିମାଡ଼ କରି ଲୁଟ୍ ଘଟଣା**

# ଗଞ୍ଜାମରୁ ୨ ଅଭିଯୁକ୍ତ ଗିରଫ; ୭ କେଜି ରୁପା ଜବତ

ଖୋର୍ଦ୍ଧା/ବାଲୁଗାଁ,୨୧।୫(ସମିସ): ବାଲୁଗାଁ ଥାନା ଅନ୍ତର୍ଗତ ନିମିକ୍ଷେତା-ସରନଇ ରାସ୍ତାରେ ଥିବା ଶ୍ମଶାନ ନିକଟରୁ ଗତ ୯ ତାରିଖରେ ଜଣେ ଅଳଙ୍କାର ବେପାରୀଙ୍କୁ ଗୁଳିମାଡ଼ କରି ଲୁଟ୍ କରିବା ଘଟଣାରେ ପୁଲିସ ୨ ଜଣଙ୍କୁ ଗଞ୍ଜାମ ଜିଲ୍ଲାରୁ ଗିରଫ କରିଛି। ଗିରଫ ଦ୍ୱୟ ହେଲେ ଗଞ୍ଜାମ ଜିଲ୍ଲା କୋଟିନଡ଼ା ଥାନା ଅନ୍ତର୍ଗତ ଡୁଙ୍କୁଣି ସାପୁର ଗ୍ରାମର ଏ. ରବି(୩୫) ଓ ମହେଶ ପ୍ରଧାନ(୨୨)। ସେମାନଙ୍କଠାରୁ ୭କେଜି ରୁପା ଅଳଙ୍କାର ସମେତ ୨ଟି ବାଇକ୍‌କୁ ପୁଲିସ ଜବତ କରିଛି। ଏହି ଅଳଙ୍କାରକୁ ସେମାନେ ତାଙ୍କ ଗାଁ ନିକଟ ଜଙ୍ଗଲରେ ମାଟିତଳେ ପୋତି ରଖିଥିଲେ। ଏମାନେ ଏରୋଗଲା ସମ୍ପ୍ରଦାୟର ବୋଲି ଜଣାପଡ଼ିଛି। ଏହି ଘଟଣାରେ ଫେରାର୍ ଥିବା ଅନ୍ୟ ୩ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଜିଲ୍ଲା ପୁଲିସ ମୁଖ୍ୟାଳୟରେ ବୁଧବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ସାଗରିକା ନାଥ କହିଛନ୍ତି।

ଏସ୍‌ପିଙ୍କ ସୂଚନା ମୁତାବକ, ବାଲୁଗାଁ ଥାନା ଅନ୍ତର୍ଗତ ଉମାକାନ୍ତପୁର ଗ୍ରାମର ପ୍ରହଲ୍ଲାଦ ନାୟକ(୪୦)ଙ୍କର ବାଲୁଗାଁ ବଜାରରେ ଓଁକାର ଜ୍ୱେଲର୍ସ ନାମକ ଏକ ଅଳଙ୍କାର ଦୋକାନ ରହିଛି। ଅଧିକାଂଶ ସମୟରେ ଉମାକାନ୍ତ ନିକଟସ୍ଥ ଗ୍ରାମକୁ ଯାଇ ସୁନା ଓ ରୁପା ଅଳଙ୍କାର ବ୍ୟବସାୟ କରିଥା'ନ୍ତି। ଗତ ୯ ତାରିଖ ପୂର୍ବାହ୍ଣ ସମୟରେ ପ୍ରହଲ୍ଲାଦ ଏକ ବାଇକ୍‌ରେ ଅଳଙ୍କାର ନେଇ ବ୍ୟବସାୟ ପାଇଁ ବାହାରିଥିଲେ। ନିମିକ୍ଷେତା ଗ୍ରାମର ପଛ ରାସ୍ତା ଦେଇ ଯାଉଥିବାବେଳେ ୨ଟି ବାଇକ୍‌ରେ ୫ଜଣ ଦୁର୍ବୃତ୍ତ ଆସି ସରନଇ-ନିମିକ୍ଷେତା ଓଭରବ୍ରିଜ୍‌ର କିଛି ଦୂର ଅର୍ଥାତ୍ ଉକ୍ତ ରାସ୍ତାରେ ଥିବା ଶ୍ମଶାନ ନିକଟରେ ପ୍ରହଲ୍ଲାଦଙ୍କୁ



ଅଟକାଇ ଅଳଙ୍କାର ବ୍ୟାଗ୍‌କୁ ଛଡ଼ାଇନେବାକୁ ଚେଷ୍ଟା କରିଥିଲେ। ପ୍ରହଲ୍ଲାଦ ପ୍ରତିବାଦ କରିବାରୁ ଦୁର୍ବୃତ୍ତମାନେ ତାଙ୍କ ଉପରକୁ ଦୁଇ ରାଉଣ୍ଡ ଗୁଳି ଚଳାଇଥିଲେ। ଗୋଟିଏ ଗୁଳି ପ୍ରହଲ୍ଲାଦଙ୍କ ଡାହାଣ କାନ୍ଧରେ ବାଜି ବାହାରି ଯାଇଥିବାବେଳେ ଅନ୍ୟଟି ଛାତିରେ ବାଜିଥିଲା। ଗୁଳିମାଡ଼ରେ ଗୁରୁତର ହୋଇପଡ଼ିବାରେ ଦୁର୍ବୃତ୍ତମାନେ ତାଙ୍କଠାରୁ ଅଳଙ୍କାର ବ୍ୟାଗ୍ ଛଡ଼ାଇ ନେବା ସହ ଗାଡ଼ିର ଡିକିରେ ଥିବା ସମସ୍ତ ଅଳଙ୍କାର ଲୁଟି ନେଇ ୧୬ ନମ୍ବର ଜାତୀୟ ରାଜପଥରେ ଗଞ୍ଜାମ ଜିଲ୍ଲା ଅଭିମୁଖେ ଫେରାର୍ ହୋଇଯାଇଥିଲେ। ପ୍ରହଲ୍ଲାଦଙ୍କ ପତ୍ନୀ ସୁନିତାଙ୍କ ଅଭିଯୋଗ କ୍ରମେ ପୁଲିସ ୧୩୫/୨୫ରେ ଏକ ମାମଲା ରୁଜୁ କରିଥିଲା। ବାଲୁଗାଁ ଏସ୍‌ଡିପିଓ ସଞ୍ଜୟ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଥାନା ଅଧିକାରୀ ଜୟପ୍ରକାଶ ପରିଡ଼ା ଏବଂ ସ୍ପେଶାଲ ସ୍କ୍ୱାଡ୍‌କୁ ନେଇ ଗଠିତ ଟିମ୍ ଗଞ୍ଜାମ ପୁଲିସ ସହାୟତାରେ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଏଥିରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ମଧ୍ୟରୁ ପ୍ରଥମେ ମହେଶଙ୍କୁ ଆସ୍କା ଅଞ୍ଚଳରୁ ଧରିଥିଲେ। ତା' ବୟାନ ମୁତାବକ ଏ. ରବିଙ୍କୁ ଗିରଫ କରିଥିଲେ। ସେମାନଙ୍କ ସୂଚନା ମୁତାବକ, ଡୁଙ୍କୁଣି ସାପୁର ଗ୍ରାମ ନିକଟ ଜଙ୍ଗଲରୁ ମାଟିତଳେ ପୋତାଯାଇଥିବା ୭ କେଜି ରୁପା ଅଳଙ୍କାରକୁ ପୁଲିସ ଜବତ କରିଛି। ସେମାନଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ବାଲୁଗାଁ ଏସ୍‌ଡିପିଓ ସଞ୍ଜୟ ପଟ୍ଟନାୟକ, ଥାନା ଅଧିକାରୀ ଜୟପ୍ରକାଶ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

**ଜଙ୍ଗଲରେ ପୋତା ହୋଇଥିବା ରୁପା ଅଳଙ୍କାର ଉଦ୍ଧାର**

■ ୬.୨୮ କୋଟିର ଅନ୍‌ଲାଇନ୍ ଟ୍ରେଡିଂ ଠକେଇ ଘଟଣା

## ଗିରଫଦାରୀ ସଂଖ୍ୟା ୩୧ରେ ପହଞ୍ଚିଲା

କଟକ,୨୧।୫(ସମିସ): ଅନ୍‌ଲାଇନ୍ ଟ୍ରେଡିଂ ଜରିଆରେ ଆଇପିଓ ଏବଂ ଓଟିସିରେ ପୁଞ୍ଜି ନିବେଶ କରି ଅଧିକ ଅର୍ଥ ଫେରିପାଇବା ଆଶାରେ ୬ କୋଟି୨୮ ଲକ୍ଷ ଟଙ୍କା ଠକେଇ ଘଟଣାରେ ଜଣେ ସାଇବର ଠକକୁ ଗିରଫ କରିଛି କ୍ରାଇମ୍‌ବ୍ରାଞ୍ଚର ସାଇବର କ୍ରାଇମ୍ ୟୁନିଟ୍। ତେଲଙ୍ଗାନା ହାଇଦରାବାଦର ମଙ୍ଗଲହାଟ ଥାନା ଅଞ୍ଚଳରୁ ଗିରଫ ହୋଇଥିବା ଅଭିଯୁକ୍ତ ଜଣକ ହେଉଛି ମହମ୍ମଦ ଫୟଜ ଅହମ୍ମଦ (୨୩)। ଏହି ଘଟଣାରେ ମୋଟ୍ ଗିରଫଦାରୀ ସଂଖ୍ୟା ୩୧ରେ ପହଞ୍ଚିଛି। ପୂର୍ବରୁ ତାମିଲନାଡୁରୁ ୯, ଗୁଜରାଟରୁ ୮, ରାଜସ୍ଥାନରୁ ୭, କେରଳରୁ ୫ ଓ ପଶ୍ଚିମବଙ୍ଗରୁ ଜଣେ ଏହିପରି ମୋଟ୍ ୩୦ ଜଣଙ୍କୁ ଏହି ଠକେଇ ଘଟଣାରେ ଗିରଫ କରିବାକୁ ସକ୍ଷମ ହୋଇଥିଲା କ୍ରାଇମବ୍ରାଞ୍ଚ। ଅନ୍‌ଲାଇନ୍ ନିବେଶ ଜରିଆରେ ଉଚ୍ଚ ଅର୍ଥ ଫେରସ୍ତର ମିଥ୍ୟା ପ୍ରତିଶ୍ରୁତି ପାଇ ଅଭିଯୋଗକାରୀ ୬ କୋଟି ୨୮ ଲକ୍ଷ ଟଙ୍କା ବିଭିନ୍ନ ଆକାଉଣ୍ଟରେ ଜମା କରିଥିଲେ। ଟଙ୍କା ଉଠାଇବାକୁ ଚାହିଁବାରୁ ଆଉ ଟଙ୍କା ମିଳି ନ ଥିଲା। ଅଭିଯୁକ୍ତ ନିକଟରୁ ମୋବାଇଲ୍ ଫୋନ୍, ସିମ୍ କାର୍ଡ, ଆଧାର କାର୍ଡ ଏବଂ ପାନ୍ କାର୍ଡ ଜବତ କରାଯିବା ସହ ତା'ର ଏକାଧିକ ବ୍ୟାଙ୍କ ଜମା ଖାତା ଅଚଳ କରାଯାଇଛି। ବୁଧବାର ଅଭିଯୁକ୍ତକୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଅଣାଯାଇ ଅନୁଗୋଳ ଛେଣ୍ଡିପଦା ଜେଏମ୍‌ଏଫ୍‌ସିଙ୍କ ଅଦାଲତରେ ହାଜର କରାଯାଇଥିଲା। ଡିଏସ୍‌ପି କଳ୍ପନା ସାହୁଙ୍କ ନେତୃତ୍ୱରେ ଚଢ଼ଉ ଓ ଅଧିକ ତଦନ୍ତ ଜାରି ରହିଛି।

# ମାଟ୍ରିକ ଫେଲ୍ ନିର୍ଦ୍ଦେଶକଙ୍କ ପତ୍ନୀ, ଝିଅ ଗିରଫ

**୬ ରାଜ୍ୟରୁ ୧୨୩ କୋଟି ଠକେଇ**

ଭୁବନେଶ୍ୱର, ୨୧।୫ (ସମିସ): ୧୨୩ କୋଟି ଟଙ୍କା ଠକେଇ ମାମଲାରେ ଗିରଫ ହୋଇଥିବା ମାଟ୍ରିକ ଫେଲ୍ ନିର୍ଦ୍ଦେଶକ ତୁଷାର ଭଞ୍ଜୋଙ୍କ ପତ୍ନୀ ଓ ଝିଅକୁ ଗିରଫ କରିଛି ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲୁ)। ପଶ୍ଚିମବଙ୍ଗ ପଶ୍ଚିମ ମେଦିନୀପୁର ହମିରପୁରର ଦ୍ୱୀପିକା ଭଞ୍ଜୋ ଓ ତନ୍ଦ୍ରା ଭଞ୍ଜୋଙ୍କୁ ପଶ୍ଚିମବଙ୍ଗରୁ ଗିରଫ କରିବା ପରେ ଉତ୍ତର ୨୪ ପ୍ରଗଣା ବରସାତ୍ କୋର୍ଟରେ ହାଜର କରାଯାଇ ୩ ଦିନିଆ ଟ୍ରାଞ୍ଜିଟ୍ ରିମାଣ୍ଡରେ ଅଣାଯାଇଛି। ଟଙ୍କପାଣି ରୋଡର ମନମୋହନ ଦୋରା ନାମକ ଜଣେ ବ୍ୟକ୍ତି ତୁଷାରଙ୍କ କମ୍ପାନୀରେ ୪ ହଜାର ଟଙ୍କା ଦେଇ ସଦସ୍ୟତା ଗ୍ରହଣ ସହ ୨.୧୭ ଲକ୍ଷ ଟଙ୍କା ନିବେଶ କରିଥିଲେ। ସେତେବେଳେ ତୁଷାର ୧୧% ହିସାବରେ ମାସିକ ରିଟର୍ଣ୍ଣ ଦିଆଯିବ ବୋଲି କହିଥିଲେ। ପ୍ରଥମ ମାସରେ ମନମୋହନଙ୍କୁ ୧୧ ପ୍ରତିଶତ ରିଟର୍ଣ୍ଣ ମିଳିଥିଲେ ମଧ୍ୟ ପରେ ଟଙ୍କାଟିଏ ମିଳିନଥିଲା। ଅଫିସକୁ ଯାଇ ପଚାରିବାରୁ ଟଙ୍କା ମିଳିଯିବ ବୋଲି ପ୍ରତିଶ୍ରୁତି ମିଳିଥିଲା। ହେଲେ ବାହାର ରାଜ୍ୟରେ ରହୁଥିବା ମନମୋହନଙ୍କ ସାଙ୍ଗ ଏହି କମ୍ପାନୀ ଦ୍ୱାରା ଠକାମୀର ଶିକାର ହୋଇଥିବା ଲୋକମାନଙ୍କର ଏକ ଭିଡ଼ିଓ ଲିଙ୍କ୍ ପଠାଇଥିଲେ। ଠକେଇର ଶିକାର ହୋଇଥିବା ମନମୋହନ ଅଭିଯୋଗ କରିବା ପରେ ଇଓଡବ୍ଲୁ ତଦନ୍ତ ଆରମ୍ଭ କରିଥିଲା। ଗତବର୍ଷ ଜୁନ୍ ମାସରେ କମ୍ପାନୀ ନିର୍ଦ୍ଦେଶକ ତଥା ମାଟ୍ରିକ ଫେଲ୍ ତୁଷାରକୁ ଗିରଫ କରିବା ପରେ ପୁରା ଘଟଣା ପଦାକୁ ଆସିଥିଲା। ଓଡ଼ିଶାର ବାଲେଶ୍ୱର, ଭଦ୍ରକ, ଭୁବନେଶ୍ୱର ଓ ରାଉରକେଲାରେ ଅଫିସ ଖୋଲି ବିପୁଳ ଅର୍ଥ ହେରଫେର କରିଥିବା ଇଓଡ଼ବ୍ଲ୍ୟୁ ସୂଚନା ପାଇଥିଲା। ଏହା ସହ ପଶ୍ଚିମବଙ୍ଗ, ଛତିଶଗଡ଼, ଆସାମ, ତ୍ରିପୁରା, ମହାରାଷ୍ଟ୍ର ସମେତ ବାଂଲାଦେଶରୁ ୧୨୩ କୋଟିରୁ ଅଧିକ ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଥିଲା। ଜମାକାରୀଙ୍କ ଟଙ୍କାକୁ ସେମାନଙ୍କ ଅଜ୍ଞାତରେ ଫୋରେକ୍ସ ଟ୍ରେଡିଂରେ ବିନିଯୋଗ କରାଯାଉଥିବା ତଦନ୍ତ ବେଳେ ଜଣାପଡ଼ିଛି। କମ୍ପାନୀ ନିର୍ଦ୍ଦେଶକ ତୁଷାର ଜମାକାରୀଙ୍କ ଟଙ୍କାରେ ଏକାଧିକ ଥର ବ୍ୟାଙ୍କକ୍ ଓ ଦୁବାଇ ଯାଇଥିଲା। ଏମିତିକି ଦୁବାଇରେ ଏକ କମ୍ପାନୀ ଖୋଲିବାକୁ ଯୋଜନା କରିଥିଲା। ଜମାକାରୀମାନଙ୍କର ଟଙ୍କା କମ୍ପାନୀର ୩ଟି ବ୍ୟାଙ୍କ ଆକାଉଣ୍ଟରେ ରହୁଥିଲା। ପରବର୍ତ୍ତୀ ସମୟରେ ସେହି ଟଙ୍କା ତୁଷାରର ପରିବାର ସଦସ୍ୟଙ୍କ ଆକାଉଣ୍ଟକୁ ଟ୍ରାନସଫର ହେଉଥିବା ଜଣାପଡ଼ିଥିଲା। ପତ୍ନୀ ଓ ଝିଅ ଆକାଉଣ୍ଟକୁ ମଧ୍ୟ ଟଙ୍କା ଯାଇଥିବା ଜଣାପଡ଼ିବା ପରେ ଦୁହିଁଙ୍କୁ ଗିରଫ କରିଛି ଇଓଡବ୍ଲୁ। କମ୍ପାନୀ ଆକାଉଣ୍ଟରୁ ପତ୍ନୀ ଦ୍ୱୀପିକାଙ୍କ ଆକାଉଣ୍ଟକୁ ୪୧ ଲକ୍ଷ ଓ ଝିଅ ତନ୍ଦ୍ରାଙ୍କ ଆକାଉଣ୍ଟକୁ ୪୩ ଲକ୍ଷ ୬୭ ହଜାର ଟଙ୍କା ଯାଇଥିବା ତଦନ୍ତ ବେଳେ ଜଣାପଡ଼ିଥିଲା।

**ଆକାଉଣ୍ଟକୁ ଯାଇଛି ୮୫ ଲକ୍ଷ, ଠକେଇ ଟଙ୍କାରେ ବିଦେଶ ବୁଲା**

**ଫୋରେକ୍ସ ଟ୍ରେଡିଂରେ ଲାଗିଛି ଟଙ୍କା, ବାଂଲାଦେଶରେ ଚେର**

# ଲାଞ୍ଚୁଆ ବନ ଅଧିକାରୀଙ୍କ ଘରୁ ୮ ଲକ୍ଷ ଟଙ୍କା, ସୁନାଗହଣା ଜବତ

ରାଉରକେଲା,୨୧।୫(ସମିସ): ବିଶ୍ରା ବିନ ବିଭାଗର ଡେପୁଟି ରେଞ୍ଜର ଅସୀତ୍ କୁମାର ପଟ୍ଟନାୟକ ୧୮ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ରାଉରକେଲା ଭିଜିଲାନ୍ସ ହାତରେ ଧରାପଡ଼ିବା ଘଟଣାରେ ଆଜି ଆହୁରି ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଭିଜିଲାନ୍ସର ହସ୍ତଗତ ହୋଇଛି। ବିଶ୍ରା ରେଞ୍ଜ ଅଫିସରେ ଭଡ଼ାରେ ଲାଗିଥିବା ଏକ ବୋଲେରୋ ଭ୍ୟାନ୍‌ର ବିଲ୍ ପାସ କରାଇବା ଏବଂ ମଇ ୧ ତାରିଖରୁ ପୁନଃ ନବୀକରଣ କରିବା ପାଇଁ ଡେପୁଟି ରେଞ୍ଜର ଶ୍ରୀ ପଟ୍ଟନାୟକ ବୋଲେରୋ ମାଲିକଙ୍କ ଠାରୁ ଏହି ଲାଞ୍ଚ ଟଙ୍କା ନେଉଥିବା ବେଳେ ଗତକାଲି ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ଭିଜିଲାନ୍ସ ଟିମ୍ ଶ୍ରୀ ପଟ୍ଟନାୟକ ବାସ କରୁଥିବା ରାଉରକେଲାସ୍ଥିତ ଭଡ଼ା ଘରୁ ନଗଦ ୮ ଲକ୍ଷ ୩୭ ହଜାର ଟଙ୍କା, ୩୯୦ ଗ୍ରାମ ଓଜନର ସୁନାଗହଣା, ବିଭିନ୍ନ ବ୍ୟାଙ୍କରେ ଥିବା ପାସ ବୁକ୍, ୬୦ ଲକ୍ଷ ୨୦ ହଜାର ୨୩୪ ଟଙ୍କାର ଫିକ୍ସଡ୍ ଡିପୋଜିଟ ସହ ଅନେକ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ଜବତ କରିଛି। ଏହା ବ୍ୟତୀତ ରାଉରକେଲା ରାଉରକେଲାର ଲାଠିକଟା ଏବଂ ତାଙ୍କ ପୈତୃକ ଘର କରଞ୍ଜିଆରେ ୨ଟି ବହୁ ମୂଲ୍ୟର ପ୍ରାସାଦକୁ ଭିଜିଲାନ୍ସ ଠାବ କରିଛି। ଆଜି ତାଙ୍କୁ ରାଉରକେଲା ଭିଜିଲାନ୍ସ ପକ୍ଷରୁ ଗିରଫ କରାଯାଇ ସୁନ୍ଦରଗଡ଼ ଭିଜିଲାନ୍ସର ସ୍ୱତନ୍ତ୍ର କୋର୍ଟରେ ହାଜର କରାଯାଇଥିଲା।







ସୂଚନାଯୋଗ୍ୟ ଯେ ବିଶ୍ରାର ନିରଞ୍ଜନ ସାହୁ ତାଙ୍କ ବୋଲେରୋ ଭ୍ୟାନ୍‌କୁ ବିଶ୍ରା ବନ ବିଭାଗ ରେଞ୍ଜ ଅଫିସରେ ଭଡ଼ା ସୂତ୍ରରେ ଲଗାଇଥିଲେ। ଏପ୍ରିଲ ମାସର ଭଡ଼ା ବିଲ ପାସ କରାଇବା ଏବଂ ମଇ ୧ ତାରିଖରୁ ପୁନଃ ଭଡ଼ାରେ ଲଗାଇବା ପାଇଁ ଡେପୁଟି ରେଞ୍ଜର ଅସୀତ ପଟ୍ଟନାୟକ ଗାଡ଼ି ମାଲିକ ନିରଞ୍ଜନଙ୍କଠାରୁ ୧୮ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଏହାପରେ ଗାଡ଼ି ମାଲିକ ନିରଞ୍ଜନ ସାହୁ ରାଉରକେଲା ଭିଜିଲାନ୍ସ ଏସ୍‌ପିଙ୍କଠାରେ ଅଭିଯୋଗ କରିଥିଲେ। ତଦନୁଯାୟୀ ଡେପୁଟି ରେଞ୍ଜର ଶ୍ରୀ ପଟ୍ଟନାୟକ ଗାଡ଼ି ମାଲିକଙ୍କଠାରୁ ଗତକାଲି ଅପରାହ୍ଣରେ ବିଶ୍ରା ଫରେଷ୍ଟ ରେଞ୍ଜ ଅଫିସ ପରିସରରେ ଥିବା ସରକାରୀ ବାସ ଭବନରେ ୧୮ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ପୂର୍ବ ଯୋଜନା ମୁତାବକ ପୂର୍ବରୁ ସେଠାରେ ଛକି ରହିଥିବା ଭିଜିଲାନ୍ସ ଅଧିକାରୀ ଡେପୁଟି ରେଞ୍ଜର ଶ୍ରୀ ପଟ୍ଟନାୟକଙ୍କ ଠାରୁ ଲାଞ୍ଚ ଟଙ୍କା ଜବତ କରିବା ସହ ତାଙ୍କୁ ଗିରଫ କରିଥିଲେ। ଏଥିସହିତ ଏକା ସମୟରେ ଡେପୁଟି ଫରେଷ୍ଟର ଅସୀତ ପଟ୍ଟନାୟକଙ୍କ ବିଶ୍ରା କାର୍ଯ୍ୟାଳୟ ସମେତ ମୟୂରଭଞ୍ଜ ଜିଲ୍ଲାର କରଞ୍ଜିଆ ଅନ୍ତର୍ଗତ ଗୋଡ଼ିଗୋଷାଇଁ ଛକସ୍ଥିତ ତାଙ୍କ ପୈତୃକ ବାସଭବନ, ଭୁବନେଶ୍ୱର ପଳାଶୁଣିସ୍ଥିତ ଆରତୀ ରେସିଡେନ୍ସିରେ ଥିବା ତାଙ୍କ ୭୫୦ ବର୍ଗ ଫୁଟର ଫ୍ଲାଟ୍ ସହ ରାଉରକେଲା ବାସନ୍ତୀ କଲୋନୀ ଭଡ଼ା ଘରେ ଭିଜିଲାନ୍ସ ଟିମ୍ ଚଢ଼ଉ କରିଥିଲା। ସୂଚନା ଅନୁସାରେ ଭିଜିଲାନ୍ସ ହାତରେ ଅଟକ ଥିବା ଡେପୁଟି ରେଞ୍ଜର ଅସୀତ୍ ପଟ୍ଟନାୟକଙ୍କ ରାଉରକେଲାରେ ଥିବା ଭଡ଼ାଘରୁ ଲକ୍ଷାଧିକ ନଗଦ ଟଙ୍କା, ବିଭିନ୍ନ ବ୍ୟାଙ୍କ ପାସ୍ ବୁକ୍, ଫିକ୍ସଡ୍ ଡିପୋଜିଟ୍ ସହ ଅନେକ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ୍ ଜବତ କରିଛି ରାଉରକେଲା ଭିଜିଲାନ୍ସ ଟିମ। ଡେପୁଟି ରେଞ୍ଜର ଅସୀତ୍ ପଟ୍ଟନାୟକ ଆସନ୍ତା ୨୦୨୭ରେ ଚାକିରିରୁ ଅବସର ନେବାକୁ ଥିବାବେଳେ ଭିଜିଲାନ୍ସ ବିଭାଗ ପକ୍ଷରୁ ଏହି ଚଢ଼ଉ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଭିଜିଲାନ୍ସ ବିଭାଗ ପକ୍ଷରୁ ଶ୍ରୀ ପଟ୍ଟନାୟକଙ୍କ ବିରୋଧରେ ଅଧିକ ତଦନ୍ତ ଜାରି ରହିଛି।

## ନାବାଳିକାକୁ ଗଣଦୁଷ୍କର୍ମ ପରେ ହତ୍ୟା ଅଭିଯୋଗ

ଭୋଗରାଇ, ୨୧।୫ (ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇ ଥାନା ଅଞ୍ଚଳରେ ଏକ ୧୭ ବର୍ଷ ବୟସର ନାବାଳିକାକୁ ଗଣଦୁଷ୍କର୍ମ କରି ହତ୍ୟା କରାଯାଇଥିବାର ଅଭିଯୋଗ ହୋଇଛି। ସ୍ଥାନୀୟ ଅଞ୍ଚଳର କେତେକ ଅସାମାଜିକ ଯୁବକ ଏଭଳି ନାରକୀୟ କାଣ୍ଡ ଭିଆଇବା ପରେ ଉକ୍ତ ଘଟଣାକୁ ଆତ୍ମହତ୍ୟାର ରୂପ ଦେଇଥିବା ମୃତ ନାବାଳିକାର ଭାଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ସମ୍ପୃକ୍ତା ନାବାଳିକାଙ୍କ ବାପାମା' ଭାଇ ଓ ଜଣେ ଭଉଣୀ ରାଜ୍ୟ ବାହାରେ ରହୁଥିବାବେଳେ ସେ ଭୋଗରାଇରେ ଏକ କଲେଜରେ ହଷ୍ଟେଲରେ ରହି ପାଠ ପଢୁଥିଲେ। ଗତ ୪ ଦିନ ତଳେ ଗାଁରେ କୌଣସି ଏକ କାର୍ଯ୍ୟକ୍ରମ ନେଇ ନାବାଳିକାଜଣକ ତାଙ୍କ ଘରକୁ ଆସିଥିଲେ। ତେବେ ମଙ୍ଗଳବାର ଦିନ ୧୧ଟା୩୦ରେ ସେ ଘର ଭିତରେ ସନ୍ଦେହ ଜନକ ଅବସ୍ଥାରେ ରଶିରେ ଝୁଲୁଥିବା ପଡ଼ୋଶୀ ଦେଖିବାକୁ ପାଇଥିଲେ। ତାଙ୍କ ପରିବାର ଲୋକ କେହି ନ ଥିବାରୁ କେହି ଖୋଲି ନ ଥିଲେ। ମାତ୍ର ପଡ଼ୋଶୀ ଜଣେ ଯୁବକ ଅନ୍ୟ କାହାର ସାହାଯ୍ୟ ନ ନେଇ କିମ୍ବା ପୁଲିସକୁ ଖବର ନ ଦେଇ ଘର ଭିତରେ ପଶି ନାବାଳିକାକୁ ରଶିରୁ ଖୋଲି ଦେଇଥିଲେ। ପରେ ପଡ଼ିଶା ଲୋକେ ସେହି ରାତିରେ ମୃତଦେହକୁ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଯାଇଥିଲେ। ଅନ୍ୟପକ୍ଷରେ ବୁଧବାର ନାବାଳିକାଙ୍କ ପରିବାର ଲୋକେ ପହଞ୍ଚିଥିଲେ। ନାବାଳିକାଙ୍କ ଭାଇ ଭୋଗରାଇ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଭଉଣୀ ଆତ୍ମହତ୍ୟା କରିନାହିଁ ତାକୁ ବସନ୍ତ ମାଝୀ (ବାଣ୍ଟୁ) ନାମକ ଜଣେ ଯୁବକ ଓ ତା'ର ଅନ୍ୟ କେତେଜଣ ସହଯୋଗୀ ଦୁଷ୍କର୍ମ କରିବା ପରେ ଜୀବନରୁ ମାରିଦେଇ ଏହାକୁ ଆତ୍ମହତ୍ୟାର ରୂପ ଦେବାକୁ ଚେଷ୍ଟା କରି ଘର ଭିତରେ ବେକରେ ରଶି ଲଗାଇ ଝୁଲାଇ ଦେଇଛନ୍ତି। ଅଭିଯୋଗ ଆଧାରରେ ଭୋଗରାଇ ଥାନା ଅଧିକାରୀ ଶ୍ରୀବଲ୍ଲଭ ସାହୁ ଡାକ୍ତରଖାନାରେ ପହଞ୍ଚି ଶବକୁ ଜବତ କରିବା ସହିତ ୧୭୪/୨୫ନଂ ମୂଳେ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ବସନ୍ତ ମାଝୀକୁ ଥାନାରେ ଅଟକ ରଖି ତଦନ୍ତ କରୁଥିବା ଜଣାପଡ଼ିଛି। ନାବାଳିକାଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇ

# କୁଆପଥର ମାଡ଼ରେ ଫାଟିଲା ଇଣ୍ଡିଗୋ ନାକ



**ଦିଲ୍ଲୀରେ ଭୟଙ୍କର ଝଡ଼**

**ମଝି ଆକାଶରେ ଆତଙ୍କ**

**ବର୍ତ୍ତିଲେ ୨୨୦ ଯାତ୍ରୀ**

■ **ନୂଆଦିଲ୍ଲୀ, ୨୧।୫ (ଏଜେନ୍ସି):** ପ୍ରତିକୂଳ ପାଗ ଯୋଗୁଁ ଆଜି ଦିଲ୍ଲୀରୁ ଶ୍ରୀନଗର ଯାଉଥିବା ଇଣ୍ଡିଗୋ ବିମାନ ' ସିଭିୟର ଏୟାର ଟର୍ବ୍ୟୁଲାନ୍ସ'( ବିମାନ ଜୋର୍‌ରେ ଥରିବା ଏବଂ ଦୋହଲିବା) ସ୍ଥିତି ସାମ୍ନା କରିବାରୁ ଏଥିରେ ଯାତ୍ରା କରୁଥିବା ୨୨୦ ଯାତ୍ରୀ ଅତ୍ୟନ୍ତ ଭୟଭୀତ ହୋଇପଡ଼ିଥିଲେ। ବିମାନଟି ମଝି ଆକାଶରେ ଉଡାଣ କରୁଥିଲା ବେଳେ ପ୍ରବଳ କୁଆପଥର ମାଡ଼ ସହ ବର୍ଷା ହେବା ଦ୍ୱାରା ବିମାନର ସମ୍ମୁଖ ଭାଗ କ୍ଷତିଗ୍ରସ୍ତ ହୋଇଥିଲା ଏବଂ ବିମାନଟି ଜୋର୍‌ରେ ଦୋହଲିବାକୁ ଲାଗିଥିଲା। ଏହାକୁ ନେଇ ଯାତ୍ରୀମାନେ ଭୟଭୀତ ହୋଇ ଚିତ୍କାର କରିବା ସହିତ ଜୀବନ ରକ୍ଷା ପାଇଁ ଭଗବାନଙ୍କୁ ପ୍ରାର୍ଥନା କରିଥିଲେ । ଅନେକ ଯାତ୍ରୀ କାନ୍ଦିବାକୁ ମଧ୍ୟ ଲାଗିଥିଲେ । ଯାତ୍ରୀମାନେ ଭୟଭୀତ ହୋଇ ଚିତ୍କାର କରୁଥିବାର ଦୃଶ୍ୟ ସୋସିଆଲ ▶ପୃଷ୍ଠା-୭


ସକାଳ

THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-323 ◆BHUBANESWAR ◆THURSDAY ◆22 MAY 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୨ ◆ସଂଖ୍ୟା-୩୨୩ ◆ଭୁବନେଶ୍ୱର ◆ଗୁରୁବାର ◆୨୨ ମେ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ବିଜ୍ଞପ୍ତିର ଦିନକ ପରେ ପଞ୍ଚାୟତ ଉପନିର୍ବାଚନ ବାତିଲ

# ଜନମତକୁ ଡର; ବାହାନା ମୌସୁମୀ

■ **ଭୁବନେଶ୍ୱର, ୨୧।୫ (ସମିସ):** ଦିନକ ତଳେ ରାଜ୍ୟରେ ଖାଲି ପଡ଼ିଥିବା ୪୩ ସରପଞ୍ଚ, ୪୦ ସମିତି ସଭ୍ୟ, ୧୦୪୩ ୱାର୍ଡ ମେମ୍ବର ଏବଂ ୫ଟି ଜିଲ୍ଲା ପରିଷଦ ପଦବୀରେ ଉପ ନିର୍ବାଚନ ପାଇଁ ପ୍ରକାଶିତ ବିଜ୍ଞପ୍ତିକୁ ରଦ୍ଦ କରିଛନ୍ତି ରାଜ୍ୟ ନିର୍ବାଚନ କମିଶନ । ମୌସୁମୀ ଜନିତ ବର୍ଷା କାରଣରୁ ନିର୍ବାଚନ ପ୍ରକ୍ରିୟା ଉତ୍ତମ ଭାବରେ ପରିଚାଳିତ ହୋଇପାରିବ ନାହିଁ। ତେଣୁ ବର୍ଷା ଋତୁ ସରିବା ପରେ ନିର୍ବାଚନ ଅନୁଷ୍ଠିତ ହେବ ବୋଲି କମିଶନ କହିଛନ୍ତି। ମାତ୍ର ବିଜ୍ଞପ୍ତି ରଦ୍ଦ ପଛରେ ନିର୍ବାଚନ କମିଶନଙ୍କ ଏହି 'କାରଣ' ସାଧାରଣରେ କେବଳ ବିସ୍ମୟ ନୁହେଁ, ସନ୍ଦେହ ସୃଷ୍ଟି କରିଛି । ରାଜନୈତିକ ସମୀକ୍ଷକମାନେ ମଧ୍ୟ ନିର୍ବାଚନ କମିଶନଙ୍କ ଏପରି ପଦକ୍ଷେପକୁ ନେଇ ସ୍ୱାଭାବିକ ପ୍ରଶ୍ନ ଉଠାଇଛନ୍ତି । ଚଳିତ ବର୍ଷ ଆଗୁଆ ମୌସୁମୀ ଆସୁଥିବା ଓ ମୌସୁମୀବାୟୁ କେରଳ ଛୁଇଁଥିବା କଥା ଦୁଇ ସପ୍ତାହ ପୂର୍ବରୁ ଗଣମାଧ୍ୟମରେ ପ୍ରକାଶ ପାଇ ଆସୁଛି। ଏ ସମ୍ପର୍କରେ ନିର୍ବାଚନ କମିଶନ ଜାଣି ନ ଥିବେ ବୋଲି କହିବା ମଧ୍ୟ ଭୁଲ ହେବ। ଏହା ପରେ ଜୁନ୍ ୨୩ ତାରିଖରେ ପଞ୍ଚାୟତ ଉପନିର୍ବାଚନ ନିମନ୍ତେ ମଇ ୧୯ ତାରିଖରେ ବିଜ୍ଞପ୍ତି ପ୍ରକାଶ କରିବା ଓ ୨୦ ତାରିଖରେ ପୁଣି ସେହି ବିଜ୍ଞପ୍ତିକୁ ରଦ୍ଦ କରିବା ପଛରେ ଅଭିସନ୍ଧି ଥିବା ଅଭିଯୋଗ ହୋଇଛି ।

ପୁନଶ୍ଚ ନିର୍ବାଚନ ପ୍ରକ୍ରିୟାରେ ସଂଶ୍ଳିଷ୍ଟ ଥିବା ଜିଲ୍ଲା ଅଧିକାରୀ, ସର୍ବ ସାଧାରଣ ତଥା ଆଶାୟୀ ପ୍ରାର୍ଥୀଙ୍କ ମତାମତ ଆଧାରରେ ଉପରୋକ୍ତ ନିଷ୍ପତ୍ତି ନିଆଯାଇଥିବା ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟରୁ ▶ପୃଷ୍ଠା-୭



## ସରକାରରେ ନାହିଁ ତାଳମେଳ !

■ **ଭୁବନେଶ୍ୱର, ୨୧।୫ (ସମିସ):** ଆଉ ୩ ସପ୍ତାହ ପରେ ସରକାରଙ୍କୁ ବର୍ଷେ ପୂରିବ। ମାତ୍ର ବିଭାଗ ସହ ବିଭାଗର ସମନ୍ୱୟ ନାହିଁ; ମନ୍ତ୍ରୀମାନଙ୍କ ମଧ୍ୟରେ ତାଳମେଳ ନାହିଁ। ଆଜି ହେଉଥିବା ନିଷ୍ପତ୍ତି କାଲି ବଦଳି ଯାଉଛି। ବିଭାଗର ପ୍ରମୁଖ ସଚିବ ପଠାଉଥିବା ଫାଇଲ୍ ମନ୍ତ୍ରୀଙ୍କ ଓଏସ୍‌ଡ଼ି ଓ ବ୍ୟକ୍ତିଗତ ସଚିବ ଫେରାଇ ଦେଉଛନ୍ତି। ବିକାଶମୂଳକ କାମ ବନ୍ଦ ପଡ଼ିଛି, ସରକାରୀ ଅନୁଦାନ ଖର୍ଚ୍ଚ ହେଉନାହିଁ। ଅବିଶ୍ୱାସର ବୁଢ଼ୀଆଣି ଜାଲରେ ସରକାର ଛନ୍ଦି ହୋଇ ଯାଇଛନ୍ତି, ରାଜ୍ୟ ସାରା ଅସନ୍ତୋଷ ଦାନା ବାନ୍ଧୁଛି । ସବୁଠାରୁ କୌତୂହଳର କଥା ହେଉଛି କେଉଁ ବିଭାଗ କ'ଣ କରୁଛି, ତାହା ସରକାର ଜାଣି ପାରୁନାହାନ୍ତି ।

କେଇଦିନ ତଳେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଲା। ଯେଉଁଥିରେ ଯୁକ୍ତ ୩ ନାମଲେଖା ଆବେଦନର ଶେଷ ତାରିଖ ମଇ ୨୦ ତାରିଖ ବୋଲି ଉଲ୍ଲେଖ ଥିଲା । ଏପଟେ ଯୁକ୍ତ ୨ ପରୀକ୍ଷାଫଳ ପ୍ରକାଶ ପାଇନାହିଁ, ମାତ୍ର ଯୁକ୍ତ ୩ ନାମଲେଖା ଅବେଦନ ଅବଧି ଶେଷ ? ଯୁକ୍ତ ୨ ପାସ ନ କଲେ ଜଣେ ଛାତ୍ର ବା ଛାତ୍ରୀ ଯୁକ୍ତ ୩ ଆବେଦନ କରିବେ କିପରି ▶ପୃଷ୍ଠା-୭

## +୨ ପରୀକ୍ଷା ଫଳ ପ୍ରକାଶିତ

# ୮୨.୭୭% ପାସ୍; ଆଗରେ ଛାତ୍ରୀ

**ବିଜ୍ଞାନରେ ୮୭.୫%, ବାଣିଜ୍ୟରେ ୮୧.୨%, କଳାରେ ୮୦.୫% ପାସ୍**

**କଳାରେ ବରଗଡ଼ ଓ ବିଜ୍ଞାନରେ ନୟାଗଡ଼ ଜିଲ୍ଲା ପାସ୍ ହାର ସର୍ବାଧିକ**

**ମୋଟ ୨୨୮୨ ଛାତ୍ରଛାତ୍ରୀ ରଖିଛନ୍ତି ୯୦ ପ୍ରତିଶତରୁ ଅଧିକ ନମ୍ବର**

■ **ଭୁବନେଶ୍ୱର, ୨୧।୫ (ସମିସ):** ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ +୨ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ଚଳିତ ବର୍ଷ ପାସ ହାର ୮୨.୭୭% ରହିଛି ଓ ଛାତ୍ରଙ୍କଠାରୁ ଛାତ୍ରୀମାନେ ଉତ୍ତମ ପ୍ରଦର୍ଶନ କରିଛନ୍ତି। ପ୍ରଥମ ଶ୍ରେଣୀରେ ୧ଲକ୍ଷ ୨ହଜାର ୫୯୨ ଜଣ ପିଲା ଉତ୍ତୀର୍ଣ୍ଣ ହୋଇଥିବାବେଳେ ଦ୍ୱିତୀୟ ଶ୍ରେଣୀରେ ୬୯ହଜାର ୫୭୩ ଏବଂ ତୃତୀୟ ଶ୍ରେଣୀରେ ୧ଲକ୍ଷ ୪୪ହଜାର ୧୨୦ ଜଣ କୃତକାର୍ଯ୍ୟ ହୋଇଛନ୍ତି। ସେହିପରି ୨୨୮୨ ଜଣ ଛାତ୍ରଛାତ୍ରୀ ୯୦%ରୁ ଅଧିକ ନମ୍ବର ରଖିଛନ୍ତି।

କଳାରେ ୨ଲକ୍ଷ ୪୩ ହଜାର ୬୫୩ ଜଣ ପରୀକ୍ଷା ଦେଇଥିବା ବେ।ଳେ ୧ଲକ୍ଷ ୯୬ହଜାର ୧୭୧ଜଣ ପାସ୍ କରିଛନ୍ତି। ପାସ୍ ହାର ୮୦.୫୧% ରହିଛି। ୭୨.୬୪% ଛାତ୍ର କୃତକାର୍ଯ୍ୟ ହୋଇଥିବାବେଳେ ୮୬.୮୦% ଛାତ୍ରୀ ପାସ୍ କରିଛନ୍ତି। ୧୭୧ଜଣ ପିଲା ୯୦%ରୁ ଅଧିକ ନମ୍ବର ରଖିଥିବାବେଳେ ୪୦,୦୩୭ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଦ୍ୱିତୀୟ ଶ୍ରେଣୀରେ ୩୬,୮୬୬ ଓ ତୃତୀୟ ଶ୍ରେଣୀରେ ୧ଲକ୍ଷ ୧୯ହଜାର ୧୬୮ ଜଣ କୃତକାର୍ଯ୍ୟ ହୋଇଛନ୍ତି। ବରଗଡ଼ ଜିଲ୍ଲାରେ ପାସ୍ ହାର ସର୍ବାଧିକ ୮୭.୬୦% ଥିବାବେଳେ ନବରଙ୍ଗପୁର ଜିଲ୍ଲାରେ ସର୍ବନିମ୍ନ ୬୮.୧୩% ରହିଛି। ବିଜ୍ଞାନରେ ମୋଟ୍ ୧ଲକ୍ଷ ୧୩ ହଜାର ୯୬୮ ଛାତ୍ରଛାତ୍ରୀ ▶ପୃଷ୍ଠା-୭

## ରାଜଭବନ ସମ୍ମୁଖରେ ବିଜେଡିର ବିଶାଳ ଜନଆନ୍ଦୋଳନ

# ଓବିସି ପାଇଁ ୨୭% ସଂରକ୍ଷଣ ଦାବି

■ **ଭୁବନେଶ୍ୱର, ୨୧।୫ (ସମିସ):** ରାଜ୍ୟର ଏସଇବିସି/ ଓବିସି ବର୍ଗ ପାଇଁ ୨୭ ପ୍ରତିଶତ ସଂରକ୍ଷଣ ସହ ଏସ୍‌ସି, ଏସ୍‌ଟି ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ମେଡିକାଲ, ଇଞ୍ଜିନିୟରିଂ ଏବଂ ଅନ୍ୟ ବୈଷୟିକ ଓ ବୃତ୍ତିଗତ ଶିକ୍ଷା କ୍ଷେତ୍ରରେ ୩୮.୭୫ ପ୍ରତିଶତ ସଂରକ୍ଷଣ ଦାବିରେ ଗର୍ଜିଛି ବିଜେଡି। ବୁଧବାର ରାଜଭବନ ସମ୍ମୁଖରେ ଦଳର ବରିଷ୍ଠ ନେତା ଓ ହଜାର ହଜାର କର୍ମୀ ବିକ୍ଷୋଭ ପ୍ରଦର୍ଶନ ସହ ରାଜ୍ୟପାଳଙ୍କୁ ଭେଟି ଏ ସଂକ୍ରାନ୍ତରେ ଦାବିପତ୍ର ପ୍ରଦାନ କରିଛନ୍ତି। ଓବିସି, ଏସ୍‌ସି ଓ ଏସ୍‌ଟି ବର୍ଗର ଏହି ଦାବି ପୂରଣ ହେବା ପର୍ଯ୍ୟନ୍ତ ବିଜେଡି ପଲ୍ଲୀଠାରୁ ଦିଲ୍ଲୀ ଯାଏଁ ଆନ୍ଦୋଳନ ଜାରି ରଖିବ ବୋଲି ଦଳୀୟ ନେତାମାନେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏହି ଅବସରରେ ଦଳର ନେତାମାନେ ରାଜ୍ୟର ଓବିସି ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ମେଡିକାଲ ଓ ଇଞ୍ଜିନିୟରିଂ ଶିକ୍ଷା କ୍ଷେତ୍ରରେ ୧୧.୨୫ ପ୍ରତିଶତ ଏବଂ ଏସ୍‌ସି, ଏସ୍‌ଟି ଛାତ୍ରଛାତ୍ରୀ ମାନଙ୍କ ପାଇଁ ଇଞ୍ଜିନିୟରିଂ, ମେଡିକାଲ ଓ ଅନ୍ୟ ବୈଷୟିକ ପାଠ୍ୟକ୍ରମରେ ମଧ୍ୟ ୩୮.୭୫ ପ୍ରତିଶତ ସଂରକ୍ଷଣ ନିମନ୍ତେ ଦାବି କରିଛନ୍ତି। ବିଜେଡି ଓବିସି ସେଲ୍‌ର ଆବାହକ ଅରୁଣ କୁମାର ସାହୁ, ▶ପୃଷ୍ଠା-୭



**ଅବୁଜମାଡ଼ ଜଙ୍ଗଲରେ ଗୁଳି ବିନିମୟ**

# ୩୦ ମାଓବାଦୀ ନିପାତ

## ସିପିଆଇ (ମାଓବାଦୀ) ସାଧାରଣ ସମ୍ପାଦକ କେଶବ ନିହତ

■ **ମାଲକାନଗିରି, ୨୧।୫ (ସମିସ):** ମାଓ ସଂଗଠନକୁ ଲାଗିଲା ଶକ୍ତ ଧକ୍କା । ସୀମାନ୍ତ ଛତିଶଗଡର ବିଜାପୁର ଓ ନାରାୟଣପୁର ଜିଲ୍ଲା ମଧ୍ୟରେ ଥିବା ଅବୁଜମାଡ଼ ।।ରେ ସୁରକ୍ଷା କର୍ମୀଙ୍କ ସହ ଗୁଳି ବିନିମୟ ।।ରେ ୩୦ ଜଣ ମାଓବାଦୀ ନିହତ ହୋଇଛନ୍ତି । ମୃତ ମାଓବାଦୀଙ୍କ ମଧ୍ୟରେ ମାଓ ସଙ୍ଗଠନର କେନ୍ଦ୍ରୀୟ କମିଟି ମୁଖ୍ୟ ତଥା ସିପିଆଇ ମାଓବାଦୀ ସଂଗଠନର ସାଧାରଣ ସଂପାଦକ ନାମ୍ବାଲା କେଶବ ରାଓ ରହିଥିବା ଖବର ମିଳିଛି। ତାଙ୍କ ମୁଣ୍ଡ ଉପରେ ଛତିଶଗଡ଼ ସମେତ ବିଭିନ୍ନ ରାଜ୍ୟ ସରକାର ଦେଢ କୋଟିରୁ ଅଧିକ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ ।

ସୂଚନା ଅନୁଯାୟୀ, ଛତିଶଗଡ଼ ନାରାୟଣପୁର ଜିଲ୍ଲାର ଅବୁଜମାଡ଼ ଜଙ୍ଗଲରେ ଆଜି ସୁରକ୍ଷା କର୍ମୀଙ୍କ ତଲାସୀ ଅଭିଯାନ ଜାରି ରହିଥିବା ବେଳେ ମାଓବାଦୀଙ୍କ ସହ ମୁହାଁମୁହିଁ ହୋଇ ଗୁଳି ବିନିମୟ ହୋଇଥିଲା । ଯବାନଙ୍କ ଗୁଳିରେ ୩୦ ଜଣ ମାଓବାଦୀ ପ୍ରାଣ ହରାଇଛନ୍ତି। ମୃତକଙ୍କ ମଧ୍ୟରେ ବିଭିନ୍ନ ରାଜ୍ୟରେ ଭିନ୍ନ ଭିନ୍ନ ନାମରେ ପରିଚିତ ଥିଲେ ମାଓ ନେତା କେଶବ ରାଓ। ୨୦୧୮ ମସିହାରେ ଗଣପତିଙ୍କ ମୃତ୍ୟୁ ପରେ କେଶବ ମାଓବାଦୀଙ୍କ କେନ୍ଦ୍ରୀୟ କମିଟିର ଦାୟିତ୍ୱ ନେଇଥିଲେ। ସେ ଆନ୍ଧ୍ର ପ୍ରଦେଶ ଶ୍ରୀକାକୁଳମ ଜିଲ୍ଲାର ଜିଆନ୍ନାପେଟ ଗାଁର ହୋଇଥିବା ବେଳେ ତାଙ୍କ ମୁଣ୍ଡ ଉପରେ କେବଳ ଛତିଶଗଡ଼ରେ ଦେଢ କୋଟି ଟଙ୍କାର ପୁରସ୍କାର ରାଶି ଘୋଷଣା ହୋଇଥିଲା। ଆନ୍ଧ୍ର ପ୍ରଦେଶ, ତେଲେଙ୍ଗାନା, ଓଡ଼ିଶା ଓ ଝାଡଖଣ୍ଡରେ ମଧ୍ୟ କେଶବଙ୍କ ମୁଣ୍ଡ ଉପରେ ଲକ୍ଷ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା ହୋଇଥିଲା। ହେଲେ ସବୁ ବେଳେ ପୁଲିସକୁ ଚକ୍‌ମା ଦେଇ ଗୋଟିଏ ରାଜ୍ୟରୁ ଆଉ ଗୋଟିଏ ରାଜ୍ୟକୁ ଖସି ପଳାଉଥିଲେ କେଶବ । ଶେଷରେ ଛତିଶଗଡ଼ ଡିଆରଜି ବାହିନୀର ଗୁଳିରେ ପ୍ରାଣ ହରାଇଛନ୍ତି କେଶବ ରାଓ । ▶ପୃଷ୍ଠା-୭



**କେଶବଙ୍କ ମୁଣ୍ଡ ଉପରେ ଥିଲା ୧ କୋଟି ଟଙ୍କାର ପୁରସ୍କାର ରାଶି**

## ଦୁର୍ଘଟଣାରେ ୩ ମୃତ

■ **ରାମନାଗୁଡ଼ା, ୨୧।୫ (ସମିସ):** ରାୟଗଡ଼ା ଜିଲ୍ଲା ରାମନାଗୁଡ଼ା ବ୍ଲକ ତଥା ଗୁଡାରି ଥାନା ୩୨୬ ନମ୍ବର ଜାତୀୟ ରାଜପଥର ଗୁମୁଡ଼ାସ୍ଥିତ ବଂଶଧାରା ନଦୀ ବ୍ରିଜ୍ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଗତ ବିଳମ୍ବିତ ରାତ୍ରରେ ୩ ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ଜିଲ୍ଲାର ପଦ୍ମପୁର ବ୍ଲକ ଡେରିଗାଁ ପଞ୍ଚାୟତ ଅଧୀନ କଇଠପଦର ଗ୍ରାମର ସୁବ୍ରତ ଶବର (୧୫), ବୁଲୁ ଶବର(୧୯) ଏବଂ ଡେରିଗାଁ ନିକଟ ଜଗନ୍ନାଥପୁରର ବାଳକୃଷ୍ଣ ହାରାକା (୨୨)। ଏହି ତିନି ଜଣ ଓଡି ୧୮ ଡି ୮୫୭୨ ନମ୍ବର ହୋଣ୍ଡା ସାଇନ୍ ବାଇକ୍ ଯୋଗେ କାରେଣି ଗ୍ରାମକୁ ଠାକୁରାଣୀ ଯାତ୍ରା ଦେଖିବା ପାଇଁ ଗତରାତି ପ୍ରାୟ ୧୨ଟା ବେଳକୁ ଯାଉଥିଲେ। ବଂଶଧାରା ନଦୀ ସେତୁର ମଧ୍ୟ ଭାଗରେ ପହଞ୍ଚି ଥିବା ବେଳେ କୌଣସି ଏକ ଅଜଣା ଗାଡ଼ି ସେମାନଙ୍କୁ ଧକ୍କା ଦେଇଥିଲା । ଘଟଣାସ୍ଥଳରେ ସୁବ୍ରତ ଓ ବୁଲୁଙ୍କର ମୃତ୍ୟୁ ହୋଇଥିବା ବେଳେ ବାଳକୃଷ୍ଣ ହାରାକାଙ୍କର ମେଡିକାଲରେ ମୃତ୍ୟୁ ହୋଇଥିଲା ।

# ୧୪୨ କୋଟି ହଡ଼ପ କରିଛନ୍ତି ସୋନିଆ ଓ ରାହୁଲ: ଇଡି

**ନ୍ୟାସନାଲ ହେରାଲ୍‌ଡ ମାମଲା**

■ **ନୂଆଦିଲ୍ଲୀ, ୨୧।୫ (ଏଜେନ୍ସି):** ନ୍ୟାସନାଲ ହେରାଲ୍‌ଡ ଅର୍ଥ ହେରଫେର ମାମଲାରେ ବୁଧବାର ଦିଲ୍ଲୀସ୍ଥିତ ରାଉଜ୍ ଆଭେନ୍ୟୁ କୋର୍ଟରେ ଶୁଣାଣି ଆରମ୍ଭ ହୋଇଛି। ଏହି ସମୟରେ ଇଡି କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ଏବଂ ସାଂସଦ ରାହୁଲ ଗାନ୍ଧୀଙ୍କ ବିରୋଧରେ ଅଭିଯୋଗ କରିଛି। ପୂର୍ବରୁ ଚାର୍ଜସିଟ୍‌ରେ ଏହି ଦୁଇ ଜଣଙ୍କୁ ଇଡି ମୁଖ୍ୟ ଅଭିଯୁକ୍ତ ଭାବେ ଦର୍ଶାଇସାରିଥିଲା ବେଳେ ଆଜି ଶୁଣାଣି ବେଳେ ସୋନିଆ ଏବଂ ରାହୁଲ ୧୪୨ କୋଟି ଟଙ୍କାର ଫାଇଦା ଉଠାଇଛନ୍ତି ବୋଲି କହିଛି । ଇଡି ପକ୍ଷରୁ ଅତିରିକ୍ତ ସଲିସିଟର ଜେନେରାଲ ଏସ ଭି ରାଜୁ କୋର୍ଟରେ ଏଭଳି ଅଭିଯୋଗ କରିଛନ୍ତି। ଏହାଛଡ଼ା ଅପରାଧିକ ଷଡ଼ଯନ୍ତ୍ର କରାଯାଇ ପ୍ରାୟ ୨ ହଜାର କୋଟି ଟଙ୍କାର ସମ୍ପତ୍ତି ହଡପ କରାଯିବା ସହିତ କଂଗ୍ରେସ ଦଳକୁ ଦାନ କରିଥିବା ନେତା ଏବଂ କର୍ମୀମାନଙ୍କୁ ଠକେଇ କରାଯାଇଛି ବୋଲି ସେ କହିଛନ୍ତି। ନ୍ୟାସନାଲ ହେରାଲ୍‌ଡ ପ୍ରକାଶନକାରୀ ସଂସ୍ଥା ଆସୋସିଏଟେଡ୍ ଜର୍ଣ୍ଣାଲକୁ କଂଗ୍ରେସ ପକ୍ଷରୁ ୯୦ କୋଟି ଟଙ୍କାର ଋଣ ଦିଆଯିବା ଏବଂ ପରବର୍ତ୍ତୀ ସମୟରେ ମାତ୍ର ୫୦ ଲକ୍ଷ ଟଙ୍କା ବଦଳରେ କମ୍ପାନୀର ସମ୍ପତ୍ତିକୁ ୟଙ୍ଗ ଇଣ୍ଡିଆନ କମ୍ପାନୀକୁ ହସ୍ତାନ୍ତର କରାଯିବା ଘଟଣାରେ ଷଡ଼ଯନ୍ତ୍ର କରାଯାଇଛି ବୋଲି ରାଜୁ କହିଛନ୍ତି। ଆସନ୍ତା ଜୁଲାଇ ୨ ତାରିଖରୁ ଏହି ମାମଲାର ଦୈନିକ ଶୁଣାଣି ହେବ ।

# ଜ୍ୟୋତିଙ୍କ ବ୍ୟାଙ୍କ୍‌ରେ ଦୁବାଇ ଟଙ୍କା

■ **ନୂଆଦିଲ୍ଲୀ, ୨୧।୫ (ଏଜେନ୍ସି):** ପାକିସ୍ତାନ ପାଇଁ ଗୁଇନ୍ଦାଗିରି ଅଭିଯୋଗରେ ଗିରଫ ହୋଇଥିବା ଭାରତୀୟ ୟୁଟ୍ୟୁବର ଜ୍ୟୋତି ମାଲହୋତ୍ରାଙ୍କ ସଂପର୍କରେ ଏବେ ଅନେକ ଚାଞ୍ଚଲ୍ୟକର ଓ ଉଦବେଗଜନକ ତଥ୍ୟ ଆସିବାରେ ଲାଗିଛି। ତାଙ୍କ ଘରୁ ମିଳିଥିବା ଡାଏରି, ବ୍ୟାଙ୍କ ଖାତା ଏବଂ ତାଙ୍କର ହ୍ୱାଟ୍ସଆପ୍ ଚାଟ୍‌ରୁ ଜଣାପଡୁଛି ଯେ ପାକିସ୍ତାନୀଙ୍କ ସହିତ ତାଙ୍କର ସଂପର୍କ କେତେ ଘନିଷ୍ଠ ଥିଲା। ହରିଆଣାର ବାସିନ୍ଦା ଜ୍ୟୋତି ପାକିସ୍ତାନୀ ଗୁଇନ୍ଦା ଏଜେଣ୍ଟମାନଙ୍କ ସହିତ ସର୍ବଦା ସଂପର୍କରେ ରହୁଥିଲେ। ନିୟମିତ ଭାବେ ସେମାନଙ୍କ ସହ କଥା ହେଉଥିଲେ। ଜେରା ବେଳେ ସେ ଏହା ସ୍ୱୀକାର କରିଥିବା ପୁଲିସ ପକ୍ଷରୁ କୁହାଯାଇଛି। ତେବେ ତାଙ୍କ ବ୍ୟାଙ୍କ ଆକାଉଣ୍ଟରେ ଦୁବାଇରୁ ▶ପୃଷ୍ଠା-୭




**ପାକିସ୍ତାନୀଙ୍କୁ ବିବାହ ପାଇଁ ବ୍ୟାକୁଳ ଥିଲେ**

**ବ୍ୟାଙ୍କ ଖାତାରେ ସନ୍ଦିଗ୍ଧ କାରବାର ହୋଇଛି**

## ଏନ୍‌ଆଇଏ ସ୍କାନର୍‌ରେ ପ୍ରିୟଙ୍କାଙ୍କ ପରିବାରର ବ୍ୟବସାୟିକ କାରବାର

■ **ପୁରୀ, ୨୧।୫ (ସମିସ):** ୟୁଟ୍ୟୁବର ଜ୍ୟୋତିଙ୍କ ସହିତ ପ୍ରିୟଙ୍କାଙ୍କ ସମ୍ପର୍କକୁ ନେଇ ପାଞ୍ଚଦିନ ହେବ ଚାଲିଛି ଖୋଳତାଡ଼। ଏନ୍‌ଆଇଏର ପରାମର୍ଶ କ୍ର।।ମେ ପୁଲିସ ତଦନ୍ତ ଜାରି ରଖିଛି। ଏବେ ପ୍ରିୟଙ୍କାଙ୍କ ପରିବାରର ବିଜିନେସ୍ ଟ୍ରାଞ୍ଜାକ୍ସନ ଉପରେ ଖୋଳତାଡ଼ କରୁଛି ପୁଲିସ । ଏସ୍‌ପି ବିନୀତ୍ ଅଗ୍ରୱାଲ କହିଛନ୍ତି, ପ୍ରିୟଙ୍କାଙ୍କ ସହ ଜ୍ୟୋତିଙ୍କ ଲିଙ୍କ୍ ଘଟଣାରେ ତଦନ୍ତ ଜାରି ରହିଛି। ଘଟଣାର ସବୁ ଦିଗକୁ ନେଇ ତଦନ୍ତ କରାଯାଉଛି। ସ୍କାନରରେ ସେନାପତି ଫ୍ୟାମିଲିର ବିଜିନେସ ଟ୍ରାଞ୍ଜାକ୍ସନ୍। ଫାଇନାନ୍ସିଆଲ୍ ଟ୍ରାଞ୍ଜାକ୍ସନ୍, ବ୍ୟାଙ୍କ୍ ଆକାଉଣ୍ଟ ଡିଟେଲ୍ସକୁ ତନ୍ନ ତନ୍ନ କରି ହେଉଛି ଯାଞ୍ଚ। ପୁରୀ ଆସିଥିବା ବେଳେ ଜ୍ୟୋତି ରହିଥିବା ସ୍ଥାନ, ବୁଲିଯାଇଥିବା ଜାଗା ମଧ୍ୟ ତଦନ୍ତ ପରିସରଭୁକ୍ତ ରହିଛି। ଏମିତିକି ଜ୍ୟୋତି ଓ ପ୍ରିୟଙ୍କାଙ୍କ ସୋସିଆଲ ହ୍ୟାଣ୍ଡେଲ୍‌କୁ ବି ପୁଲିସ ତଦନ୍ତ ଘେରରେ ରଖିଛି। ସେମାନଙ୍କ ଭିତରେ ହୋଇଥିବା ଚାଟ୍‌କୁ ନେଇ ଖୋଳତାଡ଼ ଚାଲିଛି ବୋଲି ଏସ୍‌ପି ସୂଚନା ଦେଇଛନ୍ତି।


ସ୍ମୃତିରେ



ଡ଼ଃ ବଂଶୀଧର ପଣ୍ଡା

(୨୬.୧୧.୧୯୩୧ - ୨୨.୦୫.୨୦୧୮)

ଅଭୁଲା ସ୍ମୃତି ସହ

ବୈଜୟନ୍ତ 'ଜୟ', ପାରମିତା, ନିବେଦିତା, ଶୁଭ୍ରକାନ୍ତ

ଜାଗି, ବ୍ରଜ, କେଜି, ଶୈଫାଳିକା

ରାଇ, ରେଭା, ଅନୁଭା, ଆଦିତ୍ୟ, ରାଇସା, ରାଇମାନା

ଲିତିଶା, ଅନିରୁଦ୍ଧ, କାମେରନ

ଆତ୍ମୀୟସ୍ୱଜନ, ସଦସ୍ୟ ଏବଂ ସହଯୋଗୀ, ଇମ୍ଫା ଗ୍ରୁପ୍

imfa

Tel: +91 674 2611000 | Email: memoriam@imfa.in

## କ୍ରେଡିଟ୍ କାର୍ଡ ରିୱାର୍ଡ ପଏଣ୍ଟ ରିଡିମ୍ ଆଳରେ ୧.୨୮ ଲକ୍ଷ ଟଙ୍କା ଠକେଇ

ବ୍ରହ୍ମପୁର,୨୧।୫(ସମିସ): କ୍ରେଡିଟ୍ କାର୍ଡ ରିୱାର୍ଡ ପଏଣ୍ଟକୁ ରିଡିମ୍ କରାଇଦେବା ଆଳରେ ଲକ୍ଷାଧିକ ଟଙ୍କା ଠକେଇ ନେଇ ବଡ଼ବଜାର ଥାନାରେ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ସୂଚନାଯୋଗ୍ୟ ଯେ, ଗତ ୧୭ ତାରିଖ ଦିନ ସ୍ଥାନୀୟ ଭେଙ୍କେଟେଶ୍ୱର ମନ୍ଦିର ନିକଟରେ ରହୁଥିବା ଏସ. ସୁଧାକର ରାଓ(୬୩)ଙ୍କ ନିକଟକୁ ଏକ ଅଜଣା ନମ୍ବରରୁ ଫୋନକଲ ଆସିଥିଲା। ଫୋନ କରିଥିବା ବ୍ୟକ୍ତି ଜଣକ ଆକ୍ସିସ୍ ବ୍ୟାଙ୍କର ମନୋଜ କାଶ୍ୟପ ବୋଲି ନିଜର ପରିଚୟ ଦେଇଥିଲେ। ପରେ ଏକ ଲିଙ୍କ ପଠାଇ କ୍ରେଡିଟ କାର୍ଡର ରିୱାର୍ଡ ପଏଣ୍ଟ ଗୁଡ଼ିକୁ ରିଡିମ କରିବାକୁ ସୁଧାକରଙ୍କୁ କହିଥିଲେ। ପରେ ସନ୍ଧ୍ୟା ପ୍ରାୟ ୪ଟା ବେଳକୁ ସୁଧାକରଙ୍କ କ୍ରେଡିଟ କାର୍ଡରୁ ୯୯ ହଜାର ୮୨୫ଟଙ୍କା କଟି ସାରିଥିଲା। ସେହି ସମୟରେ ସୁଧାକର ସମାନ ନମ୍ବରରୁ ଆଉ ଏକ କଲ ପାଇଥିଲେ। କ୍ରେଡିଟ କାର୍ଡରୁ କଟାଯାଇଥିବା ରାଶି ତାଙ୍କୁ ଆକ୍ସିସ ବ୍ୟାଙ୍କର ସର୍ଭରରୁ ଫେରସ୍ତ କରିବା ପାଇଁ ନିର୍ଦ୍ଦେଶ ମିଳିଥିଲା। ଏଭଳି ଭାବେ ପର୍ଯ୍ୟାୟ କ୍ରମେ ତାଙ୍କ କ୍ରେଡିଟ କାର୍ଡରୁ ମୋଟ ୧ଲକ୍ଷ ୨୮ ହଜାର ୭୭୯ଟଙ୍କା ଗାଏବ ହୋଇଯାଇଥିବା ସେ ଜାଣିବାକୁ ପାଇଥିଲେ। ସେ ସାଇବର ଠକେଇର ଶିକାର ହୋଇଥିବା ଜାଣିପାରି ଘଟଣାକୁ ନେଇ ବଡବଜାର ଥାନାର ଦ୍ୱାରସ୍ଥ ହୋଇଥିଲେ।

## ଜମି ବିକ୍ରି ନାଁରେ ଠକେଇ ଘଟଣା; ଜମି ମାଲିକ ଗିରଫ

ବ୍ରହ୍ମପୁର,୨୧।୫(ସମିସ): ଜମି ବିକ୍ରି ନାଁରେ ଜଣେ ବ୍ୟକ୍ତିଙ୍କ ଠାରୁ ୩୦ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୋଗରେ ବଡ଼ବଜାର ଥାନା ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଜଗଦଳପୁର ଗ୍ରାମର ବଡସାହି ନିବାସୀ କେ. ତ୍ରିନାଥ ପାତ୍ର ଓରଫ ବାବୁଲା (୪୬)। ସୂଚନାଯୋଗ୍ୟ ଯେ, ନୂଆ ବସ୍‌ଷ୍ଟାଣ୍ଡ ନିକଟ ସୂର୍ଯ୍ୟନଗର ବାସିନ୍ଦା ମହେନ୍ଦ୍ର କୁମାର ପଣ୍ଡା ଜଗଦଳପୁର ବଡ଼ସାହିର ତ୍ରିନାଥ ପାତ୍ର ଓରଫ ବାବୁଲାଙ୍କ



ଠାରୁ ଏକ ଜମି କ୍ରୟ କରିବାକୁ ଗତ ୨୦୨୨ ନଭେମ୍ବର ୨୫ରେ ଦ୍ୱିପାକ୍ଷିକ ଚୁକ୍ତିନାମା ସ୍ୱାକ୍ଷରିତ କରିଥିଲେ। ୪ଜଣ ମଧ୍ୟସ୍ଥିଙ୍କ ଉପସ୍ଥିତିରେ ଏହି କାରବାର ହୋଇଥିଲା। ଉକ୍ତ ଜମି ବିକ୍ରି ପାଇଁ ଜମି ମାଲିକ ତଥା ଅଭିଯୁକ୍ତ ବାବୁଲା ପାତ୍ର କ୍ରେତା ମହେନ୍ଦ୍ରଙ୍କ ଠାରୁ ଅଗ୍ରୀମ ୨୦ଲକ୍ଷ ଓ ପରେ ୧୦ଲକ୍ଷ ଟଙ୍କା ନେଇଥିଲେ। ସେହିକ୍ରମରେ ଅଗ୍ରୀମ ବାବଦକୁ ଜମି ମାଲିକ ବାବୁଲା ମୋଟ ୩୦ଲକ୍ଷ ଟଙ୍କା ନେଇଥିଲେ। ଅଗ୍ରୀମ ଟଙ୍କା ଦେବା ପରେ ଉକ୍ତ ଜମି ଉପରେ କ୍ରେତା ମହେନ୍ଦ୍ର ମାଟି ଓ ଅନ୍ୟାନ୍ୟ ସାମଗ୍ରୀ ପକାଇ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ସେଥିପାଇଁ ସେ ପୁଣି ୫ଲକ୍ଷରୁ ଅଧିକ ଟଙ୍କା ଖର୍ଚ୍ଚ କରିଥିଲେ। ତେବେ ଗତ କିଛିମାସ ପୂର୍ବେ ଉକ୍ତ ଜମିକୁ ଅନ୍ୟଜଣେ ବ୍ୟକ୍ତିଙ୍କୁ ବିକ୍ରି କରିବା ପାଇଁ ଜମି ମାଲିକ ବାବୁଲା ଯୋଜନା କରୁଥିବା ମହେନ୍ଦ୍ର ଜାଣିବାକୁ ପାଇଥିଲେ। ଏ ସମ୍ପର୍କରେ ସେ ବାବୁଲାଙ୍କୁ ଫୋନ କରିଥିଲେ ମଧ୍ୟ ଯୋଗାଯୋଗ କରିପାରିନଥିଲେ। ୨୦୨୩ ଡିସେମ୍ବରରେ ଫାଷ୍ଟଗେଟ ଛକଠାରେ ବାବୁଲାଙ୍କ ସହ ମହେନ୍ଦ୍ରଙ୍କ ସାକ୍ଷାତ ହୋଇଥିଲା। ମହେନ୍ଦ୍ର ଟଙ୍କା ମାଗିବାରୁ ବାବୁଲା ତାଙ୍କୁ ପାଲଟା ଧମକ ଦେଇଥିଲେ। ଏପରିକି ଟଙ୍କା ଫେରସ୍ତ କରିବେ ନାହିଁ ବୋଲି କହିଥିଲେ। ଏପଟେ ଜମିଟି ମହେନ୍ଦ୍ରଙ୍କ ନାଁରେ ପଞ୍ଜିକରଣ ହୋଇନଥିବା ବେଳେ ସେ ୩୦ଲକ୍ଷ ଟଙ୍କା ଅଗ୍ରୀମ ଦେଇସାରିଛନ୍ତି। ଟଙ୍କା ଫେରସ୍ତ ମାଗିଲେ ଜମି ମାଲିକ ବାବୁଲା ଓ ତାଙ୍କ ସହଯୋଗୀ ଧମକ ଦେଉଥିଲେ। ଏକାଧିକ ମଧ୍ୟସ୍ଥିଙ୍କ ଜରିଆରେ ସେ ଜମି ମାଲିକଙ୍କ ସହ ପରିଚୟ ହୋଇଥିଲେ ହେଁ ବର୍ତ୍ତମାନ ମଧ୍ୟସ୍ଥିମାନେ ଆଉ ଧରାଛୁଆଁ ଦେଉନାହାନ୍ତି। ଫଳରେ ଏହି ଠକେଇ ପଛରେ ମଧ୍ୟସ୍ଥିଙ୍କ ହାତଥିବା ସନ୍ଦେହ କରି ମହେନ୍ଦ୍ର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ବାବୁଲା ପାତ୍ରକୁ ଗିରଫ ପରେ କୋର୍ଟଚାଲାଣ କରିଥିବା ଏସ୍ଆଇ ସସ୍ମିତା ବେହେରା ସୂଚନା ଦେଇଛନ୍ତି।

## ଯୁବକଙ୍କ ମୋବାଇଲ ଲୁଟ୍ ଅଭିଯୋଗ

ବ୍ରହ୍ମପୁର,୨୧।୫(ସମିସ): ଜଣେ ଯୁବକଙ୍କ ମୋବାଇଲ ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ଏନେଇ ଗୋଷାଣିନୁଆଗାଁ ଥାନାରେ ଯୁବକ ଜଣକ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ ଯେ, କୌତୁକନଗର ନିବାସୀ ପ୍ରଣବ ମହାପାତ୍ର(୨୪) ଗତ ୧୪ତାରିଖରେ ଅନ୍ଧପସରା ରୋଡ ଦେଇ ଯାଉଥିବା ବେଳେ ଜଣେ ଦୁର୍ବୃତ୍ତ ତାଙ୍କ ମୋବାଇଲକୁ ଲୁଟି ନେଇଥିଲେ।

## ପ୍ରକାଶ ପାଇଲା +୨ ପରୀକ୍ଷା ଫଳ

## ଗଞ୍ଜାମରେ ପାସ୍‌ହାର କଳାରେ ୮୨.୧୮, ବିଜ୍ଞାନରେ ୮୮.୭୦ ଓ ବାଣିଜ୍ୟରେ ୮୬.୪୩ ପ୍ରତିଶତ

ବ୍ରହ୍ମପୁର,୨୧।୫(ସମିସ): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍ଏସଇ) ପକ୍ଷରୁ ପରିଚାଳିତ ଯୁକ୍ତ ଦୁଇ ପରୀକ୍ଷା ଫଳଫଳ ପ୍ରକାଶ ପାଇଛି। ଚଳିତ ବର୍ଷ ଏକା ଥରକେ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷାର ପରୀକ୍ଷା ଫଳ ପ୍ରକାଶ ପାଇଛି। ଏଥିରେ ଗଞ୍ଜାମ ଜିଲ୍ଲାର ଛାତ୍ରଛାତ୍ରୀ ଭଲ ପ୍ରଦର୍ଶନ କରିଥିବା ଜଣାପଡିଛି। ଗଞ୍ଜାମ ଜିଲ୍ଲାରେ କଳାରେ ପାସହାର ୮୨.୧୮ ପ୍ରତିଶତ ରହିଛି। କଳାରେ ମୋଟ ୧୮ ହଜାର ୭୭୫ରେଗୁଲାର ଓ ୭୮୯ଜଣ ଏକ୍ସ-ରେଗୁଲାର ପରୀକ୍ଷାର୍ଥୀ ଥିବାବେଳେ ସେମାନଙ୍କ ମଧ୍ୟରୁ ୧୫ହଜାର ୪୩୦ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ସେଥିମଧ୍ୟରୁ ପ୍ରଥମ ଶ୍ରେଣୀରେ ୩୬୧୧, ଦ୍ୱିତୀୟ ଶ୍ରେଣୀରେ ୩୦୯୩ ଓ ତୃତୀୟ ଶ୍ରେଣୀରେ ୮୭୧୭ଜଣ ଛାତ୍ରଛାତ୍ରୀ ପାସ ହୋଇଛନ୍ତି। ସେହିପରି ବିଜ୍ଞାନରେ ମୋଟ ୧୧ହଜାର ୬୮୭ଜଣ ରେଗୁଲାର ଓ ୯୭୩ଜଣ ଏକ୍ସ-ରେଗୁଲାର ପରୀକ୍ଷାର୍ଥୀ ଥିଲେ। ସେମାନଙ୍କ ମଧ୍ୟରୁ ୧୦ହଜାର ୩୬୭ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଥିବା ବେଳେ ପାସ ହାର ୮୮.୭୦ ପ୍ରତିଶତ ରହିଛି। ପ୍ରଥମ ଶ୍ରେଣୀରେ ୫୮୧୦, ଦ୍ୱିତୀୟ ଶ୍ରେଣୀରେ ୨୬୯୬ ଓ ତୃତୀୟ ଶ୍ରେଣୀରେ ୧୩୬୨ଜଣ ଛାତ୍ରଛାତ୍ରୀ ପାସ କରିଛନ୍ତି। ବାଣିଜ୍ୟରେ ରେଗୁଲାରରେ ୨୧୯୦ ଓ ୧୩୪ଜଣ ଏକ୍ସ-ରେଗୁଲାର ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୮୯୩ଜଣ ପାସ କରିଛନ୍ତି। ପ୍ରଥମ ଶ୍ରେଣୀରେ ୮୫୦, ଦ୍ୱିତୀୟ ଶ୍ରେଣୀରେ ୩୭୬ ଓ ତୃତୀୟ ଶ୍ରେଣୀରେ ୬୩୨ଜଣ ଛାତ୍ରଛାତ୍ରୀ ପାସ କରିଛନ୍ତି। ମୋଟ ପାସ ହାର ଶତକଡା ୮୬.୪୩ପ୍ରତିଶତ ରହିଛି। ସେହିପରି ଧନ୍ଦାମୂଳକ ଶିକ୍ଷାରେ ମୋଟ ୨୯୦ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୪୫ଜଣ ପାସ କରିଥିବା ବ୍ରହ୍ମପୁର ଆଞ୍ଚଳିକ କାର୍ଯ୍ୟାଳୟରୁ ସୂଚନା ମିଳିଛି।

## ବିଜ୍ଞାନ ଓ ବାଣିଜ୍ୟରେ ନୀଳକଣ୍ଠନଗର ସରସ୍ୱତୀ ବିଦ୍ୟାମନ୍ଦିର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ରେକର୍ଡ

ବ୍ରହ୍ମପୁର,୨୧।୫(ସମିସ): ବୁଧବାର ପ୍ରକାଶିତ +୨ବିଜ୍ଞାନ ଓ ବାଣିଜ୍ୟ ବୋର୍ଡ ପରୀକ୍ଷା ଫଳରେ ନୀଳକଣ୍ଠନଗର ସରସ୍ୱତୀ ବିଦ୍ୟାମନ୍ଦିର ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ରାଜ୍ୟସ୍ତରରେ ଅଭୂତପୂର୍ବ ସଫଳତା ହାସଲ କରି ଶିକ୍ଷାନୁଷ୍ଠାନର ପୂର୍ବ ୧୬ବର୍ଷର ରେକର୍ଡକୁ ବଜାୟ ରଖିଛନ୍ତି। +୨ ବିଜ୍ଞାନ ବୋର୍ଡ ପରୀକ୍ଷା ଫଳରେ ମୋଟ ୫୬୮ ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ ୧୨୯ଜଣ ଛାତ୍ରଛାତ୍ରୀ ୯୦%ରୁ ଉର୍ଦ୍ଧ୍ୱ ପ୍ରଥମ ଶ୍ରେଣୀରେ ୫୫୩ଜଣ ଛାତ୍ରଛାତ୍ରୀ, ଦ୍ୱିତୀୟ ଶ୍ରେଣୀରେ ୧୪ଜଣ ଓ ତୃତୀୟ ଶ୍ରେଣୀରେ ଜଣେ ଉତ୍ତୀର୍ଣ୍ଣ ହୋଇ ପୂର୍ବ ୧୬ବର୍ଷର ସଫଳତା ରେକର୍ଡକୁ ବଜାୟ ରଖିଛନ୍ତି। ବିଦ୍ୟାଳୟର ପ୍ରଥମ ସ୍ଥାନରେ ଶ୍ରୀୟାଲିସା ଦେବୀ ୫୭୮(୯୬.୩୩%), ଦ୍ୱିତୀୟ ସ୍ଥାନରେ ମିଲନ ଦାସ ମୋଟ ନମ୍ବର ୫୭୭ (୯୬.୧୭%), ତୃତୀୟ ସ୍ଥାନରେ ଆଲିଶା ଶତପଥି ମୋଟ ୫୭୬ ନମ୍ବର (୯୬%), ଚତୁର୍ଥ ସ୍ଥାନରେ ମିଳିତ ଭାବେ ପ୍ରତିଭା ନାହାକ, ହରପ୍ରିୟା ରାଉତ ମୋଟ ୫୭୪ ନମ୍ବର (୯୫.୬୭%), ପଞ୍ଚମ ସ୍ଥାନରେ ମିଳିତ ଭାବେ ବିଶ୍ରୟ ପ୍ରଧାନ, କେଶବ ପରିଡା ଓ ତାରା ପ୍ରସାଦ ମୋଟ ୫୭୨ନମ୍ବର (୯୫.୩୩%), ଷଷ୍ଠ ସ୍ଥାନରେ ଭାଗ୍ୟଶ୍ରିତା ପାଢ଼ୀ ମୋଟ ୫୭୧ ନମ୍ବର (୯୫.୧୭%), ସପ୍ତମ ସ୍ଥାନରେ ଜ୍ୟୋତି ପ୍ରକାଶ ମହାନ୍ତି ମୋଟ ୫୭୦ ନମ୍ବର (୯୫%), ଅଷ୍ଟମ ସ୍ଥାନରେ ମିଳିତ ଭାବେ ଶିବ ଚରଣ ରାନା, ଶିବରାମ ପ୍ରଧାନ ଓ ରୋହିତ କୁମାର ଜେନା ମୋଟ ୫୬୮ ନମ୍ବର (୯୪.୬୭%), ନବମ ସ୍ଥାନରେ ମିଳିତ ଭାବେ ମନଶ୍ରିତା ପଟ୍ଟନାୟକ, ସୌମ୍ୟ ସୌରଭ ନାୟକ, ଅଭିଷେକ ସାହୁ ଓ ଶ୍ରଦ୍ଧାଞ୍ଜଳି ତ୍ରିପାଠୀ ମୋଟ ୫୬୭ ନମ୍ବର (୯୪.୫%) ଓ ଦଶମ ସ୍ଥାନରେ ମିଳିତ ଭାବରେ ଜ୍ଞାନେସ ସାହୁ, ଶଶାଙ୍କ ରଥ, ଗାୟତ୍ରୀ ମହାପାତ୍ର ଓ ଲିପ୍ସା ମହାନ୍ତି ମୋଟ ୫୬୬ନମ୍ବର



(୯୪.୩୩%) ଉତ୍ତୀର୍ଣ୍ଣ ହୋଇଛନ୍ତି।

ସେହିଭଳି ବାଣିଜ୍ୟରେ ମୋଟ ୧୬୫ଜଣ ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ ୩୦ ଜଣ ଛାତ୍ରଛାତ୍ରୀ ୯୦%ରୁ ଉର୍ଦ୍ଧ୍ୱ ନମ୍ବର ରଖି ପ୍ରଥମ ଶ୍ରେଣୀରେ ୧୪୬ଜଣ ଛାତ୍ରଛାତ୍ରୀ ଓ ଦ୍ୱିତୀୟ ଶ୍ରେଣୀରେ ୧୮ ଜଣ

- ୧୦୦ ପ୍ରତିଶତ ସଫଳତା ସହ ୯୦%ରୁ ଉର୍ଦ୍ଧ୍ୱରେ ବିଜ୍ଞାନରେ ୧୨୯ ଓ ବାଣିଜ୍ୟରେ ୩୦ ପରୀକ୍ଷାର୍ଥୀ କୃତକାର୍ଯ୍ୟ ସହ ରାଜ୍ୟରେ ପ୍ରଥମ

ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇ ପୂର୍ବ ୧୨ବର୍ଷର ରେକର୍ଡକୁ ବଜାୟ ରଖିଛନ୍ତି। ଏହି ଶିକ୍ଷାନୁଷ୍ଠାନର ଛାତ୍ରୀ ଶ୍ରୀୟାଶୀ ଗୀତିରଞ୍ଜନି (୯୫.୧୭%) ମୋଟ ୫୭୧ ନମ୍ବର ରଖି ପ୍ରଥମ ସ୍ଥାନ, ଦ୍ୱିତୀୟ ସ୍ଥାନରେ ରେନୁକା କୁମାରୀ ସାହାନୀ ମୋଟ ୫୬୮ ନମ୍ବର (୯୪.୬୭%), ତୃତୀୟ ସ୍ଥାନରେ ରୋଶନୀ ଅଗ୍ରୱାଲ ମୋଟ ୫୬୩ ନମ୍ବର (୯୩.୮୩%), ଚତୁର୍ଥ ସ୍ଥାନରେ ଧନଶ୍ରୀ ଦଳାଇ ମୋଟ ୫୬୨ ନମ୍ବର (୯୩.୬୭%), ପଞ୍ଚମ ସ୍ଥାନରେ ଦିପାଳି ବିଶୋଇ ମୋଟ ୫୬୧ନମ୍ବର (୯୩.୫%), ଷଷ୍ଠ ସ୍ଥାନରେ ମିଳିତ ଭାବେ କୋମଲ ସୁବୁଦ୍ଧି ଓ ଲକ୍ଷ୍ୟଣ ପଣ୍ଡା ମୋଟ ୫୫୯ ନମ୍ବର (୯୩.୧୭%), ସପ୍ତମ ସ୍ଥାନରେ ମିଳିତ ଭାବେ ଅତୁଲ୍ୟ ଗୌରଭ ପାଢ଼ୀ ଓ ସୁଦ୍ଧା ସୁପ୍ରିୟା ବେହେରା ମୋଟ ୫୫୭ ନମ୍ବର (୯୨.୮୩%), ଅଷ୍ଟମ ସ୍ଥାନରେ ମିଳିତ ଭାବେ ଜାହ୍ନଭି ଚିରିପାଲ ଓ ଗୁରସେନ କୌର ମୋଟ ୫୫୫ ନମ୍ବର (୯୨.୫୦%), ନବମ ସ୍ଥାନରେ ଦେବାଶିଷ ବାରାଡ ମୋଟ ୫୫୩ ନମ୍ବର (୯୨.୧୭%) ଓ ଦଶମ ସ୍ଥାନରେ ପ୍ରତିକ୍ଷା ପଣ୍ଡା ମୋଟ ୫୫୨ ନମ୍ବର (୯୨%) ରଖି ଅନୁଷ୍ଠାନର ପୂର୍ବ ଗୌରବକୁ ବଜାୟ ରଖିଛନ୍ତି। ବିଦ୍ୟାଳୟ ଶିଶୁମାନଙ୍କର ଏହି ଅଭୂତପୂର୍ବ ସଫଳତା ପାଇଁ ପରିଚାଳନା ସମିତି ସଭାପତି ଡ. ଜୀବାନନ୍ଦ ତ୍ରିପାଠୀ, ସମ୍ପାଦକ ନାରାୟଣ ପଣ୍ଡା, ଯୁଗ୍ମ ସମ୍ପାଦକ ନୀଳକଣ୍ଠ ସାହୁ, କୋଷାଧ୍ୟକ୍ଷ ସୋମନାଥ ନଇ, ସଦସ୍ୟା ପ୍ରଣତି ସାମଲ ଓ ବାସନ୍ତୀ ବେହେରା, ଉପଦେଷ୍ଟା ଡ. ଶ୍ରୀକାନ୍ତ ମହାପାତ୍ର, ଡ. ହରିକୃଷ୍ଣ ନାୟକ, ମମତା ପାଣିଗ୍ରାହୀ, ଧର୍ମରାଜ ସାହୁ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ନରସିଂହ ଚୌଧୁରୀ, ସୁଦର୍ଶନ ପାଢ଼ୀ ଓ ହରିକୃଷ୍ଣ ପାଢ଼ୀ, ନିମନ୍ତ୍ରୀତ ସଦସ୍ୟ କେ. ଭେଙ୍କଟ ରାଓ, ରାଜେନ୍ଦ୍ର ଡାକୁଆ, ମହାବିଦ୍ୟାଳୟର ଅଧ୍ୟକ୍ଷ ଏସ୍ ମୋହନ ରାଓ, ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ସୁରେଶ ଆଚାର୍ଯ୍ୟ ଏବଂ ବିଦ୍ୟାଳୟର ଶୈକ୍ଷିକ ପ୍ରଶାସକ ଉମାଧବ ମହାନ୍ତି, ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ତଥା ସମସ୍ତ ଅଭିଭାବକଙ୍କ ତରଫରୁ ହାର୍ଦ୍ଦିକ ନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

## ଯୁବକଙ୍କୁ ଆକ୍ରମଣ କରି ଲୁଟ୍ ଘଟଣା; ନାବାଳକ ଅଟକ

ବ୍ରହ୍ମପୁର,୨୧।୫(ସମିସ): ସ୍ଥାନୀୟ ଧାନମେରା ସାହି ଛକରେ ଜଣେ ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ କରି ସୁନା ଚେନ୍ ଓ ମନିପର୍ସ ଲୁଟ ଘଟଣାରେ ବଡବଜାର ଥାନା ପୁଲିସ ଜଣେ ନାବାଳକଙ୍କୁ କାବୁ କରିଛି। ସମ୍ପୃକ୍ତ ନାବାଳକଙ୍କ ନାମରେ ପୂର୍ବରୁ ଚୋରି, ଲୁଟ୍ ଓ ହତ୍ୟା ଉଦ୍ୟମ ଭଳି ଅନେକ ସଙ୍ଗୀନ ମାମଲା ରହିଥିବା ଜଣାପଡିଛି। ପୁଲିସ ସମ୍ପୃକ୍ତ ନାବାଳକଙ୍କୁ ବାରମ୍ବାର କାବୁ କରି ବାଳ ସୁଧାର ଗୃହକୁ ପଠାଉଥିଲେ ମଧ୍ୟ ସେଠାରୁ ଫେରିବା ପରେ ପୁଣି ଅପରାଧିକ କାର୍ଯ୍ୟରେ ଲିପ୍ତ ରହୁଥିବା ପୁଲିସ କହିଛି। ରାୟଗଡା ଜିଲ୍ଲା ବି.ସି. ରୋଡ଼ ନିବାସୀ ବିନାୟକ ପଳେଇ କୌଣସି କାମରେ ଭୁବନେଶ୍ୱର ଯାଇ ଫେରି ଘରୋଇ ବସରେ ୧୭ତାରିଖରେ ବ୍ରହ୍ମପୁର ବଡବଜାର ଥାନା ଅଧିନ ଧାନମେରା ସାହି ଛକରେ ଓହ୍ଲାଇଥିଲେ। ସମ୍ପୃକ୍ତ ନାବାଳକଙ୍କ ସମେତ ୩ ଦୁର୍ବୃତ୍ତ ବିନାୟକଙ୍କୁ ଖଣ୍ଡାରେ ଆକ୍ରମଣ କରି ସେ ପିନ୍ଧିଥିବା ସୁନା ଚେନ୍ ଓ ମନି ପର୍ସ ଲୁଟି ନେଇ ଚମ୍ପଟ ମାରିଥିଲେ।

## ବରିଷ୍ଠ ଶ୍ରମିକ ନେତାଙ୍କ ବିୟୋଗରେ ଶୋକସଭା

ବ୍ରହ୍ମପୁର,୨୧।୫(ସମିସ): ଆଇଏନ୍‌ଟିୟୁସିର ପୂର୍ବତନ ରାଜ୍ୟ ଉପ ସଭାପତି ତଥା ଟାଣୁଆ ଶ୍ରମିକ ନେତା ଅଜୟ କୁମାର ଚୌଧୁରୀ(୭୪)ଙ୍କ ପରଲୋକ ଘଟିଛି। ମଙ୍ଗଳବାର ରାତିରେ ଶୀତଳାପଲ୍ଲୀ ସ୍ଥିତ ଘରୋଇ ହସ୍ପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ବୁଧବାର ପୂର୍ବାହ୍ନରେ ତାଙ୍କ ମରଶରୀରକୁ ବ୍ରହ୍ମପୁର ଗଜପତିନଗର ସ୍ଥିତ ନିଜସ୍ୱ ବାସଭବନକୁ ଅଣାଯାଇ ପରେ ନିଜ ଗ୍ରାମକୁ ଓ ପୁରୀ ସ୍ୱର୍ଗଦ୍ୱାରକୁ ଶେଷକୃତ୍ୟ ପାଇଁ ନିଆଯାଇଥିଲା। ସ୍ୱର୍ଗତ ଚୌଧୁରୀ ମାଟିଖାଲ ସ୍ଥିତ ଭାରତୀୟ ବିରଳ ମୃତ୍ତିକାରେ କାର୍ଯ୍ୟ କରୁଥିଲେ। ସାଂଗଠନିକ ତଥା କମ୍ପାନୀ କର୍ତ୍ତୃପକ୍ଷଙ୍କ ରୋଷର ଶିକାର ହୋଇ ତାଙ୍କୁ ଚାକିରି ହରାଇବାକୁ ପଡ଼ିଥିଲା। ସେ ନିରାଶ ନହୋଇ ବରଂ ଶ୍ରମିକ ଓ କର୍ମଚାରୀଙ୍କ ସେବାରେ ନିଜକୁ ନିୟୋଜିତ କରିଥିଲେ। ଆଇଆରଇର ମୃତ କର୍ମଚାରୀଙ୍କ ପରିବାର ସଦସ୍ୟଙ୍କୁ ଚାକିରି ଦେବାରେ ତାଙ୍କର ବଡ଼ ହାତ ଥିଲା। ଗୋପାଳପୁର ପୋର୍ଟରେ ମଧ୍ୟ ଶ୍ରମିକ ସଙ୍ଗଠନର ନେତୃତ୍ୱ ନେଇ ସେ ବହୁ ଦାବି ହାସଲ କରିପାରିଥିଲେ। ସ୍ୱର୍ଗତ ଚୌଧୁରୀ ଗଜପତିନଗରର ଜଣେ ମୂଳ ବାସିନ୍ଦା ହୋଇଥିବା ବେଳେ ଏଠାରେ ମଧ୍ୟ ବିଭିନ୍ନ ସାମୂହିକ କାର୍ଯ୍ୟରେ ସଂଶ୍ଳିଷ୍ଟ ଥିଲେ। ତାଙ୍କର ଦେହାନ୍ତରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ବିୟୋଗରେ ଗଜପତିନଗର ଉନ୍ନୟନ କମିଟି ପକ୍ଷରୁ ଏକ ସ୍ମୃତିସଭାର ଆୟୋଜନ କରାଯାଇଥିଲା। କମିଟିର ଉପଦେଷ୍ଟା ତଥା ବରିଷ୍ଠ ଶିକ୍ଷକ ନେତା ରାଜେନ୍ଦ୍ର କୁମାର ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ ଏହି ସ୍ମୃତିସଭାରେ କର୍ପୋରେଟର ସମୀର ମିଶ୍ର, ଉନ୍ନୟନ କମିଟି ସମ୍ପାଦକ ରାଜେଶ ସାହୁ, ପ୍ରଫୁଲ୍ଲ ପଶୁପାଳକ, ବିନୋଦ ମହାପାତ୍ର, ସଂଜୟ ତ୍ରିପାଠୀ, ସୁଦର୍ଶନ ଶତପଥୀ, ରମେଶ ଦାଶ, ନିରଞ୍ଜନ ଦାଶ, ବିଷ୍ଣୁ ପଣ୍ଡା, ଭିକାରୀ ବେହେରା, ସୁଶାନ୍ତ ସ୍ୱାଇଁ, ମୁରଲୀ ପାଢୀ, ସୁଶାନ୍ତ ପାଢୀ, ନିର୍ମଳ ପାଢୀ, ଦେବୀ ଶତପଥୀ, ପୂର୍ଣ୍ଣ ମହାରଣା, ହିମାଂଶୁ ପଣ୍ଡା, ରାମମୋହନ ପଟ୍ଟନାୟକ, ଗୌତମ ମଲ୍ଲିକ, ରାଜେନ୍ଦ୍ର ସେଠୀ ଓ ଉମା ସାହୁ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ନେତାଙ୍କ ସ୍ମୃତି ଚାରଣ କରିବା ସହ ତାଙ୍କର ଅମର ଆତ୍ମାର ସଦଗତି କାମନା କରିବାସହ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।



## ସଡ଼କ ଦୁର୍ଘଟଣା : ଅଳ୍ପକେ ବର୍ତ୍ତିଲେ ଜିଲ୍ଲା ବିଜେଡି ସଭାପତି

ବ୍ରହ୍ମପୁର,୨୧।୫(ସମିସ): ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି ଗଞ୍ଜାମ ଜିଲ୍ଲା ବିଜେଡି ସଭାପତି ତଥା ବ୍ରହ୍ମପୁରର ପୂର୍ବତନ ବିଧାୟକ ଡାକ୍ତର ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ। ବୁଧବାର ପୂର୍ବାହ୍ନରେ ବ୍ରହ୍ମପୁରରୁ ଭୁବନେଶ୍ୱର ଅଭିମୁଖେ ନିଜର ସ୍କର୍ପିଓରେ ଯାଉଥିବା ବେଳେ ଭୁବନେଶ୍ୱରରେ ଏହି ଦୁର୍ଘଟଣା ଘଟିଛି। ଭୁବନେଶ୍ୱରରେ ବିଜୁ ଜନତା ଦଳର ଏକ ବିକ୍ଷୋଭ କାର୍ଯ୍ୟକ୍ରମରେ ସାମିଲ ହେବାକୁ ଡାକ୍ତର ଚ୍ୟାଉପଟ୍ଟନାୟକ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଏଥିରେ ତାଙ୍କର ଗାଡ଼ି ସମ୍ମୁଖ ଭାଗ ବ୍ୟାପକ କ୍ଷତିଗ୍ରସ୍ତ ହୋଇଥିଲେ ହେଁ ତାଙ୍କର ବିଶେଷ କିଛି କ୍ଷତି ହୋଇନାହିଁ। ଦୁର୍ଘଟଣା ପରେ ମଧ୍ୟ ଡାକ୍ତର ଚ୍ୟାଉପଟ୍ଟନାୟକ ଦଳୀୟ ବିକ୍ଷୋଭ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।



# ବିପଦରେ ଗଞ୍ଜାମର ଜୀବନରେଖା ଋଷିକୂଲ୍ୟା ନଦୀ

ବ୍ରହ୍ମପୁର,୨୧।୫(ସମିସ): ଋଷିକୂଲ୍ୟା ନଦୀ ତଥା ବ୍ରହ୍ମପୁର ସହରର ପାନୀୟ ଜଳ ଯୋଗାଣକୁ ବିପଦ ସୃଷ୍ଟି କରିବାକୁ ଯାଉଥିବା ପିପଲପଙ୍କା ଡ୍ୟାମକୁ ବାତିଲ କରିବା ଦାବିରେ ବ୍ରହ୍ମପୁରରେ ୨ ଦିନିଆ ପଦଯାତ୍ରା ଓ ପଥପ୍ରାନ୍ତ ସଭା ଆରମ୍ଭ ହୋଇଛି। ଘରୋଇ କମ୍ପାନୀଙ୍କୁ ପାଣି ଯୋଗାଇବାକୁ ରାଜ୍ୟ ସରକାର ଋଷିକୂଲ୍ୟା ନଦୀର ଉପରମୁଣ୍ଡରେ ସୋରଡା ବ୍ଲକ ପିପଲପଙ୍କା ଠାରେ ଯେଉଁ ବୃହତ ଜଳଭଣ୍ଡାର କରିବାକୁ ଯାଉଛନ୍ତି, ଏହାଦ୍ୱାରା ଋଷିକୂଲ୍ୟା ନଦୀ ଶୁଷ୍କ ହୋଇଯିବା ସହ ଗଞ୍ଜାମ ଜିଲ୍ଲାର କୃଷି, ଜଳସେଚନ ଓ ପାନୀୟ ଜଳଯୋଗାଣ ବ୍ୟବସ୍ଥା ବହୁମାତ୍ରାରେ କ୍ଷତିଗ୍ରସ୍ତ ହେବ ବୋଲି ଆଶଙ୍କା କରାଯାଇଛି। ଋଷିକୂଲ୍ୟା ନଦୀର ସୁରକ୍ଷା ଦାବିରେ ବୁଧବାର ଋଷିକୂଲ୍ୟା ସୁରକ୍ଷା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବ୍ରହ୍ମପୁର ଠାରେ ଆୟୋଜିତ ଦୁଇ ଦିନିଆ ପଦଯାତ୍ରାର ଶୁଭାରମ୍ଭ ଅବସରରେ ସହର ବୁଦ୍ଧିଜୀବୀଙ୍କ ସମେତ ଜିଲ୍ଲାର ବହୁ ଚାଷୀନେତା, ସାମାଜିକ କର୍ମୀ ଓ ପରିବେଶବିତ୍ ଯୋଗଦେଇ ପ୍ରସ୍ତାବିତ ପିପଲପଙ୍କା ଡ୍ୟାମକୁ ବିରୋଧ କରିଥିଲେ।





ଏହି ଡ୍ୟାମ୍ ଜରିଆରେ ନଦୀର ଉପରମୁଣ୍ଡରୁ ବିଭିନ୍ନ କମ୍ପାନୀଙ୍କୁ ପାଣି ଯୋଗାଣ ହେଲେ ସମ୍ପ୍ରତି ବର୍ଷସାରା ପ୍ରାୟତଃ ଶୁଖିଲା ରହୁଥିବା ନଦୀ ସମ୍ପୂର୍ଣ୍ଣ ରୂପେ ମରିଯିବ। ଫଳରେ ପିପଲପଙ୍କା ଠାରୁ ଗଞ୍ଜାମ ମୁହାଣ ପର୍ଯ୍ୟନ୍ତ ସମଗ୍ର ଋଷିକୂଲ୍ୟା ନଦୀରେ ପାଣିର ଭୟଙ୍କର ସଂକଟ ଦେଖାଯିବ। ବର୍ତ୍ତମାନ ବ୍ରହ୍ମପୁର ସହର ସମେତ ଜିଲ୍ଲାର ଲକ୍ଷାଧିକ ଏକର ଜମିକୁ ପାଣି ଯୋଗାଉଥିବା ଋଷିକୂଲ୍ୟା ନଦୀର ଜାନିବିଲି ବ୍ୟାରେଜରେ ଡ୍ୟାମ୍ ନିର୍ମାଣ ଫଳରେ ପାଣି ହ୍ରାସ ପାଇଲେ ସେଠାରୁ ବାହାରିଥିବା ଋଷିକୂଲ୍ୟା କେନାଲ ବ୍ୟବସ୍ଥା ଓ ବ୍ରହ୍ମପୁର ସହରର ଜଳଯୋଗାଣ ଭୟଙ୍କର ଭାବେ କ୍ଷତିଗ୍ରସ୍ତ ହେବ। ବର୍ତ୍ତମାନ ଉପର ମୁଣ୍ଡରେ ଡ୍ୟାମ୍ ନିର୍ମାଣ ନହେଉଣୁ ସହରରେ ପାନୀୟ ଜଳର ସଙ୍କଟ ଦେଖାଯାଉଥିବା ବେଳେ ଥରେ ଡ୍ୟାମ୍ ନିର୍ମାଣ ହୋଇଗଲେ ଏହି ସମସ୍ୟା ଆହୁରି ଭୟଙ୍କର ରୂପ ଧାରଣ କରିବ। ବର୍ତ୍ତମାନ ଜାନିବିଲି ବ୍ୟାରେଜରେ ଆବଶ୍ୟକୀୟ ପାଣି ନଥିବାରୁ ଜନସ୍ୱାସ୍ଥ୍ୟ ବିଭାଗ ବ୍ରହ୍ମପୁର ସହରକୁ ଦୈନିକ ମାତ୍ର ଦୁଇଘଣ୍ଟା ପାଣି ଯୋଗାଇବାକୁ ଘୋଷଣା କରିଥିବା ବେଳେ ଭବିଷ୍ୟତରେ ଉପରମୁଣ୍ଡରେ ପିପଲପଙ୍କା ଡ୍ୟାମ୍ ନିର୍ମାଣ ହେଲେ ସହରରେ ପାନୀୟ ଜଳର ସଂକଟ ଉତ୍କଟ ହେବ। ଏହା ବ୍ୟତୀତ ଡେମ୍ ନିର୍ମାଣ ଫଳରେ ଗାଜଲବାଡ଼ି ପଞ୍ଚାୟତର ୨ହଜାର ହେକ୍ଟରରୁ ଉର୍ଦ୍ଧ୍ୱ ମୂଲ୍ୟବାନ ଘଞ୍ଚ ଜଙ୍ଗଲ ସବୁଦିନ ପାଇଁ ଜଳମଗ୍ନ ହେବା ସହ ତା'ରି ମଧ୍ୟରେ ପୁରୁଷାନୁକ୍ରମେ ବସବାସ କରୁଥିବା ୨୩ ଟି ଗାଁର ୩ ହଜାରରୁ ଅଧିକ ଲୋକ ଜୀବିକା ହରାଇବେ। ସରକାର କେବଳ ଘରୋଇ କମ୍ପାନୀଙ୍କ ସ୍ୱାର୍ଥରେ କରିବାକୁ ଯାଉଥିବା ଏହି ପ୍ରକଳ୍ପ ଭବିଷ୍ୟତରେ ଐତିହାସିକ ଋଷିକୂଲ୍ୟା ନଦୀ ଓ ତାହା ଉପରେ ନିର୍ଭରଶୀଳ ଜିଲ୍ଲାର କୃଷି, ମାଛଚାଷ ଓ ସର୍ବୋପରି ପିଇବା ପାଣି ପ୍ରଭାବିତ ହେବାକୁ ଯାଉଥିବାରୁ ସେଥିରୁ ସୁରକ୍ଷା ପାଇଁ ଜିଲ୍ଲାର ବୁଦ୍ଧିଜୀବୀ, ସାମାଜିକ, ରାଜନୈତିକ କର୍ମୀ, ଚାଷୀ ସଂଗଠନମାନେ ଅଣ୍ଟା ଭିଡିଛନ୍ତି।

- ଋଷିକୂଲ୍ୟା ସୁରକ୍ଷା କ୍ରିୟାନୁଷ୍ଠାନ କମିଟିର ୨ଦିନିଆ ପଦଯାତ୍ରା ଆରମ୍ଭ
- କମ୍ପାନୀ ସ୍ୱାର୍ଥରେ ପିପଲପଙ୍କା ଡ୍ୟାମ ନିର୍ମାଣକୁ ତୀବ୍ର ବିରୋଧ
- ଜାନିବିଲି ପ୍ରକଳ୍ପ ଓ ବ୍ରହ୍ମପୁରର ଜଳଯୋଗାଣ ବ୍ୟବସ୍ଥା ପଙ୍ଗୁ କରିବାକୁ ଚକ୍ରାନ୍ତ

ଏହିକ୍ରମରେ ଋଷିକୂଲ୍ୟା ନଦୀର ଜଳ ଉପରେ ନିର୍ଭରଶୀଳ ବ୍ରହ୍ମପୁର ସହରର ନାଗରିକଙ୍କୁ ନେଇ ଏକ ୨ଦିନିଆ ପଦଯାତ୍ରାର ଆୟୋଜନ କରାଯାଇଛି। ପଦଯାତ୍ରାର ପ୍ରଥମ ଦିନରେ ସହର ଉପକଣ୍ଠରେ ଥିବା ଖୋଡାସିଙ୍ଗି ଠାରୁ ପଦଯାତ୍ରା ବାହାରି ଇଂଜିନିୟର ସ୍କୁଲ ଛକ, କମାପଲ୍ଲୀ, ବିଜିପୁର ଛକ ଦେଇ ଗୋଷାଣି ନୂଆଗାଁରେ ପହଞ୍ଚିଥିଲା। ରାସ୍ତାରେ ପଦଯାତ୍ରୀମାନେ ବିଭିନ୍ନ ସ୍ଥାନରେ ପଥପ୍ରାନ୍ତ ସଭାର ଆୟୋଜନ କରି ଲୋକଙ୍କୁ ସଚେତନ କରିବାକୁ ଚେଷ୍ଟା କରିଥିଲେ। ଋଷିକୂଲ୍ୟା ସୁରକ୍ଷା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆୟୋଜିତ ଏହି ପଦଯାତ୍ରାରେ ସହରର ବିଭିନ୍ନ ବର୍ଗର ନାଗରିକଙ୍କ ସମେତ ଜିଲ୍ଲାର ଅନେକ ବୁଦ୍ଧିଜୀବୀ, ଚାଷୀ ନେତା ଓ ପରିବେଶ କର୍ମୀମାନେ ଯୋଗଦେଇଥିଲେ। କମିଟିର ଆବାହକ ସୁଧୀର ରାଉତଙ୍କ ସମେତ ସଂଯୋଜକ ଭାଲଚନ୍ଦ୍ର ଷଡ଼ଙ୍ଗୀ, ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା, ଋଷିକୂଲ୍ୟା ରୟତ ସଂଘର ସମ୍ପାଦକ ସୀମାଞ୍ଚଳ ନାହାକ, ଶ୍ୟାମସୁନ୍ଦର ଖାଡଙ୍ଗା, ସାମାଜିକ କର୍ମୀ ଆଦିତ୍ୟ ରଥ, ସୁବାଷ ରାଉତ, କେ. ନନ୍ଦେଶୁ ସେନାପତି, କିଶୋର ଚନ୍ଦ୍ର ପାତ୍ର, ଅଶୋକ ଦଳାଇ, କବିରାଜ ସାହୁ, ବିଜୟ କୁମାର ବେହେରା, କିଶୋର ସ୍ୱାଇଁ, ଲୋକନାଥ ପରିଡା, ମତ୍ସ୍ୟଜୀବୀ ନେତା ମାଗତା ବେହେରା, ଜାମୁଲା ସୁରେଶ, ଲକ୍ଷ୍ମୀ ନୃସିଂହ ରଥ, ଆଇଏଫଟିୟୁ ସଭାପତି ପ୍ରତାପ ପ୍ରଧାନ, ଆଦିବାସୀ ନେତା ଲିଙ୍ଗା ଗମାଙ୍ଗ, ଗଞ୍ଜାମ ଜିଲ୍ଲା ବିକାଶ ମଞ୍ଚର ସଭାପତି ତଥା ବରିଷ୍ଠ ଶିକ୍ଷକ ନେତା ରାଜେନ୍ଦ୍ର କୁମାର ପଣ୍ଡା, ନିରଞ୍ଜନ ଦାଶ, ଚାଷୀ ନେତା ବୃନ୍ଦାବନ ଖଟେଇ, ଯୁବନେତା କେ. ସଞ୍ଜିବ ରେଡୀ ଓ ସାମ୍ବାଦିକ ବିଘ୍ନେଶ୍ୱର ସାହୁ ପ୍ରମୁଖ ଯୋଗ ଦେଇଥିଲେ।


## ରମ୍ଭା ଚନ୍ଦନ ଯାତ୍ରା ଅପେରା ମଞ୍ଚରେ ଅଶ୍ଳୀଳତାକୁ ନିନ୍ଦା

ବ୍ରହ୍ମପୁର/ଗଞ୍ଜାମ/ରମ୍ଭା,୨୧।୫(ସମିସ): କଳା ଓ ସଂସ୍କୃତିର ଏନ୍ତୁଡ଼ିଶାଳ ଗଞ୍ଜାମ ଜିଲ୍ଲାରେ ଗତ କିଛିବର୍ଷ ଧରି ଦେଖାଦେଇଛି ଅପସଂସ୍କୃତି ଓ ଅଶ୍ଳୀଳତା। ମଞ୍ଚରେ ମନୋରଞ୍ଜନ କାର୍ଯ୍ୟକ୍ରମ ଆଳରେ ଚାଲିଥିବା ଆଇଟମ ନୃତ୍ୟ ସୀମା ଟପିଛି। ଆଇଟମ ଗାର୍ଲ ମଞ୍ଚରେ ଉଲଗ୍ନ ହୋଇ ନାଚୁଛନ୍ତି। ସଭ୍ୟ ସମାଜରେ ଯାହାକୁ ପରିବାର ସହିତ ଦେଖିବା ସମ୍ଭବ ନୁହେଁ। ଯାହା ଦେଖିବାକୁ ମିଳିଛି ଗଞ୍ଜାମ ଜିଲ୍ଲା ରମ୍ଭା ଚନ୍ଦନ ଯାତ୍ରା ଅବସରରେ ଯାତ୍ରା ରାଜନନ୍ଦିନୀର ମଞ୍ଚ ଉପରେ। ଲକ୍ଷାଧିକ ଟଙ୍କା ଦେଇ ଆୟୋଜନ ହେଉଥିବା ଯାତ୍ରା ପ୍ରତି ଦର୍ଶକଙ୍କୁ ଆକୃଷ୍ଟ କରିବାକୁ ଚର୍ଚ୍ଚାରେ ରହିଥିବା ଆଇଟମ ଗାର୍ଲଙ୍କୁ ନିୟୋଜିତ କରାଯାଉଛି। ଖୋଲା ମଞ୍ଚରେ ଉଲଗ୍ନ ଅଥବା ଅର୍ଦ୍ଧନଗ୍ନ ଅବସ୍ଥାରେ ପରିବେଷିତ ହେଉଥିବା ନୃତ୍ୟକୁ ଉପସ୍ଥିତ ଯାତ୍ରା କମିଟି, ପୁଲିସ, ପ୍ରଶାସନ, ସାଧାରଣ ଜନତା ସମସ୍ତେ ନୀରବଦ୍ରଷ୍ଟା ସାଜି ଉପଭୋଗ କରୁଥିଲେ। ଏପରିକି ନିଜ ନିଜ ମୋବାଇଲରେ ଏହି ଦୃଶ୍ୟ କଏଦ କରି ସାମାଜିକ ଗଣମାଧ୍ୟମରେ ଭାଇରାଲ ମଧ୍ୟ କରିଥିଲେ। ଚନ୍ଦନ ଯାତ୍ରା ଭଳି ଏକ ଆଧ୍ୟାତ୍ମିକ ତଥା ପବିତ୍ର କାର୍ଯ୍ୟକ୍ରମରେ ଏଭଳି ଅଶ୍ଳୀଳ ନୃତ୍ୟକୁ ଅଲ୍ ଇଣ୍ଡିଆ ଥିଏଟର କାଉନ୍‌ସିଲର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ରାଜଗୋପାଳ ପାଢ଼ୀ ଦୃଢ଼ ନିନ୍ଦା କରିଥିବା ବେଳେ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ସଂସ୍କୃତି ଗବେଷକ ଡ଼. ହୃଷୀକେଶ ପାଣିଗ୍ରାହୀ ଏଭଳି ଘଟଣା ସଭ୍ୟ ସମାଜ ପାଇଁ ଶୁଭଙ୍କର ନୁହେଁ ବୋଲି କହିବା ସହିତ ଏହା ସମ୍ପୂର୍ଣ୍ଣ ବନ୍ଦ ହେବା ଉଚିତ ବୋଲି ମତ ପ୍ରକାଶ କରିଛନ୍ତି। ପ୍ରଶାସନର କଟକଣା ସତ୍ତ୍ୱେ ଏଭଳି ଅଶ୍ଳୀଳତା ପ୍ରଦର୍ଶନକୁ ଯେଉଁମାନେ ପ୍ରୋତ୍ସାହନ ଦେଉଛନ୍ତି ସେମାନଙ୍କ ବିରୁଦ୍ଧରେ ପୁଲିସ ଓ ପ୍ରଶାସନ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ ବୋଲି ବ୍ରହ୍ମପୁର କଳାକାର ଏକତା ମଂଚର ସଭାପତି ଅନିଲ ପାତ୍ର କହିଛନ୍ତି। ନାଟ୍ୟ ଗବେଷକ ଡ. ମିହିର ତ୍ରିପାଠୀ ଏଭଳି ଅପସଂସ୍କୃତି ଓ ଅଶ୍ଳୀଳତା ଅକ୍ଷମଣୀୟ ବୋଲି କହିଛନ୍ତି। ନାଟ୍ୟ ସଂଗଠକ ଭବାନୀ ଶଙ୍କର ମିଶ୍ର, କୈଳାସ ପାଣିଗ୍ରାହୀ, ନାରାୟଣ ମହାକୁଡ଼, ସୁନିଲ ସ୍ୱାଇଁ, ସି. ଏଚ. ଦେବଦାସ ଓ ଦୀନବନ୍ଧୁ ଶତପଥୀ ପ୍ରମୁଖ ଘଟଣାକୁ ନିନ୍ଦା କରିଛନ୍ତି। ଘଟଣାକୁ ନେଇ ପୁଲିସ ନିଜ ଆଡୁ ଏକ ମାମଲା ଯାତ୍ରା କମିଟି ସଦସ୍ୟଙ୍କ ବିରୁଦ୍ଧରେ ଦାଏର କରିଥିବା ରମ୍ଭା ଥାନା ପକ୍ଷରୁ ସୂଚନା ମିଳିଛି।

**ଯାତ୍ରା କମିଟି ନାଁରେ ନିଜଆଡୁ ମାମଲା ରୁଜୁକଲା ପୁଲିସ**


GRAND SUCCESS
୨୦୨୪ +୨ ବିଜ୍ଞାନ ଏବଂ କଳା ଫଳାଫଳ ରେ ପୁଣିଥରେ ଐତିହାସିକ ସଫଳତା....
GRAND SUCCESS
PRINCE COLLEGE
The No.1 Residential College for- +2 SCIENCE +2 ARTS
PRINCE GROUP OF INSTITUTIONS
କ୍ରମାଗତ ଭାବେ +୨ ବିଜ୍ଞାନ ରେ ଜିଲ୍ଲାରେ ପ୍ରଥମ ଏବଂ ରାଜ୍ୟରେ ଶ୍ରେଷ୍ଠ ୧୦ ଜଣଙ୍କ ମଧ୍ୟରେ
574 96%
SAGRAM MARNDI
MAYURBHANJ TOPPER
AMONG THE TOP 10 POSITION IN ODISHA
571 95%
GOUTTAM GIRI
MAYURBHANJ 2nd TOPPER
AMONG THE TOP 10 POSITION IN ODISHA
90% ABOVE - 33
80% ABOVE - 120+
1ST CLASS - 405
100% RESULT
OUR GLORIOUS 2025 +2 SCIENCE RESULT
96% SAGRAM MARANDI
95% GOUTTAM GIRI
94% SUMAN GOPE
94% MALAY KU. MOHANTA
94% SHUBHANKAR PATBANDHA
94% RUDRA P. MOHANTA
93% SHIMONTA R.SAHU
93% MOHIT KU.YADAV
93% BISHNUDEV BEHERA
93% JAYASMITA BEHERA
93% PANKAJINI BEHERA
92% BADARAM HANSDAH
92% MANAS R.JAMUDALIA
92% DEBASISH BEHERA
92% SUBHAM S.BEHERA
91% MANSING MAJHI
91% ADITYA N.SENAPATI
91% SATYA P. PRADHAN
91% BISHESH KU. ROUT
91% PUSPITA BEHERA
90% PRITIRANJAN MOHANTA
90% SUBODH KU. SAHU
90% DEEPANKAR SAHU
90% MAMATA SAHA
90% PADMANABHA HEMBRAM
90% SHAKTI P. MOHANTA
90% JYOTI P. MISHRA
90% SASMITA MOHANTA
90% SUSHREE S.PANDA
90% LIPSA RANI DHIR
90% TARUN KU. BEHERA
OUR GLORIOUS 2025 +2 ARTS RESULT
90% DEBASMITA BANSHULIA
90% LAXMIPRIYA BANSHULIA
87% KRISHNA MOHANTA
86% ANKITA BEHERA
85% IPSITA TUDU
84% SMRUTIREKHA CHANDA
82% ANMOL BISWAL
81% SANKAR PATRA
81% BHAGYASHREE GOCHHAYAT
81% SHUBHAM PATRA
80% SHRUTIREKHA MAJHI
80% JANGYANSENI NAYAK
80% SWAGATIKA MANDAL
79% PRIYANKA JENA
79% ANKITA SETHI
79% DULARI HEMBRAM
79% ABINASH MOHANTA
77% PRITILAGNA SAHU
And Many More..
OUR 2025 EXPECTED MEDICAL & IIT ACHIEVERS
OUR 1st Show
Expecting 7 Students Govt. MBBS Selection
& 2 JEE Adv. Out of 12 Students in 2025
520 MAHAMAYA
520 DIBYALOCHAN
510 YOGAMAYA
510 ABHISHEK
500 ANJAN
490 HEMANGINI
400 GAGAN BIHARI
SAGRAM
Our 2025 JEE Main Qualifier MANAS
BADARAM
PRINCE
+2 SCIENCE, +2 ARTS Admission
ଏବଂ NEET / JEE COACHING ପାଇଁ
ଯୋଗାଯୋଗ କରନ୍ତୁ...
BARIPADA
www.princecollege.in
BALASORE
City Office: Palbani, Debendrapur, Campus: Ramnagar
8895102045, 9937701648, 8763574700
Campus-1: Central School Square, Campus-2: Sunduri
8763403768, 9337687655, 9937701648

# ସମ୍ପାଦକୀୟ



ଗଣତନ୍ତ୍ର ଏପରି ଏକ ବ୍ୟବସ୍ଥା, ଯେଉଁଠାରେ କେହି କାହାର କ୍ରୀତଦାସ ନୁହେଁ କି କେହି ମାଲିକ ନୁହେଁ ।
-ଆବ୍ରାହାମ୍ ଲିଙ୍କନ୍

# ବହୁଦଳୀୟ ଦୂତ

ଭାରତ ବିରୋଧରେ ସୀମାପାର ଆତଙ୍କବାଦ ପାକିସ୍ତାନ ରାଷ୍ଟ୍ରୀୟ ରଣନୀତିର ଅଂଶବିଶେଷ। ପହଲଗାମ୍‌ରେ ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ବିଭେଦ ତଥା ବିଦ୍ୱେଷର ବୀଜ ବୁଣି ଭାରତର ଐକ୍ୟ ଓ ସଂହତିକୁ ବିପନ୍ନ କରିବାର ଯେଉଁ ପ୍ରୟାସ ପାକିସ୍ତାନ ପ୍ରରୋଚିତ ଆତଙ୍କବାଦୀଙ୍କ ଦ୍ୱାରା ହୋଇଥିଲା ତାହା ବିରୋଧରେ ଭାରତ ସରକାରଙ୍କ ନିର୍ଣ୍ଣାୟକ କାର୍ଯ୍ୟାନୁଷ୍ଠାନ 'ଅପରେସନ୍ ସିନ୍ଦୂର' ସଫଳ ହୋଇଛି ଏବଂ ଏଥିପ୍ରତି ଦଳ, ମତ, ଗୋଷ୍ଠୀ ଓ ସଂପ୍ରଦାୟ ନିର୍ବିଶେଷରେ ସମଗ୍ର ରାଷ୍ଟ୍ରର ନିରଙ୍କୁଶ ସମର୍ଥନ ମିଳିଛି। ଏହି ଦ୍ୱୈତ ସଫଳତା ବିଷୟରେ ବିଶ୍ୱବାସୀଙ୍କୁ ଅବଗତ କରାଇବାର ଆବଶ୍ୟକତା ମଧ୍ୟ ରହିଛି। ଆବଶ୍ୟକ ପଡ଼ିଲେ ଆତଙ୍କବାଦ ବିରୋଧରେ ଯୁଦ୍ଧ ଲଢ଼ିବାକୁ ଭାରତ ଯେ ପ୍ରସ୍ତୁତ ଅଛି ଏହି ବାର୍ତ୍ତା ଦେବା ସକାଶେ ବହୁଦଳୀୟ ପ୍ରତିନିଧିଙ୍କୁ ପ୍ରଭାବଶାଳୀ ରାଷ୍ଟ୍ରମାନଙ୍କର ରାଜଧାନୀ ଅଭିମୁଖେ ପ୍ରେରଣ କରାଯାଉଛି। ଏହା ନିଶ୍ଚୟ ସରକାରଙ୍କ ଏକ ସ୍ୱାଗତଯୋଗ୍ୟ ନିଷ୍ପତ୍ତି। ପାକିସ୍ତାନ ବିଶ୍ୱ ଆତଙ୍କବାଦୀଙ୍କ ଏନ୍ତୁଡ଼ିଶାଳ - ଏକଥା ଭୁଲିଯାଉଥିବା ରାଷ୍ଟ୍ରକୁ ପୁଣି ଥରେ ସଚେତନ କରିବାର ଆବଶ୍ୟକତା ଉପଲବ୍ଧି ହୋଇଛି। ନ ହେଲେ ବଜାର ଓ ବାଣିଜ୍ୟ ଦାୟରେ ପାକିସ୍ତାନର କୁତ୍ସା ଓ ଅପପ୍ରଚାର ପ୍ରତି ବିଶ୍ୱାସ ବଢ଼ିଥା'ନ୍ତା। କାରଣ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କ ଦେଶର ଚରମ ପ୍ରତିଦ୍ୱନ୍ଦ୍ୱୀ ଚୀନର ନିକଟତମ ସହଯୋଗୀ ଓ ସମର୍ଥକ ରାଷ୍ଟ୍ର ପାକିସ୍ତାନ ପ୍ରତି ଏଭଳି ଅନୁକମ୍ପା ପ୍ରଦର୍ଶନ କରିନଥା'ନ୍ତେ। ଯୁଦ୍ଧ ବିରାମ ଘଟଣାକ୍ରମର ପୃଷ୍ଠଭାଗରେ ଟ୍ରମ୍ପଙ୍କ ପୁତ୍ର ଓ ଜାମାତାଙ୍କ ୬୦ ପ୍ରତିଶତ ଅଂଶଧନ ଥିବା ବିଟ୍‌କଏନ କମ୍ପାନୀ ସହ ପାକ୍ ସେନାଧକ୍ଷ ଜେନେରାଲ ଅସିମ ମୁନୀରଙ୍କ ସଂପର୍କ ଏବେ ଆଲୋଚନାର କେନ୍ଦ୍ରବିନ୍ଦୁ ହୋଇଛି।

ସମୟ ବଦଳିଛି। ଆତଙ୍କବାଦ ବିରୋଧରେ ଭାରତର ଆଭିମୁଖ୍ୟ ଦିନକୁ ଦିନ କଠୋର ହେବାକୁ ଯାଉଛି। ଉରି ଓ ପୁଲୱାମା ଘଟଣା ପରେ ପହଲଗାମରେ ଆତଙ୍କବାଦୀଙ୍କ ବର୍ବରତା ବିରୋଧରେ 'ଅପରେସନ ସିନ୍ଦୂର' ଭଳି ନିର୍ଣ୍ଣାୟକ ଲଢ଼େଇ ଏହାର ପ୍ରମାଣ ଦେଇଛି। ଆଜାଦ କାଶ୍ମୀର ଓ ମୂଳ ପାକିସ୍ତାନର କେନ୍ଦ୍ରସ୍ଥଳରେ ଥିବା ସର୍ବମୋଟ ୯ଟି ଆତଙ୍କବାଦୀ ଭିତ୍ତିଭୂମିକୁ ଧ୍ୱସ୍ତ କରି ଭାରତ ବରଦାସ୍ତ କରିବାର ସୀମା ଅତିକ୍ରମ କରିଥିବା ସୂଚନା ଦେଇଛି। ଏଣିକି ଆତଙ୍କବାଦୀଙ୍କୁ ପାକିସ୍ତାନ ନିଜ ନିୟନ୍ତ୍ରଣରେ ନ ରଖିଲେ ଆଗକୁ ପରାଭବ କ'ଣ ହେବ ତାହାର ସୂଚନା ଦେଇଛି ସାମରିକ କାର୍ଯ୍ୟାନୁଷ୍ଠାନ ମାଧ୍ୟମରେ। ବହୁଦଳୀୟ ପ୍ରତିନିଧି ପ୍ରେରଣକୁ ନେଇ ଉପୁଜିଥିବା ବିବାଦୀୟ ପରିସ୍ଥିତିର ବହୁ ଉର୍ଦ୍ଧ୍ୱରେ ଏହି ନିଷ୍ପତ୍ତି। ଏକଥା ସତ୍ୟ ଯେ, ଆନ୍ତର୍ଜାତିକ ସ୍ତରରେ ଭାରତର ସମ୍ପର୍କ ଏବଂ କୂଟନୈତିକ ଓ ବାଣିଜ୍ୟିକ ନିବିଡ଼ତା ସତ୍ତ୍ୱେ ଏହି ବିବାଦୀୟ ପରିସ୍ଥିତିରେ ଆମେରିକାଠାରୁ ଭାରତ ପ୍ରତି ଯେଉଁ ସମର୍ଥନ ଓ ସହଯୋଗ ଆଶା କରାଯାଉଥିଲା ତାହା ମିଳିନାହିଁ। ଏହି ବିଫଳତା ପଛରେ ଯାହା ବି କାରଣ ଥାଉ ରାଷ୍ଟ୍ରୀୟ ପ୍ରସଙ୍ଗରେ ଆମେ ଯେ ଏକ ତାହାର ପ୍ରମାଣ ଦେବ ବହୁଦଳୀୟ ପ୍ରତିନିଧି ପ୍ରେରଣ ଓ କାର୍ଯ୍ୟକ୍ରମ।

ସରକାରଙ୍କ ଏହି ରଣକୌଶଳ କିଛି ନୂଆ କଥା ନୁହେଁ। ଯେଉଁମାନେ ଏହାକୁ ଏକ ଦୁର୍ବଳତା ବୋଲି ମନେ କରୁଛନ୍ତି ସେମାନେ ମନେ ରଖିବା ଉଚିତ ଯେ ୧୯୯୪ରେ ତତ୍କାଳୀନ ପିଭି ନରସିଂହ ରାଓ ସରକାର ବିରୋଧୀ ଦଳ ନେତା ଅଟଳବିହାରୀ ବାଜପେୟୀ ଓ ଫାରୁକ ଅବଦୁଲ୍ଲାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜେନିଭା ପଠାଇଥିଲା। ଜାତିସଂଘ ମାନବାଧିକାର କମିଶନରେ ପାକିସ୍ତାନ କାଶ୍ମୀର ପ୍ରସଙ୍ଗ ନେଇ ଉପସ୍ଥାପନ କରିଥିବା ପ୍ରସ୍ତାବର ଏହି ପ୍ରତିନିଧି ଦଳ ଉଚିତ ମୁକାବିଲା କରିଥିଲେ। ପାକିସ୍ତାନର ମିଥ୍ୟାର ଆବରଣକୁ ଏମାନେ ଖୋଲିଦେବାକୁ ସମର୍ଥ ହୋଇଥିଲେ। ସେହିଭଳି ମୁମ୍ବାଇରେ ୨୦୦୮ ନଭେମ୍ବର ୨୬ରେ ଘଟିଥିବା ଆତଙ୍କବାଦୀଙ୍କ ବୀଭତ୍ସକାଣ୍ଡ ବିରୋଧରେ ମନମୋହନ ସିଂହ ସରକାର ବହୁଦଳୀୟ ପ୍ରତିନିଧି ପଠାଇ ପାକିସ୍ତାନର ସଂପୃକ୍ତିକୁ ବିଶ୍ୱ ସମୁଦାୟ ନିକଟରେ ଉପସ୍ଥାପନ କରିଥିଲେ। ଏହାର ପ୍ରଭାବରେ ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦୀ ସଂଗଠନ ଉପରେ କଟକଣା ଏବଂ ପାକିସ୍ତାନକୁ ଆର୍ଥିକ ସହାୟତା ଉପରେ କଟକଣା ଲାଗିଥିଲା।

ଏକ ନିଷ୍ଠୁର ବାସ୍ତବତା ଯେ ବାସନ୍ଦ ଓ ପ୍ରତିବନ୍ଧକ ସତ୍ତ୍ୱେ ପାକିସ୍ତାନର ଆତଙ୍କବାଦୀ ସଂଗଠନଗୁଡ଼ିକ ନାମ ପରିବର୍ତ୍ତନ କରି ସେଠିକାର ସରକାରଙ୍କ ପ୍ରୋତ୍ସାହନରେ କାର୍ଯ୍ୟକଳାପ ଜାରି ରଖିଛନ୍ତି। ଏ ସମ୍ପର୍କରେ ଭାରତ ମିଳିତ ଜାତିସଂଘ କାର୍ଯ୍ୟାଳୟକୁ ପ୍ରାମାଣିକ ତଥ୍ୟ ସହ ଅବଗତ କରାଇବାକୁ ହେବ। ବିଶେଷକରି ଲସ୍କର-ଇ-ତୋଇବା ସଂଗଠନ ସହ ସଂଶ୍ଳିଷ୍ଟ ଟିଆରଏଫ ଗୋଷ୍ଠୀର ପହଲଗାମ ନରସଂହାରରେ ସଂପୃକ୍ତିର ପ୍ରମାଣ ମଧ୍ୟ ଉପସ୍ଥାପନ କରିବା ଉଚିତ। ଜେନେରାଲ ମୁନୀରଙ୍କ ବକ୍ତବ୍ୟର ଭିଡିଓରେ ଟିଆରଏଫ କଥା ଉଲ୍ଲେଖ ରହିଛି। ଏଠାରେ ଉଲ୍ଲେଖଯୋଗ୍ୟ କି ପାକିସ୍ତାନର ବୈଦେଶିକ ମନ୍ତ୍ରୀ ବିଲୱାଲ ଭୁଟ୍ଟୋଙ୍କ ନେତୃତ୍ୱରେ ଅନୁରୂପ ଏକ ପ୍ରତିନିଧି ଦଳ ଭାରତ ବିରୋଧ ଆଭିମୁଖ୍ୟ ନେଇ ବିଦେଶ ଗସ୍ତରେ ଯାଉଥିବା ବେଳେ ଆମେ ଆଭ୍ୟନ୍ତରୀଣ ବିବାଦ ଓ ବିଦ୍ୱେଷରୁ ଊର୍ଦ୍ଧ୍ୱକୁ ଉଠି ରାଷ୍ଟ୍ରର ବୃହତ୍ତର ସ୍ୱାର୍ଥରକ୍ଷା କରିବା ଉଚିତ। ତେଣୁ ପ୍ରତିନିଧି ମନୋନୟନକୁ ନେଇ ଅଯଥା ରାଜନୀତି ହେବା ଉଚିତ ନୁହେଁ। ଆମ ପ୍ରସଙ୍ଗକୁ ଆନ୍ତର୍ଜାତିକ ସମୁଦାୟ ନିକଟରେ ଠିକଣାଭାବେ ଉପସ୍ଥାପନ କରିବାର ଦକ୍ଷତା ଥିବା ଯୋଗ୍ୟବ୍ୟକ୍ତି ପ୍ରତିନିଧି ମଣ୍ଡଳୀରେ ରହିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ରାଷ୍ଟ୍ରର ବୃହତ୍ତର ସ୍ୱାର୍ଥରକ୍ଷା ଓ ଆତଙ୍କବାଦ ବିରୋଧୀ ଆଭିମୁଖ୍ୟ ସଂପର୍କରେ ବିଶ୍ୱବାସୀଙ୍କୁ ଅବଗତ କରାଇବା ପାଇଁ ଏହି ଅଭିଯାନର ଯଥାର୍ଥତା ରହିଛି।

ଆମେ ଏଠାରେ କହି ରଖୁଛୁ ଯେ ମୋଦୀ ସରକାରଙ୍କ ସଫଳତା ଓ ବିଫଳତାର ଅଙ୍କ କଷିବା ସମୟ ଇଏ ନୁହେଁ। ଏକଥା ସତ ଯେ ମୋଦୀ ସରକାର ସବୁ ବିବାଦ ଓ ପ୍ରସଙ୍ଗରେ ବିରୋଧୀଦଳକୁ ଅନାଦର ଓ ହେୟ ମନେ କରି ଆସୁଥିବା ବେଳେ ଆଜି କାହିଁକି ଲୋଡୁଛନ୍ତି? ଏହାର ମଧ୍ୟ ଉତ୍ତର ଅଛି। ଆଗ ରାଷ୍ଟ୍ର, ତା' ପରେ ଯାଇ ରାଜନୀତି। ରାଷ୍ଟ୍ରର ବୃହତ୍ତର ସ୍ୱାର୍ଥ ସମ୍ମୁଖରେ ଉଭୟ ସରକାର ଓ ବିରୋଧୀଙ୍କୁ ଆମର ଅନୁରୋଧ ଯେ ସଂକୀର୍ଣ୍ଣ ରାଜନୀତି ଗଣ୍ଡିରୁ ବାହାରକୁ ଆସନ୍ତୁ। ଭାରତର ଆତଙ୍କବାଦ ନିରୋଧ କାର୍ଯ୍ୟକ୍ରମକୁ ବିଶ୍ୱ ଦରବାରରେ ପ୍ରଭାବୀ ଢଙ୍ଗରେ ଉପସ୍ଥାପନ କରନ୍ତୁ।

# ପ୍ରକୃତି, ପରିବେଶ ଓ ନ୍ୟାୟପାଳିକା

**ଡକ୍ଟର ସୁନ୍ଦର ନାରାୟଣ ପାତ୍ର**

ଭାରତୀୟ ସମ୍ବିଧାନ ତିନୋଟି ଶାଖା ସହିତ ସଜ୍ଜିତ - ଆଇନ ତିଆରି କରିବା ପାଇଁ ବିଧିବ୍ୟବସ୍ଥା, ଆଇନ ପ୍ରବର୍ତ୍ତନ ପାଇଁ କାର୍ଯ୍ୟନିର୍ବାହୀ ବ୍ୟବସ୍ଥା ଏବଂ ଆଇନ ବ୍ୟାଖ୍ୟା କରିବା ପାଇଁ ନ୍ୟାୟପାଳିକା ବ୍ୟବସ୍ଥା। ଏହି ତିନୋଟି ଶାଖା, ନିଜ ନିଜ ଦାୟିତ୍ୱ ବିଷୟରେ ସଚେତନ ଏବଂ ଦେଶ ଓ ଦେଶବାସୀଙ୍କ ହିତ ପାଇଁ ମିଳିତ ଭାବରେ କାର୍ଯ୍ୟ କରିବାକୁ ଉଦ୍ଦିଷ୍ଟ। ଦୁର୍ଭାଗ୍ୟବଶତଃ, ଏପରି ଅନେକ ଉଦାହରଣ ଅଛି, ଭୁଲ ବ୍ୟାଖ୍ୟା କିମ୍ବା ଇଚ୍ଛାଶକ୍ତିର ଅଭାବ ହେତୁ ଆଇନକାନୁନର ନକାରାତ୍ମକ ପ୍ରଭାବ ପଡ଼ି ପ୍ରକୃତି ଓ ପରିବେଶକୁ ଅପୂରଣୀୟ କ୍ଷତି ପହଞ୍ଚିଥାଏ। ଖୁସିର କଥା, ନ୍ୟାୟପାଳିକା ଏଥିରେ ସୁଧାର ଆଣିବାକୁ ଜାଗ୍ରତପ୍ରହରୀ ଭୂମିକା ଗ୍ରହଣ କରେ। ଭାରତୀୟ ସମ୍ବିଧାନରେ ଏଦୃଷ୍ଟିରୁ ଯେଉଁ ସୁନ୍ଦର ବ୍ୟବସ୍ଥା ରହିଛି ତାହା ପ୍ରଶଂସନୀୟ।

ପ୍ରକୃତି ଓ ପରିବେଶର ଉପଯୁକ୍ତ ପରିଚାଳନା ପାଇଁ ଭାରତ ସରକାର ଜଳ (ପ୍ରଦୂଷଣ ନିବାରଣ ଓ ନିୟନ୍ତ୍ରଣ) ଆଇନ -୧୯୭୪; ଜଙ୍ଗଲ (ସଂରକ୍ଷଣ) ଆଇନ -୧୯୮୦; ବାୟୁ (ପ୍ରଦୂଷଣ ନିବାରଣ ଓ ନିୟନ୍ତ୍ରଣ) ଆଇନ -୧୯୮୧; ପରିବେଶ (ସୁରକ୍ଷା) ଆଇନ -୧୯୮୬; ଜୈବ ବିବିଧତା ଆଇନ -୨୦୦୨ ଇତ୍ୟାଦି ପ୍ରଣୟନ କରିସାରିଛନ୍ତି। ୧୬ ଏପ୍ରିଲ ୨୦୨୫ରେ ତେଲେଙ୍ଗାନା ସରକାର କାଞ୍ଚା ଗଛିବୋଉଲି ଅଞ୍ଚଳର ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟ ସୀମାରେ ୧୦୦ ଏକରରୁ ଅଧିକ ଜମିରୁ ଗଛ କାଟିବା ଏବଂ ସବୁଜ ଆବରଣ ହଟାଇବା ଉପରେ ସର୍ବୋଚ୍ଚ ନ୍ୟାୟାଳୟ କଡ଼ା ଆପତ୍ତି ଉଠାଇଥିଲେ। ଏହି ଅଞ୍ଚଳଟି ଅସଂଖ୍ୟ ଉଦ୍ଭିଦ ଓ ପ୍ରାଣୀମାନଙ୍କର ଆବାସସ୍ଥଳ ଥିଲା ଏବଂ ସେମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ରହିଛି କିଛି ଅନୁସୂଚିତ ବର୍ଗର ବନ୍ୟଜୀବ। ସେହିପରି ଫେବୃଆରୀ ୨୦୨୪ ରେ ତେଲଙ୍ଗାନାର ଅନ୍ୟ ଏକ ମାମଲାରେ ବିଚାରପତି ଏମ୍.ଏମ୍.ସୁନ୍ଦରେଶ ଓ ଏସ୍.ଭି.ଏନ୍.ଭଟ୍ଟିଙ୍କ ଏକ ଖଣ୍ଡପୀଠ ତେଲେଙ୍ଗାନାର ୱାରାଙ୍ଗଲ ଜିଲ୍ଲାର କମ୍ପାଲି ଗାଁରେ ୧୯୮୦ ଦଶକରୁ ଜଙ୍ଗଲ ଜମିକୁ ନିଜ ବ୍ୟକ୍ତିଗତ ବ୍ୟବହାର ପାଇଁ ଚେଷ୍ଟା କରୁଥିବା ଜଣେ ବ୍ୟକ୍ତିଙ୍କ ସହିତ ମିଶି କିଛି ସରକାରୀ ଅଧିକାରୀଙ୍କ ଅନୈତିକ ସହଯୋଗକୁ କଡ଼ା ସମାଲୋଚନା କରିଥିଲେ।

ସର୍ବୋଚ୍ଚ ନ୍ୟାୟାଳୟ ମେ' ୨୦୨୪ ରେ ଦିଲ୍ଲୀର ରିଜ୍ ଫରେଷ୍ଟ ଅଞ୍ଚଳରେ ଗଛ କାଟିବା ପାଇଁ ସରକାରୀ ଅଧିକାରୀଙ୍କ ବିରୁଦ୍ଧରେ ଅଦାଲତ ଅବମାନନା ମାମଲା ଆରମ୍ଭ କରିବା ପାଇଁ ନିର୍ଦ୍ଦେଶନାମା ଜାରି କରିଥିଲେ। ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦୃଷ୍ଟିକୁ ଆସିଥିଲା ଯେ ଆରାବଳିର ଆଉଟକ୍ରପ୍-ଦକ୍ଷିଣ ଦିଲ୍ଲୀ ରିଜ୍ ସେକ୍ଟରରେ ୧୧ କିଲୋମିଟର ରାସ୍ତା ନିର୍ମାଣ ପାଇଁ ଗଛଗୁଡ଼ିକୁ ଅବାଧରେ କଟାଯାଇଛି। ଦିଲ୍ଲୀ ରିଜ୍ ହେଉଛି ଜାତୀୟ ରାଜଧାନୀ ଦିଲ୍ଲୀର ଉତ୍ତର ଆରାବଳି କଲରାପତରିଆ ବାଘ ବନ୍ୟପ୍ରାଣୀ କରିଡରରେ ଏକ ପର୍ବତ, ଯାହା ସହରର 'ସବୁଜ ଫୁସଫୁସ' ଭାବରେ କାର୍ଯ୍ୟ କରେ ଏବଂ ପଶ୍ଚିମରେ ରାଜସ୍ଥାନର ମରୁଭୂମିର ଗରମ ପବନରୁ ସହରକୁ ସୁରକ୍ଷା ଦିଏ। ଅନ୍ୟ ଏକ ମାମଲାରେ ୧୫ ମେ'୨୦୨୪ରେ ସର୍ବୋଚ୍ଚ ନ୍ୟାୟାଳୟ ସରିସ୍କା ବ୍ୟାଘ୍ର ପ୍ରକଳ୍ପର ଏକ କିଲୋମିଟର ପରିଧି ମଧ୍ୟରେ ଥିବା ୧୧୦ ଖଣିରୁ ୬୮ଟିକୁ ତୁରନ୍ତ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ ଏବଂ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ଅବମାନନା କରିଥିବାରୁ ରାଜସ୍ଥାନ ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ।

ଅଗଷ୍ଟ ୨୦୨୩ରେ 'ୱାଇଲ୍ଡଲାଇଫ୍ ସୋସାଇଟି ଅଫ ଓଡ଼ିଶା' ଦ୍ୱାରା ଦାୟର ଏକ ଆବେଦନର ଶୁଣାଣି କରି ପୂର୍ବାଞ୍ଚଳର ନ୍ୟାଶ୍‌ନାଲ୍ ଗ୍ରୀନ୍ ଟ୍ରିବ୍ୟୁନାଲ୍ ଟାମ୍ପରା ହ୍ରଦ ଏବଂ ଏହାର ଆଖପାଖରେ 'ଅବୈଧ' ନିର୍ମାଣ ନକରିବାକୁ ଓଡ଼ିଶା ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନ ଅନୁଯାୟୀ, ସୌନ୍ଦର୍ଯ୍ୟକରଣ ନାମରେ ଜଳରାଶି ଅଞ୍ଚଳ ଏବଂ ହ୍ରଦର ୫୦ ମିଟର ମଧ୍ୟରେ ସ୍ଥାୟୀ ନିର୍ମାଣରେ ରେଷ୍ଟୁରାଣ୍ଟ, ହୋଟେଲ, ରିସର୍ଟ ଓ କଟେଜ୍ ସହିତ ଅନେକ ସ୍ଥାୟୀ କଂକ୍ରିଟ୍ ନିର୍ମାଣ ଅନ୍ତର୍ଭୁକ୍ତ। ଗଞ୍ଜାମ ଜିଲ୍ଲାର ଟାମ୍ପରା ହ୍ରଦ ଦେଶର ସର୍ବବୃହତ ମନୋରମ ମଧୁର ଜଳ ହ୍ରଦ ମଧ୍ୟରୁ ଗୋଟିଏ। ୭୫୧ ଏକର ଜମିରେ ବିସ୍ତାରିତ ଏହି ହ୍ରଦ ଋଷିକୂଲ୍ୟା ନଦୀ ଅବବାହିକାରେ ଅବସ୍ଥିତ, ଯାହା ଅଲିଭ୍ ରିଡଲେ ସାମୁଦ୍ରିକ କଇଁଛଙ୍କ ପ୍ରମୁଖ ବସା ବାନ୍ଧିବା ଏବଂ ଅଣ୍ଡାଦାନ ଅଞ୍ଚଳ ମଧ୍ୟରୁ ଗୋଟିଏ। ଏହାକୁ କେନ୍ଦ୍ର ଜଙ୍ଗଲ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ଆର୍ଦ୍ରଭୂମି ମାନଚିତ୍ର ବା ଆଟଲାସ୍‌ରେ ସ୍ଥାନିତ କରାଯାଇଛି ଏବଂ ୨୦୨୧ ମସିହାରୁ ଏହା ରାମସାର ଆର୍ଦ୍ର ଭୂମି ସ୍ଥଳର ମାନ୍ୟତା ପାଇଛି।

ନ୍ୟାଶ୍‌ନାଲ୍ ଗ୍ରୀନ୍ ଟ୍ରିବ୍ୟୁନାଲ୍‌ର ପୁଣେ ବେଞ୍ଚ ରାୟଗଡ଼ କଲେକ୍ଟରଙ୍କୁ ସିଡକୋ (ନଗର ଏବଂ ଶିଳ୍ପ ବିକାଶ ନିଗମ) କ୍ଷେତ୍ରାଧିକାର ମଧ୍ୟରେ ଥିବା ଗାଭନ କୋଲିୱାଡାରେ କେଗାଓଁ ବେଳାଭୂମିର ଇଣ୍ଟର ଟାଇଡାଲ୍ ଜୋନରେ ଅଭିଯୋଗ ଅନୁଯାୟୀ ହେନ୍ତାଳ ବୃକ୍ଷ କାଟିବା ଏବଂ ବର୍ଜ୍ୟବସ୍ତୁ ଜମା କରିବା ଉପରେ ଚାରି ସପ୍ତାହ ମଧ୍ୟରେ ଚୂଡ଼ାନ୍ତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କେଗାଓଁ ହେଉଛି ମହାରାଷ୍ଟ୍ରର ଉରାନ୍ ସହରର ଏକ ଅଞ୍ଚଳ, ଯାହା କୋଙ୍କଣ କ୍ଷେତ୍ରର ଅନ୍ତର୍ଭୁକ୍ତ। ୧ ଏପ୍ରିଲ ୨୦୨୫ ରେ ମହାରାଷ୍ଟ୍ର କ୍ଷୁଦ୍ର ପାରମ୍ପରିକ ମତ୍ସ୍ୟ ଶ୍ରମିକ ସଂଘ ଦ୍ୱାରା ଆନ୍ତଃ ଟାଇଡାଲ୍ ଜୋନର ବେଆଇନ ପୁନରୁଦ୍ଧାର, ହେନ୍ତାଳ ବନ ନଷ୍ଟ, ପୁନଃପ୍ରାପ୍ତ ଉଜତ-୧ ଜମିରେ ପାର୍କିଂ ସ୍ଥାନ ସୃଷ୍ଟି ଏବଂ ଅଣ-ଜୈବ ବିଘଟନଶୀଳ ଏବଂ ବିପଜ୍ଜନକ ଆବର୍ଜନା ଜମାର ପ୍ରମାଣ ଦାଖଲ କରାଯାଇଥିଲା, ଯାହାକୁ ଆଧାର କରି ଖଣ୍ଡପୀଠ ଉପରୋକ୍ତ ନିର୍ଦ୍ଦେଶ ଦେଇଥିଲେ।

ଉପକୂଳ ସୁରକ୍ଷା, ସମୁଦ୍ର ଜଳପତ୍ତନ ବୃଦ୍ଧି ପ୍ରତିହତ, ବିଶ୍ୱ ଉଷ୍ଣତା ଏବଂ ଜଳବାୟୁ ପରିବର୍ତ୍ତନ ପ୍ରଭାବର ମୁକାବିଲା ପାଇଁ ଲୁଣା ଜଙ୍ଗଲ ବା ହେନ୍ତାଳ ବନ ଅଧିକ ଗୁରୁତ୍ୱପୂର୍ଣ୍ଣ। ୨୦୨୩ ମସିହାରେ ଆରମ୍ଭ ହୋଇଥିବା 'ମିଷ୍ଟି'(ମ୍ୟାଙ୍ଗ୍ରୋଭ୍ ଇନିଟିଏଟିଭ୍ ଫର ଶୋରଲାଇନ୍ ହାବିଟାଟ୍ ଆଣ୍ଡ ଟାଞ୍ଜିବଲ୍ ଇନ୍‌କମ୍‌ସ) ଯୋଜନା ଅଧୀନରେ, ହେନ୍ତାଳ ଜାତୀୟ ଲୁଣା ଜଙ୍ଗଲି ଚାରାରୋପଣକୁ ପ୍ରୋତ୍ସାହିତ କରାଯାଉଛି।

୨୦୨୪ ର ଗ୍ଲୋବାଲ୍ ଫରେଷ୍ଟ ୱାଚ୍ ରିପୋର୍ଟ ଅନୁଯାୟୀ, ୨୦୦୦ ମସିହାରୁ ଭାରତ ୨.୩୩ ନିୟୁତ ହେକ୍ଟର ବୃକ୍ଷ ଆବରଣ ହରାଇଛି। ନ୍ୟାଶ୍‌ନାଲ୍ ଗ୍ରୀନ୍ ଟ୍ରିବ୍ୟୁନାଲ୍ ଏହାର ବିଚାର କରି ୨୦୦୦ ମସିହାରୁ ଭାରତରେ ଜଙ୍ଗଲ ପରିଧିର ସ୍ଥିତି ବିଷୟରେ ବିସ୍ତୃତ ରିପୋର୍ଟ ଦାଖଲ କରିବାକୁ 'ସର୍ଭେ ଅଫ ଇଣ୍ଡିଆ'କୁ ନିର୍ଦ୍ଦେଶ ଦେଇଥିଲା। ପରିବେଶ ସୁରକ୍ଷା ଏବଂ ପ୍ରାକୃତିକ ସମ୍ପଦର ସଂରକ୍ଷଣ ସହିତ ଜଡ଼ିତ ବିବାଦର ତ୍ୱରିତ ସମାଧାନ ପାଇଁ ଏକ ସାମ୍ବିଧାନିକ ସଂସ୍ଥା ଭାବରେ ୨୦୧୦ ମସିହାରେ ସମ୍ବିଧାନର ଧାରା ୨୧ ର ବ୍ୟବସ୍ଥା ଦ୍ୱାରା ନ୍ୟାଶ୍‌ନାଲ୍ ଗ୍ରୀନ୍ ଟ୍ରିବ୍ୟୁନାଲ ଗଠନ କରାଯାଇଥିଲା।

ପରିବେଶ, ଜଙ୍ଗଲ ଓ ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ସମ୍ବିଧାନର ଧାରା ୪୮ କ (୪୮ଇ) ନାଗରିକଙ୍କ ଜୀବନ ଅଧିକାର ସହିତ ସିଧାସଳଖ ଜଡ଼ିତ ବୋଲି ସର୍ବୋଚ୍ଚ ନ୍ୟାୟାଳୟ ରାୟ ଦେଇଛନ୍ତି ଏବଂ ଦେଶ ଓ ବିଶ୍ୱକୁ ଜଳବାୟୁ ପରିବର୍ତ୍ତନର କୁପ୍ରଭାବରୁ ରକ୍ଷା କରିବା ପାଇଁ ଜଙ୍ଗଲକୁ ସୁରକ୍ଷା ଦେବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଭାରତୀୟ ସମ୍ବିଧାନର ଆଦର୍ଶବୋଧକୁ ସମ୍ମାନ ଜଣାଇ ଏହି ରାୟଗୁଡ଼ିକ ଦିଆଯାଇଛି। ବିବିଧ ଉଦ୍ଭିଦ ଏବଂ ପ୍ରାଣୀ ସମ୍ପଦକୁ ନେଇ ପ୍ରାକୃତିକ ପରିସଂସ୍ଥା ନିର୍ମାଣ ହୁଏ। ଧରିତ୍ରୀର ପରିସଂସ୍ଥାୟ ସନ୍ତୁଳନ ଏକ ସ୍ଥିର ଏବଂ ନିରନ୍ତର ଭବିଷ୍ୟତ ନିର୍ମାଣ ପାଇଁ ଅପରିହାର୍ଯ୍ୟ। ମାନବ ଓ ସମାଜ କଲ୍ୟାଣ ପାଇଁ ପ୍ରକୃତି ଏବଂ ପରିବେଶକୁ ସୁରକ୍ଷା ଦେବା ହେଉଛି ରାଷ୍ଟ୍ର ଓ ନାଗରିକମାନଙ୍କର ନୈତିକ କର୍ତ୍ତବ୍ୟ। ଆମ ଗ୍ରହ, ଆମର ଦାୟିତ୍ୱ: ଏକ ସ୍ଥାୟୀ ଭବିଷ୍ୟତ ପାଇଁ ଏବେ କାର୍ଯ୍ୟ କରନ୍ତୁ।

(ସଭାପତି, ଓଡ଼ିଶା ପରିବେଶ ସମାଜ)
ଭୁବନେଶ୍ୱର, ମୋ: ୯୪୩୭୧୯୦୪୭୦

# ଭୟମୁକ୍ତିର ବାଟ

**ଡ.ନିରଞ୍ଜନ ସାହୁ**

ଭୟ ମଣିଷ ଓ ଇତର ପ୍ରାଣୀ ସମସ୍ତଙ୍କଠାରେ ରହିଛି, ଯେଉଁଥିପାଇଁ ପ୍ରାଚୀନକାଳରୁ ଭାରତର ମୁନିଋଷିମାନେ କହି ଆସିଥିଲେ- 'ଆହାର, ନିଦ୍ରା, ଭୟ, ମୈଥୁନଞ୍ଚ ସାମାନ୍ୟମେତଦ୍ ପଶୁଭିଃ ନରାଣାଂ...।' ଅର୍ଥାତ୍ ଭୟ ମଣିଷ ସମେତ ପ୍ରାଣୀମାନଙ୍କର ଏକ ନିତ୍ୟ ପରିଦୃଷ୍ଟ ବିଭାବ। ଆଜିର ଆଲୋଚନା କେବଳ ମଣିଷକୈନ୍ଦ୍ରିକ।

ଶିଶୁବେଳେ ଅନ୍ଧାରକୁ ଭୟ, ପାଠପଢ଼ା ଆରମ୍ଭ ହେଉହେଉ ଦଣ୍ଡଭୟ (ଅବଶ୍ୟ ଏବେ ସରକାରୀ ସ୍କୁଲମାନଙ୍କର ସେ ଭୟ ଲୋପ ହୋଇଛି ଏବଂ ପାଠପଢ଼ା ହୁଗୁଳା ହେବାରୁ ପିଲାମାନଙ୍କର ବିପଥଗାମୀ ହେବାର ଭୟ ବୃଦ୍ଧି ଘଟିଛି), ଯୌବନରେ ସହପାଠୀମାନଙ୍କ ସହିତ ପ୍ରତିଯୋଗିତାରେ ସମକକ୍ଷ ହୋଇ ନ ପାରିବାର ଭୟ, ପ୍ରେମିକାଠାରୁ ପ୍ରତ୍ୟାଖ୍ୟାନର ଭୟ, କେବେ ପଶୁଭୟ ତ କେବେ ଚୋର ତସ୍କରର ଭୟ - ଏମିତି ଭୟର ବହୁବିଧ ଉପଦ୍ରବରେ ଉପଦ୍ରୁତ ଜୀବନ।

ଭୟ ଏକ ସାଧାରଣ ଅନୁଭବ, ଯାହା ପଛରେ ଥାଏ କିଛି ବିୟୋଗାନ୍ତକ ସମ୍ଭାବନା। ଅପରିସୀମ ତା'ର ବ୍ୟାପ୍ତି ଓ ବିସ୍ତୃତି। ରାତି ଦୁଇଟାରେ ଅଦୂରରେ ଥିବା ମୋବାଇଲରେ ଟିଂ ହେବ ଦୁଇତିନିଥର- ନିଦ ଭାଙ୍ଗିଯିବ। ଏତେ ରାତିରେ କିଏ କାହିଁକି ବା ଫୋନ୍ କଲା? କିଛି ଅସୁବିଧା ହୋଇନାହିଁ ତ କାହାରି? ଏମିତି ଦୁଶ୍ଚିନ୍ତାରେ ଯନ୍ତ୍ରଚାଳିତ ଭାବରେ ନିଜକୁ ଠେଲି ଦେଇ ଉଠିଯିବେ ମୋବାଇଲ ନିକଟକୁ। ହେଲେ ଦେଖିବେ କିଛି ଅଜ୍ଞାତ ନମ୍ବରରୁ ଆସୁଥିବା ଫୋନ୍।

ଭୟ କୁଆଡ଼େ ଆମକୁ ବିବ୍ରତ କରେ, ଆମକୁ ମାନସିକ ସ୍ତରରେ ଆଘାତ କରାଏ, ଦୁର୍ବଳ କରାଏ ଆଉ ଆମର ବ୍ୟକ୍ତିତ୍ୱ, ବିକାଶରେ ଅନ୍ତରାୟ ସୃଷ୍ଟି କରେ। ଯେକୌଣସି କାମ ମନକୁ ଆସିଲେ ଆମେ ତା'ର ଭଲ ମନ୍ଦ ଉଭୟ ବିବେଚନା କରନ୍ତି। ବହୁଦିନରୁ ଆମକୁ କୁହାଯାଇଛି - 'ଉପାୟ ଚିନ୍ତୟେତ, ପ୍ରାଜ୍ଞ ଅପାୟମ ଅପିଚିନ୍ତୟେତ'। ସେଇ କଥାକୁ ଆଧୁନିକ ପରିଚାଳନା ବିଜ୍ଞାନରେ କୁହାଯାଉଛି ସ୍ୱଟ୍(ଏସ୍‌ଡବ୍ଲୁଓଟି)ଆନାଲିସିସ୍ - ଅର୍ଥାତ୍ ଷ୍ଟ୍ରେଙ୍ଗଥ, ଉଇକନେସ୍, ଅପରଚ୍ୟୁନିଟି ଓ ଥ୍ରେଟ୍। ଯେତେବେଳେ କୌଣସି କାମ କରିବା ପୂର୍ବରୁ ଆମର ପ୍ରସ୍ତୁତି ଆବଶ୍ୟକ, ସେତେବେଳେ ଆମେ ଅନୁଶୀଳନ କରନ୍ତି ଆମର ସାମର୍ଥ୍ୟ, ଦୁର୍ବଳତା, ସୁଯୋଗ ଏବଂ ସମ୍ଭାବ୍ୟ ନକରାତ୍ମକ ପରିସ୍ଥିତି ବିଷୟରେ। ବାସ୍ତବରେ ଆମର ଭୟଭାବ ହିଁ ଆମକୁ ପ୍ରେରଣା ଦିଏ ପ୍ରସ୍ତୁତିରେ ଅଧିକ କେନ୍ଦ୍ରୀଭୂତ ହେବା ପାଇଁ। ଏଥିପାଇଁ ବୋଧହୁଏ ଆମର ଗୁରୁଜନମାନେ କହୁଥିଲେ ଭୟ ନାହିଁ ତ ଜୟ ନାହିଁ। ଯେତେବେଳେ ପ୍ରସ୍ତୁତିରେ ହେଳା ଥାଏ କିମ୍ବା ଢିଲାପଣ ସେତେବେଳେ ଭୟର ଛାୟା ହୋଇଥାଏ ପ୍ରଲମ୍ବିତ।

ଭୟ କେବଳ ସାଧାରଣ ଲୋକଙ୍କର ସହଚର ନୁହେଁ। ବହୁ କ୍ଷମତାଶାଳୀ କିମ୍ବା ଅର୍ଥଶାଳୀ ବି କମ୍ ଶିକାର ହୁଅନ୍ତି ନାହିଁ ଭୟରୁ। ସେଥିପାଇଁ କିଏ ମନ୍ତ୍ର ଯନ୍ତ୍ର ତନ୍ତ୍ରର ସାହାଯ୍ୟ ନିଅନ୍ତି ତ କିଏ ପୁଣି ପୂଜାପାର୍ବଣରେ ମାତନ୍ତି, ଦାନଧର୍ମର ସାହାଯ୍ୟ ନେଇ ନିଜର ଅତୁଟ ଐଶ୍ୱର୍ଯ୍ୟ ପାଇଁ ଓଷାବ୍ରତ କରନ୍ତି। ଅନେକ କଥା ଆମକୁ ଶିଖାଇ ଦିଆହୋଇଛି ପିଲାଦିନୁ। ଅମୁକ ସ୍ୱପ୍ନ ଦେଖିଲେ ଅଶୁଭ- ଘରୁ ବାହାରିଗଲା ବେଳେ ଅମୁକ ଅମୁକ ଦେଖିଲେ ଫଳ ଭଲ ହେବନାହିଁ। ପେଚା ରାତିରେ ରାବିଲେ କିଛି ଅଘଟଣ ଘଟିବାର ଆଶଙ୍କା ତ ବାମ ଆଖି ଦି ଚାରି ଥର ଫରଫର ହେଲେ ଲାଗିବ କିଛି କ୍ଷତି ସହିବାର ଅଛି ବା ଘଟିବାକୁ ଯାଉଛି କିଛି ଅମର୍ଯ୍ୟାଦାକର। ଅବଶ୍ୟ ଏଇ ତତ୍ତ୍ୱଗୁଡ଼ିକ ପଛରେ ସେମିତି ବୈଜ୍ଞାନିକ କାରଣ ନାହିଁ। ସେଗୁଡ଼ିକ ଆମର ପରମ୍ପରା ଭିତରେ ରହିଯାଇଥିବାରୁ ଆମର ମନକୁ ଦୁର୍ବଳ କରାନ୍ତି ଏବଂ ସ୍ୱାଭାବିକ ଭାବରେ ଆମର ଆତ୍ମବିଶ୍ୱାସ ହାନିର କାରଣ ପାଲଟନ୍ତି। ଭୟରୁ ବ୍ୟସ୍ତ ନ ହୋଇ ଭୟର କାରଣ କ'ଣ ହୋଇପାରେ ତାହା ଜାଣିବା ଏବଂ ସେଥିପାଇଁ ଆମର ପ୍ରସ୍ତୁତି ଅଧିକ ରହିଲେ ଆପେ ଆପେ ଆମର ଆତ୍ମବିଶ୍ୱାସ ବୃଦ୍ଧି ହୁଏ।

ଜାପାନରେ ଗୋଟିଏ କଥା ଅଛି, ଯାହାକୁ କୁହାଯାଏ ଟ୍ରାଇସ୍କାଇଡେକା ଫୋବିୟା। ଏହା ହେଉଛି 'ତେର'କୁ ନେଇ ପ୍ରଚଳିତ ବହୁ ଭୟଙ୍କର ଉପକଥା। 'ତେର'କୁ ଅନେକ ଦେଶର ସଂସ୍କୃତି ଓ ପରମ୍ପରାରେ ଅଶୁଭ ବୋଲି ମାନ୍ୟତା ଦିଆଯାଏ। ତେଣୁ ବହୁତଳ ହର୍ମ୍ୟମାନଙ୍କରେ ତ୍ରୟୋଦଶ ମହଲା ରଖାଯାଏ ନାହିଁ। ସେଠାରେ ବାର ମହଲା ପରେ ଚଉଦ ମହଲା। କାରଣ ସେଠାରେ ରହିବାକୁ ଅତିଥିମାନେ ଚାହାନ୍ତି ନାହିଁ। ଅନେକ ହୋଟେଲରେ 'ତେର ନମ୍ବର' କୋଠରି ନଥାଏ ସେହି କାରଣରୁ।

ଅନେକ ବର୍ଷ ତଳେ ଭୁବନେଶ୍ୱରର ଏକ ଅଞ୍ଚଳରେ ବାସଗୃହ ଆବଣ୍ଟନ କରାଯାଉଥିଲା ଲଟେରୀ ମାଧ୍ୟମରେ। ଗୋଟିଏ ଏମିତି ଅଶୁଭ ନମ୍ବର ପ୍ଲଟଟିଏ ପଡ଼ିଲା ଜଣେ ଅତି ବିଶିଷ୍ଟ ବ୍ୟୁରୋକ୍ରାଟ୍‌ଙ୍କ ଭାଗ୍ୟରେ। ତହୁଁ ସେ ପରଦିନ ଡାଇରେକ୍ଟର ଇଷ୍ଟେଟଙ୍କୁ ଡକାଇ କହିଲେ, 'କିହୋ ତମେ ଏମିତି ଲଟେରୀ କରେଇଲ ଯେ ମୋ କପାଳରେ ପଡ଼ିଲା ଶହେତେର। ମୋର ପତ୍ନୀ ଖୁବ୍ ବିରକ୍ତ। ତମେ ତା'ର ସମାଧାନ କର। ତା'ପରେ ଦେଖାଗଲା ସେଇ ପ୍ଲଟର ନମ୍ବର ହୋଇଯାଇଛି ୧୧୨(ଏ)। କଥାରେ କହନ୍ତି ମଣିଷର ମନ ହେଉଛି ମାଙ୍କଡ଼ ସାଙ୍ଗରେ ସମାନ। ତା'କୁ ଠିକ୍ ବୁଝେଇ ଦେବା ଦରକାର। ସେଇ ଏକା ପ୍ଲଟ ୧୧୩ ହୋଇଥିଲେ ମଣିଷକୁ ଅଡୁଆ ଲାଗେ। ମାତ୍ର ୧୧୨ (ଏ) ହୋଇଗଲେ ରିଷ୍ଟ କଟିଯାଏ। ଭୟକୁ ବେଳେ ବେଳେ ଗୋଟିଏ ଅସ୍ତ୍ର ଭାବରେ ବି ବ୍ୟବହାର କରାଯିବା ଜରୁରୀ। ଗୋଟିଏ ଥାନାରେ ନୂଆକରି ଯୋଗ ଦେଉଥିବା ଅଧିକାରୀ ଜାଣିଥା'ନ୍ତି ଯେ ସେ ସବୁ ଅଞ୍ଚଳକୁ ନିଜର ପୁଲିସ ଫଉଜ ଦ୍ୱାରା ଶାସନ କରିପାରିବେ ନାହିଁ। ତେଣୁ ଭୟ ସୃଷ୍ଟି କରିବାକୁ ଚେଷ୍ଟା କରନ୍ତି। ଯଦି ସେଇଥିରେ ସଫଳ ହୋଇଯାଆନ୍ତି ତା'ହେଲେ ତାଙ୍କର ସମୟଟି ସୁରୁଖୁରୁରେ ଯାଏ।

ହଜାରେରୁ ଅଧିକ ବର୍ଷତଳେ କବି ଭର୍ତ୍ତୃହରି ଭୟ ବିଷୟରେ ଯାହା ତାଙ୍କର ବୈରାଗ୍ୟ ଶତକରେ ଲେଖିଥିଲେ ତାହା ଆଜିଯାଏ ବି ପର୍ଯ୍ୟାପ୍ତ ଅନୁଭୂତ ହୁଏ।

'ଭୋଗେ ରୋଗଭୟଂ କୁଳେ ଚ୍ୟୁତି ଭୟଂ ବିତ୍ତେଉନୃପାଳାଦ ଭୟଂ / ମାନେ ଦୈନ୍ୟଭୟଂ ବଳେ ରିପୁଭୟଂ ରୂପେ ଜରାୟାଭୟଂ / ଶାସ୍ତ୍ରେ ବାଦୀ ଭୟଂ ଗୁଣେ ଖଳ ଭୟଂ କାଳେ କୃତାନ୍ତଦ ଭୟଂ / ସର୍ବବସ୍ତୁ ଭୟାନ୍ୱିତଂ ଭୁବିନୃଣାଂ ବୈରାଗ୍ୟମେବାଭୟମ୍।'

ଦୁନିଆର ପ୍ରତ୍ୟେକ ବସ୍ତୁରେ ଭୟ ଲାଗି ରହିଛି। ଭୟ ଅନତିକ୍ରମଣୀୟ। ଆଉ ତା'ର ଉତ୍ପୀଡ଼ନ ଅବର୍ଣ୍ଣନୀୟ। କେବଳ ଆପଣ ଯଦି ବୈରାଗ୍ୟ ଆଶ୍ରୟୀ ହୁଅନ୍ତି ତେବେ ଆପଣଙ୍କୁ କେବେ ବି ଭୟ ଛୁଇଁ ପାରିବ ନାହିଁ। କେବଳ କର୍ମ କରିଚାଲିଥିବ। ଫଳାଶ୍ରୟୀ ନ ହେଲେ ଆପଣଙ୍କୁ ଭୟର ଉପଦ୍ରବ ଭୋଗିବାକୁ ପଡ଼ିବ ନାହିଁ।

(ପୂର୍ବତନ ପ୍ରଶାସନିକ ଅଧିକାରୀ)
ଭୁବନେଶ୍ୱର, ମୋ: ୯୪୩୮୪୮୨୯୧୧

# ଭାରତୀୟ ଭାବଧାରାର ଦାର୍ଶନିକ: ବାଗ୍ମୀ ବିଶ୍ୱନାଥ

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**

ସାହିତ୍ୟ ସରିତ୍

ଉତ୍କଳ ସାହିତ୍ୟ ପତ୍ରିକାର ସୁପ୍ରସିଦ୍ଧ ସମ୍ପାଦକ ଭାବରେ ବାଗ୍ମୀ ବିଶ୍ୱନାଥ କରଙ୍କ ମହନୀୟ ଅବଦାନ ସ୍ୱର୍ଣ୍ଣିମ ଅକ୍ଷରରେ ଲିପିବଦ୍ଧ ହୋଇରହିଛି ଓଡ଼ିଆ ସାହିତ୍ୟର ଇତିହାସରେ ଏବଂ ପ୍ରତ୍ୟେକ ସଚେତନ ଓଡ଼ିଆ ପାଠକମାନଙ୍କ ହୃଦୟରେ। କେତେ ଯେ କବି ଲେଖକଙ୍କୁ ସେ ନିଜ ପତ୍ରିକା ସହିତ ସଂଯୁକ୍ତ କରି ଓଡ଼ିଆ ସାହିତ୍ୟକୁ ସମୃଦ୍ଧିଶାଳୀ କରିଛନ୍ତି ତାହାର ଆକଳନ କରିବା ଦୁରୂହ ବ୍ୟାପାର। ସେ ଯେ କେବଳ ବଳିଷ୍ଠ କଣ୍ଠସ୍ୱରରେ ଉଦ୍‌ବୋଧନ ଦେଇ ପାରୁଥିଲେ, ଶକ୍ତିଶାଳୀ ଲେଖନୀ ମୁନରେ ପତ୍ରିକା ସମ୍ପାଦନା କରି ପାରୁଥିଲେ, ସେତିକି ନୁହେଁ। ସେ ନିଜେ ମଧ୍ୟ ଥିଲେ ଜଣେ ଶ୍ରେଷ୍ଠ ଗଦ୍ୟଶିଳ୍ପୀ, ଜଣେ ଉଚ୍ଚକୋଟୀର ପ୍ରାବନ୍ଧିକ। ପତ୍ରିକା ସମ୍ପାଦନାରେ ନିଜକୁ ଉତ୍ସର୍ଗ କରି ଦେଇଥିବା ବିଶ୍ୱନାଥ କର ଅଧିକ ପୁସ୍ତକ ରଚନା କରିପାରି ନ ଥିଲେ। ତାଙ୍କର 'ବିବିଧ ପ୍ରବନ୍ଧ' ଏପରି ଏକ ଚେତନା ଉଦ୍ରେକକାରୀ ସଂକଳନ, ଯାହା ଯେକୌଣସି ଯୁଗରେ ଆହ୍ୱାନଧର୍ମୀ କୃତି ଭାବରେ ନବଚେତନା-ସୃଷ୍ଟି-କ୍ଷମ ବିବେଚିତ ହେବା ସୁନିଶ୍ଚିତ।

ବିଶ୍ୱନାଥ କର ଥିଲେ ସଂସ୍କାରଧର୍ମୀ ମନୋଭାବ-ସମ୍ପନ୍ନ। ତଦନୁଯାୟୀ ତାଙ୍କ ପ୍ରବନ୍ଧର ବିଷୟବସ୍ତୁ ପରକଳ୍ପିତ ଓ ଉପସ୍ଥାପିତ। କୁସଂସ୍କାରଗ୍ରସ୍ତ ସମାଜକୁ ପରିଶୀଳିତ, ପରିମାର୍ଜିତ କରିବା ପାଇଁ ବଙ୍ଗ ପ୍ରଦେଶରେ ଯେଉଁ ନୂତନ ଉଦ୍ଦୀପନା ସୃଷ୍ଟି ହୋଇଥିଲା ବିଶ୍ୱନାଥ ତା'ଦ୍ୱାରା ଅନୁପ୍ରାଣିତ ହୋଇଛନ୍ତି। ବିଧବା ବିବାହ, ମଦ୍ୟପାନ ନିବାରଣ, ନାରୀ ସ୍ୱାଧୀନତା ଆଦି ବିଭିନ୍ନ ବିଷୟରେ ଓଡ଼ିଶାରେ ମଧ୍ୟ ନବଜାଗରଣର ତରଙ୍ଗ ଶିକ୍ଷିତ ଗୋଷ୍ଠୀଙ୍କୁ ସ୍ପର୍ଶ କରୁ, ଏହା ହିଁ ଥିଲା ତାଙ୍କ ପ୍ରବନ୍ଧ ରଚନାର ଆଭିମୁଖ୍ୟ। କି ବ୍ୟାପକ ଥିଲା ତାଙ୍କ ଚିନ୍ତନ ଓ ମନନର ପରିସର! କି ବିପୁଳ ଇଚ୍ଛାଶକ୍ତିରେ ସେ ଥିଲେ ସୁଦୃଢ଼! ଏହା ବ୍ୟତିରେକେ ରଚନା ପ୍ରଭାବଶାଳୀ ହେବା କେବେହେଲେ ସମ୍ଭବ ନୁହେଁ।

ବିଶ୍ୱନାଥ ବ୍ରାହ୍ମଧର୍ମ ଗ୍ରହଣ କରିଥିଲେ। ଏହା ତାଙ୍କ ଈଶ୍ୱର ଉପାସନାର ଅଭିନ୍ନ ମାର୍ଗ ତ ଥିଲା ନିଶ୍ଚୟ। ମାତ୍ର ସେ ଏହାରି ମାଧ୍ୟମରେ ସାମାଜିକ ପରିବର୍ତ୍ତନ ପାଇଁ ସ୍ୱକୀୟ ପ୍ରତିଶ୍ରୁତିବଦ୍ଧତାର ପରିଚୟ ଦେଇଛନ୍ତି। ସେ ହୃଦୟଙ୍ଗମ କରି ପାରିଥିଲେ ଏକ ନିଗୂଢ଼ ସତ୍ୟ। ତାହା ହେଲା ମଣିଷର ବିଶେଷତ୍ୱ ହେଉଛି ସେ ଆତ୍ମିକ ସତ୍ତାର ଅଧିକାରୀ। ମଣିଷର ବିକାଶ ତେଣୁ ଅସରନ୍ତି। ଶ୍ରୀଅରବିନ୍ଦ ଦର୍ଶନରେ ଏହି ନିଗୂଢ଼ ସତ୍ୟ ମର୍ମରିତ। ଶ୍ରୀଅରବିନ୍ଦ ଉପଲବ୍ଧି କରିଥିଲେ ଯେ ମଣିଷ ନିକଟରେ ରହିଛି ଚୈତ୍ୟସତ୍ତା ଏବଂ ଏହାର ବିକାଶ ସର୍ବଦା ରହିଥାଏ ଅବ୍ୟାହତ, ଅପ୍ରତିହତ। ସେହି ଅନ୍ତଃସତ୍ୟ ଉପରେ ବିଶ୍ୱନାଥଙ୍କ ବିଶ୍ୱାସ ସୁପ୍ରତିଷ୍ଠିତ। ଅପରପକ୍ଷରେ ଏପରି ମନ୍ଦ ପୈଶାଚିକ ସତ୍ତା ରହିଛନ୍ତି ଯେଉଁମାନେ ମଣିଷକୁ ପଥଭ୍ରଷ୍ଟ କରି ଦିଅନ୍ତି। 'ରାକ୍ଷସୀ ଲୀଳା' ପରି ପ୍ରବନ୍ଧରେ ଏପରି ଅବତାରଣାର କାରଣ ହେଉଛି ତାହାକୁ ଅତିକ୍ରମ କରିଯିବାର ଅଲୌକିକ ଦ୍ୟୁତି ମାନବାତ୍ମାରେ ପ୍ରଚ୍ଛନ୍ନ। ମଣିଷକୁ ଯଥାର୍ଥ ମାର୍ଗରେ ଅଗ୍ରସର କରାଇନେବାରେ ଜାଗ୍ରତ ରହିଛନ୍ତି ସ୍ୱୟଂ ଭଗବାନ। ନିଜ ସମାଜ ଓ ଦେଶକୁ ଅସତ ଶକ୍ତି ପ୍ରଭାବରୁ ମୁକ୍ତ କରିବା ପାଇଁ ପ୍ରାବନ୍ଧିକ ସିଧାସଳଖ ଦେଇଛନ୍ତି ଆହ୍ୱାନ। 'ଅନନ୍ତ ପ୍ରେମ' ଶୀର୍ଷକ ପ୍ରବନ୍ଧରେ ସେ ବର୍ଣ୍ଣନା କରିଛନ୍ତି, ପ୍ରେମଶୂନ୍ୟ ହୃଦୟ ପ୍ରେତ ପିଶାଚର ଲୀଳାସ୍ଥଳୀ। ପ୍ରେମାନୁଭବ ହିଁ ମଣିଷର ଅନ୍ତରକୁ ବିକଶିତ କରିଦିଏ ସାର୍ଥକ ଭାବରେ। 'ସାଧନା ଓ ସିଦ୍ଧି' ଲେଖାଟିରେ ସେ ଦର୍ଶାଇ ଦେଇଛନ୍ତି, ଜୀବନ କେବେ ହେଲେ ଉଦ୍ଦେଶ୍ୟବିହୀନ ହୋଇ ନ ପାରେ। ବିଶ୍ୱ-ନିଧାନଙ୍କୁ ଉପଲବ୍ଧି କରିପାରିଲେ କର୍ତ୍ତବ୍ୟର ପଥ ସୁସ୍ପଷ୍ଟ ହୋଇଉଠେ।

ଜୀବନ ଯେପରି ସୀମାହୀନ, ବିଶ୍ୱନାଥଙ୍କ ଭାବନା ମଧ୍ୟ ସେପରି ଅନ୍ତଃହୀନ। ବିନ୍ଦୁ ଭିତରେ ସିନ୍ଧୁ ଦର୍ଶନର ଅନୁଭବ ପ୍ରଦାନ କରିପାରେ ତାହା ଗଭୀର ଭାବରେ। ସ୍ୱାଧୀନ ଚିନ୍ତା, ସ୍ତ୍ରୀ ଶିକ୍ଷା, ମହାସ୍ରୋତ, ଅନନ୍ତ ପ୍ରେମ, ସାହିତ୍ୟ ଓ ଜୀବନ ପରି ବହୁ ବିଷୟରେ ତାଙ୍କ ହୃଦୟ କିପରି ଆଲୋଡ଼ିତ ହେଉଥିଲା ନିରନ୍ତର ତାହା ଭାବିଲେ ବିସ୍ମିତ ହେବାକୁ ପଡ଼ିଥାଏ। ସେହିପରି ସ୍ୱଦେଶ ସମ୍ପର୍କିତ ତାଙ୍କ ଚିନ୍ତାଧାରା କେତେ ଉଦାର, ମହତ ଓ କଲ୍ୟାଣକର ତାହା ବାରମ୍ବାର ଚର୍ଚ୍ଚିତ ହେବା ଆବଶ୍ୟକ। ଯେତେବେଳେ ସମଗ୍ର ଭାରତବର୍ଷର ଏକତା ଓ ଅଖଣ୍ଡତା ପ୍ରତି ଆମର ଶ୍ରଦ୍ଧା ହୋଇଉଠେ ସବୁଠାରୁ ଶ୍ରେଷ୍ଠ, ସେତେବେଳେ ସମସ୍ତ ପ୍ରକାର ସଂକୀର୍ଣ୍ଣତାରୁ ଆମକୁ ଯେ ମୁକ୍ତ ହେବାକୁ ପଡ଼ିବ -ଏହି ସନ୍ଦେଶ ପ୍ରଦାନ କରିବାରେ ବିଶ୍ୱନାଥଙ୍କ ଆନ୍ତରିକତା ହୋଇ ଉଠିଛି ଆକାଶଚୁମ୍ବୀ। ପ୍ରତିଟି ଶ୍ରଦ୍ଧାଶୀଳ ପାଠକ ହୃଦୟରେ ଭାରତୀୟ ଭାବଧାରାର ସ୍ରୋତ ସୃଷ୍ଟି କରିବାରେ ତାଙ୍କ ଭୂମିକା ବାସ୍ତବିକ ଅନନ୍ୟ।

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଅବଶିଷ୍ଟାଂଶ...

## କୁଆପଥର ମାଡ଼ରେ...

ମିଡ଼ିଆରେ ଭାଇରାଲ ହୋଇଛି । ବିମାନର କ୍ଷତିକୁ ଦେଖି ପାଇଲଟ୍ ତୁରନ୍ତ ଶ୍ରୀନଗର ବିମାନ ବନ୍ଦର କର୍ତ୍ତୃପକ୍ଷଙ୍କ ସହ ସମ୍ପର୍କ କରି ଜରୁରୀକାଳୀନ ଅବତରଣ ପାଇଁ ସୂଚନା ଦେଇଥିଲେ । ପରେ ପରେ ବିମାନଟି ସନ୍ଧ୍ୟା ପ୍ରାୟ ୬.୩୦ ମିନିଟ୍‌ରେ ଶ୍ରୀନଗର ବିମାନ ବନ୍ଦରରେ ସୁରକ୍ଷିତ ଅବତରଣ କରିଥିବା ଜଣାପଡ଼ିଛି । ସେପଟେ ବୁଧବାର ଅପରାହ୍ନରେ ଦିଲ୍ଲୀ ଏବଂ ଏନସିଆର ଅଞ୍ଚଳରେ ପ୍ରବଳ ବର୍ଷା ସହିତ କୁଆପଥର ମାଡ଼ ହୋଇଛି । ଏହାକୁ ନେଇ ଦିଲ୍ଲୀ ଆନ୍ତର୍ଜାତିକ ବିମାନ ବନ୍ଦରରେ ବହୁ ବିମାନ ଅବତରଣ କରିପାରି ନଥିଲା । ୧୦ ବିମାନର ଗତିପଥ ବଦଳାଯିବା ସହିତ ୫୦ରୁ ଅଧିକ ବିମାନ ଉଡାଣରେ ବିଳମ୍ବ ହୋଇଥିବା କୁହାଯାଉଛି ।

## ୮୨.୭୭% ପାସ୍...

ପରୀକ୍ଷା ଦେଇଥିବା ବେଳେ ୯୯ହଜାର ୭୨୪ଜଣ ପାସ୍ କରିଛନ୍ତି । ଛାତ୍ରଙ୍କ ପାସ୍ ହାର ୮୬.୪୯% ଥିବାବେଳେ ୮୮.୫୭% ଛାତ୍ରୀ ପାସ୍ କରି ଆଗରେ ରହିଛନ୍ତି । ୧୯୦୬ ଜଣ ପିଲା ୯୦%ରୁ ଅଧିକ ନମ୍ବର ରଖିଥିବାବେଳେ ୫୪,୯୪୭ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ଦ୍ୱିତୀୟ ଶ୍ରେଣୀରେ ୨୭,୪୨୪ ଓ ତୃତୀୟ ଶ୍ରେଣୀରେ ୧୪,୯୫୫ ଜଣ କୃତକାର୍ଯ୍ୟ ହୋଇଛନ୍ତି । ଚଳିତ ବର୍ଷ ପାସ୍ ହାରରେ ନୟାଗଡ଼ ଜିଲ୍ଲା ଶୀର୍ଷରେ ରହିଛି । ଏହି ଜିଲ୍ଲାରେ ୯୭.୫୮% ଥିବାବେଳେ ବୌଦ୍ଧ ଜିଲ୍ଲାର ପାସହାର ସର୍ବନିମ୍ନ ୭୧.୮୫% ରେକର୍ଡ ହୋଇଛି ।

ବାଣିଜ୍ୟରେ ୨୫ ହଜାର ୧୦୮ ଜଣ ପରୀକ୍ଷା ଦେଇଥିବା ବେଳେ ୨୦ହଜାର ୮୯୨ଜଣ ପାସ୍ କରିଛନ୍ତି । ଛାତ୍ରଛାତ୍ରୀଙ୍କ ମୋଟ୍ ପାସ୍ ହାର ୮୩.୨୦% ରହିଛି । ଛାତ୍ରଙ୍କ ପାସ୍‌ହାର ୮୧.୭୧% ଠାରୁ ଛାତ୍ରୀଙ୍କ ପାସହାର ୮୫.୭୭% ସହ ଆଗରେ ଅଛନ୍ତି । ୨୦୪ ଜଣ ପିଲା ୯୦%ରୁ ଅଧିକ ନମ୍ବର ରଖିଥିବାବେଳେ ୬୯୩୦ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ଦ୍ୱିତୀୟ ଶ୍ରେଣୀରେ ୪୫୨୫ ଓ ତୃତୀୟ ଶ୍ରେଣୀରେ ୯୨୧୬ ଜଣ କୃତକାର୍ଯ୍ୟ ହୋଇଛନ୍ତି । ନୟାଗଡ଼ ଜିଲ୍ଲାରେ ସର୍ବାଧିକ ପାସ୍ ହାର ୯୩.୭୧% ଥିବାବେଳେ କଳାହାଣ୍ଡି ଜିଲ୍ଲାରେ ସର୍ବନିମ୍ନ ୬୭.୧୯% ରହିଛି । ଧନ୍ଦାମୂଳକ ଶିକ୍ଷାରେ ପରୀକ୍ଷା ଦେଇଥିବା ୬,୬୫୨ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୩,୭୩୫ ଜଣ ପାସ୍ କରିଛନ୍ତି । ୨୦୨୪ରେ ପାସ୍ ହାର ୬୮.୦୨% ଥିବାବେଳେ ଚଳିତବର୍ଷ ୬୦.୫୭% ସହ ପାସ୍‌ହାର କମିଛି । ମାତ୍ର ଜଣେ ପରୀକ୍ଷାର୍ଥୀ ୯୦%ରୁ ଅଧିକ ନମ୍ବର ରଖିଥିବାବେଳେ ୭୬୮ ଜଣ ପ୍ରଥମ ଶ୍ରେଣୀରେ କୃତକାର୍ଯ୍ୟ ହୋଇଛନ୍ତି । ବାଲେଶ୍ୱର ଜିଲ୍ଲାର ପାସ୍ ହାର ସର୍ବାଧିକ ୮୩.୮୩% ଥିବାବେଳେ ମାଲକାନଗିରିରୁ କେହି ପାସ୍ କରିପାରି ନାହାନ୍ତି ।

ସିଏଚ୍‌ଏସ୍‌ଇ କାର୍ଯ୍ୟାଳୟରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇ ପରୀକ୍ଷା ଫଳ ପୁସ୍ତିକାକୁ ଉନ୍ମୋଚନ କରିଛନ୍ତି । ତାଙ୍କ ସହିତ ବିଭାଗୀୟ ସଚିବ ଶାଳିନୀ ପଣ୍ଡିତ, ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ନିର୍ଦ୍ଦେଶକ ରଘୁରାମ ଆର୍ ଆୟର, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଅଧ୍ୟକ୍ଷ ମୃଣାଳକାନ୍ତି ଦାସ, ସଚିବ ଶୁଭବାଳା ବେହେରା ଓ ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ ।

### ■ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ୯୦% ପିଲା ରଖିଛନ୍ତି ୪୫%ରୁ ଅଧିକ ନମ୍ବର

ଭୁବନେଶ୍ୱର,୨୧।୫(ସମିଦ): ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କ ପ୍ରଦର୍ଶନ ପୂର୍ବାପେକ୍ଷା ଉନ୍ନତ ହୋଇଛି । ଚଳିତ ବର୍ଷ ୯୦%ରୁ ଅଧିକ ପିଲା ୪୫%ରୁ ଅଧିକ ନମ୍ବର ରଖିଛନ୍ତି । ଇଞ୍ଜିନିୟରିଂ ପରି ୪୫% ନମ୍ବର ବାଧ୍ୟତାମୂଳକ ଥିବା ପାଠ୍ୟକ୍ରମରେ ସେମାନେ ନାମ ଲେଖାଇ ପାରିବେ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ଚଳିତ ଥର ସିବିଏସ୍‌ଇ ଢାଞ୍ଚାରେ ଇଣ୍ଟରନାଲ ପରୀକ୍ଷା ସାମିଲ କରାଯାଇଥିଲା । ଫଳରେ ପୂର୍ବରୁ ୩୩ରୁ ୩୭ ମାର୍କ ପାଉଥିବା ସିଂହଭାଗ ପିଲା ୪୫ରୁ ଅଧିକ ନମ୍ବର ରଖିପାରିଛନ୍ତି । ଭବିଷ୍ୟତରେ ଯଦି ସିବିଏସ୍‌ଇ ନିଜର ପରୀକ୍ଷା ପ୍ରଶ୍ନପତ୍ର ବା ଢାଞ୍ଚାରେ କୌଣସି ପରିବର୍ତ୍ତନ କରେ; ସେହି ଅନୁଯାୟୀ ରାଜ୍ୟରେ ମଧ୍ୟ ପରିବର୍ତ୍ତନ କରାଯିବ । ଜାତୀୟସ୍ତରୀୟ ପ୍ରତିଦ୍ୱନ୍ଦିତାରେ ଓଡ଼ିଶାର ଛାତ୍ରଛାତ୍ରୀଙ୍କୁ ସାମିଲ କରିବାକୁ ହେଲେ ସମୟୋପଯୋଗୀ ପଦକ୍ଷେପ ନେବା ଜରୁରୀ ବୋଲି ଡ. ପରିଡ଼ା ପ୍ରକାଶ କରିଛନ୍ତି ।

## ଜନମତକୁ ଡର...

ଜାରି ପ୍ରେସ ବିଜ୍ଞପ୍ତି ଏହି ସନ୍ଦେହକୁ ଅଧିକ ଘନୀଭୂତ କରିଛି । ବିଜ୍ଞପ୍ତି ପ୍ରକାଶନ ପୂର୍ବରୁ କମିଶନ କାହିଁକି ମତାମତ ଗ୍ରହଣ କରିନଥିଲେ ଏବଂ ମାତ୍ର ଜାଣିଶୁଣି କମିଶନ କିପରି ମତାମତ ଗ୍ରହଣ କଲେ ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଅନ୍ୟପକ୍ଷରେ ରାଜନୀତିକ ମହଲରେ ଉପ ନିର୍ବାଚନ ସ୍ଥଗିତକୁ ନେଇ ଭିନ୍ନ ଭିନ୍ନ ଆଲୋଚନା ଆରମ୍ଭ ହୋଇଛି । ନିର୍ବାଚନର ସମ୍ଭାବ୍ୟ ଫଳ ବିରୋଧରେ ଯିବାର ଆଶଙ୍କା ଥିବାରୁ ଶାସକ ଦଳ ସମ୍ଭବତଃ ଏହି ଉପନିର୍ବାଚନକୁ ରୋକିବାକୁ ସମର୍ଥ ହୋଇପାରିଛନ୍ତି ବୋଲି ଆଲୋଚନା ହୋଇଛି । ରାଜ୍ୟରେ କ୍ଷମତା ଦଖଲର ବର୍ଷେ ବିତିବାକୁ ବସିଥିବାବେଳେ ସରକାର କୌଣସି ପ୍ରଭାବୀ କାର୍ଯ୍ୟକ୍ରମ ଗ୍ରହଣ କରିନାହାନ୍ତି । ଗାଁ ଗାଁରେ ବିକାଶମୂଳକ କାମ ଅଟକି ରହିଛି, ନିର୍ବାଚନୀ ପ୍ରତିଶ୍ରୁତି ପୂରଣ କରିବାରେ ସରକାର ଟାଳଟୁଳ ନୀତି ଅବଲମ୍ବନ କରିଛନ୍ତି, ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ, ସରକାରୀ କାର୍ଯ୍ୟାଳୟରେ ଶାସକ ଦଳର କର୍ମୀଙ୍କ ମାମଲତି ଏକ ଅଶ୍ୱସ୍ତିକର ପରିବେଶ ସୃଷ୍ଟି କରିଛି । ବର୍ଷକ ମଧ୍ୟରେ ନିଗମ, କର୍ପୋରେସନ ଆଦିରେ ଥଇଥାନମୂଳକ ନିଯୁକ୍ତି ହୋଇ ନ ଥିବାରୁ ଦଳ ମଧ୍ୟରେ ଅସନ୍ତୋଷ ବଢ଼ିଛି । ଯାହାକୁ ନେଇ ଗାଁ ଗାଁରେ ଶାସକଦଳ ବିରୋଧରେ ଏକ ଅନ୍ତଃସ୍ରୋତ ପ୍ରବାହିତ ହେଉଛି । ଏହି ପରିସ୍ଥିତିରେ ଉପନିର୍ବାଚନ ଶାସକ ଦଳ ପାଇଁ ଘାତକ ହେବାର ଆଶଙ୍କା ଥିବାରୁ ଶେଷ ମୁହୂର୍ତ୍ତରେ ମୌସୁମୀ ବାହାନା କରି ନିର୍ବାଚନକୁ ରୋକା ଯାଇଛି ବୋଲି ରାଜନୈତିକ ସମୀକ୍ଷକମାନେ ମତବ୍ୟକ୍ତ କରିଛନ୍ତି । ବର୍ଷାଧିକ କାଳଧରି ଖାଲି ପଡ଼ିଥିବା ପଞ୍ଚାୟତ ପ୍ରତିନିଧିଙ୍କ ସ୍ଥାନ ପୂରଣ ନ ହେବା ଯୋଗୁଁ ସମ୍ପୃକ୍ତ ଅଞ୍ଚଳରେ ବିକାଶମୂଳକ କାର୍ଯ୍ୟ ବ୍ୟାହତ ହେଉଛି । ମାତ୍ର ଜାଣିଶୁଣି ଏହି ପଞ୍ଚାୟତ ବା ୱାଡର୍‌ଗୁଡ଼ିକରେ ଉପ ନିର୍ବାଚନ କରାଗଲା ନାହିଁ; ଆଉ ଯେବେ ଉପନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ କରିବାର ୨୪ ଘଣ୍ଟା ମଧ୍ୟରେ ଏହାକୁ ରଦ୍ଦ କରାଯିବା ସ୍ୱାଭାବିକ ନିଷ୍ପତ୍ତି ବୋଲି କୁହାଯାଇ ପାରୁନାହିଁ । ଆଗାମୀ ୧୨ ତାରିଖରେ ରାଜ୍ୟ ସରକାରଙ୍କୁ ବର୍ଷେ ପୂରୁଛି, ଏଥିପାଇଁ ସରକାର ଯାବତୀୟ କାର୍ଯ୍ୟକ୍ରମ ଆୟୋଜନ କରୁଛନ୍ତି । ସରକାରଙ୍କ କାର୍ଯ୍ୟ ଓ ଶାସକ ଦଳର ନେତାମାନଙ୍କ ଆଭିମୁଖ୍ୟକୁ ନେଇ ରାଜ୍ୟରେ ଅସନ୍ତୋଷ ବଢ଼ି ଚାଲିଛି । ତେଣୁ ଏହି ଅସନ୍ତୋଷକୁ ଡ଼ରି ଉପନିର୍ବାଚନ ନିମନ୍ତେ ସରକାର ଓ ଶାସକ ଦଳ ପଛଘୁଞ୍ଚା ଦେଇଥାଇ ପାରନ୍ତି ବୋଲି ମଧ୍ୟ ଆଲୋଚନା ଚାଲିଛି ।

## ସରକାରରେ ନାହିଁ...

ଏହାକୁ ନେଇ ଯାବତୀୟ ତୁମ୍ବୀତୋଫାନ ହେଲା, ସାମାଜିକ ଗଣମାଧ୍ୟମରେ ସରକାରଙ୍କ ଉଭୟ ଉଚ୍ଚଶିକ୍ଷା ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀଙ୍କୁ ପ୍ରବଳ ସମାଲୋଚନା ହେଲା; ବିଭିନ୍ନ ଗଣମାଧ୍ୟମରେ ଏ ସମ୍ପର୍କରେ ଖବର ପ୍ରକାଶ ପାଇଲା । ଏହା ପରେ ଯାଇ ସରକାରଙ୍କ ଚେତା ଭାଙ୍ଗିଲା । ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ଏବଂ ଉଚ୍ଚଶିକ୍ଷାମନ୍ତ୍ରୀ କଥା ହେବା ପରେ ଯୁକ୍ତ ୩ ଆବେଦନ ଅବଧିକୁ ଜୁନ୍ ୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଗଲା । ଏହାପରେ ଆଜି ଅର୍ଥାତ୍ ମଇ ୨୧ ତାରିଖରେ ଯୁକ୍ତ ୨ ଫଳ ପ୍ରକାଶ ପାଇଲା । ଶେଷ ମୁହୂର୍ତ୍ତରେ ଲଜ୍ଜିତ ହେବାରୁ ସରକାର ଅଳ୍ପକେ ବର୍ତ୍ତିଗଲେ ।

ସରକାରୀ ବ୍ୟବସ୍ଥାରେ ବିଭାଗୀୟ ମନ୍ତ୍ରୀ ନିଜ ବିଭାଗର କାର୍ଯ୍ୟକଳାପ ପାଇଁ ଉତ୍ତରଦାୟୀ । ନିକଟରେ ସରକାର ମନ୍ତ୍ରୀମାନଙ୍କୁ ଅଧିକ ଉତ୍ତରଦାୟୀ କରିବାକୁ ଯାବତୀୟ ପ୍ରଚେଷ୍ଟା ବି କରିଛନ୍ତି । ତେବେ ଏପରି ଅସଙ୍ଗତି ପାଇଁ ଦୁଇ ବିଭାଗର ମନ୍ତ୍ରୀ ଉତ୍ତରଦାୟୀ ହେବେ ନା ବିଭାଗୀୟ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ, ତାହା ଦେଖିବାକୁ ବାକି ରହିଲା ।

## ଓବିସି ପାଇଁ...

ଏସ୍‌ଟି ସେଲ୍‌ର ଆବାହକ ମଙ୍ଗଳା କିସାନ ଓ ଏସସି ସେଲର ଆବାହକ ମହେଶ ସାହୁଙ୍କ ପୌରୋହିତ୍ୟରେ ଦଳୀୟ ନେତାମାନେ ଯୋଗ ଦେଇ ସଂଖ୍ୟାନୁପାତିକ ସଂରକ୍ଷଣ ଦାବି କରିଛନ୍ତି । ଦଳର ବରିଷ୍ଠ ନେତାମାନେ ନିଜ ବକ୍ତବ୍ୟରେ କହିଛନ୍ତି ଯେ ରାଜ୍ୟର ଏସ୍‌ସି,ଏସ୍‌ଟି,ଓବିସି ବର୍ଗର ଲୋକଙ୍କ ସ୍ୱାର୍ଥ ରକ୍ଷା ପ୍ରଦାନ ପାଇଁ ଦଳ ବିଭିନ୍ନ ପଦକ୍ଷେପ ନେବା ସହିତ ପ୍ରତିଶ୍ରୁତିବଦ୍ଧ । ରାଜ୍ୟର ଓବିସି ବର୍ଗର ଲୋକମାନଙ୍କୁ ନ୍ୟାଯ୍ୟ ଅଧିକାର ପ୍ରଦାନ ପାଇଁ ୨୦୨୦ ମସିହାରେ ଜଷ୍ଟିସ ରଘୁନାଥ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଏକ କମିସନ ଗଠନ କରାଯାଇଥିଲା । ରାଜ୍ୟର ଓବିସି, ଏସ୍‌ସି ଓ ଏସ୍‌ଟି ବର୍ଗର ଲୋକଙ୍କୁ ଶିକ୍ଷା ଓ ଚାକରି କ୍ଷେତ୍ରରେ ସଂଖ୍ୟା ଅନୁପାତରେ ଉପଯୁକ୍ତ ସଂରକ୍ଷଣ ପ୍ରଦାନ ପାଇଁ, ସର୍ବାଧିକ ୫୦ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ପ୍ରତିବନ୍ଧକ ସାଜୁ ଥିବାରୁ ଏହାକୁ ହଟାଇବା ପାଇଁ ନବୀନ ସରକାର ସର୍ବୋଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ । ଓବିସିମାନଙ୍କୁ ସଂଖ୍ୟା ଅନୁପାତରେ ସଂରକ୍ଷଣ ପ୍ରଦାନ ପାଇଁ ରାଜ୍ୟରେ ଓବିସି ବର୍ଗର ଜନସଂଖ୍ୟା ସର୍ଭେ ନବୀନ ସରକାରଙ୍କ ଦ୍ୱାରା ୨୦୨୩ ମସିହାରେ କରାଯାଇଥିଲା । ପୂର୍ବରୁ ଓବିସି ତାଲିକାରେ ନଥିବା ୨୦ଟି ବର୍ଗର ଲୋକଙ୍କୁ ୨୦୨୩ ମସିହାରେ ନବୀନ ସରକାର ଓବିସି ବର୍ଗରେ ସାମିଲ କରି ଐତିହାସିକ ପଦକ୍ଷେପ ଗ୍ରହଣ କରିଥିଲା । ୨୦୨୧ ମସିହାରେ ରାଜ୍ୟରେ ଅନୁଷ୍ଠିତ ହୋଇଥିବା ପଞ୍ଚାୟତ ନିର୍ବାଚନରେ ବିଜେଡି ପକ୍ଷରୁ ୪୦ ପ୍ରତିଶତରୁ ଅଧିକ ଆସନରେ ଓବିସି ବର୍ଗର ଲୋକଙ୍କୁ ପ୍ରାର୍ଥୀ କରାଯାଇଥିଲା । ଅପରପକ୍ଷରେ ବିଜେପି ଓବିସି ମାନଙ୍କୁ ସଂରକ୍ଷଣ ପ୍ରଦାନ ପ୍ରସଙ୍ଗକୁ ଆରମ୍ଭରୁ ବିରୋଧ କରି ଆସୁଥିଲା ବୋଲି ନେତାମାନେ ତାଙ୍କ ବକ୍ତବ୍ୟରେ କହିଛନ୍ତି । କାର୍ଯ୍ୟକ୍ରମରେ ଦେବୀ ପ୍ରସାଦ ମିଶ୍ର, ପ୍ରଫୁଲ୍ଲ ସାମଲ, ବଦ୍ରି ନାରାୟଣ ପାତ୍ର, ସଞ୍ଜୟ ଦାସବର୍ମା, ପ୍ରମିଳା ମଲ୍ଲିକ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଅତନୁ ସବ୍ୟସାଚୀ ନାୟକ, ପ୍ରଣବ ପ୍ରକାଶ ଦାସ,ନିରଞ୍ଜନ ପୂଜାରୀ, ଟୁକୁନି ସାହୁ, ପ୍ରତାପ ଜେନା,ସ୍ନେହାଙ୍ଗିନୀ ଛୁରିଆ, କଳିକେଶ ନାରାୟଣ ସିଂହଦେଓ, ବ୍ୟୋମକେଶ ରାୟ, ସୁଭାଶିଷ ଖୁଣ୍ଟିଆ, ଦେବୀ ରଞ୍ଜନ ତ୍ରିପାଠୀ, ଅଶୋକ ଚନ୍ଦ୍ର ପଣ୍ଡା, ଉମାକାନ୍ତ ସାମନ୍ତରାୟ, ଅନନ୍ତ ନାରାୟଣ ଜେନା, ସୁଶାନ୍ତ ରାଉତ, ଗଣେଶ୍ୱର ବେହେରା, ଧ୍ରୁବ ଚରଣ ସାହୁ, ଭୃଗୁ ବକ୍ସିପାତ୍ର, ସୁନିଲ ମହାନ୍ତି, ପ୍ରୀତିରଞ୍ଜନ ଘଡ଼େଇ, ଅରବିନ୍ଦ ମହାପାତ୍ର, ସାରଦା ପ୍ରସନ୍ନ ଜେନା, ସାରଦା ନାୟକ, ରୋହିତ ଯୋଶେଫ ତିର୍କୀ, ରାଜେନ୍ଦ୍ର ସାହୁ, ପ୍ରଦୀପ ମାଝୀ, ମନ୍ମଥ ରାଉତରାୟ, ସୌଭିକ ବିଶ୍ୱାଳ, ବ୍ରଜକିଶୋର ପ୍ରଧାନ, ନଳିନୀକାନ୍ତ ପ୍ରଧାନ, ସୁଲୋଚନା ଦାସ, ରାଜଶ୍ରୀ ମଲ୍ଲିକ, ଶର୍ମିଷ୍ଠା ସେଠୀ, ଲୋପାମୁଦ୍ରା ବକ୍ସିପାତ୍ର, ପ୍ରଶାନ୍ତ ମୁଦୁଲି, ଶ୍ରୀକାନ୍ତ ସାହୁ, ରମେଶ ବେହେରା, ସୁଧୀର ସାମଲ, ପ୍ରମୋଦ ମଲ୍ଲିକ, ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ରୂପେଶ କୁମାର ପାଣିଗ୍ରାହୀ, ପ୍ରଦୀପ ଅମାତ, ମୁକେଶ କୁମାର ପାଲ, ଯୋଗେଶ କୁମାର ସିଂ, ପ୍ରଶାନ୍ତ ବେହେରା, ପ୍ରଦୀପ କୁମାର ସାହୁ, ଶଶି ଭୂଷଣ ବେହେରା, ଚକ୍ରମଣି କହଁର, ନବକିଶୋର ମଲ୍ଲିକ, ବିକ୍ରମ ପଣ୍ଡା, ସୁବାସ ବେହେରା, ରୁଦ୍ର ପ୍ରତାପ ମହାରଥୀ, ମାନସ ମାଡ଼କାମୀ, ମିଡିଆ ସଂଯୋଜକ ଡ଼ ପ୍ରିୟବ୍ରତ ମାଝୀ ପ୍ରମୁଖ ବକ୍ତବ୍ୟ ଦେଇଥିଲେ ।

## ୩୦ ମାଓବାଦୀ...

ଘଟଣା ସ୍ଥଳରୁ ବହୁ ପରିମାଣର ବନ୍ଧୁକ ସହ ବିସ୍ଫୋରକ ସାମଗ୍ରୀ ଜବତ ହୋଇଥିବା ଛତିଶଗଡ ଗୃହମନ୍ତ୍ରୀ ବିଜୟ ଶର୍ମା କହିଛନ୍ତି । ଅବୁଜମାଡ଼ ଜଙ୍ଗଲରେ ସର୍ଚ୍ଚ ଅପରେସନ ଜାରି ରହିଛି । ଅପରେସନରେ ଡିଆରଜି ଜବାନଙ୍କ ସହ ସିଆରପିଏଫ ବାହିନୀ ମଧ୍ୟ ସାମିଲ୍ ଅଛନ୍ତି । ମାଓବାଦୀଙ୍କ ମୃତ୍ୟୁ ସଂଖ୍ୟା ଆହୁରି ବଢ଼ିବାର ଆଶଙ୍କା ରହିଛି । କାରଣ ଅନେକ ମାଓବାଦୀ ଏଥିରେ ଗୁରୁତର ଆହତ ହୋଇଛନ୍ତି । ଅଞ୍ଚଳରେ ତଲାସି ଅଭିଯାନ ଜାରି ରହିଛି । ମାଓବାଦୀଙ୍କ ଗୁଳିରେ ଜଣେ ସୁରକ୍ଷା କର୍ମୀ ଗୁରୁତର ଭାବେ ଆହତ ହୋଇଥିବା ବେଳେ ପୁଲିସର ଜଣେ ସହଯୋଗୀ ସହିଦ ହୋଇଛନ୍ତି । ଆହତ ଯବାନଙ୍କୁ ବାୟୁସେନାର ହେଲିକେପ୍ଟର ଯୋଗେ ରାୟପୁର ସ୍ଥାନାନ୍ତର କରାଯାଇଛି । ସେଠାରେ ଏକ ଘରୋଇ ହସ୍ପିଟାଲରେ ତାଙ୍କର ଚିକିତ୍ସା ଚାଲିଛି । କେଶବ ରାଓଙ୍କ ମୃତ୍ୟୁ ପରେ ଲାଲ୍ ବାହିନୀ ଏକ ପ୍ରକାର ଦୁର୍ବଳ ହୋଇପଡିବ ବୋଲି କୁହାଯାଉଛି ।

## ଜ୍ୟୋତିଙ୍କ ବ୍ୟାଙ୍କ୍‌ରେ...

ଆସୁଥିବା ଟଙ୍କା ଦେଖି ଦତନ୍ତକାରୀ ଅଧିକାରୀ ତାଜୁବ ହୋଇଯାଇଛନ୍ତି । ହରିଆଣା ପୁଲିସ ସୂତ୍ରରୁ ପ୍ରକାଶ ଯେ ଜ୍ୟୋତିଙ୍କର ବ୍ୟାଙ୍କ ଆକାଉଣ୍ଟରେ ଅନେକ କାରବାର ସନ୍ଦେହ ଘେରରେ ରହିଛି । ଏପର୍ଯ୍ୟନ୍ତ ତାଙ୍କର ୪ଟି ବ୍ୟାଙ୍କ ଆକାଉଣ୍ଟ ଜବତ କରାଯାଇଛି । ଗୋଟିଏ ଆକାଉଣ୍ଟରେ ଦୁବାଇ ସହିତ କାରବାର ହୋଇଥିବାର ତଥ୍ୟ ମିଳିଛି । ସେ କେଉଁ କେଉଁ ସୂତ୍ରରୁ ଅର୍ଥ ପାଉଥିଲେ, ତାହାର ଯାଞ୍ଚ କରାଯାଉଛି । ଦୁବାଇରୁ ତାଙ୍କ ପାଇଁ ଟଙ୍କା କିଏ ପଠାଉଥିଲା ତାହାର ଅନୁଧ୍ୟାନ କରାଯାଉଛି । ସେ ପାକିସ୍ତାନ ଓ ଚୀନ ସମେତ ୮ଟି ରାଜ୍ୟକୁ ଗସ୍ତ କରିଛନ୍ତି । ସେଠାରେ ସେ ତାରକା ହୋଟେଲରେ ରହୁଥିବା ବେଳେ ବିଳାସପୂର୍ଣ୍ଣ କାରରେ ଯାତ୍ରା କରୁଥିଲେ । ଏବାବଦ ଖର୍ଚ୍ଚ କିଏ ବହନ କରୁଥିଲା, ତାହାର ଖୋଳତାଡ଼ କରଯାଉଛି । କାରଣ ଜ୍ୟୋତିଙ୍କର ଆୟ ଯାହା, ସେ ତୁଳନାରେ ତାଙ୍କର ଖର୍ଚ୍ଚ ଢେର ଅଧିକ ଥିଲା ।

ଇତିମଧ୍ୟରେ ମିଳିଥିବା ଖବର ଅନୁଯାୟୀ ପାକିସ୍ତାନୀ ଏଜେଣ୍ଟମାନଙ୍କ ସହିତ ତାଙ୍କର ସଂପର୍କ ରହିଥିବା ନେଇ ସ୍ୱୀକାର କରିଛନ୍ତି ଜ୍ୟୋତି । ପୁଲିସକୁ ଜେରା ବେଳେ ସେ କହିଛନ୍ତି ଯେ ନୂଆଦିଲ୍ଲୀ ସ୍ଥିତ ପାକିସ୍ତାନ ହାଇକମିସନ ଅଫିସରେ ଦାନିସ ନାମକ ଜଣେ ଅଧିକାରୀ ସହ ତାଙ୍କର ସଂପର୍କ ଥିଲା । ପାକିସ୍ତାନ ଯିବା ଲାଗି ଭିସା ପାଇଁ ୨୦୨୩ରେ ସେ ପାକ୍ ହାଇକମିସନ ଅଫିସ ଯାଇଥିବା ବେଳେ ଦାନିସ ସହିତ ତାଙ୍କର ପରିଚୟ ହୋଇଥିଲା । (ସୂଚନାଯୋଗ୍ୟ ଯେ ପହଲଗାମ ଆକ୍ରମଣ ପରେ ଦାନିସକୁ ଭାରତ ସରକାର ଅବାଞ୍ଛିତ ବ୍ୟକ୍ତି ଘୋଷଣା କରିବା ସହିତ ଭାରତରୁ ବହିଷ୍କାର କରିଥିଲେ ।) ପାକିସ୍ତାନ ଗସ୍ତରେ ଯାଇଥିବା ବେଳେ ସେଠାରେ ଦାନିସର ବନ୍ଧୁ ଅଲ୍ଲୀ ହାସନ ସହିତ ଜ୍ୟୋତିଙ୍କର ଦେଖା ହୋଇଥିଲା । ପାକିସ୍ତାନରେ ରହିବା ଓ ବୁଲିବା ଲାଗି ସବୁ ବ୍ୟବସ୍ଥା କରିଥିଲା ହାସନ । ଏହି ଅବସରରେ ହାସନ ଜ୍ୟୋତିଙ୍କୁ ପାକିସ୍ତାନୀ ଗୁଇନ୍ଦା ସଂସ୍ଥାର ଦୁଇ ଜଣ ଏଜେଣ୍ଟ ସାକିର ଓ ରାଣାଙ୍କ ସହିତ ପରିଚୟ କରାଇଥିଲା । ସେ ତାଙ୍କ ମୋବାଇଲରେ ସାକିର ନାମ ଜାଟ୍ଟ ରନ୍ଧାୱା ନାମରେ ସେଭ୍ କରିଥିଲେ । ଭାରତ ଫେରିଲା ପରେ ହ୍ୱାଟସ ଆପ୍, ସ୍ନାପଚାଟ୍ ଏବଂ ଟେଲିଗ୍ରାମ ଜରିଆରେ ପାକିସ୍ତାନୀ ଏଜେଣ୍ଟମାନଙ୍କ ସହିତ ସଂପର୍କ ରକ୍ଷା କରିଥିଲେ ଜ୍ୟୋତି ।

'ଟ୍ରାଭେଲ ଉଇଥ୍ ଜୋ' ନାମରେ ୟୁଟ୍ୟୁବ ଚାନେଲ ଖୋଲିଥିବା ଜ୍ୟୋତି ପାକିସ୍ତାନୀ ଗୁଇନ୍ଦା ଏଜେଣ୍ଟ ଅଲ୍ଲୀ ହାସନ ସହିତ ସବୁଠାରୁ ବେଶି ଘନିଷ୍ଠ ଥିଲେ । ସୋମନଙ୍କ ମଧ୍ୟରେ ଘନିଷ୍ଠତା ଏତେ ବଢ଼ିଯାଇଥିଲା ଯେ ହାସନକୁ ବାହା ହେବା ଲାଗି ଜ୍ୟୋତି ବାକୁଳ ହୋଇପଡ଼ିଥିଲେ । ଥରେ ହ୍ୱାଟ୍ସ ଆପ୍‌ରେ ବିବାହ ପାଇଁ ସେ ହାସନକୁ ପ୍ରସ୍ତାବ ଦେଇଥିଲେ । ସେ ଲେଖିଥିଲେ, 'ମୋତେ ପାକିସ୍ତାନ ନେଇ ବିବାହ କର' । ଏହି ବାର୍ତ୍ତା ତାଙ୍କର ପାକିସ୍ତାନ ପ୍ରୀତିକୁ ଉଜାଗର କରୁଛି । କେବଳ ଏତିକି ନୁହେଁ, ସେମାନଙ୍କ ମଧ୍ୟରେ ଗୁପ୍ତ କୋଡ୍ ଜରିଆରେ ଅନେକ ତଥ୍ୟ ଆଦାନ ପ୍ରଦାନ ହୋଇଥିବାର ମଧ୍ୟ ଜଣାପଡ଼ିଛି । ସୂଚନାଯୋଗ୍ୟ ଯେ ଜ୍ୟୋତିଙ୍କ ସମେତ ୧୨ରୁ ଅଧିକ ଲୋକଙ୍କୁ ପାକିସ୍ତାନ ପାଇଁ ଗୁଇନ୍ଦାଗିରି କରୁଥିବା ଅଭିଯୋଗରେ ଗିରଫ କରାଗଲାଣି । ଉତ୍ତର ପ୍ରଦେଶ, ହରିଆଣା ଓ ପଞ୍ଜାବରୁ ଗିରଫ ହୋଇଥିବା ଏହି ଗୁପ୍ତଚରମାନଙ୍କ ମଧ୍ୟରେ ବ୍ୟବସାୟୀ, ଛାତ୍ର ଓ ସିକୁରିଟି ଗାର୍ଡ ମଧ୍ୟ ଅଛନ୍ତି ।

## ଆଜିର ରାଶିଫଳ

**ମେଷ:** ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ । ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ । ଆର୍ଥିକ ସ୍ଥିତି ଭଲ ରହିବ । ବନ୍ଧୁଙ୍କ ସହାୟତା ମିଳିବ । ନକାରାତ୍ମକ ଚିନ୍ତା ଦୂର ହେବ ।

**ବୃଷ:** ଯାତ୍ରା ଯୋଗ ଅଛି । ଯାନବାହନ କିଣିବେ । ନିବେଶରୁ ଦୂରେଇ ରୁହନ୍ତୁ । ଛାତ୍ରଛାତ୍ରୀ ମନପସନ୍ଦ କାର୍ଯ୍ୟରେ ସମୟ ଅତିବାହିତ କରିବେ । ବନ୍ଧୁଙ୍କ ସହ ମନୋମାଳିନ୍ୟ ଦେଖା ଦେବ ।

**ମିଥୁନ:** ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ । ମନ ପ୍ରସନ୍ନ ରହିବ । ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ । ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ । ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ । କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ । ବିବାହରେ ସମସ୍ୟା ଆସିବ । ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ ।

**ସିଂହ:** ଚାକିରିରେ ସଫଳତା ମିଳିବ । ଜୀବନସାଥୀଙ୍କ ସହଯୋଗ ମିଳିବ । ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ । ପାରିବାରିକ ଜୀବନ ସୁଖମୟ ହେବ । ଘରେ ପୂଜାପାଠ ଆୟୋଜନ କରିବେ । ଅଟକିଥିବା କାର୍ଯ୍ୟ ପୂରା ହେବ । ଆୟର ନୂଆ ଅବସର ପ୍ରାପ୍ତ ହେବ ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ । ଆର୍ଥିକ ସ୍ଥିତି ମଜଭୁତ୍ ହେବ । ବିବାହ ପ୍ରସ୍ତାବ ଆସିବ । ରାଜନୀତିରେ ସଫଳତା ମିଳିବ । ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ । ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ । ବୈବାହିକ ଜୀବନ ସୁଖଶାନ୍ତିରେ କଟିବ । ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ । ସ୍ୱାସ୍ଥ୍ୟରେ ସୁଧାର ଆସିବ । ଆୟ ତୁଳନାରେ ବ୍ୟୟ ଅଧିକ ହେବ । କଥାରେ ମଧୁରତା ରକ୍ଷା କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ । ବ୍ୟବସାୟରେ ଲାଭ ମିଳିବ । ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ । ପଡ଼ୋଶୀଙ୍କ ସହ ମତାନ୍ତର ହେବ । ପୈତୃକ ସମ୍ପତ୍ତିକୁ ଲାଭ ମିଳିବ । ପ୍ରେମ ସମ୍ବନ୍ଧ ସୁଖମୟ ହେବ ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ । ନିବେଶରୁ ଦୂରେଇ ରୁହନ୍ତୁ । ଘରେ ପୂଜାପାଠ ଆୟୋଜନ ହେବ । ବିବାହ ସମସ୍ୟା ସମାଧାନ ହେବ । ଯାନବାହନ କ୍ରୟର ଯୋଗ ଅଛି ।

**ମୀନ:** ବନ୍ଧୁଙ୍କ ସାହାଯ୍ୟ ମିଳିବ । ଆର୍ଥିକ ମାମଲାରେ ସୁଧାର ଆସିବ । ମାଆଙ୍କ ସ୍ୱାସ୍ଥ୍ୟାବସ୍ଥା ପାଇଁ ଚିନ୍ତାରେ ରହିବେ । ଅଫିସ୍ କାମ ପାଇଁ ଦୂରଯାତ୍ରା କରିପାରନ୍ତି । ମହିଳାମାନେ ଘରକାମରେ ବ୍ୟସ୍ତ ରହିବେ ।


**AFFIDAVIT**

I, Md Azaad, S/o. Md Qurban, resident of Baunsagali, P.O.- Buxibazar, P.S.- Darghabazar, Town/ Dist- Cuttack, Pin: 753001, Odisha decl- are by this affidavit No. 4170, Dtd: 09.05.2025 that now onwards I shall be known **MD AZAD** for all future purposes.

**SALE**

Booking Open 2/3 BHK Flats BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara, GADHWAL HEIGHTS, Gautam Nagar, Bhubaneswar.

Contact

**GADHWAL GROUP**

**M.: 9437015112**

**NOTICE**

By virtue of an affidavit sworn before the Executive Magistrate, Bhubaneswar dated 20.05.2025 vide CF No. 87 dated 20.5.2025 I, Prakash Kumar Samantaray, S/o- Pratap Kumar Mukhi, permanent resident of Vill.- Bahadalpur, PO- Sarakantara, PS- Khandagiri, Bhubaneswar, Dist.- Khordha, Pin- 751019 declare that I have changed my son's name from PRIYANSHU MUKHI to **PRIYANSHU KUMAR SAMANTARAY** (new name). Henceforth, he shall be known as **PRIYANSHU KUMAR SAMANTARAY** for all purposes.

**NOTICE**

By virtue of an affidavit sworn before the Executive Magistrate, Udala, Mayurbhanj, dated 21.05.2025 I, Chandan Kumar Behera, Address Village- Surukuna, PO/PS-Khunta, Dist- Mayurbhanj, Odisha, Pin- 757019 declare that I have changed my Son's name from Pradunya Beher to Pradyumna Behera. Henceforth , he shall be known as Pradyumna Behera for all purposes.

Chandan Kumar Behera

**NOTICE**

By virtue of an affidavit No. 394, dated 20.05.2025 sworn before Sub Divisional Magistrate / Assistant Collector / Sub-Collector, Nabarangpur, I have changed my name from MUNIMA BHATRA to MANIMA BHATRA. Henceforth today onwards I shall be known as MANIMA BHATRA for all purposes.

**NOTICE**

By virtue of an affidavit sworn before the Executive Magistrate, Badasahi, Mayurbhanj, dated 21-05-2025 I, Ajit Kumar Barik, Address Village/Po- Manatri, PS-Baisinga, Dist- Mayurbhanj, Odisha, Pin- 757017 declare that I have changed my Son's name from Bishaprakash Barik to Biswaprakash Barik. Henceforth, he shall be known as Biswaprakash Barik for all purposes.

Ajit Kumar Barik

**NOTICE**

By virtue of an affidavit sworn before the Notary Public, Cuttack, dated 19.05.2025 I, Basanta Kumar Khatua, S/o. Niranjan Khatua, resident of At/PO- Pokhariapada, PS- Erasama, Dist- Jagatsinghpur, Odisha, Pin- 754138 have changed my daughter's name from Saina Smile Khatun to Saina Smile Khatua. Henceforth, she shall be known as Saina Smile Khatua for all purposes.

Basanta Kumar Khatua

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar, CF No: 28 dated 20/05/2025, I **BINOD BIHARI NAYAK**, S/o Nabaghana Nayak resident of Village At - Dutial, Po- Purusottampur, Ps- Kendrapara Sadar, Dist- Kendrapara, Odisha Pin- 754211 declare that I have changed my name from **Prafula Kumar Nayak** to **Binod Bihari Nayak**. Henceforth, she shall be known as **BINOD BIHARI NAYAK** for all purposes.

Sd- Binod Bihari Nayak

**AFFIDAVIT**

By virtue of an affidavit sworn before Executive Magistrate, Jharsuguda, dated 20.05.2025, I, Radharani Gupta, W/O - Sanjay Gupta, Address- Munga pada, P.o/P.s/District- Jharsuguda, Odisha, Pin- 768201 declare that I have changed my name from Sabnam Jahan to Radharani Gupta. Henceforth, I shall be known as Radharani Gupta for all purposes.

Radharani Gupta

**AFFIDAVIT**

I, Bhagyalaxmi Dash, aged about 50 years, W/o- Raja Kishor Dash, resident of At- Nabinabag, Pallahat, Ps- Khurda, Dist- Khordha, Odisha, Pin- 752055, do hereby declare by this affidavit No. 1031, dtd.16/05/2025, that now onwards I shall be known as **BHAGYALAXMI NANDA** for all future purposes.

**TPWODL**

ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା

**ବିଦ୍ୟୁତ୍ ନିରାପତ୍ତା ସମ୍ପର୍କିତ ସତର୍କ ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ସମ୍ବଲପୁର ସହରକୁ ଉନ୍ନତ ମାନର ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବା ପାଇଁ ଜେଲ୍ ପି.ଏସ୍.ଏସ୍. ଠାରୁ ଆରମ୍ଭ ହୋଇ ଜେଲ୍ ଛକ, ଆହାର କେନ୍ଦ୍ର, ଖାଓ ଗଲି, ଏଚ୍.ଏଲ୍.ଓ କଲୋନୀ, ନାରୀସେବାସଦନ, ପୀର ବାବା ଛକ, ଡିମାର୍ଟ ପର୍ଯ୍ୟନ୍ତ ତଥା ଅନ୍ୟ ଏକ ଭୂତଳ କେବୁଲ ଜେଲ୍‌ସମ୍ମୁଖଦେଇ ଭୂତାପଡ଼ା ପର୍ଯ୍ୟନ୍ତ ନୂତନ ୧୧କେ.ଭି. ଭୂତଳ କେବୁଲ (UGXLPE Cable) ବିଛାଯାଇ ଅଛି । ଏହି ନୂତନ ଭାବେ ନିର୍ମିତ ଭୂତଳ କେବୁଲର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଯାଇଛି ଏବଂ ଏହା ଆସନ୍ତା ତା. ୨୩.୦୫.୨୦୨୫ ରିଖ ଦିନ ଯେକୌଣସି ମୁହୂର୍ତ୍ତରେ ଉକ୍ତ ତାରରେ ବିଦ୍ୟୁତ୍ ଶକ୍ତି ପ୍ରବାହିତ କରାଯିବ ।

ସେହିପରି ୩୩ କେ.ଭି. ପ୍ରତିବନ୍ଧ ପି.ଏସ୍.ଏସ୍. ଠାରୁ ଜେଲ୍ ପି.ଏସ୍.ଏସ୍. ପର୍ଯ୍ୟନ୍ତ ଯାହା ଏନ୍.ଏସ୍.ସି.ବି କଲେଜ ବାଡ ଦେଇ, କୁଲ୍ଲଟ୍ କାନି ସଂଲଗ୍ନ ରାସ୍ତା, ଚାରଭାଟି, ଦାରି ପେଟ୍ରୋଲ ପମ୍ପ ଦେଇ ଜେଲ୍ ଛକ ପର୍ଯ୍ୟନ୍ତ ତଥା ଅନ୍ୟ ଏକ ଭୂତଳ କେବୁଲର ଅଇଁଠାପାଲି ପି.ଏସ୍.ଏସ୍. ଠାରୁ ଜ୍ୟୋତି ମାର୍କେଟ, ଶାନ୍ତିନଗର, ମାତୃବିହାର, ଦେହୁରୀପାଲି, ଫାଟକ ପର୍ଯ୍ୟନ୍ତ ନୂତନ ୧୧ କେ.ଭି. ଭୂତଳ କେବୁଲ (UGXLPE Cable) ବିଛାଯାଇ କାର୍ଯ୍ୟକ୍ଷମ କାରାଯାଇଛି ।

ଏଣୁ ସର୍ବସାଧାରଙ୍କୁ ଅନୁରୋଧ ଯେ, ପ୍ରଚଳିତ କେନ୍ଦ୍ରୀୟ ବିଦ୍ୟୁତ୍ ପ୍ରାଧିକରଣ (ସୁରକ୍ଷା ତଥା ବିଦ୍ୟୁତ୍ ଯୋଗାଣ ସମ୍ବନ୍ଧୀୟ ପଦକ୍ଷେପ) ବିନିୟମ, ୨୦୨୩ ଅନୁଯାଇ ଏହି ଲାଇନ୍ ଉପରେ କୌଣସି ବ୍ୟକ୍ତି ବିଶେଷଙ୍କ ଦାରା ବିନାଅନୁମତିରେ ଖୋଦନ/ ଖନନ/ ନିର୍ମାଣ କାର୍ଯ୍ୟ ଇତ୍ୟାଦି ସମ୍ପୂର୍ଣ୍ଣ ନିଷେଧ ଅଟେ । ଏହାଦ୍ୱାରା ଧନ ଜୀବନ ହାନୀର ଯଥେଷ୍ଟ ଆଶଙ୍କା ରହିଛି । ଏହି ସତର୍କ ସୂଚନା ସତ୍ତ୍ୱେ, କୌଣସି ଦୁର୍ଘଟଣା ଘଟିଲେ ସେଥିପାଇଁ ଟି.ପି.ଡବ୍ଲୁ.ଓ.ଡ଼ି.ଏଲ୍ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

ସ୍ୱା/- ନିର୍ବାହୀ ଯନ୍ତ୍ରୀ

ସମ୍ବଲପୁର ପୂର୍ବ ବିଦ୍ୟୁତ୍ ମଣ୍ଡଳ, ଟି.ପି.ଡବ୍ଲୁ.ଓ.ଡ଼ି.ଏଲ୍

**ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ**

ଆଞ୍ଚଳିକ କାର୍ଯ୍ୟାଳୟ: ଢେଙ୍କାନାଳ, ସା/ପୋ/ଜିଲ୍ଲା: ଢେଙ୍କାନାଳ, ପିନ୍-୭୫୯୦୦୧

**ସୁନା ନିଲାମ ବିଜ୍ଞପ୍ତି**

ଏତଦ୍‌ଦ୍ୱାରା ଋଣଗ୍ରହୀତା, ସେମାନଙ୍କର ଉତ୍ତରାଧିକାରୀ ତଥା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ନିମ୍ନଲିଖିତ ସୁନା ଋଣଗ୍ରହୀତାମାନଙ୍କୁ ବ୍ୟାଙ୍କ ବାରମ୍ବାର ନୋଟିସ୍ ଦ୍ୱାରା ଜଣାଇ ଦେଇଥିବା ସତ୍ତ୍ୱେ ସେମାନେ ଋଣ ପରିଶୋଧ କରୁନାହାନ୍ତି । ଯଦି ସେମାନେ ନିମ୍ନରେ ବର୍ଣ୍ଣିତ ବକେୟା ଋଣ ପରିଶୋଧର ଅନ୍ତିମ ତାରିଖ ସୁଦ୍ଧା ସେମାନଙ୍କର ବକେୟା ଋଣ ପରିଶୋଧ ନକରନ୍ତି, ତାହା ହେଲେ ନିମ୍ନଦର୍ଶିତ ତାରିଖମାନଙ୍କରେ ଆମ ବ୍ୟାଙ୍କ ଶାଖା ପରିସର / ଆଞ୍ଚଳିକ କାର୍ଯ୍ୟାଳୟରେ ସେମାନଙ୍କରୁ ବନ୍ଧକଥିବା ସୁନା ଅଳଙ୍କାରକୁ ନିଲାମ କରାଯିବ । ଋଣଗ୍ରହୀତାମାନଙ୍କର କୌଣସି ଅସୁବିଧା ବା କ୍ଷୟ କ୍ଷତି ପାଇଁ ବ୍ୟାଙ୍କ ଦାୟୀ ହେବ ନାହିଁ ଓ ଆବଶ୍ୟକ ସ୍ଥଳେ ବ୍ୟାଙ୍କର କ୍ଷୟ କ୍ଷତି ଘଟିଲେ ବ୍ୟାଙ୍କ ସେମାନଙ୍କ ବିରୁଦ୍ଧରେ ଅଦାଲତର ଆଶ୍ରୟ ନେଇ ବକେୟା ଋଣ ଆଦାୟ କରିବ ।

| କ୍ର.ନଂ. | ଋଣ ଆକାଉଣ୍ଟ ନଂ. | ସୁନା ଋଣଗ୍ରହୀତାଙ୍କ ନାମ ଓ ଠିକଣା | ମୋଟଓଜନ (ଗ୍ରାମରେ) |
|---|---|---|---|
| ପିଙ୍ଗୁଆ ଶାଖା, ଜିଲ୍ଲା: ଢେଙ୍କାନାଳ (ନିଲାମ ତାରିଖ: ୨୯.୦୫.୨୦୨୫, ସମୟ: ପୂର୍ବାହ୍ନ ୧୧.୦୦ ଘଟିକା, ନିଲାମ ସ୍ଥାନ: ପିଙ୍ଗୁଆ ଶାଖା, ଜିଲ୍ଲା: ଢେଙ୍କାନାଳ), ବକେୟା ଋଣ ପରିଶୋଧର ଅନ୍ତିମ ତାରିଖ: ୨୮.୦୫.୨୦୨୫ | | | |
| ୧. | ୦୫୦୩୧୩୦୪୧୦୦୦୬୫୩ | ଅଜୟ ପଲେଇ, ପିତା: ସୁରେନ୍ଦ୍ର, ସା: ଦଶମାଣପାଟଣା, ପୋ: ପିଙ୍ଗୁଆ, ଜିଲ୍ଲା: ଢେଙ୍କାନାଳ, ପିନ୍-୭୫୯୦୧୬ | ୩୧.୩୫୦ |
| ୨. | ୦୫୦୩୧୩୦୪୧୦୦୦୮୮୫ | ଇନ୍ଦୁମତୀ ମେହେନା, ସ୍ୱାମୀ: ଉପେନ୍ଦ୍ର ମେହେନା, ସା: ମଞ୍ଜୁରୀପଡ଼ା, ପୋ: ପିଙ୍ଗୁଆ, ଜିଲ୍ଲା: ଢେଙ୍କାନାଳ, ପିନ୍-୭୫୯୦୧୬ | ୧୩.୫୮୦ |
| ୩. | ୦୫୦୩୧୩୦୪୧୦୦୦୮୮୬ | ଅରୁଣ ପ୍ରଧାନ, ପିତା: ଗୋବିନ୍ଦ ଚନ୍ଦ୍ର ପ୍ରଧାନ, ସା: କରଢା, ପୋ: ପିଙ୍ଗୁଆ, ଜିଲ୍ଲା: ଢେଙ୍କାନାଳ, ପିନ୍-୭୫୯୦୧୬ | ୯.୭୦୦ |
| ଓଡ଼ାପଡ଼ା ଶାଖା, ଜିଲ୍ଲା: ଢେଙ୍କାନାଳ (ନିଲାମ ତାରିଖ: ୨୯.୦୫.୨୦୨୫, ସମୟ: ପୂର୍ବାହ୍ନ ୧୧.୦୦ ଘଟିକା, ନିଲାମ ସ୍ଥାନ: ଓଡ଼ାପଡ଼ା ଶାଖା, ଜିଲ୍ଲା: ଢେଙ୍କାନାଳ), ବକେୟା ଋଣ ପରିଶୋଧର ଅନ୍ତିମ ତାରିଖ: ୨୮.୦୫.୨୦୨୫ | | | |
| ୧. | ୦୫୬୨୧୩୦୪୧୦୦୧୦୩୦ | ବିମଳା ନାୟକ, ସ୍ୱାମୀ: ମଦନ ମୋହନ ନାୟକ, ସା: ନୂଆବାଙ୍ଗରସିଂହ, ପୋ: ହିନ୍ଦୋଳ ରୋଡ଼, ଜିଲ୍ଲା: ଢେଙ୍କାନାଳ | ୪୦.୫୦୦ |
| ମୁଣ୍ଡାପଣି ଶାଖା, ଜିଲ୍ଲା: ଢେଙ୍କାନାଳ (ନିଲାମ ତାରିଖ: ୨୯.୦୫.୨୦୨୫, ସମୟ: ପୂର୍ବାହ୍ନ ୧୧.୦୦ ଘଟିକା, ନିଲାମ ସ୍ଥାନ: ମୁଣ୍ଡାପଣି ଶାଖା, ଜିଲ୍ଲା: ଢେଙ୍କାନାଳ), ବକେୟା ଋଣ ପରିଶୋଧର ଅନ୍ତିମ ତାରିଖ: ୨୮.୦୫.୨୦୨୫ | | | |
| ୧. | ୦୫୬୬୧୩୦୪୧୦୦୨୮୧୧ | ବୈକୁଣ୍ଠ ସାହୁ, ପିତା: ସତ୍ୟବାଦୀ ସାହୁ, ସା/ପୋ: ଜୟପୁରାକାଟେଣୀ, ଢେଙ୍କାନାଳ, ପିନ୍-୭୫୯୦୧୮ | ୩.୮୦୦ |

ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମ ଗୁଡ଼ିକ ମାନି ନିଲାମରେ ଅଂଶଗ୍ରହଣ କରିପାରନ୍ତି ।

୧. ନିଲାମ ଡାକିବା ପାଇଁ ଇଚ୍ଛୁକ ବ୍ୟକ୍ତିଙ୍କୁ ନିଲାମର ନିର୍ଦ୍ଧାରିତ ସମୟର **୧ ଘଣ୍ଟା** ପୂର୍ବରୁ ନିଜର ପାନ୍ କାର୍ଡ ଏବଂ ଆଧାର କାର୍ଡର ଜେରକ୍ସ କପି ସହିତ **ଟ.୧୦,୦୦୦/- (ଦଶ ହଜାର ଟଙ୍କା ମାତ୍ର)** ଅମାନତ ଆକାରରେ ଜମା ଦେବାକୁ ହେବ ।
୨. ଅମାନତ ଦାଖଲ ପରେ, ନିଲାମ ପାଇଁ ନିର୍ଦ୍ଧାରିତ ଅଳଙ୍କାର ଗୁଡ଼ିକୁ ନିଲାମ ସମୟର **୧ ଘଣ୍ଟା** ପୂର୍ବରୁ ନିଲାମ ଧରିବାକୁ ଇଚ୍ଛୁକ ବ୍ୟକ୍ତିମାନେ ଯାଞ୍ଚ କରିପାରିବେ ।
୩. ସର୍ବୋଚ୍ଚ ନିଲାମ ଡାକ ଡାକିଥିବା ବ୍ୟକ୍ତିଙ୍କୁ ଉକ୍ତ ଡାକର ଶତକଡା ୨୫ ଭାଗ **ଆବଶ୍ୟକ ଜିଏସ୍‌ଟି ସହିତ** ସଙ୍ଗେ ସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ପଡିବ । ଯଦି କୌଣସି ବ୍ୟକ୍ତି ସର୍ବୋଚ୍ଚ ଡାକ ଡାକିଲା ପରେ, ଡାକର ଶତକଡା ୨୫ ଭାଗ ଜମା କରିବାକୁ ଅସମର୍ଥ ହୁଅନ୍ତି, ତେବେ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି ହୋଇଯିବ ଓ ଉକ୍ତ ବ୍ୟକ୍ତିଙ୍କୁ ଆଉଥରେ ନିଲାମ ଡାକିବାକୁ ଅନୁମତି ଦିଆଯିବ ନାହିଁ ।
୪. ଗୋଟିଏ ଆକାଉଣ୍ଟର ନିଲାମ ଡାକ ଓ ଟଙ୍କା ଜମା ଇତ୍ୟାଦି ସରିଲା ପରେ ହିଁ ଅନ୍ୟ ଆକାଉଣ୍ଟ ପାଇଁ ନିଲାମ କାର୍ଯ୍ୟ ଆରମ୍ଭ ହେବ ।
୫. ସର୍ବୋଚ୍ଚ ନିଲାମ ଡାକ, ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟ ଦ୍ୱାରା ବୈଧ ଘୋଷଣା ହେଲାପରେ ହିଁ ନିଲାମ ଡାକ ସିଦ୍ଧ ହେବ ।
୬. ବ୍ୟାଙ୍କ କୌଣସି ନିଲାମ ଡାକ ମାନିନେବାକୁ ବାଧ୍ୟ ନୁହେଁ । କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମକୁ ରଦ୍ଦ କରିପାରେ ।
୭. ଯେଉଁ ବ୍ୟକ୍ତିଙ୍କ ସର୍ବୋଚ୍ଚ ଡାକ, ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟ ଦ୍ୱାରା ଗ୍ରହଣୀୟ ହେବ ଉକ୍ତ ବ୍ୟକ୍ତି ନିଲାମ ବୃତାନ୍ତ ହେବା ସୂଚନା ପାଇବାର ୩ ଦିନ ମଧ୍ୟରେ ନିଲାମର ଅବଶିଷ୍ଟ ଶତକଡା ୭୫ ଭାଗ ଟଙ୍କା **ଆବଶ୍ୟକ ଜିଏସ୍‌ଟି ସହିତ** ଜମା କରିବାକୁ ବାଧ୍ୟ ହେବେ । ନଚେତ୍ ପୂର୍ବରୁ ଜମା କରିଥିବା ଅମାନତ ଟ.୧୦,୦୦୦/- ଏବଂ ଶତକଡା ୨୫ ଭାଗ ଅମାନତ ଟଙ୍କା ବାଜ୍ୟାପ୍ତି ହେବ ।
୮. ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟ ଯଦି କୌଣସି ଉଚ୍ଚ ନିଲାମ ଡାକକୁ ନାକଚ / ରଦ୍ଦ କରନ୍ତି, ତେବେ ଜମା ହୋଇଥିବା ଶତକଡା ୨୫ ଭାଗ ଟଙ୍କା, ଅମାନତ ଟଙ୍କା ଉକ୍ତ ଜମାକାରୀଙ୍କୁ ବିନା ସୁଧରେ ଫେରାଇ ଦିଆଯିବ ।
୯. ନିଲାମରେ ରଖାଯାଇଥିବା ଅଳଙ୍କାର ଗୁଡ଼ିକର ଗୁଣ, ଓଜନ ଓ ବିଶୁଦ୍ଧତା ପାଇଁ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ କୌଣସି ପ୍ରକାର ଦାୟୀ ହେବେ ନାହିଁ ।
୧୦. ନିଲାମରେ ଭାଗ ନେଇଥିବା କୌଣସି ବ୍ୟକ୍ତି ଉପରୋକ୍ତ ନିୟମକୁ ନ ମାନିଲେ ବ୍ୟାଙ୍କ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି କରିପାରିବ ।

ସ୍ଥାନ: ଢେଙ୍କାନାଳ, ତାରିଖ: ୨୧.୦୫.୨୦୨୫

ଆଞ୍ଚଳିକ ପ୍ରବନ୍ଧକ, ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ

**OFFICE OF THE PANCHAYAT SAMITI, BORIGUMMA**
**DISTRICT- KORAPUT**

i-107

**NOTICE INVITNING TENDER (NIT)**
**E-PROCUREMENT NOTICE NO-04/2025**

Sealed tenders are invited from Registered Contractors from State PWD/ M.I/ Irrigation/ Rural works for execution of Building etc. The details information of which are made available in the (www.tendersorissa.gov.in) website and also in Koraput Dist. Website i.e. http//www.koraput.nic.in.

The date and time of apply & receive of tender paper is from 24.05.2025 at 10.00Hrs to 05.06.2025 up to 17.30 Hrs through www.tendersorissa.gov.in website only.

Tender will be opened on 06.06.2025 at 11:00 Hrs onwards in the office of the Panchayat Samiti, Borigumma, Dist- Koraput.

OIPR-19033/11/0002/2526 -Sd- Block Development Officer, Borigumma

# ଏମ୍‌କେସିଜିରେ ଖୁବ୍‌ଶୀଘ୍ର ଆରମ୍ଭ ହେବ ଓପନ୍ ହାର୍ଟ ସର୍ଜରୀ

## ସିଟିଭିଏସ୍ ବିଭାଗକୁ ମିଳିଲା ଜଣେ ପର୍‌ଫ୍ୟୁଜନିଷ୍ଟ

ବ୍ରହ୍ମପୁର, ୨୧।୫(ସମିସ)

ଏମକେସିଜି ମେଡିକାଲରେ ଖୁବଶୀଘ୍ର ଆରମ୍ଭ ହେବ ଓପନ ହାର୍ଟ ସର୍ଜରୀ। ପୂର୍ବରୁ ଏଭଳି ଏକ ଜଟିଳ ସର୍ଜରୀ ନିମନ୍ତେ ସମସ୍ତ ସରଞ୍ଜାମ ରହିଥିଲେ ସୁଦ୍ଧା ପରଫ୍ୟୁଜନିଷ୍ଟଙ୍କ ଅଭାବରୁ ଏଭଳି ଜଟିଳ ଅସ୍ତ୍ରୋପଚାର ସମ୍ଭବପର ହେଉନଥିଲା। ତେବେ ନିକଟରେ ବିଭାଗରେ ଜଣେ ପରଫ୍ୟୁଜନିଷ୍ଟ କାର୍ଯ୍ୟରେ ଯୋଗ ଦେଇଛନ୍ତି। ବିଭାଗକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଦାନ ଯାଇଥିବା ହୃଦୟ ଫୁସଫୁସ ମେସିନ୍ ଚଲାଇବେ ଏହି ପରଫ୍ୟୁଜନିଷ୍ଟ। ଫଳରେ ଏମକେସିଜି ମେଡିକାଲରେ ଓପନ ହାର୍ଟ ସର୍ଜରୀ ପାଇଁ ରାସ୍ତା ଉନ୍ମୁକ୍ତ ହୋଇଛି। ଏମକେସିଜି ମେଡିକାଲ୍ ପିଏମଏସଏସୱାଇ କୋଠାର ୫ମ ମହଲାରେ ସ୍ୱତନ୍ତ୍ର ସିଟିଭିଏସ ବିଭାଗ ରହିଛି। ପ୍ରଧାନମନ୍ତ୍ରୀ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନାରେ ନିର୍ମିତ ଏହି କୋଠାର ବିଭିନ୍ନ ବିଭାଗରେ ଅତ୍ୟାଧୁନିକ ଅସ୍ତ୍ରୋପଚାର କକ୍ଷ ସହ ସମସ୍ତ ପ୍ରକାର ଯନ୍ତ୍ରପାତି ଓ ସରଞ୍ଜାମ ଉପଲବ୍ଧ। କିନ୍ତୁ ଦକ୍ଷ ଟେକ୍ନିସିଆନଙ୍କ ଅଭାବରୁ ରୋଗୀ ହୃତପିଣ୍ଡ ଜନିତ ରୋଗର ଚିକିତ୍ସା ସକାଶେ ବେସରକାରୀ ଡାକ୍ତରଖାନା ଉପରେ ନିର୍ଭର କରୁଥିଲେ। ବର୍ତ୍ତମାନ ଏହି ବିଭାଗରେ ସରକାରଙ୍କ ପ୍ରଦତ୍ତ ହାର୍ଟଲଙ୍ଗ ମେସିନ, ରକ୍ତଚାପ ଜନିତ ମେସିନ ରହିଛି।



କର୍ତ୍ତୃପକ୍ଷଙ୍କ ପ୍ରୟାସରେ ଚଳିତବର୍ଷ ମାର୍ଚ୍ଚରେ ଛତ୍ରପୁର ସ୍ଥିତ ଭାରତୀୟ ବିରଳ ମୃତ୍ତିକା ସଂସ୍ଥାନ(ଆଇଆରଇଏଲ) ପକ୍ଷରୁ ଏମକେସିଜି ମେଡିକାଲର ସିଟିଭିଏସ ବିଭାଗକୁ ପ୍ରାୟ ୧କୋଟି ୨୦ଲକ୍ଷ ଟଙ୍କା ମୂଲ୍ୟର ବହୁ ଗୁରୁତ୍ୱପୂର୍ଣ୍ଣ ଚିକିତ୍ସା ସରଞ୍ଜାମ ଯୋଗାଇ ଦିଆଯାଇଥିଲା। ଆନୁଷଙ୍ଗିକ ସମସ୍ୟା ସହ ଦକ୍ଷ ଟେକ୍ନିସିଆନଙ୍କ ଅଭାବରୁ ଦୀର୍ଘବର୍ଷ ଧରି ଏହି ଜଟିଳ ଅସ୍ତ୍ରୋପଚାର ବନ୍ଦ ଥିଲା। ଫଳରେ ରୋଗୀଙ୍କୁ ଚିକିତ୍ସା ପାଇଁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡୁଥିଲା। ଏଭଳି ସମସ୍ୟା ନେଇ ଡିଏମଇଟିଙ୍କୁ ଅବଗତ କରାଯାଇଥିଲା। ଫଳରେ କଟକ ସ୍ଥିତ ଏସସିବି ମେଡିକାଲରୁ ଏମକେସିଜି ମେଡ଼ିକାଲକୁ ଜଣେ ପରଫ୍ୟୁଜନିଷ୍ଟଙ୍କୁ ଡେପୁଟେସନରେ ଅଣାଯାଇଛି। ନିକଟରେ ପରଫ୍ୟୁଜନିଷ୍ଟ ଆର. ନାଗେଶ୍ୱର ରାଓ କାର୍ଯ୍ୟରେ ଯୋଗ ଦେଇଛନ୍ତି। ଏଥି ସହିତ ବିଭାଗରେ ଚିକିତ୍ସିତ ହେଉଥିବା କିଛି ରୋଗୀଙ୍କ ପରୀକ୍ଷା ନିରୀକ୍ଷା ପରେ ସେମାନଙ୍କ ମଧ୍ୟରୁ ଯୋଗ୍ୟ ରୋଗୀଙ୍କ ଓପନ ହାର୍ଟ ସର୍ଜରୀ କରାଯିବାକୁ ଯୋଜନା ରହିଥିବା ବିଭାଗୀୟ ମୁଖ୍ୟ ଡ଼ା. ସାରଦା ପ୍ରସନ୍ନ ସାହୁ କହିଛନ୍ତି। ଯଦ୍ୱାରା ଆଗାମୀ ଦିନରେ ଦକ୍ଷିଣଓଡ଼ିଶା ସମେତ ନିକଟବର୍ତ୍ତୀ ଅଞ୍ଚଳର ହୃତପିଣ୍ଡ ଜନିତ ସମସ୍ୟାରେ ପୀଡ଼ିତ ରୋଗୀ ଉନ୍ନତମାନର ସେବା ପାଇପାରିବେ ବୋଲି ସେ ଆଶା କରିଛନ୍ତି।

● ବିନା 'ପିସି'ରେ ଆଗଉନି ଫାଇଲ୍

# ଅଧିକାରୀଙ୍କ ବିରୋଧରେ ମେଳି ହେଲେ ବିଇଏମ୍‌ସିର ଠିକାଦାର

● ବିଲ୍ ପ୍ରସ୍ତୁତରେ ବିଳମ୍ବ ଅଭିଯୋଗରେ ସହକାରୀ ନିର୍ବାହୀଯନ୍ତ୍ରୀଙ୍କୁ ଠିକାଦାରଙ୍କ ଆକ୍ରମଣ ଅଭିଯୋଗ

● ମେୟର ଓ କମିଶନରଙ୍କ ଦ୍ୱାରସ୍ଥ ହୋଇ ସମାଧାନ ଦାବି କଲା ଠିକାଦାର ସଂଘ



ବ୍ରହ୍ମପୁର, ୨୧।୫(ସମିସ): ବିନା ପିସି ବା କମିଶନରେ ବ୍ରହ୍ମପୁର ମହାନଗର ନିଗମରେ କୌଣସି ଫାଇଲ ଆଗକୁ ଗଡୁନି। ଏଭଳି ଗୁରୁତର ଅଭିଯୋଗ ଆଣିଛନ୍ତି ଖୋଦ୍ ବିଇଏମସିରେ ବିଭିନ୍ନ ପ୍ରକଳ୍ପ ହାତକୁ ନେଇଥିବା ଠିକାଦାରମାନେ। ଗୋଡ଼ି ପୋଖରୀ ଓ ଜଗବନ୍ଧୁ ପୋଖରୀର ଉନ୍ନତିକରଣ କାର୍ଯ୍ୟ ସମେତ ଅନ୍ୟାନ୍ୟ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟରେ ନିଗମର ଯନ୍ତ୍ରୀମାନେ କମିଶନ ଦାବି କରୁଥିବା ଅଭିଯୋଗ ହୋଇଛି। କମିଶନ ନଦେଲେ ବର୍ଷ ବର୍ଷ ଧରି ଫାଇଲ ଆଗକୁ ନବଢ଼ାଇ ପକାଇ ରଖୁଛନ୍ତି। ଫଳରେ ଠିକାଦାରଙ୍କୁ ସେମାନଙ୍କ ପ୍ରାପ୍ୟ ମିଳିବାରେ ଅହେତୁକ ବିଳମ୍ବ ହେଉଛି। ଏନେଇ ମଙ୍ଗଳବାର ଜନୈକ ଯନ୍ତ୍ରୀଙ୍କ ସହିତ ଜଣେ ଠିକାଦାରଙ୍କ ବଚସା ଓ ଗଣ୍ଡଗୋଳ ହୋଇଥିବା ଜଣାପଡ଼ିଛି। ଏହି ଘଟଣାକୁ ନେଇ ବିଇଏମସିରେ କାର୍ଯ୍ୟରତ ଠିକାଦାରମାନେ ଏକାଠି ହୋଇ ସମ୍ପୃକ୍ତ ଯନ୍ତ୍ରୀଙ୍କ ବିରୋଧରେ ମେୟର ଓ କମିଶନରଙ୍କ ନିକଟରେ ଅଭିଯୋଗ କରିଥିଲେ। ପରେ ମେୟର ସଂଘମିତ୍ରା ଦଳେଇ ଓ କମିଶନର ଭବାନୀ ପ୍ରସାଦ ମିଶ୍ରଙ୍କ ହସ୍ତକ୍ଷେପ ପରେ ସମସ୍ୟାର ସମାଧାନ ହୋଇଥିବା ଜଣାପଡ଼ିଛି। ଏଭଳି ଘଟଣା ପରେ ବିନା ଅନୁମୋଦନରେ ପୂର୍ବରୁ ବହୁ କୋଟି ଟଙ୍କାର ପ୍ରକଳ୍ପ ଗୁଡ଼ିକୁ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଜରିଆରେ ଠିକାଦାରଙ୍କୁ ପ୍ରକଳ୍ପ କାର୍ଯ୍ୟ ପ୍ରଦାନ କରାଯାଇଥିବା ଭଳି ତଥ୍ୟ ପଦାକୁ ଆସିଛି। ଠିକାଦାରମାନେ ନିଜର ବିଲ ପାଇଁ ସିଧାସଳଖ ବିଇଏମସି କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରିବା ଆଦୌ ଅଯୁକ୍ତିକର ବୋଲି କମିଶନର ସିଧାସଳଖ ତାଗିଦ କରିଥିଲେ। ଏବଂ ବିଭିନ୍ନ ପ୍ରକଳ୍ପ ପାଇଁ ଏସଏଚ୍‌ଜି ମାନଙ୍କୁ ଦିଆଯାଇଥିବା କାର୍ଯ୍ୟାଦେଶ ପ୍ରକାରେ ପରବର୍ତ୍ତୀ ତଥା ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସ୍ପଷ୍ଟ କରିଥିଲେ। ସେପଟେ ଯନ୍ତ୍ରୀମାନଙ୍କୁ ମଧ୍ୟ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟର ତଦାରଖ ଗ୍ରାଉଣ୍ଡ ଜିରୋକୁ ଯାଇ କରିବା ସହିତ ଠିକାଦାରଙ୍କ ରନିଂ ବିଲ ଓ ପେଣ୍ଡିଂ ବିଲ ଯଥାଶୀଘ୍ର ପୈଠ କରିବା ଦିଗରେ ପଦକ୍ଷେପ ନେବାକୁ କହିଥିଲେ।

ଓଭରଟେକ୍ ହେଲା କାଳ

# କ୍ରେନ୍ ଚକା ତଳେ ପଡ଼ି ଶିଶୁ ମୃତ, ମା' ଗୁରୁତର

ଜଗନ୍ନାଥପ୍ରସାଦ, ୨୧।୫(ସମିସ): ଜଗନ୍ନାଥପ୍ରସାଦ ଥାନା ଅନ୍ତର୍ଗତ ରାଣୀଭୂମି ଓ ଧୋଡାପଲି ରାସ୍ତାରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଛି। ଏକ ବାଇକ୍ କ୍ରେନ୍‌କୁ ଓଭର ଟେକ୍ କରିବାକୁ ଯାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। କ୍ରେନ୍ ଚକା ତଳେ ପଡ଼ି ୧୦ ମାସର ଶିଶୁର ମୃତ୍ୟୁ ଘଟିଥିବାବେଳେ ମା' ଗୁରୁତର ହୋଇଛନ୍ତି। ମୃତକ ହେଲେ ଗାଲେରି ଥାନା ଅଧୀନ ଜଡ଼ାଘାଟୁଣି ଗ୍ରାମର ସୁଦର୍ଶନ ନାୟକଙ୍କ ପୁଅ ରିୟାଂଶୁ ନାୟକ। ସେହିପରି ଆହତ ହେଲେ ତାଙ୍କ ସ୍ତ୍ରୀ ମନୀଷା ନାୟକ(୨୬)। ପୁଲିସ କ୍ରେନ୍ ଓ ବାଇକ୍ ଜବତ କରି ଘଟଣାର ତଦନ୍ତ କରୁଛି।



ମନୀଷା ନିଜର ଦୁଇ ପୁଅଙ୍କୁ ଧରି ଦିଅର ନାରାୟଣ ବିଶୋଇ ସହିତ ମନୀଷାଙ୍କ ମାମୁଁ ଘର ବୁଗୁଡ଼ା ବ୍ଲକ ଅଧୀନ ବି.କରଡାବାଡି ଗ୍ରାମକୁ ବାଇକ ଯୋଗେ ଯାଉଥିଲେ। ରାଣୀଭୂମି ଓ ଧୋଡ଼ାପଲି ରାସ୍ତା ମଧ୍ୟ ଭାଗରେ କ୍ରେନ୍ (ନଂ-ଓଡି ୦୪ଏସ ୫୫୬୮)କୁ ଓଭଟେକ କରିବା ବେଳେ ମା' ଓ କୋଳରେ ଥିବା ଶିଶୁପୁତ୍ର ଗାଡ଼ିରୁ ଛିଟିକି ତଳେ ପଡ଼ିଥିଲେ। ଫଳରେ ପଛପଟୁ ଆସୁଥିବା କ୍ରେନର ଆଗ ଚକା ଶିଶିପୁତ୍ରର ମୁଣ୍ଡରେ ଚଢ଼ି ଯାଇଥିଲା। ଶିଶୁଟିର ମୁଣ୍ଡରେ ଗଭୀର ଆଘାତ ଲାଗିବା ସହ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଭୟେ ମା' ଓ ପୁଅ ରାସ୍ତାରେ ପଡ଼ିରହିଥିଲେ। ପୁଲିସ ଓ ଗୋପବନ୍ଧୁ ଚାରିଟେବୁଲ ଟ୍ରଷ୍ଟ ସଭ୍ୟ ପହଞ୍ଚି ଉଭୟଙ୍କୁ ଜଗନ୍ନାଥପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ରିୟାଂଶୁକୁ ଡାକ୍ତର ମୃତ ଘୋଷଣା କରିଥିବା ବେଳେ ମନୀଷାଙ୍କ ସ୍ୱାସ୍ଥ୍ୟବସ୍ଥା ସଂକଟାପନ୍ନ ଥିବାରୁ ତାଙ୍କୁ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଇଛି। ପରିବାର ପକ୍ଷରୁ ଏତଲା ପରେ ପୁଲିସ ମାମଲା ରୁଜୁକରି ରିୟାଂଶୁଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। କ୍ରେନ ଚାଳକକୁ ପୁଲିସ ଅଟକ ରଖି ତଦନ୍ତ ଚଳାଇଥିବା ବେଳେ କ୍ରେନଟି ଏକ ଠିକା ସଂସ୍ଥାର ବୋଲି ଜଣାପଡ଼ିଛି।

## ଲାଞ୍ଜିପଲ୍ଲୀ ଓଭରବ୍ରିଜ୍ ତଳୁ ବୋମା ଓ ଖଣ୍ଡା ଜବତ ଘଟଣା

# ଯୁବ କଂଗ୍ରେସ ନେତାଙ୍କ ସମେତ ୫ ଗିରଫ

● ଦକ୍ଷିଣପୁରର ବୁଲୁଙ୍କୁ ହତ୍ୟା ପାଇଁ ହୋଇଥିଲା ଷଡ଼ଯନ୍ତ୍ର

● ୪ଟି ଜୀବନ୍ତ ବୋମା, ୮ଟି ଖଣ୍ଡା ଓ ଗୋଟିଏ ଲୁହାଛଡ଼ ଜବତ









ବ୍ରହ୍ମପୁର, ୨୧।୫(ସମିସ): ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଲାଞ୍ଜିପଲ୍ଲୀ ଓଭରବ୍ରିଜ ତଳ ଜେଲରୋଡରେ ଥିବା ଏକ ଟ୍ରାନ୍ସଫର୍ମର ନିକଟରୁ ବୋମା ଓ ଖଣ୍ଡା ଜବତ ଘଟଣାରେ ପୁଲିସ ଜଣେ ଯୁବ କଂଗ୍ରେସ ନେତାଙ୍କ ସମେତ ୫ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଦକ୍ଷିଣପୁର ଗ୍ରାମ ବଡ଼ସାହିର ତଥା କଂଗ୍ରେସ ଯୁବନେତା ନୀଳମାଧବ ସାହୁ ଓରଫ ଭବାନୀ(୨୪), ଫୁଲଟା ଗ୍ରାମର କାଳିଆ ଦାସ(୨୦), ଦୀନବନ୍ଧୁ ଦାସ ଓରଫ ଛୋଟା(୨୦), ପ୍ରେମନଗର ପ୍ରଥମ ଲାଇନର ମାନି ରାଓ(୨୩) ଓ ବେଲଗାଁ ବନ୍ଧସାହିର ପ୍ରଭାତ ଦାସ(୨୩)। ଏହି ମାମଲାରେ ପୁଲିସ ୪ଟି ଜୀବନ୍ତ ବୋମା, ୮ଟି ଖଣ୍ଡା ଓ ଗୋଟିଏ ଲୁହାଛଡ ଜବତ କରିଥିବା ବ୍ରହ୍ମପୁର ଏସ୍‌ପି ଡ଼ା ସର୍ବଣା ବିବେକ ଏମ ସୂଚନା ଦେଇଛନ୍ତି। ଦକ୍ଷିଣପୁରର ବୁଲୁ ନାୟକଙ୍କୁ ହତ୍ୟା ପାଇଁ ଅଭିଯୁକ୍ତମାନେ ଷଡ଼ଯନ୍ତ୍ର କରିଥିବା ନେଇ ଜେରା ବେଳେ ସେମାନେ ପୁଲିସ ନିକଟରେ ସ୍ୱୀକାର କରିଛନ୍ତି।

ସୂଚନାଯୋଗ୍ୟ ଯେ, ଗତ ୧୭ତାରିଖ ସନ୍ଧ୍ୟାରେ ଲାଞ୍ଜିପଲ୍ଲୀ ଫାଣ୍ଡି ଟିମ୍ ବ୍ରହ୍ମପୁର ସର୍କଲ ଜେଲ ନିକଟ ଓଭର ବ୍ରିଜ୍ ତଳେ ୩ଟି ବୋମା ରଖାଯାଇଥିବା ସୂଚନା ପାଇଥିଲା। ପରେ ଲାଞ୍ଜିପଲ୍ଲୀ ଫାଣ୍ଡିର ହାବିଲଦାର ସାଇ ଜୀବନ ପାତ୍ର ଏବଂ ବୈଦ୍ୟନାଥପୁର ଥାନା ପୁଲିସ ପହଞ୍ଚି ଓଭର ବ୍ରିଜ ତଳୁ ୩ଟି ବୋମା ଥିବା ଦେଖିଥିଲେ। ପରେ ନିକଟରେ ଏକ ବ୍ୟାଗ ଭିତରୁ ୫ଟି ଖଣ୍ଡା ମିଳିଥିଲା। ବୋମା ନିଷ୍କ୍ରିୟକାରୀ ଟମ୍ ଜବତ ୩ଟି ଜୀବନ୍ତ ବୋମାକୁ ଏକ ନିର୍ଜନ ସ୍ଥାନକୁ ନେଇ ନିଷ୍କ୍ରିୟ କରିଥିଲେ। ପରେ ଉପରୋକ୍ତ ୫ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ବୁଧବାର ଉପରୋକ୍ତ ୫ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି।

# ଦୁବାଇରେ ଓଡ଼ିଆ ଶ୍ରମିକ ମୃତ

ପାତ୍ରପୁର, ୨୧।୫(ସମିସ): ପାତ୍ରପୁର ବ୍ଲକରେ ଦୂର ହେଉନି ଦାଦନ ଯନ୍ତ୍ରଣା। କ୍ରମାଗତ ଭାବେ ଏହି ବ୍ଲକର ଅନେକ ଶ୍ରମିକ ବାହାର ରାଜ୍ୟରେ



ମୃତ୍ୟୁବରଣ କରୁଛନ୍ତି। ବର୍ତ୍ତମାନ ଉକ୍ତ ବ୍ଲକ ଅନ୍ତର୍ଗତ କଇଠା ଗ୍ରାମର ଦାଦନ ଶ୍ରମିକ ଭୁବନା ଦାସ (୨୪)ଙ୍କ ଦୁବାଇରେ ମୃତ୍ୟୁ ଘଟିଛି। ଏହି ଗ୍ରାମର ଯୁଗଳ ଦାସଙ୍କ ୪ ଝିଅ ଥିବାବେଳେ ଏକମାତ୍ର ରୋଜଗାରିଆ ପୁଅ ଭୁବନା ଏଜେଣ୍ଟ ଜରିଆରେ ଦୁବାଇ ଯାଇ ଏକ କମ୍ପାନୀରେ ଫାଇବର ୱେଲ୍‌ଡର୍ ଭାବେ କାମ କରୁଥିଲେ। ଗତ ମଙ୍ଗଳବାର କୌଣସି କାରଣରୁ ଭୁବନାଙ୍କ ମୃତ୍ୟୁ ଘଟିଥିବା ସେଠାକାର କମ୍ପାନୀ ଭାରତୀୟ ଦୂତାବାସ ଜରିଆରେ ପରିବାର ବର୍ଗଙ୍କୁ ଖବର ଦେଇଥିଲେ। କମ୍ପାନୀ ଦ୍ୱାରା ମୃତଦେହକୁ କଇଠା ଆଣିବା ପାଇଁ ସ୍ଥିର ହୋଇଥିବା ସୂଚନା ମିଳିଛି। ଅବିବାହିତ ଯୁବକ ଭୁବନା ରୋଜଗାର କରି ପରିବାର ଚଳାଇବା ପାଇଁ ଦୁବାଇ ଯାଇଥିବା ବେଳେ ଶବ ହୋଇ ଫେରିବାକୁ ଥିବାବେଳେ ପରିବାର ଓ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ସରକାର ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

ନକଲିଙ୍କୁ ବାନ୍ଧିଲା ଅସଲି ପୁଲିସ

# ଲୁଟ୍ ୧ ଲକ୍ଷ ଟଙ୍କା, ବାଇକ୍ ଓ ମୋବାଇଲ ଜବତ

ଦିଗପହଣ୍ଡି, ୨୧।୫(ସମିସ): ଦିଗପହଣ୍ଡି ଥାନା ସମ୍ମୁଖ ମୁଖ୍ୟ ରାସ୍ତାରେ ସାଦା ପୋଷାକରେ ରହି ପଥଚାରୀଙ୍କୁ ଟାର୍ଗେଟ କରି ସେମାନଙ୍କ ଠାରୁ ଚାଲାଣ କାଟିବା ବାହାନାରେ ଲୁଟ୍ ମାମଲାରେ ଦିଗପହଣ୍ଡି ପୁଲିସ ବୁଧବାର ୨ ନକଲି ପୁଲିସଙ୍କୁ ବାନ୍ଧି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ଥାନା ତରାସ ଗ୍ରାମର ମହେଶ୍ୱର ଦଳାଇ ଓରଫ୍ ଜଗନ ଏବଂ ଗଣେଶ ଜେନା ଓରଫ ଗଣେଶ। ମଙ୍ଗଳବାର ସକାଳ ପ୍ରାୟ ୮ଟାରେ ଗଜପତି ଜିଲ୍ଲା ଆର୍.ଉଦୟଗିରି ଥାନା ସଇଲଙ୍ଗ ଗ୍ରାମର କପଡ଼ା ବ୍ୟବସାୟୀ ଦିଲରାଜ ଛିନଛାନୀ ଏବଂ ତାଙ୍କ ଶଳା ଆଇମୋଶ ପାନି ନିଜ ବାଇକ ନଂ. ( ଓଡି ୨୦ ବି ୨୦୪୯) ଯୋଗେ ବ୍ରହ୍ମପୁର ଯାଉଥିଲେ। ସେହି ସମୟରେ ଅଭିଯୁକ୍ତ ଦ୍ୱୟ ସେମାନଙ୍କୁ ପୁଲିସ ପରିଚୟ ଦେଇ ଥାନା ସମ୍ମୁଖ ଚେକ୍ ଗେଟ ନିକଟରେ ଅଟକାଇଥିଲେ। ଏହାପରେ ଦ୍ରୁତ ଗତିରେ ଗାଡ଼ି ଚଳାଉଥିବା କହି ଚାଲାଣ କାଟିବାକୁ କହିଥିଲେ। ସେମାନେ ଅରାଜି ହେବାରୁ ଥାନାକୁ ଯିବାକୁ କହିଥିଲେ। ସେମାନଙ୍କ ଟଙ୍କା ଭର୍ତ୍ତି ବ୍ୟାଗକୁ ଅଭିଯୁକ୍ତ ମାନେ ଧରି ଥାନା ଆଡକୁ ଯାଇଥିଲେ। କିନ୍ତୁ ଥାନା ଗେଟରେ କିଛି ପୁଲିସ ରହିଥିବା ଦେଖି ଲୁଟେରାମାନେ ସେଠାରୁ ଦ୍ରୁତ ଗତିରେ ବାଇକ ଯୋଗେ ଚମ୍ପଟ ମାରିବାକୁ ଉଦ୍ୟମ ବେଳେ ବାଇକ ସହ ପଡ଼ିଯାଇଥିଲେ।। ବ୍ୟବସାୟୀମାନେ ଦିଗପହଣ୍ଡି ଥାନାରେ



ଉପସ୍ଥିତ ପୁଲିସ କର୍ମଚାରୀଙ୍କୁ ଡାକ ପକାଇବାରୁ ସେମାନେ ପିଛା କରି ଲୁଟେରା ଦ୍ୱୟଙ୍କୁ କାବୁ କରିଥିଲେ। ପୁଲିସ ସେମାନଙ୍କ ନିକଟରୁ ନଗଦ ୧ଲକ୍ଷ ଟଙ୍କା, ଦୁଇଟି ମୋବାଇଲ ଫୋନ, ଏକ ବାଇକ୍ ଜବତ କରିଛି। ଏନେଇ ଦିଗପହଣ୍ଡି ଥାନାରେ ମାମଲା ରୁଜୁକରି ଅଭିଯୁକ୍ତ ଦ୍ୱୟଙ୍କୁ ବୁଧବାର ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ଦିଗପହଣ୍ଡି ସବଜେଲ ହାଜତକୁ ପଠାଇ ଦିଆଯାଇଥିବା ଥାନା ଭାରପ୍ରାପ୍ତ ଅଧିକାରୀ ତଥା ଡିଏସ୍‌ପି ପ୍ରଶାନ୍ତ କୁମାର ପାତ୍ର ସୂଚନା ଦେଇଛନ୍ତି।

# ଗଞ୍ଜେଇ ବେପାରକୁ ନେଇ ଆକ୍ରମଣ, ଦୁଇ ଗିରଫ

ବେଲଗୁଣ୍ଠା, ୨୧।୫(ସମିସ): ଗଞ୍ଜେଇ ବେପାର ସମ୍ପର୍କରେ ପୁଲିସକୁ ସୂଚନା ଦେଉଥିବା ସନ୍ଦେହରେ ଜଣେ ଯୁବକଙ୍କୁ ଆକ୍ରମଣ ଅଭିଯୋଗରେ ଅଭିଯୁକ୍ତ ୨ ଯୁବକଙ୍କୁ ପୁଲିସ୍ କୋର୍ଟ ଚାଲାଣ କରିଛି। ଆକ୍ରମଣର ଶିକାର ହୋଇଥିବା ଯୁବକ ଜଣଙ୍କ ଗାଙ୍ଗପୁର ଥାନା ଅନ୍ତର୍ଗତ କ୍ଷତ୍ରୀୟବରପୁରର ଶିବ ଶଙ୍କର ସେଠୀ। ମଙ୍ଗଳବାର ରାତିରେ ଶିବ ଘର ସମ୍ମୁଖରେ ବସିଥିବାବେଳେ କ୍ଷତ୍ରୀୟବରପୁରର ସନ୍ତୋଷ କୁମାର ସାହୁ ଏବଂ ଲୁଣିପଡ଼ା ଗ୍ରାମର ସତ୍ୟଜିତ୍ ପାଣିଗ୍ରାହୀ ମାରଣାସ୍ତ୍ର ଧରି ହଠାତ୍ ପହଞ୍ଚି ତାକୁ ଗାଳି ଗୁଲଜ କରିବା ସହିତ ସେମାନଙ୍କ ଗଞ୍ଜେଇ ବେପାର ସମ୍ପର୍କରେ ପୁଲିସକୁ ସୂଚନା କାହିଁକି ଦେଉଛୁ କହି ତାକୁ ତଣ୍ଟି ଚିପି ଜୀବନରୁ ମାରିଦେବାକୁ ଚେଷ୍ଟା କରିଥିଲେ। ଶିବଶଙ୍କରଙ୍କ ସ୍ତ୍ରୀ ଆସି ତାକୁ ରକ୍ଷା କରିବାକୁ ଚେଷ୍ଟା କରିବାରୁ ଅଭିଯୁକ୍ତମାନେ ତାଙ୍କୁ ମଧ୍ୟ ଅଶ୍ଳୀଳ ଭାଷାରେ ଗାଳି କରିଥିଲେ। ଏହି ସମୟରେ ସନ୍ତୋଷଙ୍କ ସ୍ତ୍ରୀ ୧୧୨କୁ ଯୋଗାଯୋଗ କରିବାରୁ ଘଟଣା ସ୍ଥଳରେ ପାଟ୍ରୋଲିଂ ଗାଡ଼ି ପହଞ୍ଚି ଯିବାରୁ ଉଭୟ ସନ୍ତୋଷ ଏବଂ ସତ୍ୟଜିତ୍ ଚମ୍ପଟ ମାରିଥିଲେ। ଶିବଶଙ୍କରଙ୍କ ଏତାଲା ପ୍ରକାରେ ଗାଙ୍ଗପୁର ଥାନାରେ ଏକ ମାମଲା ରୁଜୁ ହେବା ସହିତ ଘଟଣାର ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ଆର୍ତ୍ତତ୍ରାଣ ଜାନୀ ଘଟଣାସ୍ଥଳ ପରିଦର୍ଶନ କରିବା ସହିତ ଅଭିଯୁକ୍ତ ସନ୍ତୋଷ ଏବଂ ସତ୍ୟଜିତ୍‌କୁ ପୁଲିସ୍ ଗିରଫ କରିଥିଲା। ଉଭୟଙ୍କୁ କୋର୍ଟଚାଲାଣ କରାଯାଇଥିବା ଗାଙ୍ଗପୁର ଥାନା ଅଧିକାରୀ ଶୁଭଲକ୍ଷ୍ମୀ ପୂଜାରୀ କହିଛନ୍ତି।

● ମୁମ୍ବାଇରେ ଘର ଭୁଶୁଡ଼ି ୬ଜଣଙ୍କ ମୃତ୍ୟୁ ଘଟଣା

# ମୃତକଙ୍କ ମଧ୍ୟରେ ପୁରୁଷୋତ୍ତମପୁରର ମା' ଓ ୨ ଝିଅ

ପୁରୁଷୋତ୍ତମପୁର, ୨୧।୫(ସମିସ): ମହାରାଷ୍ଟ ଥାଣେ କଲ୍ୟାଣୀସ୍ଥିତ ଏକ ତିନିମହଲା କୋଠା ଭୁଶୁଡ଼ି ପଡ଼ିବାରୁ ୪ମହିଳା, ଜଣେ ଶିଶୁଙ୍କ ସମେତ ୬ଜଣଙ୍କ ମୃତ୍ୟୁ ଘଟିଥିଲା। ମୃତକଙ୍କ ମଧ୍ୟରେ ରହିଛନ୍ତି ପୁରୁଷୋତ୍ତମପୁରର ଜଣେ ବୃଦ୍ଧାଙ୍କ ସହିତ ୨ ବିବାହିତ ଝିଅ।



ଅଧା ରହିଗଲା ସାବିତ୍ରୀ ଭାର

ସାବିତ୍ରୀ ଅମାବାସ୍ୟା ପାଇଁ ଝିଅ ଘରକୁ ମା' ଯାଇଥିଲେ ଭାର ନେଇ। ଝିଅ ଘରେ ବସି ଭଲମନ୍ଦ କଥା ହେଲାବେଳେ ମାଡ଼ି ବସିଲା ଘରର ସ୍ଲାବ। ସାବିତ୍ରୀ ଅମାବାସ୍ୟା ପୂର୍ବରୁ ଚାଲିଗଲା ମା'ସହ ୨ ବିବାହିତା ଝିଅଙ୍କ ଜୀବନ। ଏଭଳି ଦୁଃଖଦ ଘଟଣା ଦେଖିବାକୁ ମିଳିଛି ମହାରାଷ୍ଟ୍ରର ଥାନେ ନିକଟ କଲ୍ୟାଣ ଅଞ୍ଚଳରେ। ମଙ୍ଗଳବାର କଲ୍ୟାଣ ଅଞ୍ଚଳରେ ଘରର ସ୍ଲାବ ପଡ଼ି ୬ ଜଣ ମୃତକଙ୍କ ମଧ୍ୟରୁ ୩ ଜଣ ଓଡ଼ିଆ ରହିଥିବା ବେଳେ ସମସ୍ତେ ଗୋଟିଏ ପରିବାର। ତିନି ମୃତକ ପୁରୁଷୋତ୍ତମପୁର ବ୍ଲକ ସି. ଏଚ. ନୂଆଗାଁ ମଝୀ ସାହିର ମା' ପ୍ରମିଳା ସାହୁ (୫୬) ଦୁଇ ଝିଅ ସୁନୀତା ସାହୁ (୩୭)ଓ ସୁଜତା ପାଢ଼ୀ (୩୨) ବୋଲି ଜଣାପଡ଼ିଛି। ପ୍ରମିଳା ସାବିତ୍ରୀ ଅମାବାସ୍ୟା ଯୋଗାଡ଼ ନେଇ ବଡ଼ ଝିଅ ସୁନିତା ଘରକୁ ଯାଇଥିଲେ। ମା' ଆସିଥିବା ଖବରପାଇ ଖୁସିରେ ସାନ ଝିଅ ସୁଜାତା ବଡ଼ ଭଉଣୀ ଘରକୁ ଆସିଥିଲା। ଘରେ ବସି ଦୁଇ ଭଉଣୀ ମା'ଙ୍କ ସହ କଥାବାର୍ତ୍ତା ବେଳେ ଅଚାନକ ଭୁଶୁଡ଼ି ପଡ଼ିଥିଲା ଘରର ଛାତ। ଭଗ୍ନାବଶେଷ ତଳେ ଚାପି ହୋଇ ତିନି ଜଣଙ୍କ ଜୀବନ ଚାଲି ଯାଇଥିବାବେଳେ ସୁଜାତାଙ୍କ ଛୋଟ ପୁଅ ଆହତ ହୋଇଥିବା ଜଣାପଡ଼ିଛି। ବହୁ ବର୍ଷ ପୂର୍ବରୁ ପ୍ରମିଳାଙ୍କ ସ୍ୱାମୀଙ୍କ ମତ୍ୟୁ ହୋଇଥିବା ବେଳେ ସେ ମୁମ୍ବାଇ ମୁଲୁଣ୍ଡ ଅଞ୍ଚଳର ଇନ୍ଦିରା ନଗରରେ ଏକ ମାତ୍ର ପୁଅଙ୍କ ସହ ରୁହନ୍ତି। ବଡ ଝିଅ ସୁନୀତା ଚାନ୍ଦୁଲିରେ ବାହା ହୋଇଥିବାବେଳେ ସାନ ଝିଅ ସୁଜାତା ହିଞ୍ଜିଳିରେ ବାହା ଦେଇଥିଲେ। ଦୁହେଁ ମୁମ୍ବାଇରେ ରହୁଥିଲେ। ଗତ ମାସରେ ରୋଗିଣା ବାପା ମା'ଙ୍କୁ ଦେଖା କରିବା ଲାଗି ପ୍ରମିଳା ନିଜ ଗ୍ରାମ ସି.ଏଚ୍ ନୂଆଗାଁକୁ ଆସିଥିଲେ। ଏକ ମାସ ଧରି ଗ୍ରାମରେ ରହି ମା'ବାପାଙ୍କ ସେବା କରିବା ପରେ ଗତ ୧୮ ତାରିଖରେ ମୁମ୍ବାଇ ବାହାରିଥିଲେ ପ୍ରମିଳା। ଆଉ ଦୁର୍ଘଟଣା ଦିନ ଅର୍ଥାତ୨୦ ତାରିଖରେ ମୁମ୍ବାଇରେ ପହଞ୍ଚି ମଧ୍ୟାହ୍ନରେ ବଡ଼ଝିଅ ଘରକୁ ଯାଇଥିଲେ। ତେବେ ପ୍ରମିଳା ମୁମ୍ବାଇ ଯିବା ପୂର୍ବରୁ ଭାଇ ମାନଙ୍କୁ ଭାଣିଜି ମାନଙ୍କ ଲାଗି ସାବିତ୍ରୀ ଅମାବାସ୍ୟା ଭାର ଆଣିଦେବାକୁ କହିଥିବା ବେଳେ ମାମୁଁ ମାନେ ସମସ୍ତ ସାମଗ୍ରୀ ଦେଇ ଭଉଣୀଙ୍କୁ ମୁମ୍ବାଇ ପଠାଇଥିଲେ। ହେଲେ ଦୁର୍ଘଟଣା ଖବର ଶୁଣିବା ପରେ ରୋଗୀଣା ମା, ବାପା, ଭାଇ ମାନଙ୍କ ଆଖିରୁ ଶୁଖୁନି ଲୁହ।

## ବଢ଼ିଲା 'ସେନାପତି' ଗ୍ୟାଙ୍ଗ୍‌ର ଅଡୁଆ

# ବାହାନା ନାଳ ଜବରଦଖଲ ଘଟଣାରେ ହସ୍ତକ୍ଷେପ କଲେ ବିଇଏମ୍‌ସି କର୍ତ୍ତୃପକ୍ଷ

● ବର୍ଷାଦିନ ପୂର୍ବରୁ ଜବରଦଖଲ ଉଚ୍ଛେଦ ନେଇ ଡ୍ରେନେଜ୍ ବିଭାଗକୁ ଲେଖିଲେ ଚିଠି

● ନାଳକୁ ଜବରଦଖଲ ମୁକ୍ତ ଓ ପୁନରୁଦ୍ଧାର କ୍ଷେତ୍ରରେ ସହଯୋଗ କରିବ ବିଇଏମ୍‌ସି : କମିଶନର



ବ୍ରହ୍ମପୁର, ୨୧।୫(ସମିସ)

ବ୍ରହ୍ମପୁର ସହରର ବହୁ ଚର୍ଚ୍ଚିତ 'ସେନାପତି' ଗ୍ୟାଙ୍ଗ ପାଇଁ ଅଡୁଆ ଦିନକୁ ଦିନ ବଢ଼ିବାରେ ଲାଗିଛି। ଉଭୟ ସରକାରୀ ଓ ଘରୋଇ ଜମିକୁ ବଳପୂର୍ବକ ଅକ୍ତିଆର କରୁଥିବା ଏହି ଗୋଷ୍ଠୀ ବର୍ତ୍ତମାନ ଉଭୟ ପୁଲିସ ଓ ସାଧାରଣ ପ୍ରଶାସନର ନଜରରେ ରହିଛି। ସମ୍ପତ୍ତି ଭାଗବଣ୍ଟାକୁ ନେଇ ଭାଇଭାଇ ମଧ୍ୟରେ ଥିବା ବିବାଦର ସୁଯୋଗ ନେଇ ବ୍ୟକ୍ତିଗତ ମାଲିକାନାରେ ଥିବା ମୂଲ୍ୟବାନ ସ୍ଥାବର ସମ୍ପତ୍ତିକୁ ଦଖଲ କରିଚାଲିଛି ଏହି ଗୁଣ୍ଡା ଶ୍ରେଣୀୟ ଗୋଷ୍ଠୀ। ତେବେ ଏହି 'ସେନାପତି' ଗ୍ୟାଙ୍ଗ ସହରର ପ୍ରମୁଖ ବାହାନାନାଳ ଯାହା ଡ୍ରେନେଜ ବିଭାଗ ଅଧିନରେ ରହିଛି ତାକୁ ମଧ୍ୟ ଜବରଦଖଲ କରି ନାଳକୁ ସଙ୍କୁଚିତ କରି ତାହାର ଗତିପଥକୁ ଅବରୋଧ କରିଥିବା ଜଣାପଡ଼ିଛି। ଏଭଳି ଘଟଣାର ପର୍ଦ୍ଦାଫାସ ହେବାପରେ ଏଥିରେ ହସ୍ତକ୍ଷେପ କରିଛନ୍ତି ବିଇଏମସି କର୍ତ୍ତୃପକ୍ଷ। ଆଗକୁ ବର୍ଷା ଦିନ ଆସୁଥିବା ବେଳେ ବାହାନାନାଳ ଯୋଗୁଁ ସହରରେ ଜଳ ନିଷ୍କାସନ ନହୋଇ ସମଗ୍ର ସହର ଜଳମଗ୍ନ ହେଉଛି। ଏହି ଦୃଷ୍ଟିରୁ ବିଇଏମସି କର୍ତ୍ତୃପକ୍ଷ ଡ୍ରେନେଜ ବିଭାଗ ନିର୍ବାହୀଯନ୍ତ୍ରୀଙ୍କୁ ଚିଠି ଲେଖି ତୁରନ୍ତ ଉକ୍ତ ନାଳ ଉପରେ ଅବୈଧ ଭାବେ ନିର୍ମାଣ ହୋଇଥିବା ବ୍ରିଜ ବା କଲଭର୍ଟକୁ ଭାଙ୍ଗିବାକୁ ପରାମର୍ଶ ଦେଇଛନ୍ତି। ଏପରିକି ଏଥିରେ ଆବଶ୍ୟକ ସ୍ଥଳେ ବିଇଏମସି ସହାୟତାର ହାତ ବଢ଼ାଇବ ବୋଲି ମଧ୍ୟ କହିଛନ୍ତି ଉଭୟ ମେୟର ଶ୍ରୀମତି ସଂଘମିତ୍ରା ଦଳେଇ ଓ କମିଶନର ଭବାନୀ ପ୍ରସାଦ ମିଶ୍ର। ପୂର୍ବରୁ ମଧ୍ୟ ଡ୍ରେନେଜ ବିଭାଗ ନିର୍ବାହୀ ଯନ୍ତ୍ରୀ ଇଂ ବିଷ୍ଣୁ ପାଣିଗ୍ରାହୀ ଏଭଳି ସମସ୍ୟା ସମ୍ପର୍କରେ ଅବଗତ ହୋଇ ଗ୍ରାଉଣ୍ଡ ଜିରୋରେ ସ୍ଥିତି ଅନୁଧ୍ୟାନ କରି କଲଭର୍ଟକୁ ଉଚ୍ଛେଦ କରିବା ନେଇ ମତ ଦେଇଥିଲେ। ତେବେ ବର୍ଷା ପୂର୍ବରୁ ଉଭୟ ବିଇଏମସି ଓ ଡ୍ରେନେଜ ବିଭାଗ କର୍ତ୍ତୃପକ୍ଷ ବାହାନାନାଳ ଉପରେ ବେନିୟମ ଭାବେ ନିର୍ମାଣ ହୋଇଥିବା ବ୍ରିଜକୁ ଭାଙ୍ଗିବା ନେଇ କିଭଳି ଓ କେତେଶୀଘ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି ତାହା ଦେଖିବାକୁ ରହିଛି।

# ତାମିଲନାଡୁରେ ଓଡ଼ିଆ ଦାଦନ ଶ୍ରମିକଙ୍କ ମୃତ୍ୟୁ



ଦିଗପହଣ୍ଡି,୨୧।୫(ସମିସ): ତାମିଲନାଡୁ ରାଜ୍ୟର ଶିବଗଙ୍ଗା ଜିଲ୍ଲା ମାଲକୋଟାଇ ଗ୍ରାମରେ ଥିବା ମେଘା ବ୍ଲୁ ମେଟାଲ କମ୍ପାନୀରେ କାମ କରୁଥିବା ବେଳେ ଏକ ପଥର ଖସିଯିବାରୁ ତା'ତଳେ ଚାପି ହୋଇ ଜଣେ ଓଡ଼ିଆ ଦାଦନ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତିକ ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ କୁଶପଡା ଗ୍ରାମ ଚମ୍ପାସାହିର ବି. ଅରକ୍ଷୀତ ଦୋରା(୨୮)।

ସୂଚନା ପ୍ରକାରେ, ଅରକ୍ଷୀତ ଦୀର୍ଘବର୍ଷ ଧରି ଉକ୍ତ କ୍ରସର କମ୍ପାନୀରେ ଜେସିବି ଚାଳକ ଭାବେ କାର୍ଯ୍ୟ କରୁଥିଲେ। ଗତ ୨ବର୍ଷ ପୂର୍ବେ ସେ ବିବାହ କରିଥିବା ବେଳେ ତାଙ୍କର ୬ ମାସର ଶିଶୁ ରହିଛି। ସୋମବାର ସକାଳ ୧୦ଟାରେ କ୍ରସର ନିକଟରେ କାମ କରୁଥିବା ବେଳେ ହଠାତ ଏକ ବଡ଼ ପଥର ଖସି ପଡ଼ିବାରୁ ତା' ତଳେ ୬ ଜଣ ଶ୍ରମିକ ଚାପି ହୋଇ ରହିଯାଇଥିଲେ। ଦୀର୍ଘ ସମୟ ଖୋଜାଖୋଜି ପରେ ମଙ୍ଗଳବାର ୫ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ସେଥିମଧ୍ୟରୁ ସେଠାକାର ୪ ଜଣ ରହିଥିବା ବେଳେ ଅରକ୍ଷୀତଙ୍କ ମଧ୍ୟ ମୃତଦେହରହିଥିଲା। ବୁଧବାର ମଧ୍ୟ ଅନ୍ୟଜଣକୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଥିବା ସୂଚନା ମିଳିଛି।

ଅପରପକ୍ଷରେ କମ୍ପାନୀ ପକ୍ଷରୁ ଅରକ୍ଷୀତଙ୍କ ପରିବାରକୁ ସୂଚନା ଦିଆଯିବା ପରେ ପରିବାର ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ପଡିଛନ୍ତି। ମଙ୍ଗଳବାର ପରିବାର ଲୋକେ ସେଠାରେ ପହଞ୍ଚିଥିବା ଖବର ମିଳିଥିଲେ ମଧ୍ୟ ଅରକ୍ଷୀତଙ୍କ ଶବ ଭିଟାମାଟିକୁ ଆଣିବା ଏବଂ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

**ଜମି ନେଇ ଠକିଦେଲା କମ୍ପାନୀ**

# ଟିଟାନିୟମ କମ୍ପାନୀ ସମ୍ମୁଖରେ ଶ୍ରମିକଙ୍କ ଧାରଣା

ଛତ୍ରପୁର,୨୧।୫(ସମିସ): ଗଞ୍ଜାମ ଜିଲ୍ଲାରେ ବନ୍ଦ ହୋଇ ଯିବକି ପୁଣି ଗୋଟେ ଶିଳ୍ପକରାଖାନା। ଦୀର୍ଘମାସ ହେଲା ଚାଲୁନି କମ୍ପାନୀ, ଉତ୍ପାଦ ଅର୍ଡର ଆଳରେ ଏହାକୁ ବନ୍ଦ କରିଦିଆଯାଇଛି। ତୁରନ୍ତ ଟିଟାନିୟମ କମ୍ପାନୀ କାର୍ଯ୍ୟକ୍ଷମ ଦାବି ନେଇ ବୁଧବାର ଟିଟାନିୟମ ଏମ୍ପ୍ଲୟର ୟୁନିୟନ ପକ୍ଷରୁ ବହୁ ଶ୍ରମିକମାନେ କମ୍ପାନୀ ସମ୍ମୁଖରେ ଧାରଣା ଦେବାସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କମ୍ପାନୀ ପାଇଁ ଆମେ ଜମି ଦେଲୁ ଶ୍ରମ ଦେଲୁ କିନ୍ତୁ କମ୍ପାନୀ ଆମକୁ ଠକୁଛି ବୋଲି କହିଥିଲେ। ଦୀର୍ଘମାସ ହେଲା କମ୍ପାନୀର ଉତ୍ପାଦ ଅର୍ଡର ନଥିବାରୁ ମାର୍ଚ୍ଚ ୨୦୨୫ ବେଳକୁ ଏହାର ସ୍ଥିତି ସୁଧାର ଆସିବ ବୋଲି ସେହି ସମୟରେ କମ୍ପାନୀ ପକ୍ଷରୁ କୁହାଯାଇଥିଲା। ୨୦୨୪ ନଭେମ୍ବର ୫ ତାରିଖରୁ ଛତ୍ରପୁର ଉପକଣ୍ଠ ସରାଫ



ଏଜେନ୍ସି ପ୍ରାଇଭେଟ ଲିମିଟେଡ ସଂସ୍ଥା (ଟିଟାନିୟମ) କର୍ମଚାରୀମାନଙ୍କୁ ଅସ୍ଥାୟୀ ବିରତି କରିଥିଲା। ମାର୍ଚ୍ଚ ୨୦୨୫ରେ ପରେ କମ୍ପାନୀ ଚାଲିବ ବୋଲି କହିଥିଲେ। କିନ୍ତୁ କମ୍ପାନୀ କର୍ତ୍ତୃପକ୍ଷ ଆମକୁ କୌଣସି ସୂଚନା ନଦେଇ ପୁଣି ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଶ୍ରମିକଙ୍କୁ ଅସ୍ଥାୟୀ ବିରତି କରିଦେଇଛି ବୋଲି ଆନ୍ଦୋଳନକାରୀମାନେ କହିଥିଲେ। କିନ୍ତୁ ମାର୍ଚ୍ଚ ଯାଇ ଏବେ ମେ' ସରିବାକୁ ବସିଲାଣି ଅଥଚ କମ୍ପାନୀ ଚଲାଇବକୁ ଉଦ୍ୟମ ନକରି ବନ୍ଦ କରି ରଖିଛି। ଫଳରେ ଏହି କମ୍ପାନୀ ଉପରେ ନିର୍ଭର କରି ଚଳୁଥିବା ଶତାଧିକ ଶ୍ରମିକମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ଯେଉଁଦିନ ପର୍ଯ୍ୟନ୍ତ କମ୍ପାନୀ କର୍ତ୍ତୃପକ୍ଷ ଆମ ଦାବି ଶୁଣିବେ ନାହିଁ ସେତେଦିନ ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରୀ ରହିବ ବୋଲି ଟିଟାନିୟମ ଏମ୍ପ୍ଲୟର ୟୁନିୟନ ସଭାପତି ଆର.ଦଣ୍ଡପାଣି ରେଡି କହିଥିଲେ। ବହୁବାର ଜିଲ୍ଲାପ୍ରଶାସନ ଓ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଥିଲେ ବି ସମାଧାନ ନହେବାରୁ ଏହି ଆନ୍ଦୋଳନ କରାଯାଇଛି। ତୁରନ୍ତ କମ୍ପାନୀ ଚାଲୁ କରିବା, ଅସ୍ଥାୟୀ ବିରତି ବନ୍ଦ କରିବା ଦାବି କରିଥିଲେ। କମ୍ପାନୀ ଯେଉଁ ସମୟରେ ଆରମ୍ଭ କରିଥିଲା ସେହି ସମୟରେ ଆମେ ସହଯୋଗ କରିଥିଲୁ ଏବେ ଚଳିବୁ କିପରି ବୋଲି କହିଥିଲେ। ଆଇନ ଶୃଙ୍ଖଳା ଦୃଷ୍ଟିରେ ରଖି ଛତ୍ରପୁର ଏସ୍‌ଡିପିଓ ଚନ୍ଦନ ଘଡେଇ, ଚମାଖଣ୍ଡି ଥାନା ଅଧିକାରୀ ସବ୍ୟସାଚି ମଲ୍ଲ ପ୍ରମୁଖ ଉପସ୍ଥିତ ଥିଲେ। ପରେ ଏହାର ସମାଧାନ ନେଇ ଅପରାହ୍ନରେ ଛତ୍ରପୁର ଉପଜିଲ୍ଲାପାଳ ସମ୍ମିଳନୀ କକ୍ଷରେ ତ୍ରିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଥିଲା। ଉପଜିଲ୍ଲାପାଳ ଶିବାଶିଷ ବରାଳ ଏଥିରେ ଅଧ୍ୟକ୍ଷତା କରିଥିଲେ। କମ୍ପାନୀ କର୍ତ୍ତୃପକ୍ଷ, ଆନ୍ଦୋଳନକାରୀ ଓ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ।

ବିଭିନ୍ନ ବିଷୟରେ ଆଲୋଚନା ହୋଇଥିଲା ଉପଜିଲ୍ଲାପାଳଙ୍କ ଅନୁରୋଧକ୍ରମେ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଧାରଣା ସ୍ଥଗିତ ରହିଲା। ୩୦ରେ ପୁଣି ଏକ ତ୍ରିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇ କମ୍ପାନୀ ବିଭିନ୍ନ ଦିଗ ଉପରେ ଆଲୋଚନା ହେବ ବୋଲି ନିଷ୍ପତ୍ତି ହୋଇଥିଲା। ବୈଠକରେ ଆଇନଜୀବୀ ପି. ଧର୍ମା ରେଡି, ପଦ୍ମ ଚରଣ ସାହୁ, ଏସଡିପିଓ ଚନ୍ଦନ ଘଡେଇ, ଚମାଖଣ୍ଡି ଥାନା ଅଧିକାରୀ, କମ୍ପାନୀ କର୍ତ୍ତୃପକ୍ଷ ଓ ଶ୍ରମିକମାନେ ଉପସ୍ଥିତ ଥିଲେ।

## କାର୍ ସହ ଗଞ୍ଜେଇ ଜବତ; ଦୁଇ ଗିରଫ



ଭଞ୍ଜନଗର,୨୧।୫(ସମିସ): କନ୍ଧମାଳରୁ ପୁରୀ ଗଞ୍ଜେଇ ଚାଲାଣ ବେଳେ ଭଞ୍ଜନଗର ଅବକାରୀ ବିଭାଗ ବୁଢୁଲି ନିକଟରୁ ଗୋଟିଏ କାର୍ ସହ ୬୦ କିଲୋ ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ୨ ଚାଲାଣକାରୀଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ପୁରୀ କାକଟପୁର ଅଞ୍ଚଳର ଦୁର୍ଗାଚରଣ ମହାନ୍ତି ଓ ଚିତ୍ତରଞ୍ଜନ ଦାସ। କନ୍ଧମାଳ ଜିଲ୍ଲାରୁ ୩ଟି ବସ୍ତାରେ ଗଞ୍ଜେଇ ଧରି କାର୍ (ନଂ.ଓଡି ୦୨ ଏଏକ୍ସ ୮୧୭୭) ଯୋଗେ ଭଞ୍ଜନଗର ଦେଇ ପୁରୀ ଅଭିମୁଖେ ଯାଉଥିବାବେଳେ ବୁଧବାର ସକାଳୁ ପାଟ୍ରୋଲିଂ କରୁଥିବା ଭଞ୍ଜନଗର ଅବକାରୀ ବିଭାଗ ହାବୁଡ଼ରେ ପଡିଥିଲେ। ଯାଞ୍ଚବେଳେ କାର୍ ଡିକିରୁ ୩ ବସ୍ତା ଗଞ୍ଜେଇ ଜବତ ହୋଇଥିଲା। ଯାହାର ଓଜନ ୬୦ କିଲୋ ଥିବାବେଳେ ଆନୁମାନିକ ମୂଲ୍ୟ ୬ ଲକ୍ଷ ଟଙ୍କାରୁ ଅଧିକ ହେବ। ଚଢ଼ଉରେ ଇନିସପେକ୍ଟର୍ ଡମ୍ବରୁଧର ହରିଜନ ଏବଂ ଏସଆଇ ଅଲିଭା ମାଝୀ, ଏଏସଆଇ ବହୁମୂଲ୍ୟ ପରିଛା, ସନାତନ ନାହାକ, ଜଗନ୍ନାଥ ମହାପାତ୍ର, ସୁବଳ ପ୍ରଧାନ, କୃଷ୍ଣଚନ୍ଦ୍ର ସେଠୀ, ଦୀପ୍ତି ରଞ୍ଜନ ସାହୁଙ୍କ ସମେତ ବିଭାଗୀୟ କର୍ମଚାରୀ ସାମିଲ୍ ହୋଇଥିଲେ। ଗିରଫ ପରେ ଦୁଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ନେଇ ଶ୍ରୀ ହରିଜନ କହିଛନ୍ତି।

## ଆକ୍ରମଣ ଘଟଣାର ମୁଖ୍ୟ ଅଭିଯୁକ୍ତ ଗିରଫ

ରଙ୍ଗେଇଲୁଣ୍ଡା,୨୧।୫(ସମିସ): ଗତ ମାର୍ଚ୍ଚ ୨୭ରେ ଗୋଳନ୍ଥରା ଥାନା ଅର୍ନ୍ତଗତ ବାଘଲଟି ଗ୍ରାମରେ ସଂଘବଦ୍ଧ ଆକ୍ରମଣ ଘଟଣାରେ ପୁଲିସ ପୁଣି ଜଣକୁ ଗିରଫ କରି କୋର୍ଟଚାଲାଣ କରିଛି। ଏହି ଅଭିଯୁକ୍ତଙ୍କୁ ମିଶାଇ ଗିରଫ ସଂଖ୍ୟା ୮କୁ ବୃଦ୍ଧି ପାଇଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ବାଘଲଟି ଗାଁର ଶମ୍ଭୁ ଗୌଡ।

ସୂଚନାଯୋଗ୍ୟ ଗାଁ ମନ୍ଦିର ପରିଚାଳନାକୁ ନେଇ ବାଘଲଟି ଗାଁର ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ଦେଖା ଦେଇଥିଲା। ମାର୍ଚ୍ଚ ୨୭ ଭୋରରେ କିଛି ଯୁବକ ଗାଁ ନିକଟରେ ଥିବା ଏକ କୁକୁଡ଼ା ଫାର୍ମରେ ଶୋଇଥିବା ବେଳେ ପୂର୍ବ ପ୍ରସ୍ତୁତି ହୋଇ ଗୋଟିଏ ଗୋଷ୍ଠୀର ୧୦/୧୫ ଜଣ ଯୁବକ ଠେଙ୍ଗା ଓ ମାରଣାସ୍ତ୍ର ଧରି ସେଠାରେ ପହଞ୍ଚି ୪ ଜଣ ଯୁବକଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ଏନେଇ ଥାନାରେ ଦୁଇଟି ମାମଲା ରୁଜୁ ହୋଇଥିବା ବେଳେ ଘଟଣା ପରଠାରୁ ସମସ୍ତ ଅଭିଯୁକ୍ତ ଫେରାର ଥିଲେ। ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ପୂର୍ବରୁ ୭ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ମୁଖ୍ୟ ଅଭିଯୁକ୍ତ ଶମ୍ଭୁ ଗୌଡ଼ ବୁଧବାର ରଣ୍ଟା ଛକରେ ଥିବା ସୂଚନା ପାଇ ପୁଲିସ କୋର୍ଟଚାଲାଣ କରିଥିବା ତଦନ୍ତ ଅଧିକାରୀ ଏସ୍‌ଆଇ ସିଲୁ ଧଳ ସୂଚନା ଦେଇଛନ୍ତି।

## ସାପଖେଳ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି

ପାରଳାଖେମୁଣ୍ଡି,୨୧।୫(ସମିସ): ଗଜପତି ଜିଲ୍ଲାରେ ସାପ ସହ ଖେଳ ଭିଡିଓ ଖୁବ୍ ଭାଇରାଲ ହେଉଛି। ଏହି ସାପ ଖେଳ କୌଣସି ଏକ କାର୍ଯ୍ୟକ୍ରମରେ ଚାଲିଥିବା ବେଳେ ଲୋକେ ଏହାର ଖୁବ୍ ମଜା ନେଉଥିବାର ଦୃଶ୍ୟମାନ ହେଉଛି। ତିନି ଗୋଟି ବିଷାକ୍ତ ସାପକୁ ସାପୁଆକେଳା ଜଣକ ଚୁମା ଦେଉଥିବା ବେଳେ ଗୋଟିଏ ସାପକୁ ପାଟିରେ ଧରି ନାଚୁଛି। ତେବେ ଏପରି ସାପ ଖେଳକୁ ଦେଖି ପରିବେଶବିତ୍ ତଥା ବନ୍ୟଜନ୍ତୁପ୍ରେମୀ ନିନ୍ଦା କରିଛନ୍ତି। ସରକାର ଏହି ସାପ ଖେଳକୁ ବେଆଇନ ଘୋଷିତ କରିଥିବା ବେଳେ ଓଡିଶା ୱାଇଲ୍ଡ ଲାଇଫ୍ ଆକ୍ଟ ୧୯୭୨ ଅନୁଯାୟୀ ଦଣ୍ଡନୀୟ ଅପରାଧ। ଏପରି ଖେଳ ଦ୍ୱାରା ଜନ୍ତୁମାନେ ମୃତ୍ୟୁ ମୁଖରେ ପଡିବା ସହ ଏହାର ଦଂଶନରେ ମନୁଷ୍ୟର ମଧ୍ୟ ପ୍ରାଣହାନୀ ଆଶଙ୍କା ରହିଛି। ଅପରପକ୍ଷରେ ବନବିଭାଗ ବ୍ୟାପକ ସଚେତନତା କରୁଥିଲେ ମଧ୍ୟ ଏପରି ସାପ ସହ ଖେଳ ହେଉଥିବାକୁ ନେଇ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ବନବିଭାଗ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟିଦେଇ ବନ୍ୟଜନ୍ତୁ ଆଇନକୁ ଉଲ୍ଲଂଘନ କରୁଥିବା ବ୍ୟକ୍ତି ବିଶେଷଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ହେଉଛି।

## ଆସିକା ସାଂସଦଙ୍କ ବେଗୁନିଆପଡ଼ା ବ୍ଲକ୍ ଗସ୍ତ



କୋଦଳା,୨୧।୫(ସମିସ): ବୁଧବାର ବେଗୁନିଆପଡ଼ା ଗସ୍ତ କରି ବ୍ଲକ ପରିସରରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା ସହିତ ଥାନା ପରିଦର୍ଶନ କରିଛନ୍ତି ଆସିକା ସାଂସଦ ଅନିତା ଶୁଭଦର୍ଶିନୀ ପଟ୍ଟନାୟକ। ବ୍ଲକ ସଭାଗୃହରେ ପହଞ୍ଚିବା ପରେ ପ୍ରଶାସନ ତରଫରୁ ସାଂସଦଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ପରେ ବିଡିଓ ସସ୍ମିତା ଶତପଥୀ ଏବଂ ସମସ୍ତ ବିଭାଗୀୟ ଅଧିକାରୀ ଓ ଜନ ପ୍ରତିନିଧି ମାନଙ୍କ ସହିତ ଆଲୋଚନା କରିଥିଲେ ସାଂସଦ। ଦଳମତ ନିର୍ବିଶେଷରେ ସାଧାରଣ ଜନତାଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଇ ସେମାନଙ୍କ ସମସ୍ତ କାର୍ଯ୍ୟ ଯେପରି ସମାଧାନ ହୋଇପାରିବ ସେଥିପ୍ରତି ଦୃଷ୍ଟି ଦେବାକୁ ପରାମର୍ଶ ଦେଇଥିଲେ। ଏହି ସମୟରେ ସେଠାରେ ଉପସ୍ଥିତ ଜନତାଙ୍କ ଅଭିଯୋଗ ଶୁଣି ସେଗୁଡିକୁ ସମାଧାନ କରିଥିଲେ। ପରେ ପରେ ସେଠାରୁ ଥାନା ପରିଦର୍ଶନରେ ଯାଇ ଥାନା ଅଧିକାରୀଙ୍କ ସହିତ ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ଆଲୋଚନା କରିଥିଲେ। ଅଞ୍ଚଳରେ ବେଆଇନ ଚୋରାମଦ କାରବାର ରୋକିବା ସହିତ କୌଣସି ରାଜନେତାଙ୍କ ହସ୍ତକ୍ଷେପ ନ ଶୁଣି ଦଳମତ ନିର୍ବିଶେଷରେ ଲୋକଙ୍କ ଏତଲା ଗ୍ରହଣ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କହିଥିଲେ ସାଂସଦ।

ସାଂସଦଙ୍କ ଏହି ଗସ୍ତ ସମୟରେ ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ଦୁର୍ଯ୍ୟୋଧନ ଗୌଡ଼, ବରିଷ୍ଠ ବିଜେପି ନେତା ଚିତ୍ରସେନ ପରିଡା, ରବୀନ୍ଦ୍ର ମହାନ୍ତି, ବାଲାଜୀ ଜେନା, ସାଂସଦ ପ୍ରତିନିଧି ଆଲୋକ ଶତପଥୀ, ନାରାୟଣ ସୁମନ୍ତରାୟ, ବିଭୁତି ପାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

## ୧୩୦ ବର୍ଷ ପରେ ଚେବୀଟାମ୍ମା ଗ୍ରାମଦେବୀଙ୍କ ଯାତ୍ରା



ପାରଳାଖେମୁଣ୍ଡି,୨୧।୫(ସମିସ): ଗଜପତି ଜିଲ୍ଲା ଗୋଷାଣି ବ୍ଲକ ବାଘଶାଳା ପଞ୍ଚାୟତ ତାମ୍ପରକଇଠା ଗ୍ରାମରେ ୧୩୦ ବର୍ଷ ପରେ ଗ୍ରାମଦେବୀ ଚେବୀଟାମ୍ମା ଦେବୀଙ୍କ ଠାକୁରାଣୀ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପାଞ୍ଚ ଦିନ ଧରି ଅନୁଷ୍ଠିତ ଏହି ଯାତ୍ରାରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ମଙ୍ଗଳବାର ରାତି ତମାମ ଗ୍ରାମ ପରିକ୍ରମା ପରେ ବୁଧବାର ସକାଳୁ ବିସର୍ଜନ କରାଯାଇଥିଲା। ୫ଦିନ

**୫ ଦିନ ଧରି ଦୁଲୁକିଲା ଗ୍ରାମଦାଣ୍ଡ**

ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମ ଲୋକଙ୍କ ଭିଡ଼କୁ ଦ୍ୱିଗୁଣିତ କରିଥିଲା। ଭୀଷଣ ଗରମ ସାଙ୍ଗକୁ ଗୁଳୁଗୁଳି ଅସହ୍ୟ ଓ କାଳବୈଶାଖୀ ଜନିତ ବର୍ଷା ପବନ ହେଲେ ବିଭିନ୍ନ ବେଶ ପଟୁଆର ଲୋକଙ୍କୁ ଆକର୍ଷିତ କରିଥିଲା। ମା'ଙ୍କ ଗ୍ରାମ ପରିକ୍ରମା ସମୟରେ ବିଭିନ୍ନ ନାଚଗୀତ, ବାଦ୍ୟବାଜଣା, ଆଲୋକ ମାଳାର ଆୟୋଜନ କରାଯାଇଥିଲା। ମାନସିକଧାରୀ ଭକ୍ତମାନେ ମୁଣ୍ଡନ କରିଥିବା ବେଳେ ଆଉ କେତେକ ମାନସିକଧାରୀ ବିଭିନ୍ନ ବେଶ ଧାରଣ କରିଥିଲେ। ମା'ଙ୍କ ଦର୍ଶନ ଲାଗି ତାମ୍ପରକଇଠା ଗ୍ରାମ ସମେତ ଗୋଷାଣି ବ୍ଲକ, ପାରଳାଖେମୁଣ୍ଡି ସହରାଞ୍ଚଳ ଓ ପଡୋଶୀ ଆନ୍ଧ୍ର ପ୍ରଦେଶର ବିଭିନ୍ନ ଗ୍ରାମରୁ ଲୋକେ ଯୋଗ ଦେଇଥିଲେ। ୧୩୦ ବର୍ଷ ପରେ ଏପରି ଯାତ୍ରା ହେଉଥିବାରୁ ତାମ୍ପରକଇଠା ଗ୍ରାମବାସୀ ଅତ୍ୟନ୍ତ ଭକ୍ତିପୂତରେ ପୂଜାର୍ଚ୍ଚନା କରିବା ସହ ଗ୍ରାମର ପ୍ରତ୍ୟେକ ପରିବାର ସହଯୋଗ କରିଥିଲେ।

## ସୁହାନି ସାହୁ ମହିଳା କଲେଜ ଟପ୍ପର

ଜି.ଉଦୟଗିରି,୨୧।୫(ସମିସ): ପ୍ରକାଶ ପାଇଥିବା ଯୁକ୍ତ ଦୁଇ କଳା ପରୀକ୍ଷାରେ ଜି.ଉଦୟଗିରି ଇନ୍ଦିରା ପ୍ରିୟଦର୍ଶିନୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୯୦ ପ୍ରତିଶତ ଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ସୁହାନି ସାହୁ ୪୭୯ ମାର୍କ ରଖି କଲେଜ ଟପ୍ପର



ହୋଇଛନ୍ତି। ସମୁଦାୟ ୧୯୯ ଜଣ ଛାତ୍ରୀ ପରୀକ୍ଷା ଦେଇଥିଲେ ସେଥି ମଧ୍ୟରୁ ୬ଜଣ ଅନୁପସ୍ଥିତ ଥିଲେ। ୩୪ ଜଣ ପ୍ରଥମ ଶ୍ରେଣୀରେ, ୪୦ ଜଣ ଦ୍ୱିତୀୟ ଶ୍ରେଣୀରେ ଓ ୧୦୪ ଜଣ ଛାତ୍ରୀ ତୃତୀୟ ଶ୍ରେଣୀରେ ପାସ ହୋଇଥିବା ଅଧ୍ୟକ୍ଷ ଶିବରାମ ସାହୁ ଜଣାଇଛନ୍ତି।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ନାବାଳକ ଗୁରୁତର

ଦାରିଙ୍ଗବାଡି/ବ୍ରାହ୍ମଣୀଗାଁ,୨୧।୫(ସମିସ): କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକ କଟମା ପଞ୍ଚାୟତ ଡନିଗାଁର ଜଣେ ନାବାଳକ କୌଣସି କାର୍ଯ୍ୟରେ ଘରର ଛାତ ଉପରେ ବିପଦସଂକୁଳ ଭାବରେ ଯାଇଥିବା ବିଦ୍ୟୁତ ତାର ସ୍ପର୍ଶରେ ଆସିବାରୁ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ ବ୍ରାହ୍ମଣୀଗାଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବ୍ରହ୍ମପୁର ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି। ନାବାଳକ ଜଣକ ହେଲେ ମିଲୁ ମାଧବ। ପ୍ରକାଶ ଥାଉକି ଗତ ନଭେମ୍ବର ୮ ତାରିଖ ଦିନ ସେହି ସ୍ଥାନରେ ହିଁ ୩ ସାନ ପିଲା ବିଦ୍ୟୁତ ସଂସ୍ପର୍ଶରେ ଆସି ଗୁରୁତର ଆହତ ହୋଇଥିଲେ। ଗ୍ରାମବାସୀ ବିପଦସଂକୁଳ ଅବସ୍ଥାରେ ରହିଥିବା ବିଦ୍ୟୁତ ତାର ହଟାଇବାକୁ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଜଣାଇଥିଲେ ମଧ୍ୟ ଏହାର କୌଣସି ସ୍ଥାୟୀ ସମାଧାନ ହେଉ ନ ଥିବା ଅଭିଯୋଗ କରିଛନ୍ତି।

## ବାଇକରୁ ଖସି ବୃଦ୍ଧା ମୃତ

ଟିକାବାଲି,୨୧।୫(ସମିସ): କନ୍ଧମାଳ ଜିଲ୍ଲା ଟିକାବାଲି ଥାନା ଅନ୍ତର୍ଗତ ଟକଲମେଣ୍ଡି ଘୁଡା ସାହିରେ ବାଇକରୁ ଖସି ପଡିବାରୁ ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଜାମ୍ବି କହଁର (୭୦)। ସେ କିଛିଦିନ ଧରି ଅସୁସ୍ଥ ଥିଲେ। ବୁଧବାର ସକାଳେ ପୁଅ ସଞ୍ଜୟ କହଁର ଚିକିତ୍ସା ପାଇଁ ତାଙ୍କୁ ଏକ ବାଇକରେ ଟିକାବାଲି ଆଣୁଥିଲେ। ନିଜ ଘରୁ ମାତ୍ର ଶହେ ମିଟର ଆସିବା ମଧ୍ୟରେ ବୃଦ୍ଧା ଜଣକ ବାଇକରୁ ଖସି ପଡିଥିଲେ। ପରିବାର ଲୋକେ ତାଙ୍କୁ ଟିକାବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ, ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ପରେ ପରିବାରକୁ ମୃତଦେହ ହସ୍ତାନ୍ତର କରାଯାଇଛି। ଏନେଇ ଟିକାବାଲି ଥାନାରେ ଏକ ମାମଲା ରୁଜୁ କରି ପୁଲିସ ଘଟଣାର ତଦନ୍ତ କରୁଛି।

■ ଦାରିଙ୍ଗବାଡ଼ି ତହସିଲ ଅଫିସରେ ଲାଞ୍ଚ କାରବାର

## କିରାଣି ଲାଞ୍ଚ ନେଉଥିବା ଭିଡିଓ ଭାଇରାଲ

ଦାରିଙ୍ଗବାଡି,୨୧।୫(ସମିସ): ଦାରିଙ୍ଗବାଡି ତହସିଲ କାର୍ଯ୍ୟାଳୟରେ ଲାଞ୍ଚ କାରବାର ହେଉଥିବା ଭିଡ଼ିଓ ଭାଇରାଲ ହେବାରେ ଲାଗିଛି। ଜନ୍ମ ପଞ୍ଜୀକରଣ ପ୍ରମାଣପତ୍ର ନିମନ୍ତେ ୫୦୦ ଶହ ଟଙ୍କା ଲାଞ୍ଚ ଦିଆଯାଉଥିବା ଭିଡ଼ିଓ ଏବେ ମୋବାଇଲରୁ ମୋବାଇଲ ଘୁରି ବୁଲୁଛି। କିରାଣି ଜନ୍ମ ପଞ୍ଜୀକରଣ ସାର୍ଟିଫିକେଟ ପାଇଁ ୫୦୦ ଟଙ୍କା ମାଗିଥିଲା ବେଳେ ତାଙ୍କ ପାଖରେ ଥିବା ମହିଳା ପିଅନ ଜଣଙ୍କ ୫୦୦ ଟଙ୍କା ସଂପୃକ୍ତ ବ୍ୟକ୍ତିଙ୍କ ଠାରୁ ନେଇ କିରାଣିଙ୍କ ଟେବୁଲ୍ ଡ୍ରରେ ରଖି ଦେଉଥିବା ଉକ୍ତ ଭିଡ଼ିଓରେ ଦେଖିବାକୁ ମିଳିଛି। ଏ ନେଇ ତହସିଲଦାର ଶରତ ଶବରଙ୍କୁ ଯୋଗାଯୋଗ କରିବାରୁ ସେ ଛୁଟିରେ ଥିବା କହିବା ସହ ଘଟଣାର ତଦନ୍ତ କରାଯିବା ପରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଛନ୍ତି।



## ଜି.ଉଦୟଗିରିରେ ଠାକୁରାଣୀ ଯାତ୍ରା ପାଇଁ ଶୁଭଖୁଣ୍ଟି ସ୍ଥାପନ

ଜି.ଉଦୟଗିରି,୨୧।୫(ସମିସ): ଜି.ଉଦୟଗିରିରେ ଆସନ୍ତା ମାସ ୭ ତାରିଖ ଠାରୁ ୧୫ ଧରି ଚାଲିବାକୁ ଥିବା ମା ବଡରାଉଳ ଠାକୁରାଣୀ ଯାତ୍ରା ପାଇଁ ବୁଧବାର ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ହାତିବାଲି ବଡରାଉଳ ଓ ବରାଳିନୀ ମନ୍ଦିରକୁ ଆଜ୍ଞାମାଳ ନେବା ପରେ ଅସ୍ଥାୟୀ ମଣ୍ଡପରେ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ଏଥିରେ ସଭାପତି ଚିତ୍ତରଞ୍ଜନ ସାହୁ, କାର୍ଯ୍ୟକାରୀ ସଭାପତି ଅରୁଣ କୁମାର ଷଡଙ୍ଗୀ, ସମ୍ପାଦକ ଭେଙ୍କେଟେଶ ବେହେରା, ଉପ ସଭାପତି ଶଙ୍କର୍ଷଣ ଡାକୁଆ, ରାଧା ମୋହନ ପଣ୍ଡା, ଚରଣ ବିଷୋୟୀ, ରଜତ କୁମାର ପଟ୍ଟନାୟକ, ସହ ସମ୍ପାଦକ ରାଜ କୁମାର ରଥ, ରାଜୁ ରାଓ, କୋଷାଧ୍ୟକ୍ଷ ସୋମନାଥ ମହାରଣା, ପତିତ ପାବନ ସାହୁ, ବଳରାମ ମହାରଣା, ମଧୁସୂଦନ ରଥ, ଜ୍ୟୋତିରାଜ ମହାରଣା, ଦେବରାଜ ମହାରଣା, ରମେଶ ନାୟକ, ଉପାଧ୍ୟକ୍ଷ ସନ୍ତୋଷ କୁମାର ବାଘ, ଅନୀଲ ପଟନାୟକ, ଶରତ ଚୌଧୁରୀ ପ୍ରମୁଖ ଯୋଗ ଦେଇଥିଲେ।

## ମଦ ପିଇବାକୁ ନେଇ ଝଗଡ଼ା; ଗୋଟେ ଚାପୁଡ଼ାରେ ଜଣେ ମୃତ

ଟିକାବାଲି,୨୧।୫(ସମିସ): ମଦ ପିଇବାକୁ ନେଇ ଗଣ୍ଡଗୋଳ ହେଲା। ଗଣ୍ଡଗୋଳ ବେଳେ ଗୋଟିଏ ଚାପୁଡ଼ାରେ ଜଣକର ମୃତ୍ୟୁ ହୋଇଛି। ଏପରି ଘଟଣା ଘଟିଛି କନ୍ଧମାଳ ଜିଲ୍ଲା ଟିକାବାଲି ବ୍ଲକ ସୁଲେସରୁ ଗାଁରେ।

ସୂଚନା ଅନୁସାରେ ବିଶ୍ୱନାଥ ପ୍ରଧାନ, ପ୍ରଭୁଦେବ ପ୍ରଧାନ ଏବଂ ଭୀମସେନ ପ୍ରଧାନ ପେନଗବେରୀର ବୁନା ପ୍ରଧାନଙ୍କ ଘରକୁ ମଦ୍ୟପାନ କରିବାକୁ ଯାଇଥିଲେ। ସେଠାରେ ବେଣୁ ଓ ବିଶ୍ୱନାଥଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ରାଗରେ ବେଣୁ ବିଶ୍ୱନାଥଙ୍କ କାନ ମୁଣ୍ଡାକୁ ଏକ ଶକ୍ତ ଚାପୁଡ଼ା ମାରିଥିଲେ। ତାଙ୍କ କାନରୁ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ତାଙ୍କୁ ପ୍ରଥମେ ଟିକାବାଲି ଓ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ପରେ ସଂକଟାପନ୍ନ ଅବସ୍ଥାରେ ବ୍ରହ୍ମପୁର ବଡମେଡିକାଲକୁ ନିଆ ଯାଇଥିଲା। ସେଠାରେ ଚିକିତ୍ସିତ ଅବସ୍ଥାରେ ବିଶ୍ୱନାଥଙ୍କ ମୃତ୍ୟୁ ଘଟିଛି। ମଙ୍ଗଳବାର ଟିକାବାଲି ଥାନାରେ ମୃତକଙ୍କ ଭାଇ ନାଭିଦିତ୍ୟ ପ୍ରଧାନ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି।

**ଜିଲ୍ଲାସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ**

# କଲମ୍ ଟୁ ଆର୍‌ଆର୍ କରେକ୍ସନ ଉପରେ ଗୁରୁତ୍ୱ

ଛତ୍ରପୁର,୨୧।୫(ସମିସ): ଗଞ୍ଜାମ ଜିଲ୍ଲା ରାଜସ୍ୱ ସମୀକ୍ଷା ବୈଠକ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଦେବଦତ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବେଆଇନ ଇଟା ଭାଟି ଉପରେ ନିୟମିତ ଚଢ଼ଉ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କୁହାଯାଇଛି। ଏହା ସହିତ କ୍ରସର ଗୁଡିକ ମଧ୍ୟ ଗାଇଡ଼ ଲାଇନ ଅନୁସାରେ ଚାଲୁଛି କି ନାହିଁ ତାହାର ଯାଞ୍ଚ କରିବାକୁ କୁହାଯାଇଛି। ବସୁନ୍ଧରା ଯୋଜନା ଆନୁକୂଲ୍ୟରେ ଗଞ୍ଜାମ ଜିଲ୍ଲାରେ ଚିହ୍ନଟ ହୋଇଥିବା ଭୂମିହୀନଙ୍କ ମଧ୍ୟରୁ ୩୦୮ ଜଣ ହିତାଧିକାରୀଙ୍କୁ ଭୂମି ପ୍ରଦାନ କରାଯାଇଥିବା ବେଳେ ବଳକା ହିତାଧିକାରୀଙ୍କୁ ତୁରନ୍ତ ଜମି ପଟ୍ଟା ପ୍ରଦାନ ନିମନ୍ତେ କୁହାଯାଇଛି। ସହରାଞ୍ଚଳ ହେଉବା ଗ୍ରାମାଞ୍ଚଳ ଯିଏ ବି ସରକାରୀ ଜମି ଜବରଦଖଲ କରି କୋଠା ନିର୍ମାଣ କରିଛନ୍ତି



ତୁରନ୍ତ ତାହା ଚିହ୍ନଟ କରି ନିୟମ ଅନୁସାରେ କାର୍ଯ୍ୟାନୁଷ୍ଠାନ ନେବାକୁ ତହସିଲଦାର ମାନଙ୍କୁ କୁହାଯାଇଛି। ଏହା ସହିତ ମ୍ୟୁଟେସନ କେସ ଗୁଡିକ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଫଇସଲା କରିବାକୁ କୁହାଯାଇଛି। ବେ-ବନ୍ଦୋବସ୍ତ ଥିବା ଜମିକୁ ବନ୍ଦୋବସ୍ତ କରିବାକୁ ବୈଠକରେ କୁହାଯାଇଥିଲା। କଲମ ଟୁ ଆର ଆର କରେକ୍ସନ(ଜମି ପଟ୍ଟା ଗୁଡିକ ଅପଡେଟ)ଉପରେ ଗୁରୁତ୍ୱ ଦିଆଯାଇଛି। ଆଜି ସୁଦ୍ଧା ୩୩, ୩୫୯ଟି ଖାତାର ସର୍ଭେ ହୋଇଯାଇଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ନିମନ୍ତେ ଆବେଦନ କରିଥିବା ହିତାଧିକାରୀ ମଧ୍ୟରୁ ଏବେ ସୁଦ୍ଧା ୨୬ ଜଣଙ୍କୁ ଜାଗା ପ୍ରଦାନ କରାଯାଇଥିବା ବେଳେ ବଳକା ହିତାଧିକାରୀ ମାନଙ୍କୁ ଜାଗା ପ୍ରଦାନ ନିମନ୍ତେ କୁହାଯାଇଛି। ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ନିମନ୍ତେ ମଧ୍ୟ ଜାଗା ପ୍ରଦାନ କରିବାକୁ କୁହାଯାଇଛି, ସରକାରୀ ସ୍କୁଲ, କଲେଜ ଓ ଡିଗ୍ରୀ କଲେଜ ଶିକ୍ଷାନୁଷ୍ଠାନକୁ ଜମି ପଟ୍ଟା ପ୍ରଦାନ କରିବାକୁ କୁହାଯାଇଛି। ଗ୍ରାମ କଣ୍ଟକ ପଟ୍ଟା ଗୁଡ଼ିକ ତୁରନ୍ତ ଫଇସଲା ନିମନ୍ତେ କୁହାଯାଇଛି। ଏହା ସହିତ ପଡ଼ା ଗ୍ରାମ ଗୁଡିକ ରାଜସ୍ୱ ଗ୍ରାମରେ ପରିଣତ କରିବାକୁ କାର୍ଯ୍ୟ କରିବାକୁ କୁହାଯାଇଛି। ଗଞ୍ଜାମ ଓ ବ୍ରହ୍ମପୁର ଅବକାରୀ ଜିଲ୍ଲାରେ ବେଆଇନ ମଦ କାରବାର, ଚୋରାଚାଲାଣ ରୋକିବାକୁ କୁହାଯାଇଛି। ଏନଫୋର୍ସମେଣ୍ଟ ଟିମ ଗଠନ କରି ଚଢ଼ଉକୁ ଜୋରଦାର କରିବାକୁ କୁହାଯାଇଛି। ସେହିପରି ସଡ଼କ ଦୁର୍ଘଟଣା ସଂଖ୍ୟା ହ୍ରାସ ପାଇଁ ଆର୍‌ଟିଓଙ୍କ ପକ୍ଷରୁ ହେଲମେଟ ଚେକିଂ ସହିତ ଅଧିକରୁ ଅଧିକ ଏନଫୋର୍ସମେଣ୍ଟ କରିବାକୁ କୁହାଯାଇଥିଲା। ବିଶେଷକରି ଜାତୀୟ ରାଜପଥ, ସହରାଞ୍ଚଳ, ସ୍କୁଲ ବସ ଆଦି ସ୍ଥାନରେ କଡାକଡ଼ି ଚେକିଂ ପାଇଁ ଆରଟିଓଙ୍କୁ କୁହାଯାଇଛି। ମାପ ଓ ଓଜନ ବିଭାଗକୁ ମଧ୍ୟ ଚଢ଼ଉ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁର ଉପଜିଲ୍ଲାପାଳ ଧୀନା ଦସ୍ତାଗିର, ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳ ଓ ଭଞ୍ଜନଗର ଉପଜିଲ୍ଲାପାଳ ଉମାକାନ୍ତ ବେହେରାଙ୍କ ସମେତ ସମସ୍ତ ତହସିଲଦାର ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ପାକିସ୍ତାନରେ ଜଳସଙ୍କଟ ଉତ୍କଟ; ମନ୍ତ୍ରୀଙ୍କ ଘର ଜାଳିଦେଲେ

■ ସିନ୍ଧ ପ୍ରଦେଶରେ ରାଜରାସ୍ତାକୁ ଓହ୍ଲାଇଲେ ହଜାର ହଜାର ଲୋକ

■ ଜାତୀୟ ରାଜପଥ ବନ୍ଦ, ବିକ୍ଷୋଭ ବେଳେ ଦୁଇ ମୃତ



କରାଚି,୨୧।୫(ଏଜେନ୍ସି): ଭାରତ ପାକିସ୍ତାନକୁ ସିନ୍ଧୁ ନଦୀ ଜଳ ବନ୍ଦ କରିଦେବା ପରେ ଏବେ ପାକିସ୍ତାନର ବିଭିନ୍ନ ପ୍ରଦେଶରେ ଜଳ ସଙ୍କଟ ଉତ୍କଟ ହେବାରେ ଲାଗିଛି। ସିନ୍ଧୁ ନଦୀ ମୁଖ୍ୟତଃ ପଞ୍ଜାବ ଏବଂ ସିନ୍ଧ ପ୍ରଦେଶରେ ପ୍ରବାହିତ ହୋଇ ଆରବ ସାଗରେ ପଡ଼ିଛି। ପାକିସ୍ତାନର ୭୦ ପ୍ରତିଶତ ଜିଡିପି କୃଷି ଉତ୍ପାଦନ କ୍ଷେତ୍ରରୁ ମିଳିଥିଲା ବେଳେ ଏଥିପାଇଁ ସିନ୍ଧୁ ନଦୀ ଜଳ ଗୁରୁତ୍ୱପୂର୍ଣ୍ଣ ରହିଆସିଛି। କିନ୍ତୁ ଭାରତ ପାଣି ବନ୍ଦ କରିବା ପରେ ଏବେ ବିଭିନ୍ନ ଇଲାକାରେ ସ୍ଥିତି ବିପନ୍ନ ହେବାକୁ ଯାଉଛି। ଏହି କାରଣରୁ ବର୍ତ୍ତମାନ ସିନ୍ଧ ଏବଂ ପଞ୍ଜାବ ମଧ୍ୟରେ ବିବାଦ ତେଜିବାରେ ଲାଗିଛି। ସିନ୍ଧୁ ପ୍ରଦେଶବାସୀ ସରକାରଙ୍କ ଉପରେ ଦୋଷ ଲଦି ରାଜରାସ୍ତାକୁ ଓହ୍ଲାଇଛନ୍ତି। ବୁଧବାର ହଜାର ହଜାର ଲୋକ ପଞ୍ଜାବ ଏବଂ ପାକିସ୍ତାନ ସରକାରଙ୍କ ବିରୋଧରେ ନାରାବାଜି କରିବା ସହିତ ସିନ୍ଧ ଗୃହମନ୍ତ୍ରୀ ଜିଆଉଲ ହାସନ ଲଞ୍ଜାରଙ୍କ ଘର ଉପରେ ଆକ୍ରମଣ କରି ଜାଳି ଦେଇଛନ୍ତି। ବିକ୍ଷୋଭକାରୀମାନେ ବନ୍ଧୁକ ଧରି ଆସିଥିଲା ବେଳେ ନୌସାହରୋ ଫିରୋଜ ଜିଲ୍ଲାର ମୋରୋ ତାଲୁକାରେ ପୁଲିସ ଏବଂ ବିକ୍ଷୋଭକରୀଙ୍କ ମଧ୍ୟରେ ଭୟଙ୍କର ସଂଘର୍ଷ ହୋଇଛି। ଏଥିରେ ଦୁଇ ଜଣ ବିକ୍ଷୋଭାକାରୀଙ୍କ ମୃତ୍ୟୁ ହେବା ସହିତ ୧୨ ରୁ ଅଧିକ ଲୋକ ଆହତ ହୋଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ସିନ୍ଧୁ ନଦୀ ଜଳ ଉପଯୋଗକୁ ନେଇ ପଞ୍ଜାବ ଏବଂ ସିନ୍ଧ ମଧ୍ୟରେ ବିବାଦ ଲାଗି ରହିଛି। ପାକିସ୍ତାନ ସରକାର ଏହି ପାଣିକୁ ଅନ୍ୟତ୍ର ଉପଯୋଗ କରିବାକୁ ୬ଟି କେନାଲ ଓ କର୍ପୋରେଟ୍ ଫାର୍ମି ପ୍ରକଳ୍ପକୁ ଯୋଗାଇବାକୁ ଯୋଜନା କରିଥିବାରୁ ଏହାକୁ ସିନ୍ଧବାସୀ ଜୋରଦାର ବିରୋଧ କରିଆସୁଛନ୍ତି। ଏଭଳି ସ୍ଥିତିରେ ଭାରତ ପାଣି ବନ୍ଦ କରି ଦେଇଥିବାରୁ ସ୍ଥିତି ଆହୁରି ଉତ୍କଟ ହେବା ସହିତ ଉତ୍ତେଜନା ବଢ଼ାଇଛି।

## ଜଜଙ୍କ ନାମରେ ଏଫଆଇଆର୍ ଅନୁମତି ଦେବାକୁ ମନାକଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ,୨୧।୫(ଏଜେନ୍ସି): ସରକାରୀ ବାସଭବନରୁ ବିପୁଳ ଟଙ୍କା ମିଳିବା ଘଟଣାରେ ଦିଲ୍ଲୀ ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ଯଶୋବନ୍ତ ବର୍ମାଙ୍କ ବିରୋଧରେ ଏତଲା ଦାଏର କରିବା ନେଇ ସୁପ୍ରିମକୋର୍ଟରେ ଆଗତ ଏକ ଆବେଦନକୁ ଖାରଜ କରି ଦିଆଯାଇଛି। ଏହି ଆବେଦନ ଉପରେ ଜଷ୍ଟିସ୍ ଏ ଏସ ଓକାଙ୍କ ନେତୃତ୍ୱ ଖଣ୍ଡପୀଠ ଶୁଣାଣି କରି ଏହାକୁ ଅଗ୍ରାହ୍ୟ କରିଦେବା ସହିତ ଏତଲା ଦାଏର କରାଯାଇପାରିବନି ବୋଲି କହିଛନ୍ତି। ବିଚାରପତିଙ୍କ ଘରୁ ଟଙ୍କା ମିଳିବା ଘଟଣାକୁ ନେଇ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ଆଭ୍ୟନ୍ତରୀଣ କମିଟି ଦ୍ୱାରା ଯାଞ୍ଚ କରାଯାଇଥିଲା ବେଳେ ଏହାର ରିପୋର୍ଟ ଏବଂ ଜଷ୍ଟିସ୍ ବର୍ମାଙ୍କ ମତାମତ ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ପଠାଯାଇଛି। ତେଣୁ ପୁଣି ଏତଲା ଦାଏର କରାଯିବାର ଆବଶ୍ୟକତା ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି।

## ଅଲ୍ଲୀ ଖାନ ମହମୁଦବାଦଙ୍କୁ ସୁପ୍ରିମକୋର୍ଟରୁ ଜାମିନ

ନୂଆଦିଲ୍ଲୀ ,୨୧।୫(ଏଜେନ୍ସି): 'ଅପରେସନ ସିନ୍ଦୂର'କୁ ନେଇ ବିବାଦୀୟ ବୟାନ ଦେଇ ଗିରଫ ହୋଇଥିବା ଅଶୋକା ବିଶ୍ୱବିଦ୍ୟାଳୟର ପ୍ରଫେସର ଅଲ୍ଲୀ ଖାନ ମହମୁଦବାଦଙ୍କୁ ସୁପ୍ରିମକୋର୍ଟ ଅନ୍ତରୀଣ ଜାମିନ ଦେଇଛନ୍ତି। ଏହାସହିତ ଅଲ୍ଲୀ ଖାନଙ୍କ ବିରୋଧରେ ଦାଏର ହୋଇଥିବା ମାମଲାର ଯାଞ୍ଚ ସ୍ୱତନ୍ତ୍ର ଟିମ୍ (ଏସଆଇଟି) ଦ୍ୱାରା କରିବାକୁ ସୁପ୍ରିମକୋର୍ଟ ହରିୟାଣା ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜଣେ ମହିଳା ଆଇପିଏସ୍‌ଙ୍କ ସମେତ ହରିୟାଣାରେ ରହୁ ନଥିବା ୩ ବରିଷ୍ଠ ଅଧିକାରୀଙ୍କୁ ନେଇ ଏସଆଇଟି ଗଠନ କରିବାକୁ ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି। ଏହି ଟିମ୍ ୨୪ ଘଣ୍ଟା ମଧ୍ୟରେ ଯାଞ୍ଚ କରି ରିପୋର୍ଟ ଦେବାକୁ କୁହାଯାଇଛି। ସୁପ୍ରିମକୋର୍ଟ ଜାମିନ ବଣ୍ଡ ଜରିଆରେ ଅଲ୍ଲୀ ଖାନଙ୍କୁ ଅନ୍ତରୀଣ ଜାମିନ ଦେଇଥିଲା ବେଳେ ତାଙ୍କ ପ୍ରତି ମଧ୍ୟ କିଛିସର୍ତ୍ତ ରଖିଛନ୍ତି। ଏହି ମାମଲା ସହ ଜଡିତ ପ୍ରସଙ୍ଗ ଉପରେ କୌଣସି ଲେଖା କିମ୍ବା ଅନଲାଇନ୍ ପୋଷ୍ଟ ନ କରିବା କିମ୍ବା ବିବାଦୀୟ ଭାଷଣ ନ ଦେବାକୁ କୁହାଯାଇଛି। ଏହା ବ୍ୟତୀତ ଆବେଦନକାରୀଙ୍କୁ ତାଙ୍କର ପାସପୋର୍ଟ ଦାଖଲ କରିବାକୁ ମଧ୍ୟ କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଅଲ୍ଲୀ ଖାନ କର୍ଣ୍ଣେଲ ସୋଫିଆ କୁରେସିଙ୍କୁ ନେଇ ଫେସବୁକ୍‌ରେ ବିବାଦୀୟ ପୋଷ୍ଟ କରିବା ପରେ ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା ଏବଂ ହରିୟାଣା ପୁଲିସ ତାଙ୍କୁ ଗିରଫ କରିଥିଲା।



## ସ୍କୁଲ ବସ୍ ଉପରେ ଆତ୍ମଘାତୀ ହମଲା ; ୪ ମୃତ, ୩୮ ଆହତ

କ୍ୱେଟା,୨୧।୫(ଏଜେନ୍ସି): ପାକିସ୍ତାନର ବେଲୁଚିସ୍ତାନ ପ୍ରଦେଶରେ ଏକ ସ୍କୁଲ ବସକୁ ନିଶାଣ କରି ଆତଙ୍କୀ ହମଲା ହୋଇଛି। ଏହି ଘଟଣାରେ ୪ ଜଣ ପିଲାଙ୍କ ମୃତ୍ୟୁ ଘଟିଥିବା ବେଳେ ୩୮ ଜଣ ଆହତ ହୋଇଛନ୍ତି । ମିଳିଥିବା ସୂଚନା ଅନୁସାରେ ବୁଧବାର ଏହି ସ୍କୁଲ ବସ୍ ଜିରୋ ପଏଣ୍ଟରେ ଛିଡା ହୋଇଥିଲା ବେଳେ ଏକ କାର ଦ୍ରୁତ ଗତିରେ ଆସି ବସ୍‌କୁ ଧକ୍କା ଦେଇଥିଲା । ପରେ ପରେ ବିସ୍ଫୋରଣ ଯୋଗୁ ବସ୍‌ଟି ଜଳି ଯାଇଥିଲା। ଗୁରୁତର ଆହତମାନଙ୍କୁ କ୍ୱେଟା ଏବଂ କରାଚିର ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ପାକିସ୍ତାନ ଗୃହମନ୍ତ୍ରୀ ମୋହସିନ ନକଭି ଏହି ଆକ୍ରମଣକୁ ଦୃଢ଼ ନିନ୍ଦା କରିଛନ୍ତି । ଯେଉଁମାନେ ନିର୍ଦ୍ଦୋଷ ଛୋଟ ପିଲାଙ୍କୁ ଟାର୍ଗେଟ କରି ଏଭଳି ଘୃଣ୍ୟ କାର୍ଯ୍ୟ କରୁଛନ୍ତି ସେମାନଙ୍କୁ ଛଡ଼ାଯିବ ନାହିଁ ବୋଲି କହିଛନ୍ତି। ତେବେ ଏହି ଘଟଣା ପାଇଁ କେହି ନିଜକୁ ଦାୟୀ କରିନାହାନ୍ତି। ସ୍କୁଲ ବସ୍ ଉପରେ ଆକ୍ରମଣ ପଛରେ ଭାରତର ହାତ ରହିଛି ବୋଲି ପାକିସ୍ତାନ ଅଭିଯୋଗ କରିଥିଲେ ହେଁ ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ ଏହାକୁ ଅସ୍ୱୀକାର କରାଯାଇଛି।

■ 'ଅପରେସନ ସିନ୍ଦୂର ରିଚ୍ ଆଉଟ୍'

## ଜାପାନ, ୟୁଏଇ ଗଲେ ଦୁଇ ସାଂସଦ ପ୍ରତିନିଧି ଦଳ

ନୂଆଦିଲ୍ଲୀ, ୨୧।୫(ଏଜେନ୍ସି) : ପାକିସ୍ତାନର ଆତଙ୍କବାଦ କାର୍ଯ୍ୟକଳାପ ଏବଂ ଏହା ବିରୋଧରେ ଭାରତର ଲଢେଇ ତଥା ଅପରେସନ ସିନ୍ଦୂର ସମ୍ପର୍କରେ ବିଶ୍ୱ ସମୁଦାୟକୁ ଅବଗତ କରିବା ଲାଗି ସାଂସଦ ପ୍ରତିନିଧି ଦଳ ବିଦେଶ ଯାତ୍ରା ଆରମ୍ଭ କରିଛନ୍ତି। ବିଭିନ୍ନ ଦଳର ୫୦ରୁ ଅଧିକ ସାଂସଦଙ୍କୁ ନେଇ ମୋଟ ୭ଟି ପ୍ରତିନିଧି ଦଳ ଗଠନ କରାଯାଇଥିଲା ବେଳେ ବୁଧବାର ଦୁଇ ପ୍ରତିନିଧି ଦଳ ଜାପାନ ଏବଂ ୟୁଏଇ ଅଭିମୁଖେ ଯାତ୍ରା କରିଛନ୍ତି। ଜେଡିୟୁ ସାଂସଦ ସଞ୍ଜୀୟ ଝାଙ୍କ ନେତୃତ୍ୱରେ ଗୋଟିଏ ପ୍ରତିନିଧି ଦଳ ଇଣ୍ଡୋନେସିଆ, ମାଲେସିଆ, କୋରିଆ ଏବଂ ଜାପାନ ଆଦି ଦେଶ ଗସ୍ତ କରିବେ। ସେହିପରି ଶିବସେନା ସାଂସଦ ଶ୍ରୀକାନ୍ତ ସିନ୍ଦେଙ୍କ ନେତୃତ୍ୱରେ ଅନ୍ୟ ଏକ ପ୍ରତିନିଧି ଦଳ ୟୁଏଇ ସମେତ କଙ୍ଗୋ , ଲାଇବେରିଆ ଏବଂ ସିଏରା ଲିଓନ ଆଦି ରାଷ୍ଟ୍ର ଯିବେ ବୋଲି ଜଣାପଡ଼ିଛି।

## ଲସ୍କର ସହ ପ୍ରତିଷ୍ଠାତା ଅମିର ହାମଜାକୁ ଗୁଳି, ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି

ଲାହୋର,୨୧।୫(ଏଜେନ୍ସି): ଲସ୍କର-ଇ-ତୋଏବା ଆତଙ୍କବାଦୀ ସଂଗଠନର ସହ ପ୍ରତିଷ୍ଠାତା ଅମିର ହାମଜାକୁ କିଛି ଅଜ୍ଞାତ ବନ୍ଧୁକଧାରୀ ଗୁଳି କରିଛନ୍ତି। ଅମିର ଲାହୋରସ୍ଥିତ ନିଜ ବାସଭବନରୁ ବାହାରକୁ ଯାଉଥିଲା ବେଳେ ତା' ଉପରେ ଅତର୍କିତ ଆକ୍ରମଣ କରାଯାଇଥିଲା। ଏହି ଘଟଣାରେ ଅମିର ଗୁରୁତର ଆହତ ହୋଇଥିଲେ ହେଁ ମୃତ୍ୟୁମୁଖରୁ ବର୍ତ୍ତି ଯାଇଛି। ତାକୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହି ଗୁଳିକାଣ୍ଡ ପଛରେ ଭାରତର ଗୁଇନ୍ଦା ଏଜେନ୍ସି 'ର'ର ହାତ ରହିଛି ବୋଲି ପାକିସ୍ତାନ ପକ୍ଷରୁ ଅଭିଯୋଗ କରାଯାଇଛି।

# 'ଚିକେନ ନେକ୍' ଉପରେ ଚୀନ୍‌ର ନଜର

■ ବାଂଲାଦେଶର ଲାଲ୍ ମୁନିର ହାଟ୍ ଏୟାରବେସ୍‌ର ପୁନଃ ନିର୍ମାଣ




ନୂଆଦିଲ୍ଲୀ,୨୧।୫(ଏଜେନ୍ସି): ଅପରେସନ ସିନ୍ଦୂରକୁ ନେଇ ଭାରତୀୟସେନାର ସଫଳତା ଓ ଉତ୍କର୍ଷତା ଏବେ ଆନ୍ତର୍ଜାତିକ ମହଲରେ ଏକ ଚର୍ଚ୍ଚିତ ପ୍ରସଙ୍ଗ ହୋଇଛି। ସେପଟେ ଚୀନ୍ ନିର୍ମିତ ଏୟାର ଡିଫେନ୍ସ ସିଷ୍ଟମ , ଜେଏଫ୍-୧୭ ଫାଇଟର ଜେଟ୍ ଏବଂ ଅନ୍ୟାନ୍ୟ ରାଡାର ସିଷ୍ଟମକୁ ଉପଯୋଗ କରି ପାକିସ୍ତାନ ଭାରତକୁ ମୁକାବିଲା କରିବାକୁ ସକ୍ଷମ ହୋଇଥିଲା ବେଳେ ଚୀନ୍ ଏବଂ ପାକିସ୍ତାନ ସେନା ମଧ୍ୟ ଚର୍ଚ୍ଚାରେ ରହିଛନ୍ତି। କିନ୍ତୁ ପାକିସ୍ତାନର ଏହି ବିଫଳତା ଏବେ ଚୀନ୍ ପାଇଁ ମହଙ୍ଗା ପଡ଼ିଛି। ବିଶେଷକରି ଚୀନ୍‌ର ପ୍ରତିରକ୍ଷା ଉତ୍ପାଦକୁନ୍‌ଇ ଆନ୍ତର୍ଜାତିକ ବଜାରରେ ନକାରାତ୍ମକ ପ୍ରଭାବ ପଡ଼ିଥିବାରୁ ଚୀନ୍ ସରକାରଙ୍କ ଚିନ୍ତା ଦ୍ୱିଗୁଣିତ ହୋଇଛି। ଏଥିପାଇଁ ଚୀନ୍ ଆଉ ଚୁପ୍ ବସି ପାରୁନାହିଁ । ଭାରତ ବିରୋଧୀ ମାନସିକତାକୁ ଆହୁରି ସଶକ୍ତ କରି ଚୀନ୍ ଏବେ ଭାରତର 'ସିଲିଗୁଡି କରିଡର୍ 'ବା 'ଚିକେନ ନେକ୍' ଉପରେ ଦୃଷ୍ଟି ନିବଦ୍ଧ କରି କାର୍ଯ୍ୟ ଆରମ୍ଭ କରିଦେଇଛି। ବାଂଲାଦେଶର ୟୁନୁସ୍ ସରକାରଙ୍କ ସହ ହାତ ମିଳାଇ ଚୀନ୍ ଭାରତ ବିରୋଧୀ କାର୍ଯ୍ୟକଳାପ ଜୋରଦାର କରିବାକୁ ପ୍ରସ୍ତୁତି ନେଇଛି। ଏହିକ୍ରମରେ ବହୁ ଚାଇନା ଅଧିକାରୀ ନିକଟରେ ବାଂଲାଦେଶ ଗସ୍ତ କରି ରଣନୀତି ପ୍ରସ୍ତୁତିରେ ଲାଗି ପଡ଼ିଥିବା ସୂଚନା ମିଳିଛି।

ସିଲିଗୁଡି କରିଡର ଏକ ସଙ୍କୁଚିତ ଭୂଖଣ୍ଡ ଭାବେ ଭାରତକୁ ଉତ୍ତରପୂର୍ବ ରାଜ୍ୟ ସମୂହକୁ ସଂଯୋଗ କରୁଛି। କିନ୍ତୁ ଏହି ବାଟ ବନ୍ଦ କରି ଚୀନ୍ ଉତ୍ତରପୂର୍ବ ରାଜ୍ୟଗୁଡିକୁ ଭାରତର ମୂଳ ଭୂଖଣ୍ଡରୁ ଅଲଗା କରିଦେବାକୁ ମସୁଧା ଚଳାଇଛି। ପୂର୍ବରୁ ଅରୁଣାଚଳ ପ୍ରଦେଶକୁ ନିଜର ଦାବି କରୁଥିବା ଚୀନ୍ ସମ୍ପୂର୍ଣ୍ଣ ଉତ୍ତରପୂର୍ବାଞ୍ଚଳ ଉପରେ ନିଜର କାୟା ବିସ୍ତାର କରିବାକୁ ବାଂଲାଦେଶର ବହୁ ପୁରୁଣା ଲାଲ ମୁନିର୍ ହାଟ୍ ଏୟାରବେସ୍‌ର ପୁନଃ ନିର୍ମାଣ ପାଇଁ ଲାଗିପଡ଼ିଛି। ୧୯୩୮ରେ ଇଂରେଜ ଶାସନ କାଳରେ ପ୍ରତିଷ୍ଠା କରାଯାଇଥିବା ଏହି ଏୟାରବେସ୍‌କୁ ପରବର୍ତ୍ତୀ ସମୟରେ ୧୯୫୮ରେ ପାକିସ୍ତାନ ବନ୍ଦ କରିଦେଇଥିଲା। ପ୍ରାୟ ୧୭୬ ଏକର ପରିମିତ ଜମି ଉପରେ ନିର୍ମିତ ଏହି ଏୟାରବେସକୁ ତତ୍‌କାଳୀନ ଶେଖ ହସିନା ସରକାର ଶେଖ ମୁଜିବୁର ରହମନଙ୍କ ସ୍ମୃତିରେ ଏକ ନାଭିଗେସନ ୟୁନିଭର୍ସିଟି ଭାବେ ରୂପାନ୍ତର କରିବାକୁ ଯୋଜନା କରିଥିଲେ। କିନ୍ତୁ ଏବେ ଏହାକୁ ଚୀନ୍ ଅକ୍ତିଆର କରି ଭାରତ ବିରୋଧରେ ଉପଯୋଗ କରିବାକୁ ପ୍ରସ୍ତୁତ ହେଉଛି। ଭାରତୀୟ ସୀମା ଠାରୁ ମାତ୍ର ୧୫ କିମି ଏବଂ ସିଲିଗୁଡି କରିଡର ଠାରୁ ମାତ୍ର ୧୩୫ କିମି ଦୂରରେ ରହିଥିବା ଏହି ଏୟାରବେସ୍‌ର କାର୍ଯ୍ୟ ଆସନ୍ତା ଅକ୍ଟୋବରରୁ ଆରମ୍ଭ ହେବ ବୋଲି ସୂଚନା ମିଳିଛି। କିଛି ମାସ ତଳେ ୟୁନୁସ୍ ଚୀନ୍ ଗସ୍ତ କରିଥିଲା ବେଳେ ଉତ୍ତରପୂର୍ବାଞ୍ଚଳ ରାଜ୍ୟ ସମୂହକୁ ନେଇ ବଡ଼ ଟିପ୍ପଣୀ ଦେଇଥିଲେ। ଏହାପରେ ଏବେ ସେ ନେପାଳ ଗସ୍ତରେ ଯାଇଥିଲା ବେଳେ ସେଠାରେ ମଧ୍ୟ ଏହି ପ୍ରସଙ୍ଗ ଉଠାଇଥିଲେ। ତେଣୁ ବାଂଲାଦେଶ ସହଯୋଗରେ ଚୀନ୍ ଭାରତ ବିରୋଧରେ ଏକ ବଡ଼ ଷଡ଼ଯନ୍ତ୍ର ଆରମ୍ଭ କରୁଥିବା ସ୍ପଷ୍ଟ ହୋଇଛି।

## ବାନୁ ମୁସ୍ତାକ, ଦୀପାଙ୍କୁ ବୁକର୍ ପୁରସ୍କାର

ନୂଆଦିଲ୍ଲୀ, ୨୧।୫ (ଏଜେନ୍ସି): 'ହାର୍ଟ ଲ୍ୟାମ୍ପ' ପୁସ୍ତକ ପାଇଁ ଲେଖିକା ବାନୁ ମୁସ୍ତାକ ଏବଂ ଅନୁବାଦକ ଦୀପ ଭାସ୍ତିଙ୍କୁ ଚଳିତ ବର୍ଷର ଆନ୍ତର୍ଜାତିକ ବୁକର୍ ପୁରସ୍କାର ମିଳିବ। ଏଥିନେଇ ସେମାନଙ୍କ ନାମ ଘୋଷଣା କରାଯାଇଛି। ଦକ୍ଷିଣ ଭାରତରେ ମହିଳାମାନଙ୍କ ସଂଘର୍ଷପୂର୍ଣ୍ଣ ଜୀବନକୁ ନେଇ ଗତ ୩୦ ବର୍ଷ ମଧ୍ୟରେ ଲେଖାଯାଇଥିବା ୧୨ଟି କ୍ଷୁଦ୍ର ଗଳ୍ପ ' ହାର୍ଟ ଲ୍ୟାମ୍ପ' ପୁସ୍ତକରେ ସ୍ଥାନ ପାଇଥିଲା ବେଳେ ବାନୁ ମୁସ୍ତାକ ଏହାର ସଙ୍କଳନ ଏବଂ ଦୀପା ଅନୁବାଦ ଦାୟିତ୍ୱ ତୁଲାଇଛନ୍ତି। ପ୍ରଥମ ଥର ପାଇଁ କନ୍ନଡଭାଷୀ ପୁସ୍ତକକୁ ଏହି ସମ୍ମାନ ମିଳିଛି। ଏହି ପୁସ୍ତକକୁ ଦୀପା ଭାରତୀ ଇଂରାଜୀରେ ଅନୁବାଦ କରିଛନ୍ତି। ଲଣ୍ଡନର ଟେଟ୍ ମଡର୍ଣ୍ଣରେ ଆୟୋଜିତ ଏକ ଉତ୍ସବରେ ବାନୁ ଏବଂ ଅନୁବାଦକ ଦୀପା ଭାସ୍ତି ଏହି ପୁରସ୍କାର ଗ୍ରହଣ କରିଛନ୍ତି। ୧୯୪୮ ମସିହାରେ କର୍ଣ୍ଣାଟକରେ ଜନ୍ମଗ୍ରହଣ କରିଥିବା ବାନୁ ଜଣେ ଲେଖିକା, ଓକିଲ ଏବଂ ସାମାଜିକ କର୍ମୀ ଭାବେ ବିଭିନ୍ନ ମହଲରେ ସ୍ୱୀକୃତି ଲାଭ କରିଛନ୍ତି। ଇଂରାଜୀ ବ୍ୟତୀତ ତାଙ୍କର ବହୁ କୃତି ଉର୍ଦ୍ଦୁ, ହିନ୍ଦୀ, ତାମିଲ ଏବଂ ମାଲାୟଲମ ଭାଷାରେ ଅନୁବାଦିତ ହୋଇଛି।



■ ହତ୍ୟାକାରୀ କି ଆତଙ୍କବାଦୀ ନୁହନ୍ତି

## ଟ୍ରେନି ଆଇଏଏସ୍ ପୂଜା ଖେଡକାରଙ୍କୁ ସୁପ୍ରିମକୋର୍ଟରୁ ଜାମିନ

ନୂଆଦିଲ୍ଲୀ,୨୧।୫(ଏଜେନ୍ସି): ଜାଲ ପ୍ରମାଣପତ୍ର ଦେଇ ଆଇଏଏସ୍ ପାଇବା ପରେ ପରବର୍ତ୍ତୀ ସମୟରେ ଚାକିରିରୁ ବରଖାସ୍ତ ହୋଇଥିବା ଟ୍ରେନି ଆଇଏଏସ୍ ପୂଜା ଖେଡକରଙ୍କୁ ସୁପ୍ରିମକୋର୍ଟ ବୁଧବାର ଅଗ୍ରୀମ ଜାମିନ ଦେଇଛନ୍ତି। ଜଷ୍ଟିସ୍ ବି.ଭି ନାଗରତ୍ନା ଏବଂ ଜଷ୍ଟିସ୍ ସତୀଶ ଚନ୍ଦ୍ର ଶର୍ମାଙ୍କ ଖଣ୍ଡପୀଠ ତାଙ୍କ ଅଗ୍ରୀମ ଜାମିନ ଆବେଦନ ଉପରେ ଶୁଣାଣି କରି ଜାମିନ ଦେଇଛନ୍ତି। ପୂଜା ଯାଞ୍ଚ କାର୍ଯ୍ୟରେ ସହଯୋଗ କରୁନାହାନ୍ତି ଦର୍ଶାଇ ଦିଲ୍ଲୀ ପୁଲିସ ତାଙ୍କ ଅଗ୍ରୀମ ଜାମିନକୁ ବିରୋଧ କରି ଆସୁଥିଲା। ହେଲେ ପୂଜା ଆତଙ୍କବାଦୀ ନୁହନ୍ତି କି ସେଭଳି କୌଣସି ଜଘନ୍ୟ ଅପରାଧ କରିନାହାନ୍ତି ବୋଲି ଦର୍ଶାଇ ସୁପ୍ରିମକୋର୍ଟ ତାଙ୍କୁ ଅଗ୍ରୀମ ଜାମିନ ଦେଇଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି ଯେ ତାଙ୍କ ବିରୋଧରେ ରୁଜୁ ହୋଇଥିବା ଅପରାଧିକ ମାମଲାର ଆଧାରକୁ ଦୃଷ୍ଟିରେ ରଖି ହାଇକୋର୍ଟ ଅଗ୍ରୀମ ଜାମିନ ଦେବାର ଥିଲା। ତେବେ ପୂଜା ଯାଞ୍ଚରେ ସମ୍ପୂର୍ଣ୍ଣ ସହଯୋଗ କରିବେ ଏବଂ ତାଙ୍କ ସ୍ୱାଧୀନତାର ଦୂରୁପଯୋଗ କରିବେ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି।



## ପାକିସ୍ତାନୀ ଅଧିକାରୀଙ୍କୁ ତୁରନ୍ତ ଭାରତ ଛାଡ଼ିବାକୁ ନିର୍ଦ୍ଦେଶ

ନୂଆଦିଲ୍ଲୀ,୨୧।୫(ଏଜେନ୍ସି): ନୂଆଦିଲ୍ଲୀସ୍ଥିତ ପାକିସ୍ତାନ ରାଷ୍ଟ୍ରଦୂତ କାର୍ଯ୍ୟାଳୟରେ ଅବସ୍ଥାପିତ ଜଣେ ବରିଷ୍ଠ ଅଧିକାରୀଙ୍କୁ ୨୪ ଘଣ୍ଟା ମଧ୍ୟରେ ଭାରତ ଛାଡି ଚାଲିଯିବାକୁ କେନ୍ଦ୍ର ସରକାର ବୁଧବାର ନିର୍ଦ୍ଦେଶ ଦେଇଛନ୍ତି। ସଂପୃକ୍ତ ଅଧିକାରୀଙ୍କୁ ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ ' ପର୍ସୋନା ନନ୍ ଗ୍ରାଟା ' ଘୋଷିତ କରାଯିବା ସହିତ ତାଙ୍କ କାର୍ଯ୍ୟଧାରା କୂଟନୈତିକ ବ୍ୟବସ୍ଥା ଆଧାରିତ ନଥିଲା ବୋଲି କୁହାଯାଇଛି। ବୈଦେଶିକ ମନ୍ତ୍ରାଳୟର ଏହି ନିଷ୍ପତ୍ତି ସମ୍ପର୍କରେ ପାକିସ୍ତାନ ହାଇକମିସନଙ୍କୁ ଅବଗତ କରିଦିଆଯାଇଛି। ଏହାପୂର୍ବରୁ ମଧ୍ୟ ଅନ୍ୟ ଜଣେ ପାକିସ୍ତାନ କୂଟନୀତିଜ୍ଞଙ୍କୁ ତୁରନ୍ତ ଭାରତ ଛାଡି ସ୍ୱଦେଶ ଚାଲିଯିବାକୁ କୁହାଯାଇଥିଲା।



# ଗାଜାରେ ଖାଦ୍ୟ ସଙ୍କଟ ଭୋକରେ ୧୪ ହଜାର ଶିଶୁ

ନ୍ୟୁୟର୍କ,୨୧।୫(ଏଜେନ୍ସି): ଗାଜାରେ ଏବେ ଇସ୍ରାଏଲୀ ସେନା ଗ୍ରାଉଣ୍ଡ ଅପରେସନକୁ ଜୋରଦାର କରିବା ସହିତ ଏଠାକାର ବହୁ ସହର ଉପରେ ଆକ୍ରମଣ ଚଳାଇଛି। ଯାହାକୁ ନେଇ ଗତ ସପ୍ତାହକ ମଧ୍ୟରେ ଶତାଧିକ ଲୋକଙ୍କ ମୃତ୍ୟୁ ହୋଇଛି। ହମାସ ଏବଂ ଇସ୍ରାଏଲ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ଅସ୍ତ୍ରବିରତି ବୁଝାମଣା ହୋଇ ନପାରିବା ଏବଂ ଇସ୍ରାଏଲୀ ପଣବନ୍ଦୀଙ୍କୁ ହମାସ ମୁକ୍ତ ନ କରିବା ନେଇ ଇସ୍ରାଏଲ ସେନା ଏହି ଆଭିମୁଖ୍ୟ ଗ୍ରହଣ କରିଛି। କିନ୍ତୁ ଇସ୍ରାଏଲର ଏହି ସାମରିକ ଅଭିଯାନକୁ ନେଇ ଜାତିସଂଘ ଚେତାବନୀ ଦେଇଛି ଯେ ଯଦି ଗାଜାକୁ ଅଧିକ ସହାୟତା ପହଞ୍ଚା ନ ଯାଏ, ତେବେ ଖୁବଶୀଘ୍ର ପ୍ରାୟ ୧୪,୦୦୦ ଶିଶୁଙ୍କ ମୃତ୍ୟୁ ହୋଇପାରେ। ଇସ୍ରାଏଲ ଏବେ ପାଲେଷ୍ଟାଇନ ଅଞ୍ଚଳକୁ ସୀମିତ ପରିମାଣର ସହାୟତା ପଠାଇବାକୁ ଅନୁମତି ଦେଇଛି। ହେଲେ ଏହାଯୋଗୁ ବିଶେଷକରି ଗାଜାର ଯୁଦ୍ଧ ପ୍ରଭାବିତ ଅଞ୍ଚଳରେ ଗମ୍ଭୀର ପରିସ୍ଥିତି ଉପୁଜିବ ବୋଲି ଜାତିସଂଘ ଚେତାଇ ଦେଇଛି। ଜାତିସଂଘର ମାନବିକ ଅଧିକାର ବିଭାଗୀୟ ମୁଖ୍ୟ ଟମ୍ ଫ୍ଲେଚର କହିଛନ୍ତି ଯେ, ଗତ ୧୯ ତାରିଖରେ ଗାଜାକୁ କେବଳ ପାଞ୍ଚଟି ସହାୟତା ଟ୍ରକ୍ ପଠାଯାଇଥିଲା। ଯାହା ସେଠାକାର ଜନସଂଖ୍ୟା ଦୃଷ୍ଟିରୁ ଯଥେଷ୍ଟ କମ୍ ଥିଲା। ଏପର୍ଯ୍ୟନ୍ତ ବହୁ ଅସହାୟ ଲୋକଙ୍କ ନିକଟରେ ସହାୟତା ଏବଂ ଅତ୍ୟାବଶ୍ୟକ ସାମଗ୍ରୀ ପହଞ୍ଚି ପାରି ନଥିବାରୁ ପ୍ରାୟ ୧୪,୦୦୦ ଶିଶୁଙ୍କ ଜୀବନ ବିପଦାପନ୍ନ ହୋଇପଡ଼ିଛି। ଯୁଦ୍ଧ ପ୍ରଭାବିତ ଗାଜାର ୨୦ ଲକ୍ଷରୁ ଅଧିକ ଲୋକ ଏବେ ସମ୍ପୂର୍ଣ୍ଣ ମାନବୀୟ ସହାୟତା ଉପରେ ନିର୍ଭରଶୀଳ ରହିଛନ୍ତି। ପ୍ରାୟ ୪.୫ ଲକ୍ଷ ଲୋକ ଭୋକ ଉପାସରେ ସମୟ କାଟୁଥିବା ବେଳେ ୧୦ ଲକ୍ଷ ଲୋକ ଦିନକୁ ଦୁଇଥର ଖାଦ୍ୟ ପାଇବା ପାଇଁ ସଂଘର୍ଷ କରୁଛନ୍ତି।ଏପର୍ଯ୍ୟନ୍ତ ୯,୦୦୦ ରୁ ଅଧିକ ଶିଶୁ ଏବଂ ହଜାର ହଜାର ଗର୍ଭବତୀ ମହିଳା କୁପୋଷଣର ଶିକାର ହୋଇଛନ୍ତି। ପ୍ରତିଦିନ ଲକ୍ଷ ଲକ୍ଷ ଲୋକ ଗୋଟିଏ ପାତ୍ର ସୁପ ପାଇଁ ଲମ୍ବା ଧାଡ଼ିରେ ଠିଆ ହେଉଛନ୍ତି। କିନ୍ତୁ ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କୁ ଖାଲି ହାତରେ ଫେରିବାକୁ ପଡୁଛି ବୋଲି ଜାତିସଂଘ ପକ୍ଷରୁ କୁହାଯାଇଛି।

# କେନ୍ଦ୍ରର ଯୁକ୍ତି: 'ୱାକଫ୍ ବାଇ ୟୁଜର୍ସ' ମୌଳିକ ଅଧିକାର ନୁହେଁ

ନୂଆଦିଲ୍ଲୀ, ୨୧।୫: ୱାକଫ୍ ହେଉଛି ଏକ ଇସଲାମିକ ପରିକଳ୍ପନା। କିନ୍ତୁ ଏହା ଇସଲାମ ଧର୍ମର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ନୁହେଁ। ୱାକଫ୍ ହେଉଛି ଦାନ କରିବାର ପ୍ରଥା। ଆଜି ସୁପ୍ରିମ କୋର୍ଟରେ ୱାକଫ୍ ସଂଶୋଧନ ଆଇନ ସପକ୍ଷରେ ଯୁକ୍ତି ଉପସ୍ଥାପନ କରି ଏହା କହିଛନ୍ତି ସଲିସିଟର ଜେନେରାଲ ତୁଷାର ମେହେଟ୍ଟା। ସେ କହିଲେ ଯେ ୱକାଫ ସଂପତ୍ତିର ପରିଚାଳନା ଏବଂ ଏହାର ଅଡିଟ୍ କରିବା ଦାୟିତ୍ୱ ହେଉଛି ୱାକଫ୍ ବୋର୍ଡର। ଏହାସହିତ ଧର୍ମର କୌଣସି ସଂପର୍କ ନାହିଁ। ବୋର୍ଡ କେବଳ ଧର୍ମନିରପେକ୍ଷ କାମ କରେ, ତେଣୁ ଏଥିରେ ମାତ୍ର ଦୁଇ ଜଣ ଅଣ-ମୁସଲିମଙ୍କୁ ସଭ୍ୟ ଭାବେ ସାମିଲ କଲେ ବୋର୍ଡର ସ୍ୱରୂପ ବଦଳିଯିବ ନାହିଁ। କୌଣସି ଧାର୍ମିକ କାମରେ ବୋର୍ଡ ହସ୍ତକ୍ଷେପ କରିବ ନାହିଁ।

ବିବାଦୀୟ ଆଇନରେ 'ୱାକଫ୍ ବାଇ ୟୁଜର୍ସ' କୁ ଉଚ୍ଛେଦ କରାଯାଇଛି ଏବଂ ଏହା ସପକ୍ଷରେ ଯୁକ୍ତି ରଖି ସଲିସିଟର ଜେନେରାଲ କହିଲ ଯେ ପୂର୍ବରୁ ଏହି ଧାରା ଅନୁଯାୟୀ ଯେଉଁ ସରକାରୀ ସଂପତ୍ତିକୁ ୱାକଫ୍ ଘୋଷିତ କରାଯାଇଛି, ତାହାକୁ ପୁଣି ଦଖଲ କରିବାର କ୍ଷମତା ସରକାରଙ୍କୁ ଦିଆଯାଇଛି। ସରକାରୀ ଜମି ଉପରେ ଅନ୍ୟ କାହାରି ଅଧିକାର ନାହିଁ ବୋଲି ଯୁକ୍ତି ରଖି ସେ ଏସଂପର୍କରେ ରହିଥିବା ସୁପ୍ରିମ କୋର୍ଟ ରାୟ କଥା ଉଲ୍ଲେଖ କରିଥିଲେ। ୱାକଫ ବାଇ ୟୁଜର୍ସ ବ୍ୟବସ୍ଥା ଅନୁଯାୟୀ କୌଣସି ଧର୍ମାନୁଷ୍ଠାନ ଦୀର୍ଘ ବର୍ଷ ଧରି ଜମି/ ସଂପତ୍ତିକୁ ବ୍ୟବହାର କରି ଆସୁଥିଲେ ଏହାକୁ ୱାକଫ୍ ସଂପତ୍ତି ବୋଲି ବିବେଚନା କରାଯାଉଥିଲା। ଏପରିକି ଦଲିଲ ନଥିଲେ ବି ଏହାକୁ ୱାକଫ୍ ମାନ୍ୟତା ମିଳୁଥିଲା। ଏହା ବିବାଦୀୟ ପରିସ୍ଥିତି ସୃଷ୍ଟି କରିବାରୁ ଏହାକୁ ହଟାଇ ଦିଆଯାଇଛି। ସେ ଆହୁରି କହିଲେ ଯେ ୱାକଫ୍ ବାଇ ୟୁଜର୍ସ ଏକ ମୌଳିକ ଅଧିକାର ନୁହେଁ । ୧୯୨୩ରୁ ୱାକଫକୁ ନେଇ ଅନେକ ଜଟିଳ ବିବାଦ ରହିଛି ଏବଂ ଏହାକୁ ଦୂର କରିବା ଲାଗି ଏହି ଆଇନରେ ଉଦ୍ୟମ କରାଯାଇଛି। ପ୍ରଧାନ ବିଚାରପତି ଜଷ୍ଟିସ ବିଆର ଗଭାଇ ଏବଂ ଜଷ୍ଟିସ ଏଜି ମସିହଙ୍କୁ ନେଇ ଗଠିତ ବେଞ୍ଚ ୱାକଫ ମାମଲାର ଶୁଣାଣି କରୁଛନ୍ତି। ନୂଆ ୱାକଫ୍ ଆଇନକୁ ଚାଲେଞ୍ଜ କରି ସୁପ୍ରିମ କୋର୍ଟରେ ଆଗତ ପିଟିସନ ସପକ୍ଷରେ ଗତକାଲି ଆବେଦନକାରୀମାନଙ୍କ ପକ୍ଷରୁ ଯୁକ୍ତି ଉପସ୍ଥାପନ କରାଯାଇଥିଲା। ସେମାନେ ଯୁକ୍ତି କରିଥିଲେ ଯେ ମୁସଲମାନ ସଂପ୍ରଦାୟ ମଧ୍ୟରେ ଆତଙ୍କ ସୃଷ୍ଟି କରିବା ସହିତ ୱାକଫ ଜମି ହଡ଼ପ କରିବା ହେଉଛି ଏହି ଆଇନର ଉଦ୍ଦେଶ୍ୟ।

# ଆମେରିକାର ସୁରକ୍ଷା ପାଇଁ ଟ୍ରମ୍ପଙ୍କ ଗୋଲଡେନ୍ ଡୋମ୍ ଯୋଜନା

ୱାଶିଂଟନ୍,୨୧।୫(ଏଜେନ୍ସି): ଆମେରିକାର ଆକାଶମାର୍ଗ ବା ଏୟାରସ୍ପେସର ସମ୍ପୂର୍ଣ୍ଣ ସୁରକ୍ଷା ଏବଂ ଏହାକୁ କୌଣସି ଅସ୍ତ୍ର କବଳରୁ ଅଭେଦ୍ୟ ରଖିବାକୁ ରାଷ୍ଟ୍ରପତି ପ୍ରସ୍ତୁତ କରିଛନ୍ତି ଗୋଲଡେନ୍ ଡୋମ ଯୋଜନା। ବିଶ୍ୱର ସବୁଠୁ ଶକ୍ତିଶାଳୀ କ୍ଷେପଣାସ୍ତ୍ର ପ୍ରତିରକ୍ଷା ବ୍ୟବସ୍ଥା ଭାବେ ଗୋଲଡେନ୍ ଡୋମ ବାଲିଷ୍ଟିକ୍, ହାଇପରସୋନିକ୍ ଓ କ୍ରୁଜ ମିସାଇଲକୁ ନଷ୍ଟ କରିଦେବ। କ୍ଷେପଣାସ୍ତ୍ର ପ୍ରତିରକ୍ଷା ବ୍ୟବସ୍ଥା ଭାବେ ଏହା ବିଶ୍ୱର ସବୁଠୁ ଶକ୍ତିଶାଳୀ ଏବଂ ଅଭିନବ ଡୋମ୍ ହେବା ସହିତ ଏହା ରେଞ୍ଜରେ ପୂରା ଦୁନିଆ ରହିବ। ୧୭୫ ବିଲିୟନ ଡଲାର ବ୍ୟୟରେ ପଅସ୍ତୁତ ହେବାକୁ ଯାଉଥିବା ଏହି କ୍ଷେପଣାସ୍ତ୍ର ପ୍ରତିରକ୍ଷା ବ୍ୟବସ୍ଥା ରୁଷିଆ ଏବଂ ଚୀନ୍ ଭଳି ଶକ୍ତିଶାଳୀ ଦେଶଙ୍କ ସମ୍ଭାବ୍ୟ ଆକ୍ରମଣ ବିପଦରୁ ଆମେରିକାକୁ ସୁରକ୍ଷା ଦେବ ବୋଲି କୁହାଯାଇଛି। ଆଗାମୀ ଦିନରେ ପାରମ୍ପାରିକ ଯୁଦ୍ଧ ତୁଳନାରେ ଇଲେକ୍ଟ୍ରୋନିକ୍ ୱାରଫେୟାର ବହୁ ଗୁରୁତ୍ୱ ବହନ କରୁଥିବାରୁ ଏହାକୁ ଦୃଷ୍ଟିରେ ରଖି ଟ୍ରମ୍ପ ପ୍ରଶାସନ ପକ୍ଷରୁ ଏହି ଗୋଲଡେନ୍ ଡୋମ ଯୋଜନା ପ୍ରସ୍ତୁତ କରାଯାଉଛି।



ଦି ୱାଲ ଷ୍ଟ୍ରିଟ୍ ଜର୍ଣ୍ଣାଲ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ରୁଷିଆ ଏବଂ ଚୀନର ହାଇପରସୋନିକ୍ ମିସାଇଲ୍, ବାଲିଷ୍ଟିକ ମିସାଇଲ ଏବଂ ଅତ୍ୟାଧୁନିକ ଏଆଇ ପ୍ରସ୍ତୁତ ଡ୍ରୋନ ଭବିଷ୍ୟତରେ ଆମେରିକା ସୁରକ୍ଷା ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିପାରେ। ଏହାଛଡ଼ା ଇରାନର ପରମାଣୁ କାର୍ଯ୍ୟକ୍ରମ ଏବଂ ଦୂରଗାମୀ କ୍ଷେପଣାସ୍ତ୍ରକୁ ନେଇ ମଧ୍ୟ ଆମେରିକା ପ୍ରତି ବିପଦ ରହିଛି। ସେଥିପାଇଁ ଟ୍ରମ୍ପ ପ୍ରଶାସନ ଏହି ଯୋଜନା ପ୍ରସ୍ତୁତ କରିଛନ୍ତି।

ଗୋଲଡେନ୍ ଡୋମ ସମ୍ପୂର୍ଣ୍ଣ ଭାବେ ଉପଗ୍ରହ ନେଟଓ୍ୱାର୍କ ଉପରେ କାର୍ଯ୍ୟ କରିବ। ଯାହାକି କ୍ଷେପଣାସ୍ତ୍ର ଚିହ୍ନଟ କରି ଟ୍ରାକ କରିବା ସହ ତାହାକୁ ନିଷ୍କ୍ରିୟ କରିଦେବ। ଏହା କ୍ଷେପଣାସ୍ତ୍ର ଚିହ୍ନଟ କରିବା ଓ ଏହା ଉପରେ ନଜର ରଖିବା ପାଇଁ ଶତାଧିକ ଉପଗ୍ରହକୁ ନିୟୋଜିତ କରିପାରିବ । ଗୋଲଡେନ୍ ଡୋମ ହାଇପରସୋନିକ ମିସାଇଲ, ବାଲିଷ୍ଟିକ ମିସାଇଲ୍ ଓ ଆଡଭାନ୍ସ କ୍ରୁଜ ମିସାଇଲକୁ ଆକାଶମାର୍ଗରେ ହିଁ ନଷ୍ଟ କରିଦେବ। ୨୦୨୯ ସୁଦ୍ଧା ଗୋଲଡେନ୍ ଡୋମ ଦେଖିବାକୁ ଟ୍ରମ୍ପ ଇଚ୍ଛା ପ୍ରକାଶ କରିଥିଲା ବେଳେ ଏଥିପାଇଁ ୧୭୫ ବିଲିୟନ ଡଲାର ବ୍ୟୟରେ ଖୁବଶୀଘ୍ର କାର୍ଯ୍ୟ ଆରମ୍ଭ ହେବାକୁ ଯାଉଛି ବୋଲି କୁହାଯାଇଛି।


## ଆଇପିଏଲ୍-୧୮ | ସୂର୍ଯ୍ୟକୁମାରଙ୍କ ଅର୍ଦ୍ଧଶତକ ପରେ ସ୍ପିନରଙ୍କ କମାଲ

# ପ୍ଲେ ଅଫ୍‌ରେ ମୁମ୍ବାଇ; ଦିଲ୍ଲୀ ବିଦା

ମୁମ୍ବାଇ, ୨୧।୫ (ଏଜେନ୍ସି):

ପ୍ରତିଦ୍ୱନ୍ଦ୍ୱୀ ଦିଲ୍ଲୀ କ୍ୟାପିଟାଲ୍ସକୁ ୫୯ ରନ୍‌ରେ ପରାସ୍ତ କରି ୫ ଥରର ଚାମ୍ପିଅନ ମୁମ୍ବାଇ ଇଣ୍ଡିଆନ୍ସ ଚତୁର୍ଥ ଦଳ ଭାବେ ଆଇପିଏଲ୍-୧୮ତମ ସଂସ୍କରଣର ପ୍ଲେ ଅଫ୍‌ରେ ପ୍ରବେଶ କରିଛି। ଏହା ଫଳରେ ପ୍ଲେ ଅଫ୍ ଲାଗି ୪ଟି ଦଳ ଯୋଗ୍ୟତା କରିସାରିଛନ୍ତି। ପୂର୍ବରୁ ୩ଟି ଦଳ ଗୁଜରାଟ ଟାଇଟନ୍ସ, ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଓ ପଞ୍ଜାବ କିଙ୍ଗ୍‌ସ ପ୍ଲେ ଅଫ୍‌ରେ ପ୍ରବେଶ କରିସାରଥିଲେ। ପ୍ଲେ ଅଫ୍ ସ୍ଥାନ ପୂରଣ ହେବା ପରେ ଚଳିତ ଆଇପିଏଲ୍‌ରେ ବାକିଥିବା ୭ଟି ଲିଗ୍ ମ୍ୟାଚ୍ ଗୁରୁତ୍ୱ ହରାଇଛି। ଏବେ ଯୋଗ୍ୟତା ଅର୍ଜନ କରିଥିବା ଦଳ ଗୁଡିକ ମଧ୍ୟରେ ପୋଜିସନ ଲାଗି ମୁକାବିଲା ରୋଚକ ହେବ। ସେହିପରି ଏଠାରେ ପରାଜିତ ହେବା ପରେ ଦିଲ୍ଲୀ କ୍ୟାପିଟାଲ୍ସ ୬ଷ୍ଠ ଦଳ ଭାବେ ପ୍ଲେ ଅଫ୍ ଦୌଡ଼ରୁ ବାଦ୍ ପଡ଼ିଥିଲା। ପୂର୍ବରୁ ୫ଟି ଦଳ ଦିଲ୍ଲୀ ଭଳି ପ୍ଲେ ଅଫ୍‌ରୁ ବାଦ୍ ପଡ଼ିଥିଲେ। ଏହି ମ୍ୟାଚ୍ ପୂର୍ବରୁ ମୁମ୍ବାଇ ୧୪ ଓ ଦିଲ୍ଲୀ ୧୩ ପଏଣ୍ଟ ସଂଗ୍ରହ କରି ଉଭୟ ପ୍ଲେ ଅଫ୍ ଦୌଡ଼ରେ ଥିଲେ। କିନ୍ତୁ ଗୁରୁତ୍ୱପୂର୍ଣ୍ଣ ୬୩ତମ ଲିଗ୍ ମ୍ୟାଚ୍‌କୁ ଏକତରଫା ଭାବେ ମୁମ୍ବାଇ ବିଜୟୀ ହୋଇଛି।

ଘରୋଇ ମାଟିରେ ବା ୱାଙ୍ଖେଡେ ଷ୍ଟାଡିୟମ୍‌ରେ ସୂର୍ଯ୍ୟକୁମାର ଯାଦବଙ୍କ ଅପରାଜିତ ୭୩ ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ କରି ମୁମ୍ବାଇ ଇଣ୍ଡିଆନ୍ସ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ ହରାଇ ୧୮୦ ରନ୍ କରିଥିଲା। ଜବାବରେ ୧୮୧ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଦିଲ୍ଲୀ ଆଦୌ ମୁମ୍ବାଇ ବୋଲିଂର ଉଚିତ ମୁକାବିଲା କରି ପାରି ନ ଥିଲା। ଫଳରେ ଦଳ ୧୮.୨ ଓଭର ଖେଳି ୧୨୧ ରନ୍‌ରେ ଅଲଆଉଟ ହୋଇଯାଇଥିଲା। ଦିଲ୍ଲୀ ଇନିଂସ ଆରମ୍ଭ କରି ପ୍ରଥମ ୩ ଓଭରରେ ଦୁଇ ନିର୍ଭରଯୋଗ୍ୟ ଖେଳାଳି କାମଚଳା ଅଧିନାୟକ ଫାଫ ଡୁ ପ୍ଲେସିସ (୬) ଓ ଲୋକେଶ ରାହୁଲ (୧୧)ଙ୍କ ୱିକେଟ ହରାଇଥିଲା। ଅଭିଷେକ ପୋରେଲ ୬ ରନ୍ କରି ଆଉଟ ହେବା ପରେ ଦିଲ୍ଲୀ ୨୭ ରନ୍‌ରେ ୩ ୱିକେଟ ହରାଇ ବିପଦରେ ପଡ଼ିଥିଲା। ସମୀର ରିଜଭୀ ୩୯, ବିପରାଜ ନିଗମ ୨୦ ଓ ଆଶୁତୋଷ ଶର୍ମାଙ୍କ ୧୮ ରନ୍‌କୁ ବାଦ୍ ଦେଲେ ଅନ୍ୟ କେହି ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। ନିୟମିତ ଅଧିନାୟକ ଅକ୍ଷର ପଟେଲଙ୍କ ଅନୁପସ୍ଥିତିରେ ଦିଲ୍ଲୀର ବ୍ୟାଟିଂ ଅତ୍ୟନ୍ତ ଦୟନୀୟ ହୋଇଥିଲା। ବାମହାତୀ ସ୍ପିନର ମିଚେଲ ସାଣ୍ଟନର ୧୧ ରନ୍‌ରେ ୩ଟି ଓ ଯଶପ୍ରୀତ୍ ବୁମ୍‌ରା ୧୨ ରନ୍‌ରେ ୩ଟି ୱିକେଟ ନେଇ ଦଳକୁ ପ୍ଲେ ଅଫ୍‌ରେ ପ୍ରବେଶ କରାଇଥିଲେ।





### ଶେଷ ୨ ଓଭରରେ ବିସ୍ଫୋରକ ବ୍ୟାଟିଂ

ପୂର୍ବରୁ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ଇଣ୍ଡିଆନ୍ସ ଆରମ୍ଭରୁ ତାରକା ଖେଳାଳି ରୋହିତ ଶର୍ମା (୫)ଙ୍କ ୱିକେଟ ହରାଇଥିଲା। ଦୁଇ ବିଦେଶୀ ଖେଳାଳି ୱିଲ ଜ୍ୟାକ୍ସ (୨୧) ଓ ରିୟାନ ରିକେଲଟନ (୨୫) ଶୀଘ୍ର ଆଉଟ ହେବା ଫଳରେ ଦଳ ୭ମ ଓଭର ବେଳକୁ ୩ ୱିକେଟ ହରାଇ ୫୮ ରନ୍ କରିଥିଲା। ଏହି ସମୟରେ ସୂର୍ଯ୍ୟକୁମାର ଯାଦବ ଓ ଅନ୍ୟ ବ୍ୟାଟରଙ୍କ ସହ ଦିଲ୍ଲୀ ସ୍ପିନରଙ୍କ ମୁକାବିଲା ଜୋରଦାର ହୋଇଥିଲା। ଦିଲ୍ଲୀର ଦୁଇ ସ୍ପିନର କୁଲଦୀପ ଯାଦବ ଓ ବିପରାଜ ନିଗମ ଚମତ୍କାର ବୋଲିଂ କରି ମୁମ୍ବାଇର ଖ୍ୟାତନାମା ବ୍ୟାଟରଙ୍କୁ ବାନ୍ଧି ରଖିଥିଲେ। ଏମାନେ ମିଳିତଭାବେ ୮ ଓଭର ବୋଲିଂ କରି ମାତ୍ର ୪୭ ରନ୍ ବିନିମୟରେ ଗୋଟିଏ ୱିକେଟ ପାଇଥିଲେ। ଅନ୍ୟପକ୍ଷରେ ସୂର୍ଯ୍ୟକୁମାର ଟର୍ଣ୍ଣିଂ ବଲ୍‌ର ମୁକାବିଲା କରିବା ସହ ରନ୍ ସଂଗ୍ରହ ମଧ୍ୟ କରିଥିଲେ। ସେ ଚତୁର୍ଥ ୱିକେଟ ଯୋଡିରେ ତିଳକ ବର୍ମାଙ୍କ ସହ ୪୯ ବଲ୍‌ରୁ ୫୫ ରନ୍ ଉଠାଇ ଦଳକୁ ବିପଦରୁ ରକ୍ଷା କରିଥିଲେ। ଏହି ସମୟରେ ୨୭ ବଲ୍‌ରେ ୨୭ ରନ୍ କରିଥିବା ତିଳକ ବର୍ମାଙ୍କୁ ମୁକେଶ କୁମାର ଓ ୮ ବଲ୍‌ରୁ ମାତ୍ର ୩ ରନ୍ କରିଥିବା ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ୧୦ ରନ୍ ମଧ୍ୟରେ ଆଉଟ ହୋଇଥିଲେ। ପାଇଥିବା ଜୀବନଦାନରୁ ସୁଯୋଗ ଉଠାଇ ସୂର୍ଯ୍ୟକୁମାର ଓ ନମନ ଧୀର ଶେଷ ୨ ଓଭରରେ ବିସ୍ଫୋରକ ବ୍ୟାଟ୍ ଚାଳନା କରି ୪୮ ରନ୍ ଉଠାଇବା ଫଳରେ ମ୍ୟାଚ୍‌ର ସମୀକରଣ ବଦଳିଯାଇଥିଲା। ଚଳିତ ଆଇପିଏଲ୍‌ରେ ଭଲ ଫର୍ମରେ ଥିବା ସୂର୍ଯ୍ୟକୁମାର ଏଠାରେ ଚମତ୍କାର ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ ପ୍ରଦର୍ଶନ କରି ମୁମ୍ବାଇକୁ ଭଲ ସ୍ଥିତିରେ ପହଞ୍ଚାଇଥିଲେ। ସେ ଶେଷ ପର୍ଯ୍ୟନ୍ତ ଅପରାଜିତ ରହିବା ସହ ୪୩ଟି ବଲ୍‌ର ସମ୍ମୁଖୀନ ହୋଇ ୭ ଚୌକା ଓ ୪ ଛକା ସହ ସର୍ବାଧିକ ୭୩ ଓ ମାତ୍ର ୮ଟି ବଲ୍ ଖେଳି ୨ ଚୌକା ଓ ୨ଛକା ସହ ନମନ ଧୀର ୨୪ ରନ୍ କରି ଅପରାଜିତ ରହିଥିଲେ। ଏମାନଙ୍କ ଅବିଭକ୍ତ ୬ଷ୍ଠ ୱିକେଟ ପାର୍ଟନରସିପ୍‌ରୁ ମାତ୍ର ୨୧ ବଲ୍‌ରେ ୫୭ ରନ୍ ମିଳିଥିଲା। ଏହି ରନ୍ ମୁମ୍ବାଇକୁ ଭଲ ସ୍ଥିତିରେ ପହଞ୍ଚାଇଥିଲା। ପ୍ରତିପକ୍ଷ ଦିଲ୍ଲୀ ଦଳ ପକ୍ଷରୁ ପେସ୍ ବୋଲର ମୁକେଶ କୁମାର ୨ଟି, ମୁସ୍ତାଫିଜୁର ରହମନ, କୁଲଦୀପ ଯାଦବ ଓ ଦୁଷ୍ମନ୍ତ ଚାମୀରା ଗୋଟିଏ ଲେଖାଏଁ ୱିକେଟ ପାଇଛନ୍ତି।

### ଆଇପିଏଲ୍-୨୦୨୫: ପଏଣ୍ଟ ସାରଣୀ

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ବାତିଲ୍ | ପଏଣ୍ଟ | ରନରେଟ୍ |
|---|---|---|---|---|---|---|
| ଗୁଜରାଟ | ୧୨ | ୯ | ୩ | ୦ | ୧୮ | +୦.୭୯୫ |
| ବେଙ୍ଗାଲୁରୁ | ୧୨ | ୮ | ୩ | ୧ | ୧୭ | +୦.୪୮୨ |
| ପଞ୍ଜାବ | ୧୨ | ୮ | ୩ | ୧ | ୧୭ | +୦.୩୮୯ |
| ମୁମ୍ବାଇ | ୧୩ | ୮ | ୫ | ୦ | ୧୬ | +୧.୨୯୨ |
| ଦିଲ୍ଲୀ | ୧୩ | ୬ | ୬ | ୧ | ୧୩ | -୦.୦୧୯ |
| କୋଲକାତା | ୧୩ | ୫ | ୬ | ୨ | ୧୨ | +୦.୧୯୩ |
| ଲକ୍ଷ୍ନୌ | ୧୨ | ୫ | ୭ | ୦ | ୧୦ | -୦.୫୦୬ |
| ହାଇଦରାବାଦ୍ | ୧୨ | ୪ | ୭ | ୧ | ୯ | -୦.୬୭୪ |
| ରାଜସ୍ଥାନ | ୧୪ | ୪ | ୧୦ | ୦ | ୮ | -୦.୫୪୯ |
| ଚେନ୍ନାଇ | ୧୩ | ୩ | ୧୦ | ୦ | ୬ | -୧.୦୩୦ |



### ଆଇପିଏଲ୍‌ରେ ଆଜି

**ଗୁଜରାଟ** ବନାମ **ଲକ୍ଷ୍ନୌ**

ଅହମ୍ମଦାବାଦ/ ରାତି ୭.୩୦ | ଷ୍ଟାର୍‌ସ୍ପୋର୍ଟ୍ସ / ଜିଓ ହଟ୍‌ଷ୍ଟାର

## ଅକ୍ଷର ଅସୁସ୍ଥ, ରାହୁଲ ଆହତ

ମୁମ୍ବଇ, ୨୧।୫ (ଏଜେନ୍ସି): ଏଠାରେ ବୁଧବାର ଅନୁଷ୍ଠିତ ମୁମ୍ବାଇ ଇଣ୍ଡିଆନ୍ସ ମୁକାବିଲା ପୂର୍ବରୁ ଦିଲ୍ଲୀ କ୍ୟାପିଟାଲ୍ସ ଅଧିନାୟକ ଅକ୍ଷର ପଟେଲ ଅସୁସ୍ଥ ହୋଇଛନ୍ତି। ଦୁଇ ଦିନ ହେଲା ତାଙ୍କୁ ଜ୍ୱର ହୋଇଛି ଓ ସେ ଏହି ମ୍ୟାଚ୍ ଖେଳିବାକୁ ଅଯୋଗ୍ୟ ବିବେଚିତ ହୋଇଛନ୍ତି ବୋଲି ତାଙ୍କ ସ୍ଥାନରେ ଦଳର ନେତୃତ୍ୱ ନେଇଥିବା କାମଚଳା ଅଧିନାୟକ ଫାଫ ଡୁ ପ୍ଲେସିସ୍ କହିଛନ୍ତି। ସେହିପରି ମ୍ୟାଚ୍ ପୂର୍ବରୁ ଅଭ୍ୟାସବେଳେ ଲୋକେଶ ରାହୁଲଙ୍କ ଆଣ୍ଠୁରେ ବଲ ବାଜିଥିବାରୁ ସେ ଆହତ ହୋଇଛନ୍ତି। ଏଣୁ ତାଙ୍କୁ ସୁପର ସବ୍‌ରେ ରଖାଯାଇଥିଲା। ସେ ବ୍ୟାଟିଂ କରିବାକୁ ଆସିଥିଲେ। ଦିଲ୍ଲୀ ଅକ୍ଷରଙ୍କ ସ୍ଥାନରେ ମଧ୍ୟପ୍ରଦେଶର ପେସ୍ ବୋଲର ମାଧବ ତିୱାରୀ ଓ ଟି ନଟରାଜନଙ୍କ ସ୍ଥାନରେ ମୁକେଶ କୁମାରଙ୍କୁ ସାମିଲ କରିଥିଲା।



## ଭାରତ-ଏ ବିପକ୍ଷରେ ଖେଳିବେ ଫ୍ଲିଣ୍ଟଫ୍‌ଙ୍କ ପୁଅ ରକି

**ଲଣ୍ଡନ, ୨୧।୫ (ଏଜେନ୍ସି):** ଦୁଇଟି ୪ ଦିବସୀୟ ମ୍ୟାଚ୍ ଖେଳିବା ଲାଗି ଭାରତ-ଏ କ୍ରିକେଟ୍ ଦଳ ଆସନ୍ତା ସପ୍ତାହ ପ୍ରାରମ୍ଭରେ ଇଂଲଣ୍ଡ ଗସ୍ତରେ ଯିବ। ସେଠାରେ ଘରୋଇ ଇଂଲଣ୍ଡ ଲାୟନ୍ସ ବିପକ୍ଷରେ ମେ ୩୦ରୁ ଭାରତ-ଏ ଦଳ ଏହି ସିରିଜ ଖେଳିବ। ଏଥିଲାଗି ମଙ୍ଗଳବାର ଇଂଲଣ୍ଡ ଲାୟନ୍ସ ଦଳ ଘୋଷଣା କରାଯାଇଛି। ଜେମ୍ସ ରିଉଙ୍କ ନେତୃତ୍ୱରେ ଘୋଷିତ ୧୪ ଜଣିଆ ଦଳରେ ଭେଟେରାନ ଦ୍ରୁତ ବୋଲର କ୍ରିସ୍ ୱକ୍ସ ଓ ଯୁବ ଅଲ୍‌ରାଉଣ୍ଡର ରକି ଫ୍ଲିଣ୍ଟଫ୍ ସ୍ଥାନ ପାଇଛନ୍ତି। ୧୭ ବର୍ଷୀୟ ରକି ହେଉଛନ୍ତି କିମ୍ବଦନ୍ତୀ ଇଂଲଣ୍ଡ ଅଲ୍‌ରାଉଣ୍ଡର ଆଣ୍ଡ୍ରିଉ ଫ୍ଲିଣ୍ଟଫ୍‌ଙ୍କ ପୁଅ। ଫଳରେ ଏହି ଦୁଇଟି ୪ ଦିବସୀୟ ମ୍ୟାଚରେ ଉନ୍ନତ ପ୍ରଦର୍ଶନ କରି ରକି ଇଂଲଣ୍ଡ ସିନିଅର ଦଳରେ ସ୍ଥାନ ପାଇବାକୁ ଲକ୍ଷ୍ୟ ରଖିଛନ୍ତି। ଡାହାଣହାତୀ ବ୍ୟାଟିଂ ସହ ମଧ୍ୟଗତିର ବୋଲିଂ କରୁଥିବା ରକି ଏ ପର୍ଯ୍ୟନ୍ତ ୫ଟି ପ୍ରଥମ ଶ୍ରେଣୀ ଓ ୭ଟି ଲିଷ୍ଟ-ଏ ମ୍ୟାଚ୍ ଖେଳି ଯଥାକ୍ରମେ ୧୩୭ ଓ ୧୬୭ ରନ ସଂଗ୍ରହ କରିଛନ୍ତି।



### ■ ଖେଲୋ ଇଣ୍ଡିଆ ବିଚ୍ ସକ୍କର

## ସେମିଫାଇନାଲରେ ଓଡ଼ିଶା

**କଟକ,୨୧।୫(ସମିସ):** ଡାମନ ଏବଂ ଡ୍ୟୁ'ର ଘୋଘଲା ବିଚ୍‌ରେ ଆୟୋଜିତ ଖେଲୋ ଇଣ୍ଡିଆ ବିଚ୍ ସକ୍କର ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ନକ୍‌ଆଉଟ୍‌ରେ ପ୍ରବେଶ କରିଛି। କ୍ରମାଗତ ଦ୍ୱିତୀୟ ବିଜୟ ସହ ଦଳ ସେମିଫାଇନାଲରେ ସ୍ଥାନ ସୁରକ୍ଷିତ କରିଛି। ବୁଧବାର ଖେଳାଯାଇଥିବା ମ୍ୟାଚ୍‌ରେ ଓଡ଼ିଶା ୧୬-୧ ଗୋଲରେ ଆନ୍ଧ୍ରପ୍ରଦେଶକୁ ହରାଇଥିଲା। ପୂର୍ବରୁ ପ୍ରଥମ ମ୍ୟାଚ୍‌ରେ ଦଳ ୧୮-୦ ଗୋଲରେ ମଧ୍ୟପ୍ରଦେଶକୁ ପରାସ୍ତ କରିଥିଲା। ଗ୍ରୁପ-ବି'ରେ ସ୍ଥାନ ପାଇଥିବା ଓଡ଼ିଶା ଲିଗ୍ ରାଉଣ୍ଡରେ ଅପରାଜେୟ ଥିବା ବେଳେ ସେମିଫାଇନାଲ ଲାଇନଅପ ଚୂଡାନ୍ତ ହୋଇନାହିଁ।



## ଦର୍ଶକ ସଂଖ୍ୟା ସବୁ ରେକର୍ଡ ଭାଙ୍ଗିଲା

**ନୂଆଦିଲ୍ଲୀ,୨୧।୫(ଏଜେନ୍ସି):** ଗତ ଫେବୃଆରୀ- ମାର୍ଚ୍ଚରେ ଅନୁଷ୍ଠିତ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଚାମ୍ପିଅନ୍ସ ଟ୍ରଫିରେ ଭାରତ ଚାମ୍ପିଅନ ହୋଇ ତୃତୀୟଥର ପାଇଁ ଟାଇଟଲ ହାସଲ କରିଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ଗୋଟିଏ ହେଲେ ବି ମ୍ୟାଚ୍ ହାରି ନଥିଲା। ଫାଇନାଲ ନ୍ୟୁଜିଲାଣ୍ଡକୁ ହରାଇ ଦୀର୍ଘ ୧୨ ବର୍ଷ ପରେ ପୁଣିଥରେ ଟାଇଟଲ ହାସଲ କରିଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ଭ୍ୟୁୟରସିପ୍‌ରେ ପୁରୁଣା ରେକର୍ଡ ଭାଙ୍ଗିବା ସହ ନୂଆ ରେକର୍ଡ ସୃଷ୍ଟି ହୋଇଛି। ପାକିସ୍ତାନ ଓ ୟୁନାଇଟେଡ ଆରବ ଏମିରେଟନସ (ୟୁଏଇ)ରେ ହାଇବ୍ରିଡ ମଡେଲରେ ଆୟୋଜିତ ଇତିହାସରେ ସର୍ବାଧିକ ଦେଖାଯାଇଥିବା ଚାମ୍ପିଅନ୍ସ ଟ୍ରଫି ବିବେଚିତ ହୋଇଛି। ଟୁର୍ଣ୍ଣାମେଣ୍ଟର ୱାଚ୍ ଟାଇମ ୩୬୮ ବିଲିଅନ ମିନିଟ୍ ରହିଥିଲା।

**ଆଇସିସି ଚାମ୍ପିଅନ୍ସ ଟ୍ରଫି**

୨୦୧୭ ଚାମ୍ପିଅନ୍ସ ଟ୍ରଫି ତୁଳନାରେ ଏଥରର ଭ୍ୟୁୟରସିପ୍ ୧୯ ପ୍ରତିଶତ ଅଧିକ ରହିଛି। ଏହା ଚାମ୍ପିଅନ୍ସ ଟ୍ରଫି ଇତିହାସରେ ସର୍ବାଧିକ ବୋଲି ଆଇସିସି ତରଫରୁ କୁହାଯାଇଛି। ଦୁବାଇରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ଅନୁଷ୍ଠିତ ଫାଇନାଲ ୬୫.୩ ବିଲିଅନ ଲାଇଭ ଭ୍ୟୁଇଂ ମିନିଟ୍ ସହ ସର୍ବାଧିକ ଦେଖାଯାଇଥିବା ମ୍ୟାଚ୍ ବିବେଚିତ ହୋଇଛି। ଏହାର ୨୦୧୭ ସଂସ୍କରଣ ଫାଇନାଲ ତୁଳନାରେ ୫୨.୧ ପ୍ରତିଶତକ ଅଧିକ। ୱାଚ୍ ଟାଇମ୍ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଫାଇନାଲ ମ୍ୟାଚ୍ ଏପର୍ଯ୍ୟନ୍ତ ତୃତୀୟ ସର୍ବାଧିକ ଦେଖାଯାଇଥିବା ଆଇସିସି ମ୍ୟାଚ୍ ବିବେଚିତ ହୋଇଛି। ଏହି କ୍ରମରେ ଦେଖିବାକୁ ଗଲେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଅନୁଷ୍ଠିତ ୨୦୨୩ ବିଶ୍ୱକପ୍ ଫାଇନାଲ ଓ ଭାରତ- ନ୍ୟୁଜିଲାଣ୍ଡ ସେମିଫାଇନାଲ ମ୍ୟାଚ୍ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ରହିବ। ଚାମ୍ପିଅନ୍ସ ଟ୍ରଫି ଏଥର ଅଷ୍ଟ୍ରେଲିଆରେ ସର୍ବାଧିକ ଟୁର୍ଣ୍ଣାମେଣ୍ଟ ବିବେଚିତ ହୋଇଛି।

### ■ ଫ୍ରେଞ୍ଚ୍ ଓପନ୍ କ୍ୱାଲିଫାୟର

## ଦ୍ୱିତୀୟ ରାଉଣ୍ଡରେ ହାରିଲେ ନାଗଲ

**ପ୍ୟାରିସ୍,୨୧।୫(ଏଜେନ୍ସି):** ଭାରତର ସୁମିତ ନାଗଲ ଫ୍ରେଞ୍ଚ୍ ଓପନ୍ କ୍ୱାଲିଫାଇଂ ଟୁର୍ଣ୍ଣାମେଣ୍ଟରୁ ବିଦାୟ ନେଇଛନ୍ତି। ବୁଧବାର ଏକକ ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍‌ରେ ନାଗଲ ୨-୬, ୪-୬ ସେଟ୍‌ରେ ଅଷ୍ଟ୍ରେଲିଆର ଜୁରିଜ୍ ରୋଡିଓନୋଭଙ୍କଠାରୁ ପରାସ୍ତ ହୋଇ ବାଦ୍ ପଡିଛନ୍ତି। ନାଗଲ ବିଶ୍ୱ ର୍ୟାଙ୍କିଂରେ ୧୭୦ତମ, ରୋଡିଓନୋଭ ୨୨୫ତମ ସ୍ଥାନରେ ରହିଛନ୍ତି। ନାଗଲ ପ୍ରଥମ ରାଉଣ୍ଡରେ ଆମେରିକାର ମିଟ୍‌ଚେଲ କ୍ରୁଏଗେରଙ୍କୁ ୬-୧, ୬-୧ ସେଟ୍‌ରେ ପରାସ୍ତ କରି ଅଗ୍ରଗତି କରିଥିଲେ।

## ବାଂଲାଦେଶକୁ ପ୍ରଥମଥର ହରାଇଲା ୟୁଏଇ

**ଶାରଜା, ୨୧।୫ (ଏଜେନ୍ସି):** ଭ୍ରମଣକାରୀ ବାଂଲାଦେଶ ବିପକ୍ଷରେ ଏଠାରେ ଅନୁଷ୍ଠିତ ଦ୍ୱିତୀୟ ଟି-୨୦ ମ୍ୟାଚକୁ ଘରୋଇ ୟୁଏଇ (ୟୁନାଇଟେଡ୍ ଆରବ ଏମିରେଟ୍ସ) ରୋମାଞ୍ଚକ ଭାବେ ଗୋଟିଏ ବଲ୍ ବାକି ଥାଇ ୨ ୱିକେଟ୍‌ରେ ଜିତିନେଇଛି। ପ୍ରଥମେ ବ୍ୟାଟିଂ କରି ବାଂଲାଦେଶ ଓପନର୍ ତାଞ୍ଜିଦ ହାସାନ ୫୯, ତୋହିଦ ହୃଦୟ ୪୫ ଓ ଅଧିନାୟକ ଲିଟନ ଦାସ ୪୦ ରନର ଉପଯୋଗୀ ପାଳି ବଳରେ ୨୦୫ ରନର ବିଶାଳ ସ୍କୋର କରିଥିଲା। ଜବାବରେ ଅଧିନାୟକ ମହମ୍ମଦ ୱାସିମଙ୍କ ଦ୍ରୁତ ୮୨ ସହାୟତାରେ ୟୁଏଇ ୮ ୱିକେଟ୍ ହରାଇ ୧୯.୫ ଓଭରରେ ସ୍ମରଣୀୟ ବିଜୟ ହାସଲ କରିଥିଲା। ଆଇସିସି ଟେଷ୍ଟ ମାନ୍ୟତାପ୍ରାପ୍ତ ଦେଶ ବାଂଲାଦେଶ ବିପକ୍ଷରେ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ୟୁଏଇର ଏହା ସର୍ବପ୍ରଥମ ବିଜୟ। ଏହି ବିଜୟ ଫଳରେ ଦୁଇଦେଶ ମଧ୍ୟରେ ଚାଲିଥିବା ଟି-୨୦ ସିରିଜ ୧-୧ରେ ବରାବର୍ ରହିଛି। ପୂର୍ବରୁ ପ୍ରଥମ ମ୍ୟାଚକୁ ବାଂଲାଦେଶ ୨୭ ରନରେ ଜିତିଥିଲା।

## ଜୁଲାଇ ୧୫ରୁ ଡୁରାଣ୍ଡ କପ୍

**ନୂଆଦିଲ୍ଲୀ,୨୧।୫(ଏଜେନ୍ସି):** ଏସିଆର ସର୍ବପୁରାତନ କ୍ଲବ ଫୁଟବଲ ଟୁର୍ଣ୍ଣାମେଣ୍ଟ ତଥା ବିଶ୍ୱର ୫ମ ପୁରାତନ ଜାତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ବିବେଚିତ ହେଉଥିବା ଡୁରାଣ୍ଡ କପ୍ ଏଥର ଜୁଲାଇ ୧୫ରୁ ଆରମ୍ଭ ହେବ। ଟୁର୍ଣ୍ଣାମେଣ୍ଟର ଏହି ୧୩୪ତମ ସଂସ୍କରଣ ଏକ ମାସ ୧୦ ଦିନଧରି ଚାଲିବ ଓ ଏହା ଅଗଷ୍ଟ ୨୫ରେ ଶେଷ ହେବ ବୋଲି ଆଶା କରାଯାଉଛି। କିନ୍ତୁ ଅଲ ଇଣ୍ଡିଆ ଫୁଟବଲ ଫେଡେରେସନ (ଏଆଇଏଫ୍‌ଏଫ୍) ଟୁର୍ଣ୍ଣାମେଣ୍ଟର କାର୍ଯ୍ୟସୂଚୀ ଘୋଷଣା କରିନାହିଁ। କୋକ୍ରାଝରର ସମେତ କୋଲକାତା, ଶିଲଂ, ଇମ୍ଫାଲ ଓ ଜାମସେଦଦପୁରରେ ଡୁରାଣ୍ଡ କପ୍‌ର ମ୍ୟାଚ୍ ଗୁଡିକ ଆୟୋଜନ ହେବ ବୋଲି ଆଶା କରାଯାଉଛି। ଉଲ୍ଲେଖଥାଉ କି, ଡୁରାଣ୍ଡ କପ୍ ୧୩୭ ବର୍ଷ ତଳେ ଅର୍ଥାତ ୧୮୮୮ରେ ପ୍ରଥମଥର ପାଇଁ ଖେଳାଯାଇଥିଲା। ଗତବର୍ଷ ନର୍ଥଇଷ୍ଟ ୟୁନାଇଟେଡ ଏହି ଟୁର୍ଣ୍ଣାମେଣ୍ଟରେ ପ୍ରଥମଥର ପାଇଁ ଟାଇଟଲ ହାସଲ କରିଥିଲା। ୧୭ଥର ଟାଇଟଲ ଜିତି ମୋହନ ବାଗାନ ସଫଳତମ ଦଳ ବିବେଚିତ ହେଉଛି।

### ମାଲେସିଆ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ

## ପ୍ରଣୟ, ଶ୍ରୀକାନ୍ତଙ୍କ ଅଗ୍ରଗତି: ସିନ୍ଧୁ ବିଦା

**କ୍ୱାଲାଲମ୍ପୁର,୨୧।୫(ଏଜେନ୍ସି):** ଏଠାରେ ଚାଲିଥିବା ମାଲେସିଆ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଭାରତର ଡବଲ ଅଲିମ୍ପିକ୍ସ ପଦକ ବିଜୟିନୀ ପିଭି ସିନ୍ଧୁ ଏକକ ପ୍ରଥମ ରାଉଣ୍ଡରେ ଭିଏତ୍‌ନାମର ଏନ୍‌ଗୁଏନ୍ ଥୁଇ ଲିନ୍‌ଙ୍କଠାରୁ ୧୧-୨୧, ୨୧-୧୪, ୧୫-୨୧ରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। କିନ୍ତୁ ପୁରୁଷ ଏକକରେ ଏଚ୍‌ଏସ୍ ପ୍ରଣୟ ଓ କିଦାମ୍ବୀ ଶ୍ରୀକାନ୍ତ ପ୍ରଥମ ରାଉଣ୍ଡରେ ବିଜୟୀ ହୋଇ ଅଗ୍ରଗତି କରିଛନ୍ତି। ପ୍ରଣୟ ୧୯-୨୧, ୨୧-୧୭, ୨୧-୧୬ରେ ଜାପାନର ୫ମ ସିଡ୍ ଖେଳାଳି କେଇ ନିଶିମୋଟୋଙ୍କ, ଶ୍ରୀକାନ୍ତ ୨୩-୨୧, ୧୩-୨୧, ୨୧-୧୧ରେ ଚୀନ୍‌ର ଲୁ ଗୁଆଙ୍ଗଜୁଙ୍କୁ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡକୁ ଉଠିଛନ୍ତି। ସେହିପରି ସତୀଶ କରୁଣାକରନ ୨୧-୧୩, ୨୧-୧୪ରେ ଚାଇନିଜ ତାଇପେର ଚୋଉ ତିଏନ୍ ଚେନଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡକୁ ଉଠିଛନ୍ତି।



## 'ମନ୍ଥର ବୋଲିଂ ପେନାଲ୍ଟିରେ ପରିବର୍ତ୍ତନ ଆବଶ୍ୟକ'

ନୂଆଦିଲ୍ଲୀ,୨୧।୫(ଏଜେନ୍ସି):

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ରେ ଲାଗୁ ହୋଇଥିବା ଓଭର ରେଟ୍ ପେନାଲ୍ଟି ନେଇ କିମ୍ବଦନ୍ତୀ ବ୍ୟାଟର ସୁନୀଲ ଗାଭାସ୍କର ନିଜର ମତ ରଖିଛନ୍ତି। ଆଇପିଏଲ୍‌ରେ ମନ୍ଥର ବୋଲିଂ ପାଇଁ ବିଭିନ୍ନ ଦଣ୍ଡ ବିଧାନର ବ୍ୟବସ୍ଥା ରହିଛି। ଏହା ଭଲ ହୋଇଥିଲେ ମଧ୍ୟ ନିରପେକ୍ଷତା ପାଇଁ ଏଥିରେ ସଂସ୍କାର ଅର୍ଥାତ ପରିବର୍ତ୍ତନର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। ମନ୍ଥର ବୋଲିଂ ପାଇଁ ଆଇପିଏଲ୍‌ରେ ଏକାଧିକ ଦଳର ଅଧିନାୟକ ଓ ଖେଳାଳି ଦଣ୍ଡିତ ହେବାର ବହୁ ଉଦାହରଣ ରହିଛି ଓ ଏହା କିଛି ଖରାପ ନୁହଁ। କିନ୍ତୁ ବର୍ଷା ବାଧାପ୍ରପ୍ତ ଓ ଅତ୍ୟଧିକ ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ଏହି ନିୟମରେ ସାମାନ୍ୟ ପରିବର୍ତ୍ତନର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। ଏହା ଦ୍ୱାରା ଫିଲ୍ଡିଂ କରୁଥିବା ଦଳ କ୍ଷତିରେ ପଡୁଛି। ଖାସ୍ କରି ବର୍ଷା ବନ୍ଦ ହେବା ପରେ ମ୍ୟାଚ୍ ଆରମ୍ଭ ହେବା ଓ ପରିବର୍ତ୍ତିତ ଓଭର ସଂଖ୍ୟାରେ ନୂଆ ବିଜୟ ଲକ୍ଷ୍ୟ ଧାର୍ଯ୍ୟ ବେଳେ ବୋଲିଂ କରୁଥିବା ଦଳ ପାଇଁ ସମସ୍ୟା ସୃଷ୍ଟି ହୋଇଛି। ଏପରିସ୍ଥଳେ ସର୍କଲ ବାହରେ ଜଣେ ଫିଲ୍ଡରଙ୍କୁ ଆଣି ସର୍କଲ ଭିତରେ ରଖିବାର ନିୟମ ବେଶ୍ ମହାଙ୍ଗା ସାବ୍ୟସ୍ତ ହୋଇଛି ଓ ଏହା ମ୍ୟାଚ୍‌ର ଫଳାଫଳକୁ ନକାରାତ୍ମକ ଭାବେ ପ୍ରଭାବିତ କରୁଛି ବୋଲି ସେ କହିଛନ୍ତି।

ଆଇପିଏଲ୍‌ର ଗତ ବର୍ଷା ବାଧାପ୍ରାପ୍ତ ୫୬ତମ ମ୍ୟାଚ୍‌ର ଉଦାହରଣ ଦେଇ ସେ ଏହା ବୁଝାଇବାକୁ ପ୍ରୟାସ କରିଛନ୍ତି। ଏହି ବର୍ଷା ବାଧାପ୍ରାପ୍ତ ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ଓ ଗୁଜରାଟ ଟାଇଟନ୍ସ ପରସ୍ପରକୁ ଭେଟିଥିଲେ ଓ ଏଥିରେ ଗୁଜରାଟ ଚେଜ୍ କରି ଡିଏଲ୍‌ଏସ୍ ପ୍ରଣାଳୀରେ ଶେଷ ବଲ୍‌ରେ ହିଁ ବିଜୟୀ ହୋଇଥିଲା। ଅନ୍ତିମ ତଥା ୧୯ତମ ଓଭରରେ ଜଣେ ଅତିରିକ୍ତ ଫିଲ୍ଡରଙ୍କୁ ସର୍କଲ ଭିତରରେ ରଖାଯାଇଥିଲା। ଯାହା ଫଳରେ ମୁମ୍ବାଇ ହାରିଥିଲା ବୋଲି ସେ କହିଛନ୍ତି।




### ■ ପ୍ରଥମ ଦିନିକିଆ

## ୱେଷ୍ଟଇଣ୍ଡିଜ ବିପକ୍ଷରେ ଆୟର୍ଲାଣ୍ଡର ବଡ଼ ବିଜୟ

**ଡବ୍ଲିନ୍,୨୧।୫(ଏଜେନ୍ସି):** ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ ଦିନିକିଆ ମ୍ୟାଚ୍‌ରେ ଘରୋଇ ଆୟର୍ଲାଣ୍ଡ ୧୨୪ ରନରେ ବିଜୟୀ ହୋଇଛି। ବୁଧବାର ସ୍ଥାନୀୟ କ୍ୟାସଲ ଆଭେନ୍ୟୁରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରି ଆୟର୍ଲାଣ୍ଡ ୬ ୱିକେଟ ହରାଇ ୩୦୩ ରନ ସଂଗ୍ରହ କରିଥିଲା। ଜବାବରେ ୱେଷ୍ଟଇଣ୍ଡିଜ ୩୪.୧ ଓଭରରେ ୧୭୯ ରନକରି ଅଲ୍‌ଆଉଟ ହେବା ସହ ଆତ୍ମସମର୍ପଣ କରିଥିଲା। ଏଥିସହ ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ଆୟର୍ଲାଣ୍ଡ ୧-୦ରେ ଅଗ୍ରଣୀ ହାସଲ କରିଛି। ଆୟର୍ଲାଣ୍ଡ ତରଫରୁ ଆଣ୍ଡି ବାଲବିର୍ଣ୍ଣି ୧୧୨ ରନ୍ କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ସେହିପରି ହ୍ୟାରୀ ଟେକ୍ଟର ୫୬, ଅଧିନାୟକ ପଲ ଷ୍ଟିର୍ଲିଂ ୫୪ ରନ ସଂଗ୍ରହ କରିଥିଲେ। ବୋଲିଂରେ ୱେଷ୍ଟଇଣ୍ଡିଜ ତରଫରୁ ମାଥ୍ୟୁ ଫୋର୍ଡ ୩, ଅଲଜାରୀ ଜୋଶେଫ୍ ୨ ୱିକେଟ ଅକ୍ତିଆର କରିଥିଲେ। ୱେଷ୍ଟଇଣ୍ଡିଜ ପାଇଁ ରୋଷ୍ଟନ ଚେଜ୍ ସର୍ବାଧିକ ୫୫, ମାଥ୍ୟୁ ଫୋର୍ଡ ୩୮, ଜଷ୍ଟିନ ଗ୍ରିଭ୍‌ସ ୩୫, ବ୍ରାଣ୍ଡନ କିଙ୍ଗ୍ ୧୯ ରନ କରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ଦୁଇଅଙ୍କ ସ୍ପର୍ଶ କରିପାରି ନଥିଲେ। ଆୟର୍ଲାଣ୍ଡ ପାଇଁ ଦ୍ରୁତ ବୋଲର ବେରୀ ଜନ ମ୍ୟାକକାର୍ଥ ସର୍ବାଧିକ ୪, ଜର୍ଜ ଡକ୍ରେଲ ୩ ୱିକେଟ ନେଇଥିଲେ।

# କ୍ୟାମ୍ପରେ ଅନୁଷ୍କାଙ୍କ ସହ ପିକଲ୍‌ବଲ ଖେଳିଲେ ବିରାଟ



ନୂଆଦିଲ୍ଲୀ, ୨୧।୫ (ଏଜେନ୍ସି): ଚଳିତ ଆଇପିଏଲ୍‌ର ପ୍ଲେ-ଅଫ୍‌ରେ ପ୍ରବେଶ କରିସାରିଥିବା ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ପରବର୍ତ୍ତୀ ମ୍ୟାଚରେ ଶୁକ୍ରବାର ଲକ୍ଷ୍ନୌରେ ସନ୍‌ରାଇଜର୍ସ ହାଇଦରାବାଦ୍‌କୁ ଭେଟିବ। ନିକଟରେ ଟେଷ୍ଟ କ୍ରିକେଟ୍‌ରୁ ଅବସର ନେଇଥିବା ବେଙ୍ଗାଲୁରୁର ତାରକା ବ୍ୟାଟର୍ ବିରାଟ କୋହଲି ମ୍ୟାଚ୍ ପୂର୍ବରୁ ଦଳୀୟ ଶିବିରରେ ପିକଲ୍‌ବଲ୍ (ଟେନିସ ସଦୃଶ ଖେଳ)ର ମଜା ଉଠାଉଥିବା ଦେଖିବାକୁ ମିଳିଛି। ପତ୍ନୀ ଅନୁଷ୍କା ଶର୍ମାଙ୍କ ସହ କୋହଲି କୋଟ୍‌ରେ ପିକଲବଲ୍ ଖେଳୁଥିବାର କିଛି ଫଟୋ ଆର୍‌ସିବି ଏହାର ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଛି। କୋହଲିଙ୍କ ବ୍ୟତୀତ ଆର୍‌ସିବିର ମେଣ୍ଟର ରହିଥିବା ଦୀନେଶ କାର୍ତ୍ତିକ ମଧ୍ୟ ତାଙ୍କ କ୍ରୀଡ଼ାବିତ୍ ପତ୍ନୀ ଦୀପିକା ପାଲିକଲ୍‌ଙ୍କ ସହ ପିକଲ୍‌ବଲ ଖେଳୁଥିବା ଆର୍‌ସିବି ପକ୍ଷରୁ ପୋଷ୍ଟ କରାଯାଇଥିବା ଫଟୋରୁ ଜଣାପଡ଼ିଛି।

# ବୈଭବଙ୍କ ପ୍ରଶଂସାରେ ଶତମୁଖ ରାଠୋର

ନୂଆଦିଲ୍ଲୀ, ୨୧।୫ (ଏଜେନ୍ସି):

ଚଳିତ ଆଇପିଏଲ୍‌ର ଅଷ୍ଟାଦଶ ସଂସ୍କରଣରେ ରାଜସ୍ଥାନ ରୟାଲ୍ସ ବିଜୟ ସହ ଅଭିଯାନ ଶେଷ କରିଛି। ସଞ୍ଜୁ ସାମସନଙ୍କ ରାଜସ୍ଥାନ ଏହାର ଶେଷ ମ୍ୟାଚରେ ୬ ୱିକେଟ୍‌ରେ ଚେନ୍ନାଇ ସୁପର୍ କିଙ୍ଗ୍‌ସକୁ ମାତ୍ ଦେଇଥିଲା। ୧୪ଟି ମ୍ୟାଚ୍ ଖେଳି ମାତ୍ର ୪ଟି ବିଜୟ ଓ ୧୦ ପରାଜୟ ସହ ରାଜସ୍ଥାନ ସିଜନ ଶେଷ କରିଛି। ନୈରାଶ୍ୟଜନକ ପ୍ରଦର୍ଶନ କରିଥିଲେ ମଧ୍ୟ ବୈଭବ ସୂର୍ଯ୍ୟବଂଶୀଙ୍କ ଭଳି ଜଣେ ଯୁବ ଉଦୀୟମାନ ବ୍ୟାଟର୍‌ଙ୍କୁ ଆବିଷ୍କାର କରି ବିଶ୍ୱ କ୍ରୀଡ଼ା ମଞ୍ଚରେ ସୁଯୋଗ ଦେବା ରାଜସ୍ଥାନ ପାଇଁ ବଡ଼ ଉପଲବ୍ଧି ରହିଥିଲା। ୧୪ ବର୍ଷୀୟ ସୂର୍ଯ୍ୟବଂଶୀ ଏହି ସୁଯୋଗର ଭରପୁର ଫାଇଦା ଉଠାଇ ଯେଉଁଭଳି ପ୍ରଦର୍ଶନ କଲେ ତାହା ତାଙ୍କୁ ଭାରତୀୟ କ୍ରିକେଟ୍‌ର ଭବିଷ୍ୟତର ଜଣେ ଉଜ୍ଜଳମୟ ତାରକା ଭାବେ ବିବେଚିତ କରିଛି। ବିହାର ଜନ୍ମିତ ବାମହାତୀ ବ୍ୟାଟର୍ ସୂର୍ଯ୍ୟବଂଶୀ ଚଳିତ ଆଇପିଏଲ୍‌ରେ ୭ଟି ମ୍ୟାଚ୍ ଖେଳିବାର ସୁଯୋଗ ପାଇଥିଲେ। ଏଥିରେ ସେ ୨୦୬.୫୫ ଷ୍ଟ୍ରାଇକରେଟ୍‌ରେ ମୋଟ୍ ୨୫୨ ରନ ସଂଗ୍ରହ କରିଥିଲେ। ଯେଉଁଥିରେ ଗୁଜରାଟ ଟାଇଟନ୍ସ ବିପକ୍ଷ ୩୫ ବଲରେ ବିଧ୍ୱଂଶୀ ଶତକୀୟ ପାଳି ଅନ୍ତର୍ଭୁକ୍ତ ରହିଛି।

ବୈଭବଙ୍କୁ ଜଣେ ବିସ୍ଫୋରକ ବ୍ୟାଟର୍ ଭାବେ ବିବେଚିତ କରାଯାଏ। କିନ୍ତୁ ମଙ୍ଗଳବାର ଚେନ୍ନାଇ ବିପକ୍ଷରେ ସେ ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂର ନମୁନା ଦେଖାଇ ୩୩ ବଲରେ ୫୭ ରନର ମ୍ୟାଚ୍ ବିଜୟୀ ପାଳି ଖେଳିଥିଲେ। ୧୪ ବର୍ଷ ବୟସରେ ତାଙ୍କ ନିକଟରେ ଏଭଳି ଦାୟିତ୍ୱ ସମ୍ପନ୍ନ ବ୍ୟାଟିଂ ଅନେକଙ୍କୁ ପ୍ରଭାବିତ କରିଛି। ବିଶେଷ କରି ରାଜସ୍ଥାନର ବ୍ୟାଟିଂ ପ୍ରଶିକ୍ଷକ ବିକ୍ରମ ରାଠୋର ମ୍ୟାଚ୍ ପରବର୍ତ୍ତୀ ଖବରଦାତା ସମ୍ମିଳନୀରେ ବୈଭବଙ୍କ ଏହି ଇନିଂସରେ ବେଶ୍ ପ୍ରଭାବିତ ହୋଇଥିବା କହିଥିଲେ। 'ସୂର୍ଯ୍ୟବଂଶୀଙ୍କ ସହ ଆମେ ଗତ ୩-୪ ମାସ ହେବ କାମ କରୁଛୁ। ତାଙ୍କ ନିକଟରେ ଅନେକ ଟ୍ୟାଲେଣ୍ଟ ଥିବା ଆମେ ପାଇଥିଲୁ। ଆଜିଭଳି ଏକ ଗୁରୁତ୍ୱପୂର୍ଣ୍ଣ ଓ ବଡ଼ ମ୍ୟାଚରେ ଚାପର ପରିସ୍ଥିତିରେ ସେ ଯେଉଁଭଳି ବ୍ୟାଟିଂ ପ୍ରଦର୍ଶନ କଲେ ସେଥିରେ ଆମେ ବେଶ୍ ପ୍ରଭାବୀତ ହୋଇଛୁ। ପାୱାର ପ୍ଲେ'ରେ ବଲ୍ ଠିକ୍ ସେ ବ୍ୟାଟ୍‌କୁ ଆସୁ ନ ଥିବାବେଳେ ସେ ମଧ୍ୟ ବଡ଼ ଶଟ୍ ନ ଖେଳି ଅଭିଜ୍ଞତାର ପରିଚୟ ଦେଇଥିଲେ' ବୋଲି ରାଠୋର କହିଛନ୍ତି। ବୈଭବଙ୍କ ପ୍ରଶଂସାରେ ଶତମୁଖ ରାଠୋର ଆହୁରି ମଧ୍ୟ କହିଥିଲେ 'ପୁଣିଥରେ ସେ ଯେଉଁଭଳି ପରିପକ୍ୱତା ଦେଖାଇଲେ, ଯେଉଁ ପ୍ରକାରର ସ୍ୱଭାବ ଦେଖାଇଲେ ଏହା ତାଙ୍କ ପାଇଁ ପ୍ରକୃତରେ ବହୁତ ଭଲ। ଏହି ପ୍ରକାରର ଅଭିଜ୍ଞତା ଆଗାମୀ ସମୟରେ ତାଙ୍କୁ ନିଶ୍ଚିତ ଭାବରେ ଜଣେ ଭଲ ଖେଳାଳି କରି ଗଢ଼ିତୋଳିବ।'



ଧୋନିଙ୍କ ପାଦ ଛୁଇଁ ଆଶୀର୍ବାଦ ନେଉଛନ୍ତି ବୈଭବ

## ରନ୍ ପିଛା ଆୟ ୪୩,୬୫୦ ଟଙ୍କା

ବୈଭବ ସୂର୍ଯ୍ୟବଂଶୀ ଚଳିତ ଆଇପିଏଲ୍‌ରେ ୭ ମ୍ୟାଚରୁ ୩୬ ହାରରେ ୨୫୨ ରନ ସଂଗ୍ରହ କରିଛନ୍ତି। ନିଲାମୀରେ ତାଙ୍କୁ ରାଜସ୍ଥାନ କ୍ରୟ କରିଥିବା ୧.୧୦ କୋଟି ଟଙ୍କା ବାଦ୍ ସେ ଆହୁରି ଲକ୍ଷ ଲକ୍ଷ ଟଙ୍କା ଚଳିତ ଆଇପିଏଲ୍‌ରେ ରୋଜଗାର କରିଛନ୍ତି। ମ୍ୟାଚ୍ ପିଛା ୭.୫ ଲକ୍ଷ ହିସାବରେ ସେ ୭ ମ୍ୟାଚ ଖେଳି ମୋଟ୍ ୫୨.୫ ଲକ୍ଷ ଟଙ୍କା ପାଇଛନ୍ତି। ସେହିଭଳି ଗୋଟିଏ ମ୍ୟାଚରେ ଶ୍ରେଷ୍ଠ ଖେଳାଳି ଓ ଷ୍ଟ୍ରାଇକର୍ ଅଫ୍ ଦି ମ୍ୟାଚ୍ ବାବଦକୁ ଦୁଇ ଲକ୍ଷ ପାଇଥିଲେ। ଫଳରେ ଚଳିତ ଆଇପିଏଲ୍‌ରେ ମୋଟ୍ ଉପରେ ସେ ୧ କୋଟି ୬୪ ଲକ୍ଷ ୫୦ ହଜାର ଟଙ୍କା ରୋଜଗାର କରିଛନ୍ତି। ଆଇପିଏଲ୍ ପାଉଣା (୧.୧୦ କୋଟି) ହିସାବରେ ଦେଖିଲେ ସେ ପ୍ରତ୍ୟେକ ରନ୍ ପିଛା ୪୩୬୫୦ ଟଙ୍କା ଆୟ କରିଥିଲେ। ଯଦି ଆଇପିଏଲ୍‌ରେ ମୋଟ୍ ରୋଜଗାର (୧.୬୪ କୋଟି) ଉପରେ ନଜର ପକାଇବା ତେବେ ବୈଭବ ପ୍ରତି ରନ ପିଛା ୬୫,୨୭୭ ଟଙ୍କା ଆୟ କରିଛନ୍ତି।

■ ପ୍ରତିଶ୍ରୁତି ପାଳନ କଲେ ରୋହିତ

# ପ୍ରଶଂସକଙ୍କୁ ଉପହାର ଦେଲେ ନିଜ ଲାମ୍ବୋରଗିନି କାର୍

ନୂଆଦିଲ୍ଲୀ,୨୧।୫(ଏଜେନ୍ସି): ମୁମ୍ବାଇ ଇଣ୍ଡିଆନ୍ସ ଅଭିଜ୍ଞ ବ୍ୟାଟର ତଥା ଭାରତୀୟ ଦିନିକିଆ ଦଳ ଅଧିନାୟକ ରୋହିତ ଶର୍ମା ଶେଷରେ ନିଜ ପ୍ରତିଶ୍ରୁତି ପାଳନ କରିଛନ୍ତି। ସେ ଫାଣ୍ଟାସି କ୍ରିକେଟ ପ୍ରତିଯୋଗିତାର ବିଜେତା ତଥା ଜଣେ ପ୍ରଶଂସକଙ୍କୁ ତାଙ୍କର ନିଜର ଅତିପ୍ରିୟ ତଥା ପ୍ରସିଦ୍ଧ ନୀଳ ରଙ୍ଗର ଲାମ୍ବୋରଗିନି ଉରୁସ୍ କାର ଉପହାର ସ୍ୱରୂପ ପ୍ରଦାନ କରିଛନ୍ତି। ରୋହିତ ଦୀର୍ଘବର୍ଷ ଧରି ଏହି କାର ଚଢି ଆସୁଥିଲେ ଓ ଏହାର ନମ୍ବର ପ୍ଲେଟରେ ୨୬୪ ଲେଖା ଯାଇଥିଲା। ସେ ଦିନିକିଆ ଫର୍ମାଟ୍‌ରେ ସର୍ବାଧିକ ୨୬୪ ରନର ଦ୍ୱିଶତକୀୟ ପାଳି ଖେଳି ବିଶ୍ୱ ରେକର୍ଡ ସ୍ଥାପନ କରିଥିଲେ। ଏହି ଇନିଂସକୁ ମନେ ରଖିବାକୁ ନମ୍ବର ପ୍ଲେଟ୍‌ରେ ୨୬୪ ଲେଖାଯାଇଥିଲା। ରୋହିତଙ୍କ ଏହି ବିଳାଷପୂର୍ଣ୍ଣ କାରର ମୂଲ୍ୟ ୪ କୋଟି ଟଙ୍କା ବୋଲି କୁହାଯାଉଛି। ଏହି କାରରେ ତାଙ୍କୁ ମୁମ୍ବାଇର ସଡକରେ ଏକାଧିକବାର ବୁଲୁଥିବାର ଦେଖାଯାଇଛି। ଏହି ଫାଣ୍ଟାସି କ୍ରିକେଟର ବିଜେତାଙ୍କ ନାମ ରୋହିତ ଏକ ଡ୍ରିମ-୧୧ ବିଜ୍ଞାପନରେ ମଜାଳିଆ ଢଙ୍ଗରେ ଘୋଷଣା କରିଥିଲେ। ରୋହିତ ଏହି କାର ଚାବି ପ୍ରଶଂସକଙ୍କୁ ଦେବାର ଚିତ୍ର ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହୋଇଛି।




Rohitsaraiya

# ୨୨ ବର୍ଷ ପରେ ଜିମ୍ବାୱେ-ଇଂଲଣ୍ଡ ଟେଷ୍ଟ

ଲଣ୍ଡନ, ୨୧।୫ (ଏଜେନ୍ସି): ଘରୋଇ ଇଂଲଣ୍ଡ ଓ ଜିମ୍ବାୱେ ମଧ୍ୟରେ ଏକମାତ୍ର ଟେଷ୍ଟ ମ୍ୟାଚ ଗୁରୁବାରଠାରୁ ନଟିଂହାମସ୍ଥିତ ଟ୍ରେଣ୍ଟବ୍ରିଜ ଗ୍ରାଉଣ୍ଡରେ ଆରମ୍ଭ ହେବାକୁ ଯାଉଛି। ଦୀର୍ଘ ୨୨ ବର୍ଷର ବ୍ୟବଧାନ ପରେ ଦୁଇଦେଶ ମଧ୍ୟରେ ଏହା ପ୍ରଥମ ଟେଷ୍ଟ ମ୍ୟାଚ୍ ହେବ। ଶେଷଥର ଲାଗି ଉଭୟ ଦେଶ ୨୦୦୩ରେ ଏକ ଟେଷ୍ଟ ମ୍ୟାଚରେ ସାମ୍ନାସାମ୍ନି ହୋଇଥିଲେ। ସେହିଭଳି ଜିମ୍ବାୱେ ଓ ଇଂଲଣ୍ଡ ମଧ୍ୟରେ ଏହା ମୋଟ୍ ଉପରେ ୩ୟ ଟେଷ୍ଟ ମୁକାବିଲା ହେବ। ତିନୋଟି ଟେଷ୍ଟରୁ ଇଂଲଣ୍ଡ ୨ଟି ବିଜୟ ହୋଇଥିବାବେଳେ ଗୋଟିଏ ଡ୍ର ରହିଥିଲା। ଅପରପକ୍ଷରେ ଉଭୟ ଦେଶ ୨୦୦୭ ପରେ ପ୍ରଥମଥର ଲାଗି କୌଣସି ଏକ ଅନ୍ତର୍ଜାତୀୟ ମ୍ୟାଚରେ ପରସ୍ପରକୁ ଭେଟିବାକୁ ଯାଉଛନ୍ତି। ୨୦୦୭ରେ ଅନୁଷ୍ଠିତ ଟି-୨୦ ବିଶ୍ୱକପ୍‌ରେ ଦୁଇଦେଶ କେପଟାଉନରେ ଶେଷଥର ଲାଗି ମ୍ୟାଚ୍ ଖେଳିଥିଲେ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ: ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS